

ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍

ଯେତେ ଯୁଦ୍ଧ ହୋଇଛି, ଜର୍ମାନୀ ସବୁ ଯୁଦ୍ଧରେ ନିଜର ପ୍ରାଧାନ୍ୟ ରଖି ଆସିଛି । ଗତ ପୃଥିବୀବ୍ୟାପୀ ମହାସମରର ପ୍ରଧାନ ଅଭି-ନେତା ଥିଲେ ହର୍ ହିଟଲର୍ । ସେ ସେହି ଜର୍ମାନୀର ବିଶ୍ୱବିଖ୍ୟାତ ଶାସକ ଥିଲେ । ତାଙ୍କ ରାଜତ୍ୱର କିଛିକାଳ ପୂର୍ବରୁ ବିସମାର୍କ ବୋଲି ଜଣେ ବଡ଼ ରାଜନୀତିଜ୍ଞ ମଧ୍ୟ ଜର୍ମାନୀରେ ଥିଲେ । ଗତ ଶତାବ୍ଦୀର ଶେଷ ଭାଗରେ ସେ ଇଉରୋପକୁ ତାଙ୍କର ଆଙ୍ଗୁଠି ଆଗରେ ନଚାଉଥିଲେ । ଆମ ଦେଶରେ ଚାଣକ୍ୟଙ୍କପରି ବିସମାର୍କ ମଧ୍ୟ ଜର୍ମାନୀର ଜଣେ ପ୍ରଧାନ ରାଜନୀତିବିଶାରଦ ଥିଲେ ।

ସେହି ବିଶ୍ୱବିଶ୍ରୁତ ଜର୍ମାନୀ ରାଜ୍ୟରେ ବୈଜ୍ଞାନିକ ଶିରୋମଣି ଆଇନ୍‌ଷ୍ଟାଇନ୍‌ଙ୍କର ଜନ୍ମ । ସେ ଯେତେବେଳେ ଜନ୍ମ ହେଲେ, ସେତେବେଳେ ଜର୍ମାନୀ ରାଜ୍ୟର ମାନସମ୍ମାନ, ରାଜନୀତିବିଚକ୍ଷଣତା ସମଗ୍ର ପୃଥିବୀରେ ଖ୍ୟାତି ଲାଭ କରିଥିଲା । ପ୍ରିନ୍‌ସ ବିସମାର୍କ ସେତେବେଳେ ଜର୍ମାନୀ ରାଜ୍ୟ ରାଜାଙ୍କର ପ୍ରଧାନମନ୍ତ୍ରୀ ଥିଲେ । ରାଜା ଉଇଲିୟମ ବିସମାର୍କଙ୍କ ଉପରେ ଏକରକମ ରାଜ୍ୟଭାର ଅର୍ପଣ କରି ଦେଇଥିଲେ । ତାଙ୍କରି ଚେଷ୍ଟାରେ ଜର୍ମାନୀ ଗୋଟିଏ ବଡ଼ ରାଜ୍ୟ ହୋଇପାରିଥିଲା ଓ ପୃଥିବୀରେ ସେ ରାଜ୍ୟର ସମ୍ମାନ ବଢ଼ିଥିଲା ।

ଆଇନ୍‌ଷ୍ଟାଇନ୍ ଥିଲେ ଜଣେ ଇହୁଦୀ । ଜର୍ମାନୀ ଦେଶରେ ଇହୁଦୀମାନଙ୍କର ସଂଖ୍ୟା ଅଳ୍ପ ହେଲେହେଁ ସେମାନେ ସମସ୍ତେ ଧନୀଲୋକ ଥିଲେ । ତେଣୁ ବାଲ୍ୟକାଳରେ ଆଇନ୍‌ଷ୍ଟାଇନ୍‌ଙ୍କର ବିଶେଷ ଅସୁବିଧା ହୋଇ ନ ଥିଲା । ସେ ବଡ଼ ସୁଖୀ ଥିଲେ । ଯେ କୌଣସି ଲୋକ ତାଙ୍କୁ ଦେଖିଲେ ଆନନ୍ଦିତ ହେଉଥିଲେ । ସେ ପିଲାଦିନରୁ ଖେଳ କସରତ୍ କରିବାକୁ ଖୁବ୍ ଭଲପାଉଥିଲେ । ବାପ ମା ମଧ୍ୟ ପିଲାକୁ ଏ ଦିଗରେ ବିଶେଷ ଉତ୍ସାହ ଦେଉଥିଲେ । ସେ ଜର୍ମାନୀର ବାଭେରିଆ ରାଜ୍ୟରେ ଜନ୍ମଗ୍ରହଣ କରିଥିଲେ ।

ସେତେବେଳେ ଜର୍ମାନୀର ମିଉନକ୍ ସହର ଖେଳ କସରତ୍ ପାଇ ବିଖ୍ୟାତ ହୋଇଥାଏ । ସେହି ସହରରେ ପିଲ୍‌ଦିନରୁ ଖେଳାଳୀମାନଙ୍କ ସହିତ ଖେଳିବାରେ ସେ ଆନନ୍ଦ ପାଉଥିଲେ । ୧୮୯୪ ମସିହା ପର୍ଯ୍ୟନ୍ତ ସେ ଏ ଦଳରେ ଜଣେ ମୁଖିଆ ଖେଳାଳି ଥିଲେ ।

ବାଳକ ଆଇନ୍‌ଷ୍ଟାଇନ୍

ଆଇନ୍‌ଷ୍ଟାଇନ୍ ପିଲ୍‌ଦିନରୁ ସେପରି ଜଣେ ଅସାଧାରଣ ଗୁ[illegible]ନ ଥିଲେ । ସାଧାରଣ ବାଳକମାନଙ୍କ ପରି ତାଙ୍କର ପଢ଼ାପଢ଼ି[illegible] ଖେଳ କସରତ୍ ସବୁ ସାଧାରଣ ଥିଲା । ତଥାପି ତାଙ୍କଠାରେ[illegible] ଗୋଟିଏ ଗୁଣ ଥିଲା, ଯାହା ଫଳରେ ସେ ସମସ୍ତଙ୍କଠାରୁ ଆଦ[illegible] ଲାଭ କରୁଥିଲେ । ସବୁବେଳେ କୌଣସି ନା କୌଣସି ବିଷ[illegible] ପଢ଼ିବା ଓ ଅନେକ ଜିନିଷ ଏକାଠି କରି ସାଇତିରଖିବା ପ୍ରବୃ[illegible] ପିଲ୍‌ଦିନରୁ ତାଙ୍କଠାରେ ଥିଲା ।

କୌଣସି ଜିନିଷ ପାଇଲେ ସେହି ଜିନିଷ ବିଷୟରେ [illegible] ଅନେକ କଥା ଚିନ୍ତା କରୁଥିଲେ । ଏକୁଟିଆ ବସି ସେହି ଜିନିଷ[illegible] ତନ୍ନ ତନ୍ନ କରି ଦେଖୁଥିଲେ । ତାହା କିପରି ହେଲା, ତାହା[illegible] ଆରମ୍ଭ କେଉଁଠାରେ, ଶେଷ କେଉଁଠି, ଏସବୁ ବିଷୟରେ [illegible] ଗଭୀର ଚିନ୍ତା କରୁଥିଲେ । ତାଙ୍କର ପଢ଼ାପଢ଼ି ବେଳେ ମଧ [illegible] ନୀରବରେ ବସି ପଢ଼ିବାକୁ ଭଲ ପାଉଥିଲେ । ସାଙ୍ଗ ସାଥିମାନ[illegible] ସଙ୍ଗରେ ସେ ଖେଳବେଳେ ଖୁବ୍ ମିଶୁଥିଲେ; କିନ୍ତୁ କୌଣସି ବିଷ[illegible] ଚିନ୍ତା କରିବା ଦରକାର ପଡ଼ିଲେ ସେ ନୀରବ ନିଶ୍ଚଳ ହୋଇ[illegible] ବସୁଥିଲେ । ଏହି ନୀରବତା ତାଙ୍କୁ ବଡ଼ ସାହାଯ୍ୟ କରିଥିଲା ।

ନୋବେଲ ପ୍ରାଇଜ ସିରିଜ — ଦ୍ୱିତୀୟ ଖଣ୍ଡ

ଅଧ୍ୟାପକ ଆଇନ୍‌ଷ୍ଟାଇନ୍

ଲେଖକ

ଶ୍ରୀ ରଘୁନାଥ ମହାପାତ୍ର, ବି. ଏ.

0/729

729
7 JUL 1962

କଟକ ଷ୍ଟୁଡେଣ୍ଟ୍‌ସ୍ ଷ୍ଟୋର୍

ପ୍ରକାଶକ

ଶ୍ରୀ ଅନନ୍ତ ମିଶ୍ର, ପ୍ରୋପ୍ରାଇଟର
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
ବାଲୁବଜାର, କଟକ—୨

ଦ୍ୱିତୀୟ ସଂସ୍କରଣ
୧୯୫୭

ମୂଲ୍ୟ ଛ'ଅଣା

ନଂ ୦/୭୨୧
ତା 7 JUL
ରାଉରକେଲା

ଅଧ୍ୟାପକ ଆଇନ୍‌ଷ୍ଟାଇନ୍

ପରିଚୟ

ଯୁଗ ଥିଲା, ଯେତେବେଳେ ରାଜା ମହାରାଜାମାନେ ସମାଜରେ ଉଚ୍ଚ ସ୍ଥାନ ପାଉଥିଲେ, ସମ୍ମାନ ଗୌରବ ପାଉଥିଲେ । ସେ ଯୁଗ ଏବେ ଚାଲିଗଲାଣି । ଲୋକେ ଆଉ ପଦ ପଦବୀରେ ଭୁଲୁନାହାନ୍ତି । ଏବେ ଗୁଣର ଆଦର ବେଶୀ ବଢ଼ିଛି । ଗୁଣୀ ଲୋକେ ସବୁକାଳରେ ଆଦର ପାଆନ୍ତି; କିନ୍ତୁ ପୂର୍ବକାଳରେ ରାଜାମାନେ ଅଯଥା ଆଦର ପାଉଥିଲେ । ଲୋକେ ଏବେ କାହାଠାରେ ଗୁଣ ନ ଦେଖିଲେ ଆଉ ଆଦର କରୁନାହାନ୍ତି । ଗୁଣ ବଳରେ ଅତି ସାଧାରଣ ଲୋକ ଉଚ୍ଚ ଆସନର ଅଧିକାରୀ ହୋଇପାରୁଛି ।

ପୃଥିବୀର ବିଭିନ୍ନ ଦେଶରେ କେତେ ବଡ଼ଲୋକ ଜନ୍ମ ହୋଇଛନ୍ତି । କିଏ ସାହିତ୍ୟରେ, କିଏ ବିଜ୍ଞାନରେ, କିଏ ବା ଦର୍ଶନ ଶାସ୍ତ୍ରରେ ନାଁ କରିଛନ୍ତି । ପ୍ଲେଟୋ, ଏରିଷ୍ଟଟଲ, ଗାଲିଲିଓ, ନିଉଟନ, କୋପରନିକସ ପ୍ରଭୃତି ବଡ଼ ବଡ଼ ଲୋକେ ଏବେ ଖାଲି ନିଜ ନିଜ ଜନ୍ମ ଭୂମିରେ ନୁହଁ, ପୃଥିବୀର ସବୁ ଦେଶରେ ପୂଜା ପାଉଛନ୍ତି । ପୂର୍ବେ ବିଜ୍ଞାନ ଚର୍ଚ୍ଚା ବେଶୀ ନ ଥିଲା । ଏବେ ଯେଉଁ ଦେଶରେ ଯେତେ ବିଜ୍ଞାନ ଚର୍ଚ୍ଚା ବେଶୀ, ସେ

ଦେଶ ସେତେ ଉନ୍ନତ । ତେଣୁ ବୈଜ୍ଞାନିକମାନଙ୍କର ଆଦର ସବୁଠୁଁ ବେଶୀ ।

ଆଇନ୍‌ଷ୍ଟାଇନ୍ ଜଣେ ବୈଜ୍ଞାନିକ । ତେଣୁ ସେ ଖାଲି ଜର୍ମାନୀ କିମ୍ବା ଆମେରିକାର ପୂଜ୍ୟ ନୁହନ୍ତି, ସମଗ୍ର ପୃଥିବୀର ପୂଜ୍ୟ । ରାଜନୀତି, ଦର୍ଶନ ପ୍ରଭୃତି ଅନେକ ବିଷୟରେ ମଧ୍ୟ ତାଙ୍କର ଜ୍ଞାନ ଅପରିସୀମ ଥିଲା । ପୃଥିବୀର ବୈଜ୍ଞାନିକମାନଙ୍କ ମଧ୍ୟରେ ସେ ଜଣେ ବଡ଼ ବିଜ୍ଞାନବିତ୍ ବୋଲି ପୃଥିବୀର ବଡ଼ ବଡ଼ ଲୋକେ ମାନନ୍ତି । ରାଜନୀତି, ସମାଜ ନୀତିରେ ମଧ୍ୟ ସେ ଧୂରନ୍ଧର ଥିଲେ । ଏପରି ଜଣେ ମହାପୁରୁଷଙ୍କୁ ନୋବେଲ ପ୍ରାଇଜ ମିଳିବା ବିଚିତ୍ର କଥା ନୁହେଁ । ବିଜ୍ଞାନରେ ଏକ ନୂଆ ତଥ୍ୟ ପ୍ରକାଶ କରିଥିବାରୁ ତାଙ୍କୁ ନୋବେଲ ପ୍ରାଇଜ୍ ଦ୍ୱାରା ସମ୍ମାନିତ କରାଯାଇଥିଲା ।

ଜନ୍ମ ଓ ଜର୍ମାନୀ

ପୃଥିବୀରେ ଅନେକ ଦେଶ ଅଛି । ସବୁ ଦେଶର ନାଁ ସମସ୍ତେ ମନେ ରଖନ୍ତି ନାହିଁ । କିନ୍ତୁ ଏ ଯୁଗରେ ବୋଧହୁଏ 'ଜର୍ମାନୀ' ଦେଶର ନାଁ ଯେତେ ଲୋକ ଜାଣି ଥିବେ, ଅନ୍ୟ କୌଣସି ଦେଶ ପୃଥିବୀର ଜନସାଧାରଣ ପାଖରେ ଏତେ ପରିଚିତ ନ ଥିବ । ଜର୍ମାନୀ ଆଜିକାଲିର ଗୋଟିଏ ନୂଆ ଦେଶ ନୁହେଁ । ଯୁଦ୍ଧବିଗ୍ରହ ପରେ ଯେପରି କେତେ ନୂଆ ଦେଶ ହଠାତ୍ ମୁଣ୍ଡଟେକି ଉଠେ, ଜର୍ମାନୀ ସେପରି ନୁହେଁ । ଇଉରୋପ ମହାଦେଶର ବଡ଼ ଶକ୍ତିଶାଳୀ ଦେଶମାନଙ୍କ ନାଁ ମଧ୍ୟରେ ଜର୍ମାନୀକୁ ଗଣାଯାଏ । ଇଉରୋପ ମହାଦେଶରେ ଗତ ଏବଂ ଚଳିତ ଶତାବ୍ଦୀରେ

ପିଲାବେଳୁ ତାଙ୍କର ବିଜ୍ଞାନ ପ୍ରତି ଅନୁରାଗ ଥିଲା । ବିଜ୍ଞାନ ଶ୍ରେଣୀରେ ବସିଲାବେଳେ ସେ ସବୁଠାରୁ ବେଶୀ ଆନନ୍ଦ ପାଉଥିଲେ । କେହି କୌଣସି ବୈଜ୍ଞାନିକ ତତ୍ତ୍ୱ ବିଷୟରେ ଆଲୋଚନା କଲାବେଳେ ସେ ମନଧ୍ୟାନ ଦେଇ ତାହା ଶୁଣୁଥିଲେ । ପିଲାଦିନରୁ ତାଙ୍କର ବିଜ୍ଞାନପ୍ରତି ବିଶେଷ ଆଗ୍ରହ ଥିଲା ବୋଲି ଜଣାପଡ଼ିଲା ।

କୌଣସି ଜିନିଷକୁ ନିରୀକ୍ଷଣ କରିବା ତାଙ୍କର ଗୋଟିଏ ବିଶେଷ ଗୁଣ । ଜିନିଷଟିକୁ ନିରୀକ୍ଷଣ କଲାବେଳେ ସେ ଆଉ ସବୁକଥା ଭୁଲିଯାଉଥିଲେ । ଏପରି କି ସେତେବେଳେ ଦେହରେ କୌଣସି ସାମାନ୍ୟ ଆଘାତ ପ୍ରତି ତାଙ୍କର ନଜର ମଧ୍ୟ ରହୁ ନଥିଲା । ଅନେକ ସମୟରେ ସେ ତାଙ୍କ ପିଲାଦିନ କଥା କହିବାକୁ ଭାରି ଭଲପାନ୍ତି । ପିଲାଦିନେ ସେ ନିରୀକ୍ଷଣ କରିବାରେ ଭାରି ଆନନ୍ଦ ପାଉଥିଲେ । ଥରେ ଗୋଟିଏ ଚୁମ୍ବକ ସୂଚୀ ସେ ଦେଖିବାକୁ ପାଇଲେ । ସେ ସୂଚୀଟିକୁ ତନ୍ନ ତନ୍ନ କରି ଦେଖିଲେ । ସେ ତାକୁ ଯେତିକି ଦେଖୁଥାନ୍ତି, ସେତିକି ସେ ବିଷୟରେ ଆଉ କିଛି ଜାଣିବା ପାଇଁ ତାଙ୍କର ଆଗ୍ରହ ବଢ଼ୁଥାଏ । ଏହି ଚୁମ୍ବକ ସୂଚୀଟିକୁ ନିରୀକ୍ଷଣ କରିବା ହେଉଛି ତାଙ୍କର ପ୍ରଥମ ବୈଜ୍ଞାନିକ ନିରୀକ୍ଷଣ ବୋଲି ସେ କହନ୍ତି ।

— — —

ଛାତ୍ରାବସ୍ଥା

ଜର୍ମାନୀ ରାଜ୍ୟ ପାଖରେ ସୁଇଜରଲାଣ୍ଡ ଦେଶ । ପୃଥିବୀରେ ସୁଇଜରଲାଣ୍ଡ ପରି ଦେଶ ବିରଳ । ଇଉରୋପର ଏବଂ ପୃଥିବୀର ବିଭିନ୍ନ ମହାଦେଶର ଲୋକେ ସୁଇଜରଲାଣ୍ଡକୁ ଖାଲି ଦେଖିବା ଏବଂ ବୁଲିବା ଇଚ୍ଛାରେ ଅନେକ ସମୟରେ ଆସନ୍ତି । କର୍ମକ୍ଷେତ୍ରରୁ

ଛୁଟି ମିଳିଲେ ବିଶେଷତଃ ଇଉରୋପୀୟମାନେ ଜଳବାୟୁ ପରିବର୍ତ୍ତନ ଏବଂ ସୁନ୍ଦର ଦୃଶ୍ୟ ଉପଭୋଗ ଉଦ୍ଦେଶ୍ୟରେ ସୁଇଜରଲଣ୍ଡ ଆସି ଥାଆନ୍ତି । ସେ ଦେଶ ଯେପରି ସ୍ୱାସ୍ଥ୍ୟକର, ସେହିପରି ମନୋରମ । ତେଣୁ ଏ ଦେଶକୁ 'ଇଉରୋପର ଖେଳପଡ଼ିଆ' ବୋଲି କହନ୍ତି ।

ଜର୍ମାନୀରେ ସେ ପ୍ରାରମ୍ଭିକ ଅଧ୍ୟୟନ ସାରି ସୁଇଜରଲଣ୍ଡ ଯିବାପାଇଁ ମନ ବଳାଇଲେ । ପିଲାଦିନରୁ ତାଙ୍କର ବିଜ୍ଞାନ ଶାସ୍ତ୍ରରେ ଆଗ୍ରହ । ତେଣୁ ବିଜ୍ଞାନ ଶିକ୍ଷା ଉଦ୍ଦେଶ୍ୟରେ ସେ ସୁଇଜରଲଣ୍ଡ ଗଲେ । ସେଠାରେ ବିଜ୍ଞାନର ଅନେକ ନୂଆ କଥା ଶିକ୍ଷା ଦିଆଯାଉଥିଲା । ସେତେବେଳକୁ ତାଙ୍କର ବୟସ ମୋଟେ ସତର ବର୍ଷ । ୧୮୯୬ ମସିହାରେ ସେ ସୁଇଜରଲଣ୍ଡର ବିଖ୍ୟାତ ପୋଲିଟେକ୍‌ନିକାଲ ବିଦ୍ୟାଳୟରେ ନାମ ଲେଖାଇଲେ । ସୁଇଜର-ଲ୍ୟାଣ୍ଡର 'ଜୁରିଚ' ସହରରେ ଏହି ବିଦ୍ୟାଳୟର ଖ୍ୟାତି ସେତେ-ବେଳେ ସମଗ୍ର ଇଉରୋପରେ ବେଶ ଥିଲା ।

ଆଇନଷ୍ଟାଇନଙ୍କ ଯେତେବେଳେ ବୟସ ଷୋହଳବର୍ଷ, ସେତେବେଳେ ସେ ବିଜ୍ଞାନରେ ଖୁବ ପାରଦର୍ଶିତା ଦେଖାଇଥିଲେ । ସେ କେତେଗୁଡ଼ିଏ ନୂଆ ତଥ୍ୟ ସେତେବେଳେ ବାହାର କରିପାରିଥିଲେ । ସେଥିପାଇଁ ତାଙ୍କର ନାଁ ଗୁରୁ ଓ ଶିକ୍ଷକ ମହଲରେ ଖୁବ ବଢ଼ିଯାଇଥିଲା । ଜୁରିଚର ସେହି ସ୍କୁଲରେ ସେ ୧୮୯୬ ମସିହାଠାରୁ ୧୯୦୧ ମସିହା ପର୍ଯ୍ୟନ୍ତ ପଢ଼ିଥିଲେ । ସେଠାରେ ପଢ଼ିଲା ବେଳେ ତାଙ୍କର ବିଜ୍ଞାନ ଦିଗରେ ଦୃ[illegible]ଶା ପଡ଼ି ଯାଇଥିଲା । ୧୯୦୧ ମସିହାରେ ସେ ସ୍କୁଲରୁ ସୁନାମ ସହିତ ବି. ଏ. ପାଶ କଲେ । ଏହି ସ୍କୁଲରେ ହିଁ ତାଙ୍କର ପଢ଼ା ଶେଷ ହେଲା ।

ଆଇନଷ୍ଟାଇନ ପିଲାଦିନରୁ ମନରେ ଯେଉଁ ସବୁ କଥା ଚିନ୍ତା କରୁଥିଲେ, ଏବେ ପାଠପଢ଼ା ଶେଷ ହେବା ପରେ ସବୁ-

ବେଳେ ସେହି କାମରେ ଲାଗିପଡ଼ିଲେ । ପନ୍ଦର ଷୋଳବର୍ଷ ବୟସ ବେଳେ ସେ ଗୋଟିଏ କଥା ବିଶେଷ ରୂପେ ଚିନ୍ତା କରୁଥିଲେ । 'ଜଣେ ଲୋକ ଗୋଟିଏ ଆଲୋକ ସମ୍ପାତକୁ ଧରିବାକୁ ଚେଷ୍ଟା କଲେ, ତାର କଣ ହେବ ?' ଏ ବିଷୟରେ ଚିନ୍ତା କରିବାରେ ସେ ଦିନରାତି ଲାଗିଯାଉଥିଲେ; କିନ୍ତୁ କୌଣସି ନିଷ୍ପତ୍ତିରେ ପହଞ୍ଚି ପାରୁ ନ ଥିଲେ । ସାଧାରଣ ଲୋକଙ୍କ ମନକୁ ଏପରି ପ୍ରଶ୍ନ ବା ଆସିବ କାହିଁକି । ଏପରି ଏକ ପ୍ରଶ୍ନ ସାଧାରଣ ପ୍ରଶ୍ନ ତ ନୁହେ । ଏ ପ୍ରଶ୍ନର ସମାଧାନରେ ଆଇନଷ୍ଟାଇନଙ୍କର ଜୀବନର ମଧୁମୟ ଦିନଗୁଡ଼ିକ ଅତିବାହିତ ହୋଇ ଯାଇଛି । ଏହି ଗବେଷଣା କାର୍ଯ୍ୟକୁ ସେ ମଧୁମୟ ଯୌବନର ସୁଖ ସମ୍ଭୋଗ ବୋଲି ମନେ କରି ଆସିଛନ୍ତି । ତେଣୁ ଏ ଗବେଷଣା କାର୍ଯ୍ୟରେ ତାଙ୍କର ଯୁବାବସ୍ଥାରୁ ସେ ଲାଗିପଡ଼ିଥିଲେ । କ୍ରମେ ବୟସ ଯେପରି ବଢ଼ିଲା, ଜ୍ଞାନ ସେପରି ପରିପକ୍ୱ ହେଲା । ତାଙ୍କର ଜ୍ଞାନ, ବୁଦ୍ଧି, ଅନୁଭୂତି ସମସ୍ତ ଏକମୁଖୀ ହୋଇ ଲାଗିପଡ଼ିଲେ—ବୈଜ୍ଞାନିକ ତତ୍ତ୍ୱ ଗବେଷଣାରେ ।

କର୍ମ ଜୀବନର ଆରମ୍ଭ

ଆଲବର୍ଟ ଆଇନଷ୍ଟାଇନ କଲେଜରୁ ଉପାଧି ଲାଭ କଲେ । ବିଜ୍ଞାନ ସମ୍ବନ୍ଧରେ ଅନେକ ତଥ୍ୟ କଲେଜରୁ ପଢ଼ିଥିଲେ । ହଜାର ହଜାର ଛାତ୍ର କଲେଜରୁ ଉପାଧି ଲାଭ କରନ୍ତି; କିନ୍ତୁ ସମସ୍ତେ ଏକାପରି ନୁହନ୍ତି । ଆଇନଷ୍ଟାଇନ କଲେଜରୁ ପାସ କରିବାପରେ ତାଙ୍କର ବିଜ୍ଞାନ ଚର୍ଚ୍ଚାର କ୍ଷେତ୍ର ଆହୁରି ବଢ଼ିଗଲା ।

୧୯୦୧ ଖ୍ରୀଷ୍ଟାବ୍ଦରେ ସେ ବି. ଏ. ପାଶ କଲେ । ତାଙ୍କ ସ୍ୱାସ୍ଥ୍ୟପକ୍ଷେ ସୁଇଜରଲଣ୍ଡର ଜଳବାୟୁ ଅନୁକୂଳ ଥିଲା । ପୁଣି

ସୁଇଜରଲଣ୍ଡ ଦେଶ ତାଙ୍କର ଅତି ପ୍ରିୟ ହୋଇପଡ଼ିଥିଲା । ସେ ଦେଶ ଛାଡ଼ିଯିବାକୁ ରାଜି ହେଲେ ନାହିଁ । ସେଇଠାରେ ରହି ବିଜ୍ଞାନଚର୍ଚ୍ଚା କରିବାପାଇଁ ଆଶା ପୋଷଣ କରିଥିଲେ । ଭାଗ୍ୟକୁ ସେଇଠାରେ ତାଙ୍କୁ ଏକ ଚାକିରି ମିଳିଗଲା । ବର୍ଣ୍ଣ ସହରରେ ଗୋଟିଏ ଅଫିସରେ କିରାଣୀ କାର୍ଯ୍ୟ କରିବା ପାଇଁ ସେ ନିଯୁକ୍ତିପତ୍ର ପାଇଲେ ଓ ତାହାକୁ ଗ୍ରହଣ କରିନେଲେ । ବର୍ଣ୍ଣ ସହରରେ ପ୍ୟାଟେଣ୍ଟ ଅଫିସରେ ସେ ଚାକିରି ଜୀବନ ଆରମ୍ଭ କଲେ ।

ଉପରିସ୍ଥ କର୍ମଚାରୀମାନେ ତାଙ୍କ ଉପରେ ବିଶେଷ ସନ୍ତୁଷ୍ଟ ଥିଲେ । ବୈଜ୍ଞାନିକ ଚିନ୍ତା କ୍ଷେତ୍ରରେ ସେ ଯେପରି କୌଣସି ପ୍ରକାର ଅସୁବିଧା ଭୋଗ ନ କରନ୍ତି, ସେଥିପାଇଁ ମଧ୍ୟ ଉପରିସ୍ଥ କର୍ମଚାରୀମାନେ ତାଙ୍କୁ ସ୍ୱାଧୀନତା ଦେଇଥିଲେ । କୌଣସି ଲୋକଠାରେ କୌଣସି ବିଶେଷ ଗୁଣ ଥିଲେ, ତାହାର ଉପଯୁକ୍ତ ବିକାଶ ନିମନ୍ତେ ଉପଯୁକ୍ତ କ୍ଷେତ୍ର ଦରକାର । ସାଂସାରିକ ଚିନ୍ତା ସବୁ ଉଚ୍ଚ ଭାବନାକୁ ନଷ୍ଟ କରି ପକାଏ । ସ୍ୱାଧୀନ ଦେଶମାନଙ୍କରେ ଏଥିପାଇଁ ବିଶେଷ ଦୃଷ୍ଟି ଦିଆ ଯାଇଥାଏ । ଆଇନଷ୍ଟାଇନ କର୍ମକର୍ତ୍ତାମାନଙ୍କ ଦ୍ୱାରା ସବୁବେଳେ ଉତ୍ସାହିତ ହେଉଥିଲେ । ବୈଜ୍ଞାନିକ ଚିନ୍ତାରେ ସେଥିପାଇଁ ସବୁବେଳେ ସେ ମନୋନିବେଶ କରିପାରୁଥିଲେ ।

ଏ ସମସ୍ତ ସୁବିଧା ସତ୍ତ୍ୱେ ସେ ଏ କିରାଣୀ ଚାକିରିକୁ ପସନ୍ଦ କଲେ ନାହିଁ । ସମସ୍ତ ସମୟ ବୈଜ୍ଞାନିକ ତଥ୍ୟ ଗବେଷଣାରେ ବ୍ୟସ୍ତ କରିବା ପାଇଁ ସେ ଚାକିରିରୁ ଇସ୍ତଫା ଦେଲେ । ଜଣେ ଭଲ କିରାଣୀ ହେବାପାଇଁ ତାଙ୍କ ଜୀବନର ଉଦ୍ଦେଶ୍ୟ ନ ଥିଲା । ବିଜ୍ଞାନର ନୂତନ ନୂତନ ତଥ୍ୟ ଗବେଷଣା କରି ସତ୍ୟର ଅନୁସନ୍ଧାନରେ ବ୍ରତୀ ହେବା ତାଙ୍କର ପରମ ଲକ୍ଷ୍ୟ ଥିଲା । ସେ ଚାକିରିରୁ ଇସ୍ତଫା ଦେବାକୁ ବସିବା ବେଳେ ଉପରିସ୍ଥ

କର୍ମଚାରୀମାନେ ତାଙ୍କୁ ଅଫିସକାର୍ଯ୍ୟରୁ ସମସ୍ତ ସ୍ୱାଧୀନତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଲେହେଁ ସେ କାର୍ଯ୍ୟରୁ ଇସ୍ତଫା ଦେଲେ ।

ଏହି ସମୟରେ ତାଙ୍କର ବିବାହ ହୋଇଥିଲା । ବିବାହ ପରେ ଆଇନଷ୍ଟାଇନ ସେହି ବର୍ଣ୍ଣ ସହରରେ ରହି ବିଜ୍ଞାନ ଆଲୋଚନାରେ ଲାଗିପଡ଼ିଲେ ।

ସାପେକ୍ଷତାର ସିଦ୍ଧାନ୍ତ

୧୯୦୧ ମସିହାଠାରୁ ୧୯୦୫ ମସିହା ପର୍ଯ୍ୟନ୍ତ ଆଇନଷ୍ଟାଇନ ବର୍ଣ୍ଣ ସହରରେ ଅବସ୍ଥାନ କରୁଥିଲେ । ସେହିଠାରେ ଏହି ୫ବର୍ଷ ଭିତରେ ଯେଉଁ ଗବେଷଣା କରିଥିଲେ, ସେ ଗବେଷଣାର ଫଳ ଯୁଗ ଯୁଗ ଧରି ମାନବ ସମାଜକୁ ନୂତନ ପଥ ଦେଖାଇବାରେ ସାହାଯ୍ୟ କରୁଥିବ । 'ଥିଓରି ଅଫ ରିଲେଟିଭିଟି' ବା 'ସାପେକ୍ଷତାର ସିଦ୍ଧାନ୍ତ' ବୋଲି ସେ ଏକ ନୂତନ ତଥ୍ୟ ପ୍ରକାଶ କଲେ । ସେ ତଥ୍ୟ ସେତେବେଳେ ସମଗ୍ର ପୃଥିବୀର ବୈଜ୍ଞାନିକମାନଙ୍କୁ ଚମତ୍କୃତ କରିଦେଇଥିଲା । ସେତେବେଳକୁ ଆଇନଷ୍ଟାଇନଙ୍କ ବୟସ ମୋଟେ ୨୬ ବର୍ଷ । ଏ ଗମ୍ଭୀର ତତ୍ତ୍ୱର ସିଦ୍ଧାନ୍ତ ଫଳରେ ସମଗ୍ର ପୃଥିବୀ ତାଙ୍କ ଆଡ଼କୁ ଚାହିଁ ରହିଲା ।

ଏହି ସିଦ୍ଧାନ୍ତ କଥା ଆଇନଷ୍ଟାଇନଙ୍କର ଜଣେ ପ୍ରଧାନ ଶିଷ୍ୟ ଗୋଟିଏ ଉଦାହରଣ ଦ୍ୱାରା ବୁଝାଇଛନ୍ତି :—

ଗାଡ଼ି ରେଳରାସ୍ତା ଉପରେ ଚାଲିଛି । ଗାଡ଼ି ପାଖ ଆଖରେ ପୃଥିବୀର କେତେ ଗଛ, କେତେ ପ୍ରାନ୍ତର, ଶସ୍ୟକ୍ଷେତ୍ର ସ୍ଥିରହୋଇ ରହିଛନ୍ତି । ଗାଡ଼ି ଚାଲୁଥିଲାବେଳେ ଗାଡ଼ି ଗୋଟିଏ ଜଗତ ଏବଂ ପୃଥିବୀର ଅନ୍ୟାନ୍ୟ ସମସ୍ତ ପଦାର୍ଥ ଆଉ ଗୋଟିଏ ଜଗତ,

ଏହି ଦୁଇ ଜିନିଷର ପରସ୍ପର ସଂପର୍କ ଅଛି । ଗାଡ଼ିରେ ବସିଥିବା ଲୋକେ ଏବଂ ପୃଥିବୀ ଉପରେ ଥିବା ଲୋକେ ଏ ଦୁଇଟି ଜିନିଷକୁ ଉତ୍ତମରୂପେ ଲକ୍ଷ୍ୟ କରିପାରିବେ । ଗାଡ଼ି ସହିତ ପୃଥିବୀର ଅନ୍ୟାନ୍ୟ ବସ୍ତୁ ଓ ପୃଥିବୀର ଅନ୍ୟାନ୍ୟ ବସ୍ତୁ ସହିତ ଗାଡ଼ିର ଯେଉଁ ସଂପର୍କ ଅଛି, ଏହି ପ୍ରଣାଳୀକୁ ସାପେକ୍ଷତା ବୋଲି କୁହାଯାଏ ।

ଏହି ସିଦ୍ଧାନ୍ତ ମଧ୍ୟ କେହି କେହି ଅନ୍ୟ ପ୍ରକାରେ ବୁଝନ୍ତି । ଗୋଟିଏ ଘଡ଼ିରେ ଘଣ୍ଟା କଣ୍ଟାଟି ଗୋଟିଏ ଘରୁ ଅନ୍ୟ ଘରକୁ ଆସିବା ପର୍ଯ୍ୟନ୍ତ ଘଣ୍ଟାଏ ସମୟ ବୋଲି ବୁଝାଏ । ଘଣ୍ଟାଏ ସମୟର ଧାରଣା ଏ ଘଡ଼ିଯୋଗୁଁ ହୁଏ । କିନ୍ତୁ କୌଣସି ବନ୍ଧୁଙ୍କ ସହିତ କଥାବାର୍ତ୍ତା କଲାବେଳେ ଘଡ଼ି ଆଡ଼କୁ ଦୃଷ୍ଟି ନ ଦେଲେ, ଘଣ୍ଟାଏ ସମୟରୁ ବେଶୀ ଗ୍ଲଲିଗଲେ ମଧ୍ୟ ତାହା ଜଣା ପଡ଼େ ନାହିଁ । ଅଳ୍ପ ସମୟ ପରି ଜଣାପଡ଼େ । କିନ୍ତୁ ସମୟ ତ ମନଦ୍ୱାରା ନିରୂପଣ କରାଯାଏ ନାହିଁ । ତେବେ ମନ ଓ ସମୟର ଯେଉଁ ସଂପର୍କ, ତାହାହିଁ 'ସାପେକ୍ଷିକତା ନିୟମ' ବୋଲି କୁହାଯାଏ ।

ଏହି ସାପେକ୍ଷିକତାର ସିଦ୍ଧାନ୍ତ ବିଷୟରେ ଆଇନଷ୍ଟାଇନ ତାଙ୍କର ସମସ୍ତ ସମୟ ବିନିଯୋଗ କରିଥିଲେ । ୧୯୦୫ ଖ୍ରୀଷ୍ଟାବ୍ଦରେ ସେ ଏହାକୁ ପ୍ରଗ୍ଲର କଲେ । ଏ ସିଦ୍ଧାନ୍ତହିଁ ପ୍ରଥମେ ଆଇନଷ୍ଟାଇନଙ୍କୁ ସମଗ୍ର ବିଶ୍ୱରେ ପରିଚିତ କରାଇ ଦେଇଥିଲା । ବର୍ଣ୍ଣ ସହରରେ ସେ ନୀରବ ନିଶ୍ଚଳ ଭାବରେ ଯେ ସାଧନା କରୁଥିଲେ, ସେ ସାଧନାରେ ସିଦ୍ଧିଲାଭ କଲେ । ଏକାକୀ ରହିଲେ ଓ ମନ ଏକାଗ୍ର ହେଲେ ନାନା ସାରତତ୍ତ୍ୱ ଗବେଷଣା କରିବା ପାଇଁ ପ୍ରକୃଷ୍ଟ ସମୟ ମିଳେ । ସୁଇଜରଲଣ୍ଡର ରାଜଧାନୀ ଅତି ଗହଳ ଚହଳ ହେଲେ ମଧ୍ୟ ସେଠାରେ ସେ ନୀରବତାର ଉତ୍ତମ କ୍ଷେତ୍ର ପାଇଥିଲେ ।

ଇଥର ବାୟୁମଣ୍ଡଳରେ ବିଜୁଳି ଶକ୍ତି ସ୍ଥାନାନ୍ତରିତ ହୁଏ । ଏହି ଶକ୍ତିର ଗବେଷଣା କରୁ କରୁ, ସେ ଆଉ ଗୋଟିଏ ନୂତନ ତଥ୍ୟ ପାଇଲେ । ସେ ନୂତନ ତଥ୍ୟହିଁ ଏହି ସାପେକ୍ଷତାର ସିଦ୍ଧାନ୍ତ ନାମରେ ପରିଚିତ ହେଲା ।

ଅଧ୍ୟାପକ ଆଇନଷ୍ଟାଇନ୍

ସମଗ୍ର ପୃଥିବୀରେ ଆଇନ ଷ୍ଟାଇନଙ୍କ ଖ୍ୟାତି ବୈଜ୍ଞାନିକ ଭାବରେ ପ୍ରଚାରିତ ହେଲା । ବର୍ଣ୍ଣ ସହର ଓ ସୁଇଜରଲାଣ୍ଡ ତାଙ୍କ ପାଇଁ ବେଶୀ ଗର୍ବ ଅନୁଭବ କଲା । ସେତେବେଳକୁ ଆଇନଷ୍ଟାଇନ ସୁଇଜରଲାଣ୍ଡର ଜଣେ ନାଗରିକ ଭାବରେ ବିବେଚିତ ହେଉଥିଲେ । ସୁଇଜରଲାଣ୍ଡ ଆଇନଷ୍ଟାଇନଙ୍କର ଯଶ ଗାଇବାକୁ ଲାଗିଲା । ସେପରି ଜଣେ ମନୀଷୀଙ୍କୁ ନିଜ ଦେଶରେ ରଖିବାପାଇଁ କେଉଁ ଦେଶ ଲୋକଙ୍କର ବା ଇଚ୍ଛା ନ ହେବ ?

ଯେଉଁ ବର୍ଣ୍ଣ ସହରରେ ସେ ଛାତ୍ର ଥିଲେ, ସେଇଠି ପୁଣି ହେଲେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ । 'ବର୍ଣ୍ଣ' ବିଶ୍ୱବିଦ୍ୟାଳୟ ଇଉରୋପର ପ୍ରଧାନ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରୁ ଗୋଟିଏ । ବିଭିନ୍ନ ଦେଶରୁ ଏପରି କି ଇଉରୋପ ମହାଦେଶର ବାହାରୁ ମଧ୍ୟ ଅନେକ ଛାତ୍ର ବର୍ଣ୍ଣ ବିଦ୍ୟାଳୟରେ ପଢ଼ିବାପାଇଁ ଆସନ୍ତି । ସେହି ବିଶ୍ୱବିଦ୍ୟାଳୟରେ ଆଇନଷ୍ଟାଇନ୍ ଅଧ୍ୟାପକ ନିଯୁକ୍ତ ହେଲେ ।

ସେହି ବର୍ଷ ବିଜ୍ଞାନରେ ପାରଦର୍ଶିତା ଓ ନୂତନ ତଥ୍ୟର ପ୍ରକାଶ ଦେଖି ତାଙ୍କୁ ଡକ୍ଟର ଉପାଧି ମିଳିଥାଏ । ଏତେ ଅଳ୍ପ ବୟସରେ ଡକ୍ଟର ଉପାଧି ପାଇବା କେବଳ ଜଣେ ଜଣେ ମନୀଷୀଙ୍କ ପକ୍ଷରେ ସହଜ ହୋଇପାରେ । ବିଭିନ୍ନ ବିଶ୍ୱ-

ବିଦ୍ୟାଳୟ ତାଙ୍କୁ ସମ୍ମାନ ଦେଖାଇବା ପାଇଁ ନାନା ସ୍ଥାନରୁ ଡକାଇ ପଠାଇଲେ । ତାଙ୍କର ଖ୍ୟାତି ବେଲକୁବେଳ ବଢ଼ିଲା ।

ବର୍ଣ୍ଣ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକତ୍ୱ କରିବା ସମୟଠାରୁ ସେ ପ୍ରଫେସର ଆଇନ୍‌ଷ୍ଟାଇନ ବୋଲି ଗୃହିଆଡ଼େ ପରିଚିତ ହେଲେ । ସେ ଯେଉଁଠାରେ ଶିକ୍ଷା ଦାନ କାର୍ଯ୍ୟରେ ନିଯୁକ୍ତ ହେଲେ, ସେଠାରେ ଶତ ଶତ ଛାତ୍ର ଆସି ଜମା ହେଲେ । ସେ ବିଶ୍ୱବିଦ୍ୟାଳୟର ମଧ୍ୟ ନାମ ଓ ମାନ ବଢ଼ିଲା । ଅନେକ ବିଶ୍ୱ-ବିଦ୍ୟାଳୟର କର୍ମକର୍ତ୍ତାମାନେ ତାଙ୍କୁ ସମ୍ମାନ ଦେଖାଇଲେ ।

ବର୍ଣ୍ଣ ବିଶ୍ୱବିଦ୍ୟାଳୟରେ କେତେକ ବର୍ଷ ଅଧ୍ୟାପକତ୍ୱ କରିବା ପରେ ଆଇନ୍‌ଷ୍ଟାଇନଙ୍କୁ ପ୍ରେଗ ବିଶ୍ୱବିଦ୍ୟାଳୟରୁ ଡାକରା ଆସିଲା । ପ୍ରେଗ ବିଶ୍ୱବିଦ୍ୟାଳୟର ଉଚ୍ଚପଦସ୍ଥ କର୍ମକର୍ତ୍ତାମାନଙ୍କ ଅନୁରୋଧରେ ଆଇନଷ୍ଟାଇନ ପ୍ରେଗକୁ ଗଲେ । ସେଠାରେ ତାଙ୍କର ବେଶ ସମ୍ମାନ ବଢ଼ିଲା । ସେତେବେଳକୁ ୧୯୧୦ ମସିହା । ସେଠାରେ ସେ ଦୁଇବର୍ଷ କଟାଇଲେ । ତାଙ୍କର ବିଜ୍ଞାନ ଅଧ୍ୟା-ପନାରେ ଛାତ୍ରମହଲ ଅତିଶୟ ସନ୍ତୁଷ୍ଟ ଥିଲେ । ଏ ଅଧ୍ୟାପନା ସଙ୍ଗେ ସଙ୍ଗେ ସେ ନିଜର ବିଜ୍ଞାନ ଅନୁଶୀଳନ କାର୍ଯ୍ୟରେ ସବୁବେଳେ ଲାଗିରହୁଥିଲେ ।

୧୯୧୨ ମସିହାରେ ଜୁରିଚ ପୋଲିଟେକ୍‌ନିକାଲ ସ୍କୁଲରେ ପ୍ରଫେସର ହୋଇ ସେ ସେଠାରୁ ଜୁରିଚ ଗଲେ । ଜୁରିଚରେ ସେ ବେଶୀଦିନ କଟାଇ ନାହାନ୍ତି, ତାଙ୍କୁ ଜର୍ମାନୀ ରାଜଧାନୀ ବର୍ଲିନରୁ ଡାକରା ଆସିଲା । ବର୍ଲିନରେ ତାଙ୍କୁ ଅନେକ ଲୋକ ସ୍ୱାଗତ ଜଣାଇଲେ । ତାଙ୍କର ବିଜ୍ଞାନ ଚର୍ଚ୍ଚା ଦେଖି ଜର୍ମାନୀର ବୈଜ୍ଞାନିକ-ମାନେ ବିସ୍ମିତ ହେଲେ । ୧୯୧୩ ମସିହାରେ ବର୍ଲିନରେ ପ୍ରତିଷ୍ଠିତ ପ୍ରସିଦ୍ଧ ଏକାଡେମୀ ପରିଷଦର ସେ ଜଣେ ପ୍ରମୁଖ ସଭ୍ୟ ଭାବରେ ବର୍ଲିନରେ ଅବସ୍ଥାନ କରିବାକୁ ଲାଗିଲେ ।

ଅପୂର୍ବ ବିଜ୍ଞାନ

ପୂର୍ବକାଳରେ ବିଜ୍ଞାନ ଉନ୍ନତ କରିପାରି ନ ଥିଲି । ଆଜି କାଲି ବିଜ୍ଞାନ ବଳରେ ଅନେକ କଥା ହୋଇପାରୁଛି । ଏତେ କଥା ହାତରେ କରିପାରିବ ବୋଲି, ମଣିଷ ପ୍ରଥମେ ବିଶ୍ବାସ ନ ଥିଲି । ଆମେ ରାବଣର ପୁଷ୍ପକ ବିମାନ କଥା ପୁରାଣରେ ପଢ଼ିଲେ । ମନ୍ତ୍ର ବଳରେ କେତେ ଶର ଗୋଟିଏ ସ୍ଥାନରୁ ଅନେକ ଦୂର ସ୍ଥାନକୁ ଚାଲିଯାଇ ପାରୁଥିଲି ବୋଲି ପୁରାଣରୁ ପଢ଼ି ପିଲାଦିନରେ ଆଶ୍ଚର୍ଯ୍ୟ ହେଉଥିଲୁଁ । କିନ୍ତୁ ସେହିପରି କେତେ କଥା ବିନା ମନ୍ତ୍ରବଳରେ ମଧ୍ୟ ଆଜି କାଲି ସମ୍ଭବ ହୋଇ ପାରୁଛି । ସେତେବେଳେ ଲୋକେ ଏସବୁ କଥା କରିପାରୁଥିଲେ ବୋଲି ଶୁଣିଲେ ଆମେ ଆଜି କାଲି ତାହା ଗଳ୍ପ ବୋଲି ମନେ କରୁଛେ । କିନ୍ତୁ ବିଜ୍ଞାନ ଗଳ୍ପ ନୁହେଁ, ଏହା ଚିରସତ୍ୟ ଉପରେ ପ୍ରତିଷ୍ଠିତ । ବିଜ୍ଞାନର ସବୁ କାର୍ଯ୍ୟ ଆମେ ଆଖି ଆଗରେ ଦେଖୁଛେ ।

ଆଇନ୍‌ଷ୍ଟାଇନ ଖଣ୍ଡିଏ ବହି ଲେଖିଥିଲେ । ଏହି 'ସାପେକ୍ଷତାର ସିଦ୍ଧାନ୍ତ' ବିଷୟଟି ସେଥିରେ ସେ ପରିଷ୍କାର ଭାବରେ ବୁଝାଇଥିଲେ । ସେ ଏତେ ସୁନ୍ଦର ଭାବରେ ସେ କଥାଗୁଡ଼ିକ ବୁଝାଇଥିଲେ ଯେ, ଲୋକେ ତାହା ଆଗ୍ରହରେ ପଢ଼ିବାକୁ ଲାଗିଲେ । ଗଳ୍ପ ପରି ସେ ବହି ସମସ୍ତଙ୍କୁ ଆନନ୍ଦ ଦେଲା, କିନ୍ତୁ ସେ ବହିର ସିଦ୍ଧାନ୍ତ ଗୁଡ଼ିକ ଗଳ୍ପ ନୁହେଁ, ଯାହା ଭୌତିକ ଗଳ୍ପ ପରି ଜଣାପଡ଼ୁଥିଲା, ସେ ତାକୁ ସୁନ୍ଦର ଭାବରେ ପ୍ରମାଣ ବଳରେ ସତ୍ୟ କରି ଥୋଇ ଦେଉଥିଲେ ।

ବୈଜ୍ଞାନିକ ଯେତେବେଳେ ପରୀକ୍ଷା ଦ୍ୱାରା ବୈଜ୍ଞାନିକ ସତ୍ୟକୁ ଆମର ଆଗରେ ସିଦ୍ଧାନ୍ତ କରିଦିଏ, ଆମ ମନରେ ସ୍ୱତଃ ଆନନ୍ଦ

ଆସେ । ଜଣେ ବଡ଼ ବୈଜ୍ଞାନିକ ଥରେ କହିଥିଲେ, "ସବୁଠାରୁ ଆଶ୍ଚର୍ଯ୍ୟ ଘଟଣା ହେଉଛି ଯେ, ଆଶ୍ଚର୍ଯ୍ୟଜନକ ଘଟଣା ଘଟେ ନାହିଁ ।" ସେଥିପାଇଁ ଯେତେବେଳେ କୌଣସି ଆଶ୍ଚର୍ଯ୍ୟ ଘଟଣା ଘଟେ, ତାହା ଆମକୁ ବେଶୀ ଆନନ୍ଦ ଦିଏ ! ବିଜ୍ଞାନ ଦ୍ୱାରା ଯେତେ ଗୁଡ଼ିଏ ତଥ୍ୟ ପ୍ରକାଶ ପାଇଛି, ସେଗୁଡ଼ିକ ଦେଖିଲାବେଳେ ଆଜି କାଲି ହୁଏ ତ ଆମକୁ ବେଶୀ ଆନନ୍ଦ ମିଳୁନାହିଁ । କିନ୍ତୁ ସେ ଗୁଡ଼ିକର ଆବିଷ୍କାର ବେଳେ ତାହା ଅତି ଆଶ୍ଚର୍ଯ୍ୟଜନକ ଘଟଣା ବୋଲି ଲୋକେ ମନେ କରୁଥିଲେ ।

ଆଇନଷ୍ଟାଇନଙ୍କର ଏହି ନୂତନ ତଥ୍ୟ କ୍ରମେ ପୃଥିବୀର ବିଭିନ୍ନ ଅଞ୍ଚଳରେ ପ୍ରଚାରିତ ହେଲା । ସାଧାରଣ ଲୋକେ କୌଣସି ନୂତନ ତଥ୍ୟକୁ ହଠାତ୍ ବୁଝିବା ସହଜ କଥା ନୁହେଁ । ତଥାପି ଆଇନଷ୍ଟାଇନ ଅତି ସହଜ ଓ ସରଳ ଭାବରେ ଆବିଷ୍କୃତ ତଥ୍ୟକୁ ତାଙ୍କ ବହିରେ ବୁଝାଇବାକୁ ଚେଷ୍ଟା କରିଥିଲେ । ବୈଜ୍ଞାନିକମାନଙ୍କ ମହଲରେ ଏହା ଏକ ଆନ୍ଦୋଳନ ସୃଷ୍ଟି କରିଥିଲା । ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ବୈଜ୍ଞାନିକମାନେ ପରୀକ୍ଷାଗାରରେ ଏ ନୂତନ ତଥ୍ୟର ଗବେଷଣା କାର୍ଯ୍ୟ ଚଳାଇଥିଲେ ।

ବଡ଼ ବଡ଼ ବୈଜ୍ଞାନିକ ପୃଥିବୀରେ ଅନେକ ଅଛନ୍ତି । ଭିନ୍ନ ଭିନ୍ନ କ୍ଷେତ୍ରରେ ଅନେକ ମନୀଷୀ ବହୁଦୂର ଅଗ୍ରସର ହୋଇଅଛନ୍ତି । କିନ୍ତୁ ମନୀଷୀ ଆଇନଷ୍ଟାଇନ୍ ଯେଉଁ ତଥ୍ୟ ପ୍ରକାଶ କରିଥିଲେ, ତାହା ବୁଝିବାପାଇଁ ସେତେବେଳେ ମୋଟେ ବାରଜଣ ବୈଜ୍ଞାନିକ ସକ୍ଷମ ହୋଇ ପାରିଥିଲେ । ତାଙ୍କର ସହାୟତା ନ ପାଇଲେ ଏ ବିଷମ ତଥ୍ୟ ବୁଝିବା କଷ୍ଟକର ବୋଲି ବୈଜ୍ଞାନିକମାନଙ୍କ ଧାରଣା ଥିଲା । ସାଧାରଣ ସାପେକ୍ଷତା [General Relativity] ସମ୍ବନ୍ଧରେ ଗବେଷଣା ତାଙ୍କର ୧୯୧୬ ମସିହାରେ ସରିଲା; କିନ୍ତୁ ଏ ତଥ୍ୟ ବୁଝିବାକୁ ବୈଜ୍ଞାନିକମାନଙ୍କୁ ଆହୁରି କେତେ ବର୍ଷ ଲାଗିଗଲା ।

ଦେଶ ପରିଭ୍ରମଣ

ପ୍ରଥମ ମହାଯୁଦ୍ଧବେଳେ ଆଇନ୍‌ଷ୍ଟାଇନ୍ ଜର୍ମାନୀରେ ରହି ଗବେଷଣା କାର୍ଯ୍ୟରେ ଲାଗିରହିଥିଲେ । ୧୯୧୩ ମସିହାରେ ପ୍ରୁସିଆନ ଏକାଡେମୀର ସେ ସଭ୍ୟ ହେଲେ । ତାହା ଏକ ବୈଜ୍ଞାନିକ ପରିଷଦ । ସେହି ପରିଷଦରେ ଜର୍ମାନୀର ବଡ଼ ବଡ଼ ବୈଜ୍ଞାନିକମାନେ ସଭ୍ୟ ଥିଲେ । ପ୍ରଥମ ମହାଯୁଦ୍ଧ ବେଳେ ଜର୍ମାନୀ ବିଜ୍ଞାନର ଏକ ପ୍ରଧାନ କ୍ଷେତ୍ର ଥିଲା । ସରକାରଙ୍କ ସହାୟତାରେ ସେଠାରେ ବୈଜ୍ଞାନିକମାନେ ଅନେକ ତଥ୍ୟ ଗବେଷଣା କରିବାର ସୁବିଧା ପାଇଥିଲେ । ସେ ପରିଷଦରେ ଆଇନ୍‌ଷ୍ଟାଇନ୍ ସତର ବର୍ଷକାଳ ଜଣେ ବିଶିଷ୍ଟ ସଭ୍ୟ ଭାବରେ ରହିଥିଲେ ।

୧୯୧୪ ମସିହାରେ ପ୍ରଥମ ମହାଯୁଦ୍ଧ ଆରମ୍ଭ ହେଲା । ସେତେବେଳେ ଜର୍ମାନୀର କେତେକ ବୈଜ୍ଞାନିକ ଏହି ଯୁଦ୍ଧ ସମ୍ପର୍କରେ କେତେକ ସ୍ୱାକ୍ଷର ସଂଗ୍ରହ କରୁଥିଲେ । ସେମାନେ ଆଇନ୍‌ଷ୍ଟାଇନ୍‌ଙ୍କ ପାଖକୁ ସେ ପତ୍ରରେ ସ୍ୱାକ୍ଷର ନେବାପାଇଁ ଆସିଥିଲେ । କିନ୍ତୁ ଆଇନ୍‌ଷ୍ଟାଇନ୍ ସେଥିରେ ସ୍ୱାକ୍ଷର ଦେବାପାଇଁ ରାଜି ହେଲେ ନାହିଁ । ଆଇନ୍‌ଷ୍ଟାଇନ୍ ବଡ଼ ସ୍ୱାଧୀନଚେତା ଲୋକ ଥିଲେ । ଅନ୍ୟ କାହାର ମତରେ ସେ ସହଜରେ ପ୍ରଭାବିତ ହୁଅନ୍ତି ନାହିଁ । ସେ ଅନ୍ୟକୁ ସହଜରେ ପ୍ରଭାବିତ କରିପାରନ୍ତି । କିନ୍ତୁ କୌଣସି ଘଟଣାରେ କେହି ତାଙ୍କୁ ପ୍ରଭାବିତ କରିଥିବା ଉଦାହରଣ ଖୁବ୍ ବିରଳ ।

ପ୍ରଥମ ମହାଯୁଦ୍ଧରେ ଶାନ୍ତି ସ୍ଥାପିତ ହେଲା । ଜର୍ମାନୀ ପ୍ରଥମ ମହାଯୁଦ୍ଧରେ ପରାସ୍ତ ହେଲା । ଏ ଯୁଦ୍ଧ ପରେ ଆଇନ୍‌ଷ୍ଟାଇନ୍‌ଙ୍କୁ ଫ୍ରାନ୍ସରୁ ଡାକରା ଆସିଲା । ସେ ଜର୍ମାନୀର ଜଣେ ବୈଜ୍ଞାନିକ ଭାବରେ

ଫ୍ରାନ୍ସ ବୁଲିଗଲେ । ଜର୍ମାନୀ ଓ ଫ୍ରାନ୍ସର ଆଜନ୍ମ ଶତ୍ରୁତା ଥିଲେ ମଧ୍ୟ ଆଇନ୍‌ଷ୍ଟାଇନ୍ ଫ୍ରାନ୍ସ ଜନସାଧାରଣଙ୍କର ମଧ୍ୟ ପ୍ରିୟ ଥିଲେ । ସେ ଯୁଦ୍ଧର ପକ୍ଷପାତୀ ନ ଥିଲେ ।

ଆଇନ୍‌ଷ୍ଟାଇନ୍‌ଙ୍କର ତଥ୍ୟଗୁଡ଼ିକ ଯୁକ୍ତରାଷ୍ଟ୍ର, ଇଂଲଣ୍ଡ, ଫ୍ରାନ୍ସ, ଚୀନ, ଜାପାନ ପ୍ରଭୃତି ଦୂର ଦୂର ଦେଶମାନଙ୍କରେ ମଧ୍ୟ ପ୍ରଚାରିତ ହୋଇଥିଲା । ସେଠାରେ ଲୋକେ ତାଙ୍କୁ ଦେଖିବାକୁ ଓ ତାଙ୍କଠାରୁ ଏ ସମ୍ପର୍କରେ ଭାଷଣ ଶୁଣିବାକୁ ଇଚ୍ଛା କରୁଥିଲେ । ଆଇନ୍‌ଷ୍ଟାଇନ୍ ଜଣେ ବଡ଼ ବକ୍ତା ଥିଲେ । ତାଙ୍କର ମଧୁର ସ୍ୱର ଓ ତେଜସ୍ୱିନୀ ଭାଷାରେ ସେ ଶ୍ରୋତୃମଣ୍ଡଳୀକୁ ମୁଗ୍ଧ କରିଦେଉଥିଲେ । ଏହି ସମୟରେ ସେ ଯୁକ୍ତରାଷ୍ଟ୍ର ଯାଇଥିଲେ । ଯୁକ୍ତରାଷ୍ଟ୍ରରେ ଭିନ୍ନ ଭିନ୍ନ ସ୍ଥାନରେ ତାଙ୍କୁ ଅଭିନନ୍ଦନ କରାଯାଇଥିଲା । ସେ ସବୁଠାରେ ନିଜ ବୈଜ୍ଞାନିକ ତଥ୍ୟର ଆଲୋଚନା କରି ମଧ୍ୟ ବକ୍ତୃତା ଦେଇଥିଲେ ।

ଇଂଲଣ୍ଡ ପ୍ରଭୃତି ଦେଶ ସଙ୍ଗେ ଜର୍ମାନୀର ଶତ୍ରୁତା ଥିଲେ ମଧ୍ୟ ଆଇନ୍‌ଷ୍ଟାଇନ୍‌ଙ୍କ ପାଇଁ ସମସ୍ତେ ଓ ସବୁଦେଶ ଆପଣାର । ସେ ଯୁକ୍ତରାଷ୍ଟ୍ରରୁ ଫେରି ଇଂଲଣ୍ଡ ଯାଇଥିଲେ । ଖାଲି ଇଉରୋପ ଓ ଆମେରିକା ନୁହେଁ, ସୁଦୂର ଏସିଆ ମହାଦେଶର ଚୀନ, ଜାପାନ ଓ ପାଲେଷ୍ଟାଇନ୍ ଦେଶମାନ ପରିଭ୍ରମଣ କରି ସେ ଦେଶକୁ ଫେରି ଆସିଥିଲେ ।

ସେ ପ୍ରଥମେ ଜଣେ ସୁନ୍ଦରୀ ମହିଳାକୁ ବିବାହ କରିଥିଲେ । କିନ୍ତୁ କେତେକ ବର୍ଷ ପରେ ତାଙ୍କ ସଙ୍ଗେ ମନୋମାଳିନ୍ୟ ହେବାରୁ ସେ ଇଉରୋପୀୟ ବିବାହ ନିୟମ ଅନୁସାରେ ଆଉ ଜଣେ ମହିଳାଙ୍କୁ ବିବାହ କଲେ ।

ନୋବେଲ ପ୍ରାଇଜ୍ ପାଇଲେ

ଆଇନ୍‌ଷ୍ଟାଇନ୍ ବଡ଼ ସରଳ ଥିଲେ । ସେ ନିଜର ଯଶ ପ୍ରଚାର କେତେବେଳେ ହେଲେ ଚାହୁଁ ନ ଥିଲେ । ତାଙ୍କୁ କେହି ସମାଲୋଚନା କଲେ, ସେ ତାହା ଧୀର ସ୍ଥିର ଭାବରେ ଶୁଣୁଥିଲେ । ଅନେକ ସ୍ଥାନରୁ ପ୍ରଶଂସା, ଖ୍ୟାତି, ମାନସମ୍ମାନ ତାଙ୍କୁ ମିଳୁଥିଲା । ଏ ଗୁଡ଼ିକ ଅତି ଅସାଧାରଣ ଜିନିଷ ବୋଲି ସେ ମନେ କରୁ ନ ଥିଲେ । ସେଥିପାଇଁ ସେ ମାନ ସମ୍ମାନରେ, ଖ୍ୟାତି ପ୍ରଶଂସାରେ ବିଶେଷ ଆନନ୍ଦିତ ବା ଆଗ୍ରହାନ୍ୱିତ ହେଉ ନ ଥିଲେ ।

ସବୁବେଳେ ନୀରବ ଭାବରେ ସେ ମୁନି ଋଷିଙ୍କ ପରି ସାଧନାରେ ନିରତ ରହୁଥିଲେ । ଜଗତର ମାନବ ସମାଜର କଲ୍ୟାଣରେ ପରିଶ୍ରମ ବ୍ୟୟିତ ହେଲେ ସେ ତାହାକୁ ସବୁଠାରୁ ଶ୍ରେୟସ୍କର ବୋଲି ମନେ କରୁଥିଲେ ଓ ସେହିପ୍ରକାର ଉଦ୍ୟମରେ ସେ ବରାବର ଲାଗି ରହୁଥିଲେ । ଅଧ୍ୟୟନ, ଆଲୋଚନା ଓ ଗବେଷଣା ତାଙ୍କର ନିତ୍ୟ ନୈମିତ୍ତିକ କାର୍ଯ୍ୟ ହେଲା ।

ଆଇନ୍‌ଷ୍ଟାଇନ୍ ପ୍ରଥମେ ସାପେକ୍ଷତାର ସିଦ୍ଧାନ୍ତ ତଥ୍ୟ ଆବିଷ୍କାର କରିଥିଲେ । ସେ ତଥ୍ୟ ପ୍ରକାଶିତ ହେବା ପରେ 'ସାଧାରଣ ସାପେକ୍ଷତା' ସମ୍ବନ୍ଧରେ ଗବେଷଣା କାର୍ଯ୍ୟରେ ସେ ଲାଗି ରହିଥିଲେ । ୧୯୧୭ ମସିହାରେ ଏ ଦ୍ୱିତୀୟ ତତ୍ତ୍ୱ ପୃଥିବୀର ବୈଜ୍ଞାନିକମାନଙ୍କର ହସ୍ତଗତ ହେଲା । ଏହାପରେ ସେ ଆଉ ଗୋଟିଏ ତଥ୍ୟର ଗବେଷଣାରେ ଲାଗିଲେ । ଏ ତୃତୀୟ ତଥ୍ୟଟି ହେଉଛି 'ଫଟୋ ଇଲେକ୍‌ଟ୍ରିକ୍ ତଥ୍ୟ' । ଏ ତଥ୍ୟଟି ସେ ପ୍ରକାଶ କରିବାପରେ ସମଗ୍ର ବୈଜ୍ଞାନିକ ମଣ୍ଡଳୀରେ ଏକ ନୂଆ ପ୍ରେରଣା

ଖେଳଗଲା । ଏହାଦ୍ୱାରା ଆହୁରି କେତେଗୁଡ଼ିଏ ତଥ୍ୟ ଆବିଷ୍କୃତ ହେବାପାଇଁ ମଧ୍ୟ ମାର୍ଗ ଖୋଲିଗଲା ।

ଏହି ତଥ୍ୟ ଫଳରେ ସମଗ୍ର ମାନବ ସମାଜର ବିଶେଷ ଉପକାର ହେଲା । ଆଜିକାଲି ଦୂର ଦେଶମାନଙ୍କରୁ ଆମ ଦେଶକୁ ଫଟୋ ରେଡ଼ିଓ ଦ୍ୱାରା ଆସି ଯାଉଛି । ଅନ୍ୟ କୌଣସି ଜିନିଷର ସାହାଯ୍ୟ ନ ନେଇ ଦରକାର ଅନୁସାରେ ଦୁଆର ଖୋଲିବା ଏବଂ ବନ୍ଦ ହେବା କାମ ହୋଇ ପାରୁଛି । ବିଶେଷତଃ ବଣିକମାନଙ୍କ ପକ୍ଷରେ ଏହା ସବୁଠାରୁ ଦରକାରୀ ଜିନିଷ । ମୁଦ୍ରାଶାଳାମାନଙ୍କୁ ଏ ଯନ୍ତ୍ରଦ୍ୱାରା ରକ୍ଷା କରାଯାଉଛି । 'ବରଗ୍ଲାର ଆଲାରମ୍' ବୋଲି ଗୋଟିଏ ଘଣ୍ଟି ଅଛି । ତା ଉପରେ ମଣିଷର ଛାଇ ପଡ଼ିବାମାତ୍ରେ ସେ ଗର୍ଜି ଉଠିବ । ଗୋଟିଏ ସ୍ଥାନ ଦେଇ କେତୋଟି ଯାନବାହାନ ଯାଉଛି ତାହା ମଧ୍ୟ ଏ ଯନ୍ତ୍ର ଦ୍ୱାରା ଜଣାପଡ଼ିବ । ଏହିପରି ଅଶେଷ ଉପାୟରେ ଏହା ମଣିଷର ଉପକାର କରୁଛି । ଏହି 'ଫଟୋ ଇଲେକ୍‌ଟ୍ରିକ୍' ତଥ୍ୟ ପ୍ରକାଶ କରିବା ଫଳରେ ଆଇନ୍‌ଷ୍ଟାଇନ୍ ନୋବେଲ ପ୍ରାଇଜ ପାଇଥିଲେ ।

ନୋବେଲ ପ୍ରାଇଜର କର୍ମକର୍ତ୍ତାମାନେ ତାଙ୍କୁ ସୁଇଡ଼େନକୁ ଡାକିଲେ । ସୁଇଡ଼େନରେ ଏ ପ୍ରାଇଜ ଦିଆଯିବା ପାଇଁ ୧୯୨୧ ମସିହାରେ ବିରାଟ ଉତ୍ସବ କରାଗଲା । ଏ ଉତ୍ସବ ପରେ ତାଙ୍କୁ ନୋବେଲଙ୍କ ଚିହ୍ନସହ ଗୋଟିଏ ସ୍ୱର୍ଣ୍ଣପଦକ ମିଳିଲା । ସମଗ୍ର ମାନବ ସମାଜର ସେ ବିଜ୍ଞାନଗୁରୁ ବୋଲି ମନୋନୀତ ହେଲେ । ବିଜ୍ଞାନ ଜଗତରେ ସେ ଜଣେ ଯୁଗବୋଧା ହେଲେ ।

ଜର୍ମାନୀ ତ୍ୟାଗ

୧୯୨୧ ମସିହା ବେଳକୁ ଆଇନ୍‌ଷ୍ଟାଇନଙ୍କର ସୁନାମ ଚାରିଆଡ଼େ ପ୍ରଚାରିତ ହୋଇଯାଇଥିଲା । ତାଙ୍କ ଆବିଷ୍କୃତ ତଥ୍ୟ-ଗୁଡ଼ିକ ଭିନ୍ନ ଭିନ୍ନ ଦେଶରେ ପରୀକ୍ଷା ଚାଲିଥିଲା । ଜର୍ମାନୀ ସେତେବେଳେ ପ୍ରଥମ ବିଶ୍ୱମହାଯୁଦ୍ଧରେ ପରାସ୍ତ ହୋଇଯାଇଥାଏ । ଜର୍ମାନୀ ଜାତିର ବଳ ଭାଙ୍ଗି ପଡ଼ିଥାଏ । କିନ୍ତୁ ଆଇନ୍‌ଷ୍ଟାଇନଙ୍କର ଗୁଣ ପୃଥିବୀର ଚାରିଆଡ଼େ ପୂର୍ବପରି ଲୋକମାନେ ଗୁଣି ହେଉଥାନ୍ତି ।

ଇହୁଦିମାନଙ୍କୁ ଜର୍ମାନୀ ଲୋକେ ଘୃଣା ଚକ୍ଷୁରେ ଦେଖନ୍ତି । ଆଇନ୍‌ଷ୍ଟାଇନ ଜଣେ ଇହୁଦୀ । ତେଣୁ ପ୍ରଥମେ ପ୍ରଥମେ ତାଙ୍କ ପ୍ରତି ଯେପରି ଖାତିର ଥିଲା, ସେ ଖାତିର କମି ଆସୁଥିଲା । ତାଙ୍କୁ ଲୋକେ ଯେପରି ପ୍ରଶଂସା ନ କରିବେ, ସେଥିପାଇଁ ତାଙ୍କର ତଥ୍ୟ-ଗୁଡ଼ିକର କଟୁ ସମାଲୋଚନା ଭିନ୍ନ ଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଉଥିଲା । ଅନେକ ସ୍ଥାନରେ ତାଙ୍କ ବିରୁଦ୍ଧରେ ପ୍ରଚାରପତ୍ର ମରା ଯାଇଥିଲା ଓ ଲୋକଙ୍କ ଭିତରେ ମଧ୍ୟ ବଣ୍ଟାଯାଉଥିଲା । ଜର୍ମାନ ଲୋକେ ତାଙ୍କୁ ଇହୁଦି ବୋଲି ଜାଣି ଆଉ ଖାତିର କରୁ ନ ଥିଲେ । ତାଙ୍କ ଖ୍ୟାତିକୁ ନଷ୍ଟ କରିବାରେ ଜର୍ମାନମାନେ କେବଳ ଜର୍ମାନୀରେ ସଫଳ ହେଲେ ସିନା, ବିଦେଶରେ ସଫଳ ହେବା ସହଜ ହେଲା ନାହିଁ ।

ଥରେ ଗୋଟିଏ ସଭା ହେଉଥାଏ । ଜର୍ମାନୀର ବଡ଼ ବଡ଼ ନେତାମାନେ ସଭାରେ ଯୋଗ ଦେଇଥାନ୍ତି । ଖାଲି ଆଇନଷ୍ଟାଇନଙ୍କୁ ସମାଲୋଚନା କରିବା ପାଇଁ ଏ ସଭା ଡକାଯାଇଥାଏ । ଦୁଇ ଜଣ ବଡ଼ ଜର୍ମାନ ଅଧ୍ୟାପକ ସମାଲୋଚନା କରିବାପାଇଁ ଆସିଥାନ୍ତି । ଆଇନ୍‌ଷ୍ଟାଇନ ସବୁ କଥା ଜାଣିଥାନ୍ତି । ସେ ତ ବଡ଼ ନିର୍ଭୀକ ।

ସମାଲୋଚନାକୁ ସେ ଭୟ କରିବା ଲୋକ ନୁହନ୍ତି । ସେ ସେଦିନ ଆସି ସଭାରେ ହାଜର ହେଲେ । ତାଙ୍କର ପରିଚିତ ଅପରିଚିତ କେତେ ବନ୍ଧୁ ମଧ୍ୟ ସେ ସଭାରେ ଯୋଗ ଦେଇଥିଲେ । ତାଙ୍କୁ ତ ସମସ୍ତେ ଚିହ୍ନନ୍ତି । ସମାଲୋଚନା ହେଲା । କିଏ କେତେ ପ୍ରକାର କହିଲେ । ସେ ଧୀର ସ୍ଥିର ଭାବରେ ସବୁ ଶୁଣି ଫେରିଲେ । ତାଙ୍କର କାହା ପ୍ରତି ଘୃଣା ବା ବିଦ୍ୱେଷ ତିଳେମାତ୍ର ନ ଥିଲା ।

ଏହାର କେତେ ବର୍ଷ ପରେ ହିଟଲର ଆସିଲେ । ସେ ଜର୍ମାନୀର ଭାଗ୍ୟବିଧାତା ହେଲେ । ତାଙ୍କ ନିର୍ଦ୍ଦେଶରେ ସମଗ୍ର ଜର୍ମାନୀ ରାଜ୍ୟ ଚଳିଲା । ହିଟଲର୍ ଇହୁଦୀମାନଙ୍କର ଭାରି ବିରୋଧୀ ଥିଲେ । ସେତେବେଳେ ଆଉ ଜର୍ମାନୀରେ ରହିବା ଆଇନ୍‌ଷ୍ଟାଇନଙ୍କ ପକ୍ଷରେ ସହଜ ହେଲାନାହିଁ । ସେ ଜର୍ମାନୀ ରାଜ୍ୟ ଛାଡ଼ି ଆମେରିକା ଯିବାପାଇଁ ଠିକ୍ କଲେ । ସେ ଜର୍ମାନୀର ବିଜ୍ଞାନ ପରିଷଦରୁ ଇସ୍ତଫା ଦେଇ ୧୯୩୩ ମସିହାରେ ଜର୍ମାନୀ ଛାଡ଼ିଲେ । ଏହାପରେ ପ୍ରିନ୍‌ଷ୍ଟନରେ ସେ ଅଧ୍ୟାପକ ହୋଇଥିଲେ ।

ପୃଥିବୀରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ

ପ୍ରିନ୍‌ଷ୍ଟନ ସହରକୁ ଆସି ସେ ଟିକିଏ ଶାନ୍ତ ବାୟୁମଣ୍ଡଳ ପାଇଲେ । ଲୋକେ ସେଠାରେ ତାଙ୍କୁ ଭାରି ସମ୍ମାନ ଦେଖାଇଲେ । ତାଙ୍କର ଗବେଷଣା କାର୍ଯ୍ୟ ବଡ଼ ସୁରୁଖୁରୁରେ ଚଳିଲା । ଏ ସତ୍ୟ ଗୁଡ଼ିକ ପ୍ରକାଶ କରିବା ପରେ ମଧ୍ୟ ସେ ଆଉ ନୂତନ ତଥ୍ୟ ଆଲୋଚନାରେ ସମୟ ଅତିବାହିତ କରିବାକୁ ଲାଗିଥିଲେ । ଏହା ପରେ ପ୍ରାୟ ୨୨ ବର୍ଷ କାଳ ପରିଶ୍ରମ କରି ସେ ଆଉ ଗୋଟିଏ ତଥ୍ୟ ପାଇଲେ ।

୧୯୪୯ ମସିହାରେ ଆଇନ୍‌ଷ୍ଟାଇନଙ୍କର ଏକ ନୂତନ ତତ୍ତ୍ୱ ପ୍ରକାଶ ପାଇଲା । ଏ ତଥ୍ୟ କେତେଜଣଙ୍କର ମିଳିତ ଉଦ୍ୟମରେ ଆବିଷ୍କୃତ ହେଲା । କିନ୍ତୁ ଆଇନ୍‌ଷ୍ଟାଇନ୍‌ଙ୍କର ଏଥିପାଇଁ ଦାନ ସବୁଠାରୁ ବେଶୀ । ପ୍ଲାଙ୍କ୍, ଡିବ୍ରୋଗ୍ଲି, ସ୍କ୍ରିଡ଼ିଙ୍ଗରେ, ହିଜେନ୍‌ବର୍ଗ, ଡାଇରାକ୍, ପାଉଲି ଓ ବୋର୍ ଏମାନେ ଏ ଯୁଗର ଜଣେ ଜଣେ ପ୍ରଧାନ ବୈଜ୍ଞାନିକ । ଏହି ବୈଜ୍ଞାନିକମାନେ ନାନା କ୍ଷେତ୍ରରେ ବିଜ୍ଞାନରେ ପାରଦର୍ଶିତା ଦେଖାଇ ନୋବେଲ ପ୍ରାଇଜ୍ ପାଇଛନ୍ତି । ଆଇନ୍‌ଷ୍ଟାଇନ୍‌ଙ୍କର ପ୍ରଚେଷ୍ଟା ଫଳରେ 'କ୍ୱାଣ୍ଟମ୍ ଥିଓରି' ବୋଲି ଗୋଟିଏ ତଥ୍ୟ ପ୍ରକାଶ ପାଇଲା । ତାହାର ଯୋଗୁଁ ଆଟମ୍ ତତ୍ତ୍ୱ ସଫଳ ହୋଇପାରିଲା । ଆଟମ୍‌ବୋମ୍‌ର ଆବିଷ୍କାର ମୂଳରେ ଆଇନ୍‌ଷ୍ଟାଇନ୍‌ଙ୍କର ମଧ୍ୟ ଅନେକ ପରିଶ୍ରମ ଅଛି ବୋଲି ସମସ୍ତେ ବିଶ୍ୱାସ କଲେ ।

ଆଇନ୍‌ଷ୍ଟାଇନ୍ ଅନେକ ବହି ଲେଖିଛନ୍ତି । ତାଙ୍କର ଅଧିକାଂଶ ବହି ବିଜ୍ଞାନ ସମ୍ବନ୍ଧରେ ଲେଖା । କିନ୍ତୁ ତାଙ୍କର ସାରା ଜୀବନ ସେ ଖାଲି ଏହି କାମରେ ଖଟାଇ ନାହାନ୍ତି । ସେ ଜଣେ ବଡ଼ ଆଦର୍ଶବାଦୀ । ସେ କହନ୍ତି—ସମଗ୍ର ପୃଥିବୀରେ ଶାନ୍ତି ପାଇଁ ସବୁ ଦେଶ ଚେଷ୍ଟା କରିବା ଉଚିତ । ଭିନ୍ନ ଭିନ୍ନ ଦେଶର ମତ ଭିନ୍ନ ଭିନ୍ନ । ତେଣୁ ଯୁଦ୍ଧ ଅବଶ୍ୟମ୍ଭାବୀ ହୋଇପଡ଼ୁଛି । ଏ ଯୁଦ୍ଧକୁ ପୃଥିବୀ ପୃଷ୍ଠରୁ ଲୋପ କରିଦେବା ଉଚିତ । ମାନବ ସଭ୍ୟତାର ଉନ୍ନତି ପାଇଁ ବୈଜ୍ଞାନିକମାନେ ନାନା ପ୍ରକାର ଜିନିଷ ଉଦ୍ଭାବନ କରିବା ଦରକାର । ତେଣୁ ପୃଥିବୀରେ ବୈଜ୍ଞାନିକମାନଙ୍କର କାର୍ଯ୍ୟ ପ୍ରଭୂତ । ବୈଜ୍ଞାନିକ ଚିନ୍ତାଧାରାକୁ ମାନବ ଜୀବନର କ୍ଷୟ ଦୃଷ୍ଟିରେ ନ ଲଗାଇ, ସଭ୍ୟତାର ଅଭିବୃଦ୍ଧିରେ ଲଗାଇବା ଉଚିତ ।

ସେ ସମଗ୍ର ପୃଥିବୀରେ ଯୁଦ୍ଧଲୋପ ପାଇଁ ଏକ ବ୍ୟବସ୍ଥା ଦେଇଥିଲେ । ବିଶ୍ୱ ସରକାର ପ୍ରତିଷ୍ଠା ଫଳରେ ବିଶ୍ୱରେ ଶାନ୍ତି ନିଶ୍ଚୟ ଆସିବ ବୋଲି ତାଙ୍କର ବିଶ୍ୱାସ ଥିଲା । ଆମେରିକା, ଋଷିଆ, ଇଂଲଣ୍ଡ ପ୍ରଭୃତି ପୃଥିବୀର ନେତୃସ୍ଥାନୀୟ ଦେଶର ନେତାମାନେ ଏକାଠି ହୋଇ ଏ ବିଷୟରେ ବିଚାର କରିବା ପାଇଁ, ସେ ମତ ଦେଇଥିଲେ । ଯାହାର ଯାହା ମତ, ସେ ଖୋଲାଖୋଲି ଭାବରେ କହିଦେବା ଉଚିତ । ପରସ୍ପରକୁ ଉତ୍ତମ ରୂପେ ଚିହ୍ନିଲେ ଆଉ ତିକ୍ତତା ରହିବ ନାହିଁ । ଏ ସମ୍ପର୍କରେ ପୃଥିବୀର ବଡ଼ ବଡ଼ ନେତାମାନଙ୍କ ମଧ୍ୟରେ କେତେଥର ଆଲୋଚନା ହୋଇଯାଇଛି । ଋଷିଆ ଦେଶର ନେତାମାନେ ମଧ୍ୟ ତାଙ୍କର ଏ ପ୍ରସ୍ତାବ ବିଷୟରେ କେତେକ ଭଲ ମତ ଦେଇଛନ୍ତି ।

ଆଇନ୍‌ଷ୍ଟାଇନ୍ ଗାନ୍ଧୀବାଦୀ ନୁହନ୍ତି । କିନ୍ତୁ ମହାତ୍ମା ଗାନ୍ଧୀଙ୍କୁ ସେ ଖୁବ୍ ଖାତିର କରନ୍ତି । ତାଙ୍କର ବଡ଼ ବଡ଼ ବହିରେ ସେ ମହାତ୍ମା ଗାନ୍ଧୀଙ୍କ ବିଷୟ ମଧ୍ୟ ଲେଖିଛନ୍ତି । ଭାରତ ସ୍ୱାଧୀନତା ପ୍ରାପ୍ତିରେ ମହାତ୍ମା ଗାନ୍ଧୀ ଯେଉଁ ଅଶ୍ରୁତପୂର୍ବ ଉଦାହରଣ ଦେଖାଇଛନ୍ତି, ସେ ସେଥିପାଇଁ ତାଙ୍କୁ ବଡ଼ ପ୍ରଶଂସା କରନ୍ତି । ଏବେ ଭାରତ ଶ୍ରୀଯୁକ୍ତ ଜବାହାରଲାଲଙ୍କ ନେତୃତ୍ୱରେ ଯେପରି ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠାପାଇଁ ଲାଗିପଡ଼ିଛି, ଆଇନ୍‌ଷ୍ଟାଇନ୍ ଭାରତର ଏ କାର୍ଯ୍ୟକୁ ପ୍ରଶଂସା କରନ୍ତି ।

ଆଦର୍ଶ ମାନବ ଆଇନ୍‌ଷ୍ଟାଇନ୍

ଆଇନ୍‌ଷ୍ଟାଇନ୍ ଥରେ କହିଥିଲେ—"ମୁଁ ନିଜକୁ ଜଣେ ପଦାର୍ଥବୈଜ୍ଞାନିକ ରୂପେ ପରିଚୟ ଦେବା ଅପେକ୍ଷା ଦାର୍ଶନିକ ବୋଲି ପରିଚୟ ଦେବାକୁ ପସନ୍ଦ କରେ ।" ପୁଣି ସେ କହିଛନ୍ତି, 'ଜୀବନରେ କୌତୂହଳ ସବୁଠୁ ଉପଭୋଗ୍ୟ ବସ୍ତୁ........ଏହି କୌତୂହଳୋଦ୍ଦୀପକ ସୂକ୍ଷ୍ମ ଦୃଷ୍ଟି ଧର୍ମର ଉତ୍ପାଦକ ।'

ସେ ନୀରବତାକୁ ସବୁଠାରୁ ଭଲପାଆନ୍ତି । ତାଙ୍କ ମତରେ ଆଦର୍ଶଜୀବନ ହେଉଛି—ବାହ୍ୟ ସଂସାରଠାରୁ ପୃଥକ୍ ରହି ଜୀବନର ପ୍ରତ୍ୟେକ ମୁହୂର୍ତ୍ତ କର୍ମମୟ କରି ଗଢ଼ିବା । ଆଇନ୍‌ଷ୍ଟାଇନ୍ ବଡ଼ ଗମ୍ଭୀର । ତାଙ୍କ ଚକ୍ଷୁରେ ଆକର୍ଷଣୀ ଶକ୍ତି ଥିଲା । କୌଣସି ଲୋକକୁ କିପରି ପ୍ରଭାବିତ କରାଯାଇପାରିବ; ସେ ତାହା ଭଲରୂପେ ଜାଣିଥିଲେ । ତାଙ୍କର ପ୍ରଶାନ୍ତ ଉଜ୍ଜ୍ୱଳ ମୁଖମଣ୍ଡଳ ଯେ କୌଣସି ଅବସ୍ଥାରେ ଯେ କୌଣସି ଲୋକକୁ ଆକର୍ଷଣ କରିପକାଏ ।

ଏଯୁଗରେ ତାଙ୍କ ପରି ଲୋକ ବିରଳ । ପୁଣି ପାଶ୍ଚାତ୍ୟ ଜଗତରେ ଆଇନ୍‌ଷ୍ଟାଇନ୍‌ଙ୍କ ପରି ଜଣେ ଲୋକ ଥିବେ କି ନାହିଁ ସନ୍ଦେହ । ସରଳ, ନିରଳସ, ନିରାଡ଼ମ୍ବର ଭାବରେ ସେ ଜୀବନ ଯାତ୍ରା ନିର୍ବାହ କରୁଥିଲେ । ସେ କେବେହେଲେ ନାପିତର ଦ୍ୱାରସ୍ଥ ହୋଇ ନାହାନ୍ତି । ସାହେବମାନଙ୍କ ପରି ସେ ଗଳାରେ କେବେ ଗଳାବନ୍ଧା ବାନ୍ଧନ୍ତି ନାହିଁ, କି ମୋଜା ବ୍ୟବହାର କରନ୍ତି ନାହିଁ । ପୃଥିବୀର ଅତି କ୍ଷୁଦ୍ର ଘଟଣା ଗୁଡ଼ିକଠାରୁ ସବୁବେଳେ ସେ ଦୂରରେ ରହିବାକୁ ତାଙ୍କୁ ଭଲଲାଗେ । ଜୀବନରେ ଯେଉଁ ଜିନିଷଗୁଡ଼ିକ ଅତି ଦରକାରୀ ବୋଲି ଲୋକେ ମନେ କରନ୍ତି, ସେଗୁଡ଼ିକ ପ୍ରତି ସେ ଆଦୌ ଖାତିର କରୁ ନ ଥିଲେ । ବିଳାସବ୍ୟସନ ଲାଳସା ତାଙ୍କର ଆଦୌ ନ ଥିଲା କି ସେ ସ୍ୱାର୍ଥପର ନ ଥିଲେ । ସବୁବେଳେ

ପ୍ରକୃତିର ଚିରନ୍ତନ ସତ୍ୟ ଅନୁସନ୍ଧାନରେ ବ୍ରତୀ ରହି ସେ ସମୟ ଅତିବାହିତ କରୁଥିଲେ । ଜଗତରେ କେହି ଚିରଦିନ ବଞ୍ଚେ ନାହିଁ । ଜୀବନ ସିନା ଚିର ନୁହେଁ, ଜୀବନର ମହତ୍ କାର୍ଯ୍ୟଗୁଡ଼ିକ ଚିର ହୋଇ ପୃଥିବୀରେ ରହିଯାଏ ଏବଂ ମଣିଷକୁ ଅମର କରି ରଖେ । ଆଇନ୍‌ଷ୍ଟାଇନ୍ ଖୁବ୍ ବୁଢ଼ା ହୋଇ ଯାଇଥିଲେ । ସେପର୍ଯ୍ୟନ୍ତ ସେ ମାନବ ସମାଜର କଲ୍ୟାଣ କାର୍ଯ୍ୟରେ ଲାଗି ରହିଥିଲେ । ଯୁଦ୍ଧ ବିଗ୍ରହ ବେଳେ ବଡ଼ ବଡ଼ ଲୋକେ ମଧ୍ୟ ତାଙ୍କର ପଦେ କଥାକୁ ଶୁଣି ରହୁଥିଲେ ।

ଆଜି ଆଇନ୍‌ଷ୍ଟାଇନ୍ ଆଉ ଇହଜଗତରେ ନାହାନ୍ତି । ଆଜକୁ ବର୍ଷେ ହେବ ସେ ଏ ମରଧାମରୁ ଅମରଧାମକୁ ଚାଲିଗଲେଣି । କେତେ ରାଜନୀତିଜ୍ଞ ଆମେରିକା ଦେଶରେ ଜନ୍ମ ହୋଇ ଆମେରିକା ପରି ମହାଦେଶକୁ ଚଳେଇଛନ୍ତି । କିନ୍ତୁ ସେମାନେ ମରିଯିବାପରେ ତାଙ୍କୁ ବେଶୀ ଲୋକ ମନେ ରଖନ୍ତି ନାହିଁ । ମାତ୍ର ଆଇନ୍‌ଷ୍ଟାଇନ ଆମେରିକାରେ ଖାଲି ନୁହନ୍ତି, ପୃଥିବୀରେ ସବୁ ଦେଶରେ ପୂଜା ପାଉଥିଲେ ଏବଂ ସେ ଖାଲି ଏ ଯୁଗରେ ନୁହେଁ, ସବୁ ଯୁଗରେ ମଧ୍ୟ ଏହିପରି ପୂଜା ପାଉଥିବେ ।

727
7.7.62

ମୁଦ୍ରାକର—ବଳଦେବ ଦାସ,
ଗ୍ରାମସେବକ ସମବାୟ ପ୍ରେସ, କଟକ—୧୯୫୬

0/730
0
7
30

ରାଜନୀତିଜ୍ଞ ଚର୍ଚିଲ

ନୋବେଲ ପ୍ରାଇଜ ସିରଜ — ପଞ୍ଚମ ଖଣ୍ଡ

ରାଜନୀତିଜ୍ଞ ଚର୍ଚ୍ଚିଲ

ଲେଖକ

ଶ୍ରୀ ରଘୁନାଥ ମହାପାତ୍ର, ବି. ଏ.

କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍

ପ୍ରକାଶକ

ଶ୍ରୀ ଅନନ୍ତ ମିଶ୍ର, ପ୍ରୋପ୍ରାଇଟର

କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର

ବାଲୁବଜାର, କଟକ—୨

ଦ୍ୱିତୀୟ ମୁଦ୍ରଣ

୧୯୫୭

ମୂଲ୍ୟ ଛ'ଅଣା

ରାଜନୀତିଜ୍ଞ ଚର୍ଚ୍ଚିଲ

ପରିଚୟ

ଆମ ଦେଶରେ ଚାଣକ୍ୟ ବୋଲି ଜଣେ ରାଜନୀତିଜ୍ଞ ଥିଲେ । ମୌର୍ଯ୍ୟବଂଶର ରାଜା ଚନ୍ଦ୍ରଗୁପ୍ତ ଏହି ଚାଣକ୍ୟଙ୍କ ସମୟରେ ପ୍ରବଳ ପରାକ୍ରମୀ ହୋଇପାରିଥିଲେ । ଚାଣକ୍ୟଙ୍କ ପରେ ଆଧୁନିକ ଯୁଗ ପର୍ଯ୍ୟନ୍ତ ଭାରତରେ ସେପରି ଜଣେ ରାଜନୀତିଜ୍ଞ ଜନ୍ମ ହୋଇ-ନାହାନ୍ତି । ଆଜିପର୍ଯ୍ୟନ୍ତ ଆମ୍ଭେମାନେ ତାଙ୍କର ନୀତିଶ୍ଳୋକ ସଂସ୍କୃତରେ ଦେଖିବାକୁ ପାଉଛେ । ଚାଣକ୍ୟଙ୍କ ପରେ ତାଙ୍କରି ପରି ଆଉ ଜଣେ ନେତା ଆମ ଦେଶରେ ଜନ୍ମ ହୋଇଥିଲେ । ତାଙ୍କ ନାମ ସର୍ଦ୍ଦାର ବଲ୍ଲଭଭାଇ ପଟେଲ । ସେ ଅବଶ୍ୟ ମରିଗଲେଣି; କିନ୍ତୁ ଭାରତ ପାଇଁ ସେ ଯାହା କରି ଯାଇଛନ୍ତି, ଯେଉଁ ରାଜନୈତିକ ଚତୁରତା ବଳରେ ସେ ଆମର ଏ ବିରାଟ ଦେଶ ଗଢ଼ିଦେଇ ଯାଇଛନ୍ତି, ସେଥିପାଇଁ ସେ ଚିରକାଳ ଅମର ହୋଇଥିବେ ।

ଏହିମାନଙ୍କ ପରି ପୃଥିବୀର ରାଜନୀତିଜ୍ଞମାନଙ୍କ ମଧ୍ୟରେ ଚର୍ଚ୍ଚିଲ ଜଣେ । ତାଙ୍କ ଘର ଆମ ଭାରତବର୍ଷରେ ନୁହେଁ । ତାଙ୍କ ଘର ଭାରତଠାରୁ ହଜାର ହଜାର ମାଇଲ ଦୂର—ଇଂଲଣ୍ଡ ଦେଶରେ । ଯେଉଁ ଇଂରେଜମାନେ ଆମ ଭାରତବର୍ଷକୁ ପରପଦାନତକରି ଚିରକାଳ ରଖିବାପାଇଁ ନାନା ଫନ୍ଦି ଫିକର କରିଥିଲେ, ଚର୍ଚ୍ଚିଲ ସେମାନଙ୍କ ମଧ୍ୟରେ ଜଣେ ପ୍ରମୁଖ ନେତା । କିନ୍ତୁ ଭାରତବର୍ଷ ଅଧିକକାଳ ଇଂଲଣ୍ଡ ଅଧୀନରେ ରହିପାରିଲା ନାହିଁ । ଚର୍ଚ୍ଚିଲ ସାହେବ ଇଂଲଣ୍ଡର ପ୍ରଧାନ ମନ୍ତ୍ରୀ ପଦରେ ନ ଥିଲାବେଳେ ଭାରତ ସ୍ୱାଧୀନ ହୋଇଗଲା । ଅତଏବ ପୃଥିବୀର ଦେଶମାନଙ୍କ ମଧ୍ୟରେ ଇଂଲଣ୍ଡ ଯେପରି ଗୋଟିଏ ଦେଶ, ଆମ ଭାରତ ମଧ୍ୟ ସେହିପରି ଗୋଟିଏ ସ୍ୱାଧୀନ ଦେଶ । ଏବେ ଆମ ଦେଶର ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ । ଚର୍ଚ୍ଚିଲ ସାହେବ ମଧ୍ୟ ଇଂଲଣ୍ଡର ପ୍ରଧାନ ମନ୍ତ୍ରୀ ଥିଲେ । ଇଂଲଣ୍ଡ ଦେଶର ସବୁପ୍ରକାର ସୁବିଧା ପାଇଁ ସେ ଜୀବନ ସାରା ଚେଷ୍ଟା କରିଛନ୍ତି । ତେଣୁ ସେ ଦେଶର ଲୋକେ ତାଙ୍କୁ ଏବେ ମଧ୍ୟ ଖୁବ୍ ସମ୍ମାନ କରନ୍ତି ।

ଚର୍ଚ୍ଚିଲଙ୍କର ଏ ରାଜନୈତିକ ବିଚକ୍ଷଣତା ଛଡ଼ା ଆଉ ଗୋଟିଏ ଭଲ ଗୁଣ ଅଛି । ସେ ଜଣେ ଲେଖକ ଓ ବଡ଼ ସାହିତ୍ୟିକ । ଅଧିକାଂଶ ସମୟରେ ସେ ଲେଖାଲେଖି ଦିଗରେ ସମୟ କଟାଇ ଆନନ୍ଦ ଲାଭ କରିଥାନ୍ତି । ସାହିତ୍ୟିକ ଭାବରେ ସେ ସମଗ୍ର ପୃଥିବୀରେ ଜନସମାଜର ସମ୍ମାନର ପାତ୍ର ।

ଚର୍ଚ୍ଚିଲ ପରିବାର

ଚର୍ଚ୍ଚିଲ ବଂଶ ଇଂଲଣ୍ଡର ଏକ ସମ୍ଭ୍ରାନ୍ତ ବଂଶ । ଆମ ଦେଶର ରାଜପରିବାରର ଲୋକମାନଙ୍କ ପରି ଇଂଲଣ୍ଡର ଲର୍ଡ଼ ବଂଶ ସମଗ୍ର ଦେଶରୁ ସମ୍ମାନ ପାଆନ୍ତି । ଏହି ଚର୍ଚ୍ଚିଲ ବଂଶ ଲର୍ଡ଼ ପରିବାରର ଅନ୍ତର୍ଭୁକ୍ତ । ଏହି ବଂଶ ଇଂଲଣ୍ଡରେ ଅନେକ କାଳ ହେଲା ଏହିପରି ସମ୍ମାନ ପାଇ ଆସୁଅଛନ୍ତି । ସପ୍ତଦଶ ଶତାବ୍ଦୀର ପ୍ରଥମ ପାଦରେ ଏହି ବଂଶରେ ୱିଇନ୍‌ଷ୍ଟନ ଚର୍ଚ୍ଚିଲ ବୋଲି ଜଣେ ବଡ଼ ଯୋଦ୍ଧା ଥିଲେ । ସେତେବେଳେ ସେଠାରେ ପ୍ରଥମ ଚାର୍ଲସ ରାଜତ୍ୱ କରୁଥିଲେ । ଚାର୍ଲସଙ୍କ ସପକ୍ଷରେ ଉକ୍ତ ୱିଇନ୍‌ଷ୍ଟନ ଚର୍ଚ୍ଚିଲ ଯୁଦ୍ଧରେ ଯେଉଁ ବୀରତ୍ୱ ଦେଖାଇଥିଲେ, ତାହା ଆଜିପର୍ଯ୍ୟନ୍ତ ଇଂଲଣ୍ଡର ଲୋକେ ଭୁଲି ନାହାନ୍ତି । ତାଙ୍କ ପୁଅ ମଧ୍ୟ ତାଙ୍କରି ପରି ଜଣେ ବଡ଼ ଯୋଦ୍ଧା ଥିଲେ । ସେତେବେଳେ ଇଂଲଣ୍ଡର ପ୍ରତ୍ୟେକ ରାଜାଙ୍କ ଅମଳରେ ପ୍ରାୟ ଯୁଦ୍ଧ ଲାଗି ରହିଥିଲା । ସେ ଦେଶର ପ୍ରତ୍ୟେକ ନାଗରିକଙ୍କୁ ଯୁଦ୍ଧ ପାଇଁ ପ୍ରସ୍ତୁତ ହେବାକୁ ପଡ଼ୁଥିଲା । ଚର୍ଚ୍ଚିଲ ବଂଶ ସେହି କାଳରୁ ଯୋଦ୍ଧା ହିସାବରେ ମଧ୍ୟ ସୁନାମ ଅର୍ଜ୍ଜନ କରିଥିଲେ ।

ଚର୍ଚ୍ଚିଲଙ୍କ ପୂରାନାମ—ୱିଇନ୍‌ଷ୍ଟନ ଲିଓନାର୍ଡ଼ ସ୍ପେନସର ଚର୍ଚ୍ଚିଲ । ଏହାଙ୍କର ପିତା ରାନ୍‌ଡ଼ଲ୍‌ଫ ଚର୍ଚ୍ଚିଲ ଯୋଦ୍ଧା ନ ଥିଲେ; କିନ୍ତୁ ଇଂଲଣ୍ଡର ସେ ଜଣେ ପ୍ରଧାନ ବ୍ୟକ୍ତି ଥିଲେ । ଆମ ଦେଶର ଶାସନ ପାଇଁ କେନ୍ଦ୍ରରେ ଯେପରି ଦୁଇଟି ସଭା ଅଛି, ଇଂଲଣ୍ଡରେ ମଧ୍ୟ ସେହିପରି ଦୁଇଟି ସଭା ଅଛି । ଗୋଟିଏ ଲୋକସଭା ଏବଂ

ଆଜ ଗୋଟିଏ ଲର୍ଡ଼ସ୍ ବା ସମ୍ଭ୍ରାନ୍ତ ସଭା । ଚର୍ଚ୍ଚିଲଙ୍କ ପିତା ରାନ୍‌ଡଲଫ୍ ସାହେବ ଲୋକ ସଭାର ଜଣେ ପୁରୁଖା ସଭ୍ୟ ଥିଲେ ।

ଚର୍ଚ୍ଚିଲଙ୍କର ମା ଆମେରିକା ଦେଶର କନ୍ୟା । ତାଙ୍କ ପିତା ପୃଥିବୀପ୍ରସିଦ୍ଧ ନିଉୟର୍କ ସହରରେ ଜଣେ ବଡ଼ ଧନୀ ଲୋକ ଥିଲେ। ସେ ନିଉୟର୍କର ଗୋଟିଏ ପ୍ରଧାନ ପତ୍ରିକା 'ନିଉୟର୍କ ଟାଇମ୍‌ସ' ର ସମ୍ପାଦକତ୍ୱ କରୁଥିଲେ । ଥରେ ଏ ପତ୍ରିକାର ଅଫିସ ଆକ୍ରମଣ କରିବାପାଇଁ ଦଳେ ଦୁଷ୍ଟଲୋକ ଚେଷ୍ଟା କରୁଥିଲେ । ସମ୍ପାଦକ ଏ ଆକ୍ରମଣର ପ୍ରତିରୋଧ କରିବାପାଇଁ ତାଙ୍କ ଅଫିସର କର୍ମଚାରୀ-ମାନଙ୍କୁ ଯୁଦ୍ଧବେଶରେ ସଜାଇ ଦେଲେ ଏବଂ ନିଜେ ମଧ୍ୟ ପ୍ରସ୍ତୁତ ହୋଇ ରହିଲେ। ଦୁଷ୍ଟଲୋକମାନଙ୍କର ଆକ୍ରମଣ ଚେଷ୍ଟା ସଫଳ ହୋଇ ପାରିଲା ନାହିଁ । ତେଣୁ ଚର୍ଚ୍ଚିଲଙ୍କର ମା'ଙ୍କ ପାଖରେ ଏ ଯୁଦ୍ଧ ମନୋବୃତ୍ତି ରହିବା ସ୍ୱାଭାବିକ କଥା । ଚର୍ଚ୍ଚିଲ ଉଭୟ ଦିଗରୁ ଯୁଦ୍ଧ ପ୍ରବୃତ୍ତି ନେଇ ଜନ୍ମଲାଭ କରିଥିଲେ । ୧୮୭୪ ମସିହା ନଭେମ୍ବର ମାସ ୩୦ ତାରିଖ ଦିନ ଇଂଲଣ୍ଡର ପ୍ରସିଦ୍ଧ ବ୍ଲେନହିମ୍ ପ୍ରାସାଦରେ ତାଙ୍କର ଜନ୍ମ ।

ବାଳକ ଉଇନ୍‌ଷ୍ଟନ୍

ଉଇନ୍‌ଷ୍ଟନ୍ ପିଲାଦିନରେ ପାଠ ପଢ଼ିଲାବେଳେ ଜଣେ ସାଧାରଣ ଛାତ୍ର ଥିଲେ । ହାରୋ ସ୍କୁଲରେ ପଢ଼ିଲାବେଳେ ସେ ଖାଲି ଇଂରାଜୀ ଲେଖି ଶିଖିଥିଲେ । ସେ ପାଠପଢ଼ାରେ ଧୁରନ୍ଧର ନ ଥିଲେ । କିନ୍ତୁ ହାରୋ ସ୍କୁଲରେ ସାଧାରଣ ଛାତ୍ରମାନେ ପଢ଼ିପାରନ୍ତି

ନାହିଁ । ଯାହାର କିଛି ବିଶେଷ ଗୁଣ ଥାଏ ସେ ସ୍କୁଲରେ ପଢ଼ିବାର, ସୁବିଧା ପାଏ । ତେବେ ପିଲାଦିନରେ ଚର୍ଚ୍ଚିଲଙ୍କ ପାଖରେ ଗୋଟିଏ ଗୁଣ ଥିଲା । ତାଙ୍କର ମନେ ରଖିବା ଶକ୍ତି ଯଥେଷ୍ଟ ଥିଲା । ସେ ପିଲାଦିନରୁ ଅନେକ ଗୀତ ମୁଖସ୍ଥ କରୁଥିଲେ । ଏ ଗୁଣ ଥିଲେ ସୁଦ୍ଧା ସେ ସ୍କୁଲର ପରୀକ୍ଷାରେ ଭଲ କରୁ ନ ଥିଲେ । ପାଠପଢ଼ା ପ୍ରତି ତାଙ୍କର ଆଗ୍ରହ ନ ଥିଲା । ଏହି କାରଣରୁ ସେ ହାରୋରେ ପଢ଼ିବା ପାଇଁ ଆଦୌ ଇଚ୍ଛୁକ ନ ଥିଲେ । ସେ ଲେଖିଛନ୍ତି—ମୁଁ ହାରୋଠାରେ କେବଳ ଇଂରାଜୀ ଲେଖି ଶିଖିବା ଛଡ଼ା ଆଉ କିଛି ଶିଖି ନ ଥିଲି ।

ଛାତ୍ର ହିସାବରେ ତ ସେ ଭଲ ନ ଥିଲେ । ତାଙ୍କ ଶ୍ରେଣୀର ଛାତ୍ରମାନଙ୍କ ମଧ୍ୟରେ ସେ ସବୁଠାରୁ ଊଣା ଥିଲେ । ପୁଣି ଆହୁରି କେତେଗୁଡ଼ିଏ ଦୁର୍ଗୁଣ ତାଙ୍କ ପାଖରେ ଥିଲା । ପିଲାଦିନେ ସେ ଭାରି ଅମାନିଆ ଥିଲେ । କେହି କିଛି କହିଲେ କାହାରି କଥା ସେ ମାନୁ ନ ଥିଲେ । ଦୁଷ୍ଟପଣିଆରେ ମଧ୍ୟ ସେ ସମସ୍ତଙ୍କୁ ବଳିଥିଲେ । ତେଣୁ ଘରେ ବାହାରେ ସମସ୍ତେ ତାଙ୍କୁ ଚିହ୍ନିଥିଲେ । ଭଲ ଗୁଣ ଥିଲେ ଲୋକେ ଯେପରି ଆଦର କରନ୍ତି ଓ ଚିହ୍ନନ୍ତି, ମନ୍ଦ ଗୁଣ ଥିଲେ ମଧ୍ୟ ଲୋକେ ଆଗରୁ ଚିହ୍ନି ପାଖରେ ପୂରାନ୍ତି ନାହିଁ । ଚର୍ଚ୍ଚିଲଙ୍କ ଠାରେ ପିଲାଦିନରେ ଭଲଗୁଣଠାରୁ ମନ୍ଦଗୁଣର ମାତ୍ରା ବେଶୀ ଥିଲା ।

ଚର୍ଚ୍ଚିଲଙ୍କ ବାପା ରାନ୍‌ଡଲଫ୍ ମହା ବିଷମରେ ପଡ଼ିଲେ । ପୁଅକୁ କି ବ୍ୟବସାୟରେ ଲଗାଇବେ, କିଛି ଠିକଣା କରିପାରିଲେ ନାହିଁ । ସେ ଭାରି ଶିକ୍ଷିତ । ପୁଣି ଇଂଲଣ୍ଡ ପାର୍ଲିଆମେଣ୍ଟରେ ଜଣେ ଭାରି ବଡ଼ ନେତା । ସେ ଆଶା କରିଥିଲେ ପୁଅକୁ ଓକିଲାତି ପଢ଼ାଇବେ । ସେ ଯେପରି ଇଂଲଣ୍ଡରେ ଜଣେ ନାମଜାଦା

ଲୋକ ହୋଇଛନ୍ତି, ଉଇନ୍‌ଷ୍ଟନ୍ ମଧ୍ୟ ସେହିପରି ହେବେ; କିନ୍ତୁ ପିଲାଦିନରୁ ତାଙ୍କର ଏ ଅବାଧ୍ୟତା ଦେଖି ବଡ଼ ଦୁଃଖିତ ହେଉଥିଲେ ।

ଏହି ସମୟରେ ଗୋଟିଏ ଘଟଣା ଘଟିଥିଲା । ଦିନେ ଉଇନ୍‌ଷ୍ଟନ୍ କେତେଗୁଡ଼ିଏ କଣ୍ଢେଇ ଧରି ଖେଳୁଥିଲେ । ସେ କଣ୍ଢେଇ ଗୁଡ଼ିକ ଗୋଟିଏ ଗୋଟିଏ ସୈନ୍ୟ । ସମସ୍ତଙ୍କ ହାତରେ ବନ୍ଧୁକ । ଯୁଦ୍ଧ-ବେଶରେ ସମସ୍ତେ ସଜ୍ଜିତ । ଏହି କଣ୍ଢେଇ ସୈନ୍ୟମାନେ ଦୁଇ ଭାଗରେ ବିଭକ୍ତ । ଏକ ଦଳ ଉଇନ୍‌ଷ୍ଟନ୍‌ଙ୍କ ପକ୍ଷରେ; ଅନ୍ୟ ଏକଦଳ ସାନଭାଇଙ୍କ ପକ୍ଷରେ । ଦୁହେଁ ଦୁଇ ପକ୍ଷର ସେନାପତି ରୂପେ ଯୁଦ୍ଧପାଇଁ ପ୍ରସ୍ତୁତ । ଦୁଇ ଭାଇଙ୍କ ମଧ୍ୟରେ ପ୍ରଥମେ କଥାକଥାକେ ଯୁଦ୍ଧ ଚାଲିଲା । ତାପରେ ସୈନ୍ୟଚାଳନା କରିବାପାଇଁ ଦୁହେଁ ତିଆରି ହେଲେ । ବାପା ରାନ୍‌ଡଲଫ୍ ଚର୍ଚ୍ଚିଲ ଏ ଦୃଶ୍ୟ ଦେଖିବାରେ ଲାଗିଛନ୍ତି । କୋଡ଼ିଏ ମିନିଟ୍ ପର୍ଯ୍ୟନ୍ତ ଦୁହିଙ୍କର କୌଶଳ ଖୁବ୍ ତନ୍ନ ତନ୍ନ କରି ପରୀକ୍ଷା କଲେ । ଶେଷରେ ଉଇନ୍‌ଷ୍ଟନ୍‌ଙ୍କର ସୈନ୍ୟ ପରିଚାଳନାରେ ସେ ଆନନ୍ଦିତ ହୋଇ ତାଙ୍କୁ ପଚାରିଲେ— "ଉଇନ୍‌ଷ୍ଟନ୍ ! ସୈନ୍ୟବାହିନୀରେ ଯିବାପାଇଁ ତୁମର ଇଚ୍ଛା ଅଛି ?" ଉଇନ୍‌ଷ୍ଟନ୍‌ଙ୍କଠାରୁ ସଙ୍ଗେ ସଙ୍ଗେ ଉପଯୁକ୍ତ ଉତ୍ତର ମିଳିଲା । ତାଙ୍କର ଭବିଷ୍ୟତ ଜୀବନର ମାର୍ଗ ସେହିଠାରୁ ଆରମ୍ଭ ହେଲା ।

ଯୁଦ୍ଧବିଦ୍ୟା ଶିକ୍ଷା

୧୮୯୪ ମସିହାରେ ଉଇନ୍‌ଷ୍ଟନ୍ ହାରୋ ଛାଡ଼ି ସାଣ୍ଡ୍ରହର୍ଷ୍ଟ ସହରକୁ ଗଲେ । ସେହି ଦିନର କଣ୍ଢେଇ ଖେଳରୁ ତାଙ୍କ ଜୀବନର ଗତିପଥ ଠିକ୍ ହୋଇଯାଇଥିଲା । ସାଣ୍ଡ୍ରହର୍ଷ୍ଟରେ ସେ ସୈନ୍ୟ ବିଭାଗର ଜଣେ ଅଶ୍ୱାରୋହୀ ଭାବରେ ଶିକ୍ଷା ପାଇଲେ । ସେତେବେଳେ

ତାଙ୍କର ବୟସ ମୋଟେ ୨୦ ବର୍ଷ; କିନ୍ତୁ ସୈନ୍ୟବିଭାଗରେ ଏତେ କମ ବୟସରେ ମଧ୍ୟ ସେ ଖୁବ୍ ଯୋଗ୍ୟତା ଦେଖାଇଲେ । ଯେଉଁ ଭାର ତାଙ୍କ ଉପରେ ଦିଆଗଲା, ସେ ତାହା ଅକ୍ଳେଶରେ କରି-ପାରିଲେ । ସୈନ୍ୟ ବିଭାଗର କାର୍ଯ୍ୟ ପ୍ରତି ତାଙ୍କର ଖୁବ୍ ଆଗ୍ରହ ଥିଲା । ସୈନ୍ୟବିଦ୍ୟା ଶିକ୍ଷା ସାରିବାପରେ ସେ ସାଣ୍ଡ୍ରହର୍ଷ୍ଟରେ ଆଉ ରହିଲେ ନାହିଁ ।

ଇଉରୋପର ସ୍ପେନ ଦେଶ ଇଂଲଣ୍ଡର ମିତ୍ର ରାଜ୍ୟ ଥିଲା । ସେତେବେଳେ ଆମେରିକାର କିଉବା ଦେଶ ସ୍ପେନର ଉପନିବେଶ ଥିଲା । ସେହି କିଉବା ରାଜ୍ୟରେ ସ୍ପେନ ବିରୁଦ୍ଧରେ ଏକ ବିଦ୍ରୋହ ହୋଇଥିଲା । ଏ ବିଦ୍ରୋହ ଦମନ କରିବା ପାଇଁ ଇଂଲଣ୍ଡ ମଧ୍ୟ ସ୍ପେନରାଜ୍ୟକୁ ସାହାଯ୍ୟ ଦେଇଥିଲା । ସେତେବେଳେ ଇଂଲଣ୍ଡର ଯେଉଁ ସୈନ୍ୟଦଳ ସାହାଯ୍ୟ କରିବାପାଇଁ ଯାଇଥିଲେ, ଚର୍ଚ୍ଚିଲ ସେ ଦଳରେ ଯୋଗ ଦେଇଥିଲେ । ଯୁଦ୍ଧବିଦ୍ୟା ଶିଖିସାରିବା ପରେ ଏକ ସମ୍ମୁଖ ଯୁଦ୍ଧରେ ତାଙ୍କ ବୀରତ୍ୱ ଦେଖାଇବେ ବୋଲି ସେ ମନେ ମନେ କେତେ କଳ୍ପନା କରିଥିଲେ ।

୧୮୯୬ ମସିହାରେ ଉଇନ୍‌ଷ୍ଟନ୍ ପ୍ରଥମେ ଭାରତ ଆସିଥିଲେ । ଏକ ସୈନ୍ୟଦଳ ଇଂଲଣ୍ଡରୁ ଭାରତ ଆସିଥିଲେ । ସେହି ସୈନ୍ୟ ଦଳ ମଧ୍ୟରେ ସେ ମଧ୍ୟ ଜଣେ ଥିଲେ । ସେ ସମୟରେ ଭାରତରେ କେତେ ଜାଗାରେ ଘୋଡ଼ାଦୌଡ଼ ଖେଳ ହେଉଥିଲା । ଏ ଦେଶର ଧନୀଲୋକମାନେ ଅଜସ୍ର ଟଙ୍କା ବ୍ୟୟ କରି ସେ ଖେଳରେ ଯୋଗ ଦେଉଥିଲେ । ଉଇନ୍‌ଷ୍ଟନ୍ ଆଗରୁ ଏ ଖେଳ ଖେଳି ନ ଥିଲେ । ଭାରତରେ ଏ ଖେଳ ଶିଖି ସୁନାମ ଅର୍ଜନ କରିଥିଲେ । ସୈନ୍ୟଦଳ ଭିତରେ ଆସିଥିବାରୁ ସେ ଆଶା କରିଥିଲେ, ତାଙ୍କୁ

କୌଣସି ଯୁଦ୍ଧରେ ଯୋଗ ଦେବାର ସୁବିଧା ମିଳିବ । ଭାରତବର୍ଷ ସୀମାନ୍ତରେ ଇଂଲଣ୍ଡ ରାଜ୍ୟ ବିରୁଦ୍ଧରେ ସେହି ସମୟରେ ଯୁଦ୍ଧ ଲାଗିଥିଲା । କିନ୍ତୁ ତାଙ୍କୁ ଯୁଦ୍ଧରେ ଯୋଗ ଦେବା ସୁବିଧା ମିଳିଲା ନାହିଁ ।

ଇଂଲଣ୍ଡର ଏକ ବିଖ୍ୟାତ ପତ୍ରିକା "ଡେଲି ଟେଲିଗ୍ରାଫ"ର ସେ ପ୍ରତିନିଧି ଥିଲେ । ଯୁଦ୍ଧ କରିବା ପାଇଁ ସେ ସୁବିଧା ପାଇଲେ ନାହିଁ; କିନ୍ତୁ ଯୁଦ୍ଧଭୂମିକୁ ଯିବାପାଇଁ ସେ ଗୋଟିଏ ସୁଯୋଗ ପାଇଲେ । ଏହି ବିଖ୍ୟାତ ସଂବାଦପତ୍ରର ପ୍ରତିନିଧି ଭାବରେ ସେ ଯୁଦ୍ଧକ୍ଷେତ୍ରକୁ ଯାଉଥିଲେ । ଯୁଦ୍ଧକ୍ଷେତ୍ର ବୁଲି ଦେଖିଲେ । ସେତେବେଳେ ସେ ଏକ ବିଷମ ଅବସ୍ଥାରେ ପଡ଼ିଯାଇଥିଲେ । ଥରେ ପରିସ୍ଥିତିରେ ପଡ଼ି ସେ ମୃତ୍ୟୁର ସମ୍ମୁଖୀନ ହୋଇଥିଲେ । କିନ୍ତୁ ସୌଭାଗ୍ୟବଶତଃ ସେ ବିଷମ ପରିସ୍ଥିତିରୁ ରକ୍ଷା ପାଇଗଲେ । ଏହି ଯୁଦ୍ଧ କ୍ଷେତ୍ରରେ ବୁଲିବା ସମୟରେ ସେ ଯେଉଁ ଅଭିଜ୍ଞତା ଲାଭ କରିଥିଲେ ତାହା ପୁସ୍ତକ ଆକାରରେ ପ୍ରକାଶ କରିବା ପାଇଁ ଚେଷ୍ଟା କରିଥିଲେ । ସେତେବେଳେ ତାଙ୍କର ଆର୍ଥିକ ଅବସ୍ଥା ଭଲ ନ ଥିଲା । ସେ ଅଭିଜ୍ଞତା ବର୍ଣ୍ଣନା କରି ଯେଉଁ ବହି ଲେଖିଥିଲେ, ତାହା ତାଙ୍କ ଦେଶରେ ଅଜସ୍ର ବିକ୍ରି ହେଲା । ଉକ୍ତ ବହି ପଇସାରେ ତାଙ୍କର ଅବସ୍ଥା ବଦଳି ଗଲା । ଯୁଦ୍ଧରେ ଯୁଦ୍ଧ କରୁଥିବା ବଡ଼ ବଡ଼ କର୍ମଚାରୀମାନଙ୍କୁ ସେ ମଧ୍ୟ ସମାଲୋଚନା କରିଥିଲେ । କର୍ମଚାରୀମାନଙ୍କର ସୈନ୍ୟ ପରିଚାଳନାରେ ଯେଉଁ ଦୋଷ ଥିଲା, ତାହା ସେ ଭଲରୂପେ ବୁଝିପାରିଥିଲେ । ଏହି ସମାଲୋଚନା ପୁସ୍ତକରେ ତାଙ୍କର ଯୁଦ୍ଧନୈପୁଣ୍ୟ ଜଣା ପଡ଼ିଥିଲା ।

ସୁଡ଼ାନ ଯାତ୍ରା

ଆଫ୍ରିକା ମହାଦେଶରେ ସୁଡ଼ାନ ଗୋଟିଏ ରାଜ୍ୟ । ଏ ଦେଶ ବ୍ରିଟିଶମାନଙ୍କ ଶାସନାଧୀନରେ ଅନେକ ଦିନରୁ ରହି ଆସିଥିଲା । ଭାରତ ପରି ସୁଡ଼ାନ ଅନେକ ଦିନ ଧରି ଇଂରେଜମାନଙ୍କ କରଗତ ହୋଇ ରହିଥିଲା । କିନ୍ତୁ ସବୁବେଳେ ସବୁଲୋକ ଅନ୍ୟର ଅଧୀନରେ ଶାନ୍ତଶୃଙ୍ଖଳା ଭିତରେ ବାସ କରିପାରନ୍ତି ନାହିଁ । ଦଳେ ଲୋକ ମିଶି ଇଂରେଜ ଶାସନ ବିରୁଦ୍ଧରେ ବିଦ୍ରୋହ କରିବାକୁ ଆରମ୍ଭ କଲେ । ସେ ବିଦ୍ରୋହ ଦମନ କରିବାପାଇଁ ଇଂରେଜ ସରକାରଙ୍କୁ ସୈନ୍ୟ ଚାଳନା କରିବାକୁ ପଡ଼ିଲା ।

୧୮୯୮ ଖ୍ରୀଷ୍ଟାବ୍ଦରେ ଏ ବିଦ୍ରୋହ ସୁଡ଼ାନ ରାଜ୍ୟରେ ଦେଖାଦେଇଥିଲା । ସେ ସମୟକୁ ଇଂରେଜମାନେ ପୃଥିବୀରେ ଏକଚ୍ଛତ୍ର ସମ୍ରାଟ । ପୃଥିବୀର ସବୁ ଅଞ୍ଚଳରେ ଇଂରେଜ ପତାକା ଉଡ଼ୁଥିଲା । ଇଂରେଜ ସାମ୍ରାଜ୍ୟରୁ ସୂର୍ଯ୍ୟ ଅସ୍ତ ହୁଅନ୍ତି ନାହିଁ ବୋଲି ଇଂରେଜମାନେ ଗର୍ବ କରୁଥିଲେ । ଏଡ଼େ ବଡ଼ ସାମ୍ରାଜ୍ୟ କେହି କେବେ ହେଲେ ଗଢ଼ିପାରି ନ ଥିଲେ । ଇଂରେଜ ବାହିନୀ ଇଂଲଣ୍ଡ ଦେଶ ଛାଡ଼ି ସୁଡ଼ାନ ଅଭିମୁଖେ ଯାତ୍ରା କଲେ । ଏ ଅଭିଯାନରେ ଉଇନ୍‌ଷ୍ଟନ୍ ସୁଡ଼ାନ ଯିବେ ବୋଲି ବାହାରିଲେ । ଉକ୍ତ ବାହିନୀର ସେନାପତି ଚର୍ଚ୍ଚିଲଙ୍କୁ ନେବାପାଇଁ ରାଜି ହେଲେ ନାହିଁ । ଚର୍ଚ୍ଚିଲ ଦୋଷ ଦେଖିଲେ ତୁନି ହୋଇ ରହିବାର ଲୋକ ନୁହନ୍ତି । ସରକାର ହୁଅନ୍ତୁ—ସେନାପତି ହୁଅନ୍ତୁ, ସେ ସମସ୍ତଙ୍କୁ ସମାଲୋଚନା କରନ୍ତି । ସେ ସମାଲୋଚନା କରିବାରେ ଯେପରି ଧୁରନ୍ଧର, ଯୁଦ୍ଧରେ ପ୍ରାଣପାତ କରି କର୍ତ୍ତବ୍ୟ ପାଳନ କରିବା ପାଇଁ ମଧ୍ୟ କେବେହେଲେ ପଶ୍ଚାତପଦ ନୁହନ୍ତି । ଏ ସୁଗୁଣଗୁଡ଼ିକ

ଯୋଗୁଁ ଇଂଲଣ୍ଡର ପ୍ରଧାନ ମନ୍ତ୍ରୀ ତାଙ୍କ ଉପରେ ଖୁବ ସନ୍ତୁଷ୍ଟ ଥିଲେ । ସେ ନିଜେ ସେନାପତିଙ୍କୁ ଉଇନ୍‌ଷ୍ଟନ୍‌ଙ୍କ ସପକ୍ଷରେ କହିଲେ । ତଥାପି ସେନାପତି ସେଥିରେ ରାଜି ହେଲେ ନାହିଁ । କିନ୍ତୁ ଚର୍ଚ୍ଚିଲ ଛାଡ଼ିବା ଲୋକ ନୁହନ୍ତି । ସେ ତାଙ୍କ କୌଶଳରେ ନିଜ ଖର୍ଚ୍ଚରେ ଯିବାପାଇଁ ଠିକ୍ କଲେ । ସେ ସୈନ୍ୟବାହିନୀର ଆଉ ଜଣେ ପରିଚାଳକଙ୍କୁ ଚର୍ଚ୍ଚିଲ ହାତ କରିଥାନ୍ତି ।

ସାମ୍ବାଦିକ ଭାବରେ ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ ସେତେବେଳେ ସାରା ଦେଶରେ ଖ୍ୟାତିଲାଭ କରିଥାନ୍ତି । ସେ ଲଣ୍ଡନର ଏକ ପ୍ରସିଦ୍ଧ ପତ୍ରିକା 'ମର୍ଣ୍ଣିଂପୋଷ୍ଟ'ର ପ୍ରତିନିଧି ଥିଲେ । ଜଣେ ପତ୍ରିକାର ପ୍ରତିନିଧି ଭାବରେ ସେ ସୁଡ଼ାନ ଗଲେ । ପତ୍ରିକା ତରଫରୁ ତାଙ୍କୁ ସମସ୍ତ ବ୍ୟୟ ଦିଆଗଲା । ଆଫ୍ରିକା ମହାଦେଶର ଇଜିପ୍ଟ୍ ବା ମିଶରଦେଶ ଇଂରେଜମାନଙ୍କ ଅଧୀନରେ ଥାଏ । ସୈନ୍ୟବାହିନୀ ପ୍ରଥମେ ମିଶର ଦେଶରେ ପହଞ୍ଚିଲେ । ସେହିଠାରୁ ସୈନ୍ୟଚାଳନା କଲେ ବିଦ୍ରୋହୀ-ମାନଙ୍କୁ ଅକ୍ଳେଶରେ ଦମନ କରାଯାଇ ପାରିବ ବୋଲି ଇଂରେଜପକ୍ଷ ନିଷ୍ପତ୍ତି କଲେ । ସମଗ୍ର ସେନାର ଗୋଟିଏ ବିଭାଗ ଯୁଦ୍ଧ କରୁ-ଥିଲାବେଳେ ସେ ବିଭାଗର ଚାରିଭାଗରୁ ଭାଗେ ଲୋକ ମୃତ୍ୟୁମୁଖରେ ପଡ଼ିଲେ । ଉଇନ୍‌ଷ୍ଟନ୍ ଏହି ବିଭାଗରେ ଥିଲେ । ସୌଭାଗ୍ୟବଶତଃ ସେ ରକ୍ଷାପାଇ ଯାଇଥିଲେ ।

ପ୍ରଥମ ପ୍ରାର୍ଥୀତ୍ୱ

କିଛିଦିନ ପରେ ସେ ସୁଡ଼ାନରୁ ନିଜ ଦେଶକୁ ଫେରିଲେ । ଜଣେ ଯୋଦ୍ଧାଭାବରେ ତାଙ୍କୁ ଅନେକ ସମ୍ମାନ ମିଳିଲା । ସେ ସମୟରେ ଆଫ୍ରିକାକୁ ଜିଣିବା ପାଇଁ ଇଂରେଜମାନେ କଳ ବଳ

କୌଶଳ ଖଟେଇ ଲଗିଥାନ୍ତି । ଚର୍ଚ୍ଚିଲ ଆଫ୍ରିକାରୁ ଫେରି ତାଙ୍କର ଯୁଦ୍ଧ ଅନୁଭୂତି ବିଷୟରେ ଦୁଇଖଣ୍ଡ ବହି ଲେଖିଥିଲେ । ସେଥିରେ ସେ ଯୁଦ୍ଧର ଘଟଣା ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଥିଲେ । ତେଣୁ ସେ ଦୁଇ ଖଣ୍ଡି ବହି ଇଂଲଣ୍ଡରେ ବହୁତ ବିକ୍ରି ହେଲା । ଏଥିରୁ ତାଙ୍କର ଯୁଦ୍ଧ ବିଷୟରେ କେତେ ଗଭୀର ଜ୍ଞାନ ଅଛି, ତାର ପରିଚୟ ମଧ୍ୟ ମିଳିଲା । କିନ୍ତୁ ଏ ଯୁଦ୍ଧରୁ ଫେରିବା ପରେ ତାଙ୍କ ଜୀବନର ମାର୍ଗ ଅନ୍ୟ ଦିଗରେ ଗତି କଲା ।

ଯୁଦ୍ଧଭୂମି ଛାଡ଼ି ସେ ରାଜନୀତିରେ ପ୍ରବେଶ କରିବେ ବୋଲି ଠିକ୍ କଲେ; କିନ୍ତୁ ରାଜନୀତିରେ ପଶିଲେ ପ୍ରଥମେ ପ୍ରଚୁର ଅର୍ଥ ଦରକାର । ସେତେବେଳେ ତାଙ୍କର ବହିଗୁଡ଼ିକରୁ ସେ ଯଥେଷ୍ଟ ଧନ ପାଉଥିଲେ । ବିଶେଷତଃ ଯୁଦ୍ଧଭୂମିର ବର୍ଣ୍ଣନା କରିବାରେ ସେପରି ସିଦ୍ଧହସ୍ତ ଲେଖକ ଇଂଲଣ୍ଡରେ କମ ଥିଲେ । ସୈନ୍ୟ-ବିଭାଗରୁ ସେ ଯାହା ପାଉଥିଲେ, ତାହାଠାରୁ ବହିପତ୍ର ଦ୍ୱାରା ବେଶୀ ଅର୍ଥ ପାଇଲେ । ତେଣୁ ୧୮୯୯ ମସିହାରେ ସେ ସୈନ୍ୟବିଭାଗରୁ ଇସ୍ତଫା ଦାଖଲ କଲେ ।

ସେହି ୧୮୯୯ ମସିହାରେ ଇଂଲଣ୍ଡର ଓଲଧାମ ବୋଲି ଗୋଟିଏ ନିର୍ବାଚନ ମଣ୍ଡଳୀରୁ ସାନ ନିର୍ବାଚନ ହେଉଥାଏ । ଚର୍ଚ୍ଚିଲ ସ୍ୱାଧୀନ ସଭ୍ୟଭାବରେ ଠିଆ ହେବାପାଇଁ କେବେହେଲେ ପ୍ରସ୍ତୁତ ନ ଥିଲେ । ସେତେବେଳେ ଇଂଲଣ୍ଡ ପାର୍ଲିଆମେଣ୍ଟ ବା ଲୋକ-ସଭାରେ କେତେଗୁଡ଼ିଏ ଦଳ ଥିଲେ । ସେ ଦଳମାନଙ୍କ ମଧ୍ୟରେ ମାନ୍ଦାଦଳର ବିଶେଷ ପ୍ରଭାବ ଥିଲା । ଚର୍ଚ୍ଚିଲ ଏହି ମାନ୍ଦା ଦଳର ନୀତିକୁ ଆଜୀବନ ବିଶ୍ୱାସ କରିଆସିଛନ୍ତି । ସେଥିପାଇଁ ସେହି ପ୍ରଥମେ ମାନ୍ଦାଦଳ ପକ୍ଷରୁ ସେ ଲୋକସଭାକୁ ପ୍ରାର୍ଥୀ ହେଲେ । କିନ୍ତୁ

ନିର୍ବାଚନରେ ଚର୍ଚ୍ଚିଲ ଜୟଯୁକ୍ତ ହୋଇପାରିଲେ ନାହିଁ । ପରାସ୍ତ ହୋଇ ସୁଦ୍ଧା ତାଙ୍କର ଉତ୍ସାହ ପୂର୍ବପରି ରହିଥିଲା । ସେ ତାଙ୍କ ବିରୁଦ୍ଧବାଦୀ ବିଜୟୀ ପ୍ରାର୍ଥୀଙ୍କୁ କହିଲେ—'ଆମ ଭିତରୁ କାହାର ହେଲେ ବଳବୟସ ଗ୍ଳିଯାଇଛି ବୋଲି ମୁଁ ବିଗ୍ରୁନାହିଁ ।'

କୌଶଳୀ ଚର୍ଚ୍ଚିଲ

୧୮୯୯ ମସିହାରେ ବୋର ଯୁଦ୍ଧ ଲାଗିଲା । ଦକ୍ଷିଣ ଆଫ୍ରିକାରେ ଏହି ଯୁଦ୍ଧ ଲାଗିଲାବେଳେ ଚର୍ଚ୍ଚିଲ ଜଣେ ସାମ୍ବାଦିକ ଭାବରେ ସେଠାକୁ ଯାଇଥିଲେ । ଯୁଦ୍ଧ ସରଞ୍ଜାମ ଗାଡ଼ିରେ ବୋଝେଇ ହୋଇ ଯାଉଥିଲା । ସେହି ଗାଡ଼ିରେ ବସି ସେ ସେଠାକୁ ଗ୍ଳି ଯାଉଥିଲେ । ଦୁର୍ଭାଗ୍ୟକ୍ରମେ ଏହି ଯୁଦ୍ଧ ସରଞ୍ଜାମପୂର୍ଣ୍ଣ ଗାଡ଼ିଟି ଶତ୍ରୁପକ୍ଷ ହାତରେ ପଡ଼ିଲା । ଚର୍ଚ୍ଚିଲ ମଧ୍ୟ ଶତ୍ରୁ ହାତରେ ପଡ଼ିଲେ । ଆଫ୍ରିକାର ପ୍ରିଟୋରିଆ ସହର ଶତ୍ରୁପକ୍ଷ ଅଧୀନରେ ଥିଲା । ଚର୍ଚ୍ଚିଲ ପ୍ରିଟୋରିଆଠାରେ ଜଣେ ବନ୍ଦୀ ଭାବରେ ରହିଲେ ।

ଇଉରୋପ ଦେଶରେ ହଲାଣ୍ଡ ବୋଲି ଗୋଟିଏ ଦେଶ ଅଛି । ସେହି ହଲାଣ୍ଡର କେତେକ କୃଷକ ମିଳିତ ଭାବରେ ଯାଇଁ ଦକ୍ଷିଣ ଆଫ୍ରିକାରେ ବାସ କରୁଥିଲେ । ସେମାନେ ସେଠାରେ କିଛିଦିନ ରହିବା ଫଳରେ ତାହାକୁ ନିଜ ଦେଶ ବୋଲି ମନେ କଲେ । ଆଉ ବିଦେଶରୁ ଯେଉଁମାନେ ଆସିଲେ, ସେମାନଙ୍କୁ ସେଠାରେ ସ୍ଥାନ ଦେଲେ ନାହିଁ । ଇଂରେଜମାନେ ମଧ୍ୟ ସେଠାକୁ ଯାଉଥିଲେ; କିନ୍ତୁ ଅନ୍ୟାନ୍ୟ ବିଦେଶୀୟମାନଙ୍କ ପରି ସେମାନେ ମଧ୍ୟ ଅସୁବିଧାରେ ପଡ଼ିଲେ । ଏଥିପାଇଁ ସେ ହଲାଣ୍ଡବାସୀ ବୋର ଓ ଇଂରେଜମାନଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ପ୍ରିଟୋରିଆ ସହର ଓ ଆଖପାଖରେ

ଏ ଯୁଦ୍ଧ ଗ୍ଲୁଲଥିଲା । ଇଂରେଜମାନେ ତିନବର୍ଷ ଧରି ଯୁଦ୍ଧ ଚଳାଇଲେ । ଏତିକବେଳେ ଯେଉଁ ସୈନ୍ୟଦଳ ଆସିଥିଲେ, ତାଙ୍କର ସାଙ୍ଗରେ ଚର୍ଚ୍ଚିଲ ଆସିଥିଲେ ।

ଚର୍ଚ୍ଚିଲ ବୋଅରମାନଙ୍କ ହାତରେ ପଡ଼ିଲେ । ତାଙ୍କୁ ସେମାନେ ବନ୍ଦୀ କରି ରଖିଲେ । ଏ ଅବସ୍ଥାରୁ କିପରି ମୁକୁଳିବେ, ସେ ଠିକ୍ କରିପାରିଲେ ନାହିଁ । ଚର୍ଚ୍ଚିଲ ବଡ଼ ସାହସୀ ଓ କୌଶଳୀ । ଦିନେ ଅନ୍ଧାର ରାତିରେ ସମସ୍ତେ ଶୋଇଛନ୍ତି । ସେ ଲୁଚି ଲୁଚି ବନ୍ଦୀଶାଳାରୁ ବାହାରିଲେ । ପ୍ରହରୀମାନଙ୍କ ଅଜ୍ଞାତରେ ସେ ସୀମା ପାର ହୋଇଗଲେ । କିନ୍ତୁ ଆଫ୍ରିକାର ସବୁ ଅଞ୍ଚଳ ଜଙ୍ଗଲ ପୂର୍ଣ୍ଣ । ଯେଉଁଆଡ଼େ ଗଲେ ମଧ୍ୟ ଜଙ୍ଗଲ ବାଟେ ଯିବାକୁ ହେବ । ସେ ବନ୍ଦୀଶାଳାରୁ ମୁକୁଳିଗଲେ ସତ; କିନ୍ତୁ କିପରି ଏ ଅରଣ୍ୟପଥ ଦେଇ ନିରାପଦ ସ୍ଥାନରେ ପହଞ୍ଚିବେ ? ରାସ୍ତାରେ ସେ ଅନେକ ଆକସ୍ମିକ ବିପଦର ସମ୍ମୁଖୀନ ହେଲେ; କିନ୍ତୁ ବୁଦ୍ଧି ବଳରେ ସେ ସମସ୍ତ ବିପଦ ଅତିକ୍ରମ କରି ଡରବାନ୍ ସହରରେ ପହଞ୍ଚିଲେ ।

ସକାଳ ହେବାକ୍ଷଣି ଚର୍ଚ୍ଚିଲ ବନ୍ଦୀଶାଳାରୁ ପଳାଇ ଯାଇଥିବା ଖବର ଚାରିଆଡ଼େ ଜଣା ପଡ଼ିଲା । ବୋଅର୍‌ମାନେ ତାଙ୍କୁ ଖୋଜିବା ପାଇଁ ଅନେକ ଲୋକ ନିଯୁକ୍ତ କଲେ; କିନ୍ତୁ କେହି ପାଇଲେ ନାହିଁ । ଶେଷରେ ତାଙ୍କୁ ପାଇବାର କୌଣସି ଉପାୟ ନ ଦେଖି ରାଜ୍ୟରେ ଏକ ଘୋଷଣା ଦେଲେ । ଚର୍ଚ୍ଚିଲଙ୍କୁ ଯେ ମୃତ ବା ଜୀବିତ ଭାବରେ ଧରି ଆଣି ପାରିବ, ତାଙ୍କୁ ପଚିଶ ପାଉଣ୍ଡ ବା ତିନିଶହ ପଚସ୍ତରୀ ଟଙ୍କା ପୁରସ୍କାର ମିଳିବ । ଅନେକ ଲୋକ ଏ ପୁରସ୍କାର ଆଶାରେ ତାଙ୍କୁ ଖୋଜିବାରେ ଲାଗି ପଡ଼ିଲେ । କିନ୍ତୁ ସେ ବୋଅର

ରାଜ୍ୟ ଜୋହାନ୍ସବର୍ଗ ଅଞ୍ଚଳକୁ ସାଇକେଲରେ ଚଢ଼ି ପାର ହୋଇଥିଲେ ସୁଦ୍ଧା ତାଙ୍କୁ କେହି ଧରି ପାରି ନ ଥିଲେ । ଅଳ୍ପ ଦିନ ପରେ ଚର୍ଚ୍ଚିଲ ପୁଣି ଇଂରେଜ ସୈନ୍ୟମାନଙ୍କ ସଙ୍ଗରେ ପ୍ରିଟୋରିଆ ଅଭିମୁଖେ ଯାତ୍ରା କଲେ ଓ ଶେଷରେ ବୋରମାନେ ଯୁଦ୍ଧରେ ପରାସ୍ତ ହୋଇଥିଲେ ।

ରାଜନୈତିକ ଜୀବନ ଆରମ୍ଭ

ଦକ୍ଷିଣ ଆଫ୍ରିକାରୁ ଫେରିବାପରେ ଚର୍ଚ୍ଚିଲ ଆଉ ସୈନିକ ଭାବରେ ଯୁଦ୍ଧରେ ଯୋଗ ଦେବା ପାଇଁ ମନ ଦେଲେ ନାହିଁ । ସେ ତାଙ୍କର କଳା କୌଶଳ ରାଜନୀତିରେ ଖଟେଇବେ ବୋଲି ସ୍ଥିର କଲେ । ସେ ପ୍ରଥମ ଥର ଚେଷ୍ଟାରେ ପରାସ୍ତ ହୋଇଥିଲେ । ଓଲ୍‌ଡାମ ନିର୍ବାଚନ ମଣ୍ଡଳୀରୁ ପ୍ରଥମେ ପ୍ରାର୍ଥୀ ରୂପେ ସେ ଠିଆ ହୋଇ ପରାସ୍ତ ହୋଇଥିଲେ । କିନ୍ତୁ ସେଥିରେ ତାଙ୍କର ଉତ୍ସାହ ଆଦୌ କମିଯାଇ ନ ଥିଲା । ସେ ମନେ କରିଥିଲେ—ଦିନେ ହେଲେ ତାଙ୍କର ଦଳ ଜିତିବ ଓ ସେ ନିଜେ ମଧ୍ୟ ତାଙ୍କ ଦଳ ପକ୍ଷରୁ ଇଂଲଣ୍ଡର ଲୋକ ସଭାରେ ସଭ୍ୟ ଭାବରେ ଯୋଗଦେବେ ।

୧୯୦୦ ମସିହାରେ ପୁଣି ନିର୍ବାଚନରେ ପ୍ରାର୍ଥୀ ହେବାପାଇଁ ତାଙ୍କୁ ସୁବିଧା ମିଳିଲା । ପୂର୍ବ ନିର୍ବାଚନ ମଣ୍ଡଳୀ ଓଲ୍‌ଡାମରୁ ସେ ଦ୍ୱିତୀୟଥର ପାଇଁ ପ୍ରାର୍ଥୀ ହେଲେ । ଏଥର ତାଙ୍କୁ କେହି ପରାସ୍ତ କରିପାରିଲେ ନାହିଁ । ସେ ଅଧିକ ଭୋଟରେ ତାଙ୍କର ପ୍ରତିଦ୍ୱନ୍ଦୀଙ୍କୁ ଜିଣି ପାର୍ଲିଆମେଣ୍ଟକୁ ଆସିଲେ । ମାତ୍ର ଦଳର ଜଣେ ମୁଖ୍ୟ ପ୍ରତିନିଧି ଭାବରେ ସେ ଲୋକସଭାରେ ବସିଲେ । ଏହିଠାରୁ ତାଙ୍କର ରାଜନୀତିକ ଜୀବନ ଆରମ୍ଭ ହେଲା ।

ଲୋକସଭାରେ କୌଣସି ମାତ୍ର ବିଷୟରେ ସେ ଯେତେବେଳେ ବକ୍ତୃତା ଦେଉଥିଲେ, ସେତେବେଳେ ସଭ୍ୟମାନେ ମନ ଦେଇ ତାହା ଶୁଣୁଥିଲେ । ଦେଶର ମନ୍ତ୍ରୀମାନେ ତାଙ୍କଠାରୁ ଅନେକ ପରାମର୍ଶ ପାଉଥିଲେ । ତାଙ୍କର ବକ୍ତୃତା ଦେବା ଶକ୍ତିରେ ସମସ୍ତେ ମୁଗ୍ଧ ହୋଇ ଯାଉଥିଲେ । ଏସବୁ ଛଡ଼ା ତାଙ୍କର ଆଉ ଗୋଟିଏ ଗୁଣ ଥିଲା । ଅନ୍ୟମାନଙ୍କୁ ପ୍ରଭାବିତ କରି ନିଜ ଦଳରେ ମିଶାଇବାରେ ତାଙ୍କର ଭାରି ଦକ୍ଷତା ଥିଲା । ସେତେବେଳେ ଲୋକସଭାରେ ଦୁଇଟି ବଡ଼ ଦଳ ଥିଲା । ଗୋଟିକର ନାମ ହୁଇଗ୍ ଓ ଅନ୍ୟଟି ଟୋରି । ଚର୍ଚ୍ଚିଲ ଟୋରି ଦଳର ଜଣେ ମୁଖିଆ ନେତା ଥିଲେ । ଲର୍ଡ଼ ଚେମ୍ବରଲେନ୍ ବୋଲି ଇଂଲଣ୍ଡରେ ଜଣେ ପ୍ରଧାନ ମନ୍ତ୍ରୀ ଥିଲେ । ସେ ଭାରି ଦକ୍ଷ ଓ ପ୍ରଭାବଶାଳୀ ଲୋକ । ଖାଲି ଇଂଲଣ୍ଡରେ କାହିଁକି, ସମଗ୍ର ପୃଥିବୀରେ ତାଙ୍କର ନାଁ ଥିଲା । କିନ୍ତୁ ଅନେକ ସମୟରେ ଚର୍ଚ୍ଚିଲ ଓ ଚେମ୍ବରଲେନ୍‌ଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଚାଲୁଥିଲା । ଚର୍ଚ୍ଚିଲଙ୍କ ମନକୁ ନ ପାଇଲେ ସେ ଚେମ୍ବରଲେନ୍‌ଙ୍କୁ ମଧ୍ୟ କଡ଼ା ସମାଲୋଚନା କରୁଥିଲେ ।

୧୯୦୬ ମସିହାରେ ଇଂଲଣ୍ଡରେ ଆଉ ଥରେ ନିର୍ବାଚନ ହେଲା । ସେତେବେଳେକୁ ଚର୍ଚ୍ଚିଲଙ୍କ ନାଁ ଚାରିଆଡ଼େ ବ୍ୟାପି ଗଲାଣି । ସେ ଜଣେ ରାଜନୀତିଜ୍ଞ ଭାବରେ ସମଗ୍ର ଦେଶରେ ପରିଚିତ ହୋଇଗଲେଣି । ତାଙ୍କ ପରି ନେତା ଲୋକସଭାକୁ ନ ଆସିଲେ ଲୋକେ ମନେ କରୁଥିଲେ—ଆଉ ଲୋକସଭା, ଲୋକସଭା ପରି ଦିଶିବ ନାହିଁ । ଯେଉଁ ନିର୍ବାଚନ ମଣ୍ଡଳୀରୁ ସେ ନିର୍ବାଚିତ ହୋଇ ଆସିଥିଲେ, ସେ ସ୍ଥାନର ଲୋକେ ଆପଣାକୁ ଭାଗ୍ୟବାନ୍ ମନେ କରୁଥିଲେ । ୧୯୦୬ ନିର୍ବାଚନରେ ସେ ଆହୁରି ବେଶୀ ସଂଖ୍ୟାରେ ଭୋଟ ପାଇ ଲୋକସଭାକୁ ଆସିଲେ ।

ସେତେବେଳେ ଇଂଲଣ୍ଡର ଅନେକ ଉପନିବେଶ ଥିଲା । ପୃଥିବୀର ସମସ୍ତ ଅଞ୍ଚଳରେ ଇଂରେଜମାନେ ତାଙ୍କର ପ୍ରଭୁତ୍ୱ ବିସ୍ତାର କରିଥିଲେ । ଉପନିବେଶଗୁଡ଼ିକୁ ଅଧୀନସ୍ଥ କରି ରଖିବା ଇଂରେଜ ସରକାରଙ୍କର ଏକ ବଡ଼ ଦାୟିତ୍ୱ ଥିଲା । ଅନେକ ସ୍ଥାନରେ ସେତେବେଳେ ଗଣ୍ଡଗୋଳ ମଧ୍ୟ ହେଉଥିଲା । ଉପନିବେଶ ରାଜ୍ୟଗୁଡ଼ିକୁ ଶାନ୍ତିଶୃଙ୍ଖଳାରେ ରଖିବା ଦାୟିତ୍ୱ ଚର୍ଚ୍ଚିଲଙ୍କ ଉପରେ ପଡ଼ିଥିଲା । ଇଂଲଣ୍ଡର ପୂର୍ବ ଅର୍ଜିତ ଏହି ରାଜ୍ୟଗୁଡ଼ିକୁ ସେହିପରି ଅଧୀନ କରି ଚିରଦିନ ରଖିପାରିଲେ ଇଂଲଣ୍ଡର ଧନ ମାନ ବଢ଼ିବ । ଏ ଉପନିବେଶଗୁଡ଼ିକ ଦାୟିତ୍ୱରେ ରହି ଚର୍ଚ୍ଚିଲ ନିଜ କାର୍ଯ୍ୟ ସୁଚାରୁ ରୂପେ ଚଳାଉଥିଲେ ।

ମିସ୍ କ୍ଲେମେଣ୍ଟାଇନ୍ ହୋଜିୟର୍ ବୋଲି ଇଂଲଣ୍ଡର ଜଣେ ଭଦ୍ରମହିଳା ଚର୍ଚ୍ଚିଲଙ୍କର ପରିଚୟ ପାଇଲେ । ସେତେବେଳେ ଚର୍ଚ୍ଚିଲ ଯୁବକ । କ୍ଲେମେଣ୍ଟାଇନ୍ ଉଚ୍ଚ ଶିକ୍ଷିତା ଓ ଭଦ୍ରପରିବାରର କନ୍ୟା । ଦୁହେଁ ଦୁହିଙ୍କର ବ୍ୟବହାରରେ ସନ୍ତୁଷ୍ଟ ଥିଲେ । ତେଣୁ ଅଳ୍ପ ଦିନ ମଧ୍ୟରେ ସେମାନଙ୍କର ବିବାହ ସମ୍ପନ୍ନ ହେଲା ।

ପ୍ରଥମ ମହାସମର କ୍ଷେତ୍ରରେ

୧୯୧୦ ମସିହାରେ ଚର୍ଚ୍ଚିଲ ଇଂଲଣ୍ଡର ଘରୋଇ ବିଭାଗ ସେକ୍ରେଟେରୀ ବା ସମ୍ପାଦକ ପଦରେ ନିଯୁକ୍ତ ହେଲେ । ଏ କାମ ବଡ଼ ଦାୟିତ୍ୱ ପୂର୍ଣ୍ଣ । ଏହି ସମୟରେ ସେ ଇଂଲଣ୍ଡର ଜନସମାଜର ସେବାରେ ଲାଗିପଡ଼ିଥିଲେ । ସେତେବେଳେ ସେ ଦେଶର କୋଇଲା ଖଣି ଗୁଡିକର ଶ୍ରମିକମାନେ ବଡ଼ କଷ୍ଟରେ ଚଳୁଥିଲେ । ଖଣି ମାଲିକଙ୍କ ଅଧୀନରେ ସେମାନେ ବଡ଼ କଷ୍ଟ ପାଉଥିଲେ । ଅଳ୍ପ

ବୟସରେ କଠିନ କାମ କରିବା ଓ ଦିନରେ ଆଠଘଣ୍ଟାଠାରୁ ବେଶୀ କାମ କରିବା ଫଳରେ ସେମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇ ଯାଉଥିଲା । କିନ୍ତୁ ତାଙ୍କର ଗୁହାରି ଶୁଣିବା ପାଇଁ କେହି ନ ଥିଲେ । ଚର୍ଚ୍ଚିଲ୍ ସେମାନଙ୍କର ସୁବିଧା ନିମନ୍ତେ ଏକ ଆଇନ କରିବାକୁ ଚେଷ୍ଟା କଲେ । ଏହି ଆଇନ କାର୍ଯ୍ୟରେ ପରିଣତ ହେବା ପରେ ଶ୍ରମିକମାନେ ଅନେକ କଷ୍ଟରୁ ରକ୍ଷା ପାଇଲେ । ସେତେବେଳେ ଇଂଲଣ୍ଡରେ ବେକାର ସମସ୍ୟା ଦେଖା ଦେଇଥିଲା । ଏ ବେକାର ସମସ୍ୟା ଦେଶର ଏକ ବଡ଼ ଶତ୍ରୁ । ଚର୍ଚ୍ଚିଲ ଏହି ସମସ୍ୟା ଦୂର କରିବା ପାଇଁ ଅନେକ କାର୍ଯ୍ୟ କରିଥିଲେ ।

ଏତିକିବେଳେ ଦଳେ ଲୋକ ସରକାରଙ୍କ ବିରୁଦ୍ଧରେ ଏକ ଷଡ଼ଯନ୍ତ୍ର କରିଥିଲେ । ଷଡ଼ଯନ୍ତ୍ରକାରୀମାନେ ଅନେକ ପୋଲିସଙ୍କୁ ମାରିପକାଇଲେ । ଏଥିରେ ସରକାର ବଡ଼ ବିଚଳିତ ହୋଇଗଲେ । ସେମାନଙ୍କୁ ଧରିବାପାଇଁ ସରକାର ନାନା ଉପାୟ କଲେ । କିନ୍ତୁ ଚର୍ଚ୍ଚିଲ ସାହେବ ସେମାନଙ୍କ ବିରୁଦ୍ଧରେ ସୈନ୍ୟସାମନ୍ତ ଧରି ଅଭିଯାନ ଚଳାଇ ସେମାନଙ୍କୁ ଦମନ କରିଥିଲେ ।

୧୯୧୪ ମସିହାରେ ପ୍ରଥମ ପୃଥିବୀ ମହାସମର ଆରମ୍ଭ ହୋଇଥିଲା । ଏହି ସମର ଆରମ୍ଭ ହେବାର ଅନେକ ଦିନ ପୂର୍ବରୁ ଜର୍ମାନୀ, ଇଂଲଣ୍ଡ ପ୍ରଭୃତି ଦେଶମାନେ ଏ ଯୁଦ୍ଧପାଇଁ ପ୍ରସ୍ତୁତ ହେଉ-ଥିଲେ । ଯୁଦ୍ଧ ଆରମ୍ଭ ହେବାର ଚାରିବର୍ଷ ପୂର୍ବରୁ ଚର୍ଚ୍ଚିଲ ଇଂଲଣ୍ଡକୁ ପ୍ରସ୍ତୁତ କରୁଥିଲେ । ନୌବାହିନୀର କେତେଜଣ ସୈନ୍ୟାଧ୍ୟକ୍ଷଙ୍କୁ କେତେଗୁଡ଼ିଏ ଯୁଦ୍ଧଜାହାଜ ତିଆରି କରିବା ପାଇଁ ସେ ୧୯୧୧ ମସିହାରୁ ପରାମର୍ଶ ଦେଇଥିଲେ । ଇଂଲଣ୍ଡର ଚାରିପାଖରେ ସମୁଦ୍ର । ତେଣୁ କୂଳ ଅଞ୍ଚଳକୁ ନିରାପଦ ରଖିଲେ ଇଂଲଣ୍ଡ ନିରାପଦ

ରହିବ । ଅନେକ ସ୍ଥାନରେ ଯୁଦ୍ଧଜାହାଜ ପ୍ରସ୍ତୁତ ରଖି ସେ ଇଂଲଣ୍ଡର କୂଳ ଅଞ୍ଚଳ ସୁଦୃଢ଼ ରଖି ପାରିଥିଲେ ।

୧୯୧୪ ମସିହାରେ ଯୁଦ୍ଧ ଆରମ୍ଭ ହେଲା । ପୂର୍ବକାଳ ପରି ଏ ଯୁଦ୍ଧରେ ଖଣ୍ଡା ତଲୁଆର ବ୍ୟବହାର ହେଉ ନ ଥିଲା । କମାଣ, ବନ୍ଧୁକ, ବୁଡ଼ାଜାହାଜ ପ୍ରଭୃତି ସାହାଯ୍ୟରେ ଯୁଦ୍ଧ ଭୀଷଣ ଆକାର ଧାରଣ କଲା । ସେତେବେଳେ ଇଂଲଣ୍ଡର ନୌବାହିନୀ ଚର୍ଚ୍ଚିଲଙ୍କ ଚେଷ୍ଟାରେ ଯୁଦ୍ଧପାଇଁ ପ୍ରସ୍ତୁତ ହୋଇଥିଲା । ଇଂଲଣ୍ଡର ଶକ୍ତିଶାଳୀ ଜାହାଜଗୁଡ଼ିକ ଜର୍ମାନୀର ଜାହାଜ ବିପକ୍ଷରେ ରଣକ୍ଷେତ୍ରରେ ଯୁଦ୍ଧ-କଲେ । ଚର୍ଚ୍ଚିଲଙ୍କ ଚେଷ୍ଟାରେ ରାଜକୀୟ ଆକାଶ ବାହିନୀର ପ୍ରତିଷ୍ଠା ହୋଇଥିଲା । ଏ ଯୁଦ୍ଧ ସମୟରେ ଚର୍ଚ୍ଚିଲ ତୁର୍କି ରାଜ୍ୟକୁ ଆକ୍ରମଣ କରିବାପାଇଁ ପରାମର୍ଶ ଦେଇଥିଲେ । ଚର୍ଚ୍ଚିଲଙ୍କର ଏ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହେଲ ନାହିଁ । ଯୁଦ୍ଧ ଚାଲିଥିଲାବେଳେ ଟୋରି-ଦଳର ବଡ଼ ବଡ଼ ନେତାମାନେ ଚର୍ଚ୍ଚିଲଙ୍କୁ ଯୁଦ୍ଧ ବିଭାଗ ଦାୟିତ୍ୱରୁ ଫେରାଇ ଆଣିଲେ । ସେ ଇଂଲଣ୍ଡର ଅର୍ଥବିଭାଗ ଦାୟିତ୍ୱରେ ରହିଲେ ।

ଯୁଦ୍ଧ ଚାଲିଥିବାବେଳେ ତାଙ୍କୁ ଅର୍ଥବିଭାଗର ଦାୟିତ୍ୱ ଦିଆଯିବାରେ ଆନନ୍ଦ ଲାଗିଲା ନାହିଁ । ସେ ସେଥିରେ ଅପମାନିତ ହେଲେ । ଯାହାର ଯୁଦ୍ଧଭୂମି କ୍ରୀଡ଼ାଭୂମି ପରି ପ୍ରିୟ, ତାଙ୍କୁ ଏତେ-ବେଳେ ଯୁଦ୍ଧ କ୍ଷେତ୍ରରୁ ଅଲଗା ରଖିବାରେ ସେ ବଡ଼ କଷ୍ଟ ବୋଧ କଲେ । ସେ ଅର୍ଥବିଭାଗରୁ ଇସ୍ତଫା ଦାଖଲ କରି ଯୁଦ୍ଧ କ୍ଷେତ୍ରର ସମ୍ମୁଖ ବାହିନୀରେ ଯୋଗଦେବା ପାଇଁ ଦରଖାସ୍ତ କଲେ । ତାଙ୍କର ଆଗ୍ରହ ଓ ଉତ୍ସାହ ଦେଖି ସେନାପତି ତାଙ୍କୁ ଯୁଦ୍ଧକୁ ଡାକି ଆଣିଲେ । ସେ ସମ୍ମୁଖ ଯୁଦ୍ଧ କ୍ଷେତ୍ରରେ କର୍ଣ୍ଣେଲ ଭାବରେ ନିଯୁକ୍ତ ହେଲେ ।

ଏ ନିଯୁକ୍ତିରେ ତାଙ୍କୁ ବଡ଼ ଆନନ୍ଦ ଲାଗିଲା । ସେ କେତେ ଆକସ୍ମିକ ବିପଦରୁ ଯୁଦ୍ଧଭୂମିରେ ରକ୍ଷାପାଇଥିଲେ ।

ଏ ଯୁଦ୍ଧ ଚାରିବର୍ଷ କାଳ ଚାଲିଥିଲା । ୧୯୧୪ ଠାରୁ ୧୯୧୮ ପର୍ଯ୍ୟନ୍ତ ପୃଥିବୀର ନାନା ସ୍ଥାନରେ ଯୁଦ୍ଧ ହୋଇଥିଲା । ୧୯୧୬ ମସିହାରେ ଲଏଡ୍ କର୍ଜ ଇଂଲଣ୍ଡର ପ୍ରଧାନ ମନ୍ତ୍ରୀ ହେଲେ । ଲଏଡ୍ ଜର୍ଜ ଚର୍ଚ୍ଚିଲଙ୍କର କାର୍ଯ୍ୟଦକ୍ଷତାରେ ବଡ଼ ପ୍ରୀତ ଥିଲେ । ସେ ତାଙ୍କ ମନ୍ତ୍ରିମଣ୍ଡଳରେ ଚର୍ଚ୍ଚିଲଙ୍କୁ ନେବାପାଇଁ ଚାହିଁଲେ । କିନ୍ତୁ ତାଙ୍କ ଦଳର ଅନ୍ୟାନ୍ୟ ସଭ୍ୟମାନେ ପ୍ରଧାନ ମନ୍ତ୍ରୀଙ୍କର ପ୍ରସ୍ତାବରେ ରାଜି ହେଲେ ନାହିଁ । ତଥାପି ଏତେବେଳେ ଚର୍ଚ୍ଚିଲଙ୍କୁ କୌଣସି ପ୍ରକାର ମନ୍ତ୍ରୀମଣ୍ଡଳରେ ସ୍ଥାନ ଦେଲେ ତାଙ୍କଠାରୁ ଅନେକ ସୁପରାମର୍ଶ ମିଳିପାରିବ ବୋଲି ଲଏଡ୍ ଜର୍ଜ ଦଳର ବାଧା ସତ୍ତ୍ୱେ ତାଙ୍କୁ ମନ୍ତ୍ରୀମଣ୍ଡଳରେ ରଖିଲେ । ମାଲମତା ବିଭାଗର ମନ୍ତ୍ରୀରୂପେ ଚର୍ଚ୍ଚିଲ ନିଯୁକ୍ତ ହେଲେ । ୧୯୧୮ ମସିହାର ଶେଷ ବେଳକୁ ଯୁଦ୍ଧ ସରିଲା । ତାର କିଛିକାଳ ପୂର୍ବରୁ ଚର୍ଚ୍ଚିଲଙ୍କୁ ଯୁଦ୍ଧବିଭାଗ ଦାୟିତ୍ୱ ଦିଆଯାଇ-ଥିଲା । ତାଙ୍କ ଚେଷ୍ଟାରେ ଜର୍ମାନମାନେ ପରାସ୍ତ ହେଲେ ଏବଂ ଇଂଲଣ୍ଡର ଜୟପତାକା ସମଗ୍ର ପୃଥିବୀରେ ଉଡ଼ିଲା ।

ଦୂରଦର୍ଶୀ ଚର୍ଚ୍ଚିଲ

୧୯୨୨ ମସିହା ଓ ୧୯୨୩ ମସିହାରେ ଦୁଇଥର ସେ ନିର୍ବାଚନରେ ପରାସ୍ତ ହୋଇଥିଲେ । ୧୯୨୪ ମସିହାରେ ସେ ନିର୍ବାଚନରେ ଜିଣିଲେ ଓ ଲୋକସଭାକୁ ପୁଣି ଆସିଲେ । ସେତେ-ବେଳେ ଟୋରି ଦଳର କ୍ଷମତା ଅନେକ କମିଯାଇଥିଲା । ଟୋରି ଦଳ ୧୯୨୪ ମସିହାରେ ପୁଣି କ୍ଷମତା ପାଇଲେ । ଚର୍ଚ୍ଚିଲ ଦଳର

ଜଣେ ପୁରୁଣା ସଭ୍ୟ ଥିବାରୁ ତାଙ୍କୁ ଅର୍ଥ ବିଭାଗର ଦାୟିତ୍ୱ ଦିଆଗଲା । ସେ ଲୋକସଭାରେ କେତେଗୁଡ଼ିଏ ବିଲ୍ ଆଣିଥିଲେ । ସେ ବିଲଗୁଡ଼ିକ ପାସ ହୋଇଯିବା ପରେ ୧୯୨୬ ମସିହାରେ ଇଂଲଣ୍ଡରେ ଅନେକ ସ୍ଥାନରେ ଧର୍ମଘଟ ହେଲା । ଏ ଧର୍ମଘଟ ହେବା ସତ୍ତ୍ୱେ ସେ ଆଦୌ ବିଚଳିତ ହେଲେ ନାହିଁ । ଏହି ଦାୟିତ୍ୱ ସଙ୍ଗେ ସଙ୍ଗେ ତାଙ୍କ ହାତରେ ଦୁଇଟି ବିଖ୍ୟାତ ପତ୍ରିକା ଥିଲା । 'ବ୍ରିଟିଶ ଗେଜେଟ' ଓ 'ମର୍ଣ୍ଣିଂ ପୋଷ୍ଟ' ନାମରେ ଦୁଇଟି ପତ୍ରିକାକୁ ସେ ଏହି ଉଦ୍ଦେଶ୍ୟରେ ବ୍ୟବହାର କରିଥିଲେ ।

୧୯୨୯ ମସିହାରେ ପୁଣି ତାଙ୍କ ଦଳ ନିର୍ବାଚନରେ ପରାସ୍ତ ହେଲେ । ସେତେବେଳେ ମହାତ୍ମା ଗାନ୍ଧୀ ଭାରତର ସ୍ୱାଧୀନତା ପାଇଁ ଲାଗିଥାନ୍ତି । ଭାରତକୁ ସ୍ୱାୟତ୍ତଶାସନ ଦେବା ବିଷୟରେ ଲୋକସଭାରେ ବିଚାର ଚାଲିଥାଏ । ଇଂଲଣ୍ଡରେ ଗୋଟିଏ ଗୋଲ ଟେବୁଲ ବୈଠକ ବସୁଥାଏ । ସେ ବୈଠକକୁ ମହାତ୍ମା ଗାନ୍ଧୀ ଭାରତରୁ ଯାଇଥାନ୍ତି । ମହାତ୍ମା ଗାନ୍ଧୀଙ୍କୁ ଇଂଲଣ୍ଡରେ ଖୁବ୍ ସମ୍ମାନ ମିଳୁଥାଏ । ସେ ଭାରତରେ ଯେଉଁ ବେଶରେ ବୁଲୁଥାନ୍ତି, ସେହି ବେଶରେ ଇଂଲଣ୍ଡର ଗୋଲଟେବୁଲ ବୈଠକରେ ଯୋଗଦେଲେ । ଇଂଲଣ୍ଡର ସମ୍ରାଟ ପଞ୍ଚମ ଜର୍ଜଙ୍କ ସହିତ କରମର୍ଦ୍ଦନ କଲାବେଳେ ମଧ୍ୟ ସେ ସେହି ବେଶରେ ଯାଇଥିଲେ । ପୂର୍ବରୁ କେବେ ଇଂଲଣ୍ଡରେ ଏପରି ବେଶରେ କେହି ଏତେ ସମ୍ମାନ ପାଇ ନ ଥିଲେ; କିନ୍ତୁ ଚର୍ଚ୍ଚିଲ ସାହେବଙ୍କ ଆଖିରେ ମହାତ୍ମାଗାନ୍ଧୀ ମହାତ୍ମା ଗାନ୍ଧୀ ପରି ଦିଶିଲେ ନାହିଁ । ଇଂଲଣ୍ଡର ପ୍ରଧାନମନ୍ତ୍ରୀଙ୍କ ସଙ୍ଗେ ଚର୍ଚ୍ଚିଲ ସାହେବ ସେତେବେଳେ କଳି ଲଗାଇଲେ । ଭାରତକୁ କୌଣସି ପ୍ରକାର କିଛି ସୁବିଧା ଦିଆଯାଇ ପାରିବ ନାହିଁ ବୋଲି ସେ ମତ ଦେଲେ । ଗୋଲ ଟେବୁଲ ବୈଠକରେ ମହାତ୍ମା ଗାନ୍ଧୀ

ସ୍ୱରାଜ୍ୟ ମାଗୁ ନ ଥିଲେ; ସେ ସ୍ୱରାଜ୍ୟ ଦାବୀ କରୁଥିଲେ । ଚର୍ଚ୍ଚିଲଙ୍କର ମତକୁ ସେ ଖାତିର କରୁ ନ ଥିଲେ ।

୧୯୩୧ ମସିହାରେ ଇଂଲଣ୍ଡରେ ଅର୍ଥନୈତିକ ସଙ୍କଟ ଦେଖା ଦେଇଥିଲା । ସେତେବେଳେ ଏକ ଜାତୀୟ ସରକାର ଗଠନ କରାଗଲା; କିନ୍ତୁ ଚର୍ଚ୍ଚିଲଙ୍କୁ ସେଥିରେ ଗ୍ରହଣ କରାଗଲା ନାହିଁ । ସେ ରାଜନୈତିକ କ୍ଷେତ୍ରରୁ କେତେକ ଦିନ ପାଇଁ ଅଲଗା ରହିଥିଲେ । କିନ୍ତୁ ଏହି ସମୟରେ ଜର୍ମାନୀର ଶକ୍ତି କ୍ରମେ କ୍ରମେ ବୃଦ୍ଧି ପାଉଥିଲା । ହିଟଲର ଜର୍ମାନମାନଙ୍କୁ ଏକାଠି କରି ସୈନ୍ୟ ସଂଖ୍ୟା ବଢ଼ାଇ ଯୁଦ୍ଧ ସରଞ୍ଜାମ ତିଆରି କରିବାରେ ମନ ପ୍ରାଣ ଲଗାଇ ଦେଇଥିଲେ । ଚର୍ଚ୍ଚିଲ ଜର୍ମାନୀର ଏ ଶକ୍ତି ବୃଦ୍ଧିରେ ଆତଙ୍କିତ ହେଉଥିଲେ । ତେଣୁ ଲୋକସଭାରେ ସରକାରଙ୍କୁ ଏ ଦିଗରେ ସାବଧାନ ରହିବା ପାଇଁ ଉପଦେଶ ଦେଉଥିଲେ । ଜର୍ମାନୀ ସଙ୍ଗେ ସମକକ୍ଷ ହୋଇ ଯୁଦ୍ଧ ପାଇଁ ପ୍ରସ୍ତୁତ ହେବା ଉଦ୍ଦେଶ୍ୟରେ ସେ ବାରମ୍ବାର ସରକାରଙ୍କୁ ଚେତାଇ ଦେଉଥିଲେ । ପଞ୍ଚମ ଜର୍ଜ ୧୯୩୬ ମସିହାରେ ମରିଗଲେ । ଇଂଲଣ୍ଡର ସମ୍ରାଟ ପଦ ଖାଲି ପଡ଼ିଲା । ପଞ୍ଚମ ଜର୍ଜଙ୍କ ବଡ଼ ପୁଅ ଅଷ୍ଟମ ଏଡୱାର୍ଡ଼ । ତାଙ୍କର ରାଜଗାଦିରେ ଅଧିକାର । ତାଙ୍କର ବିବାହ ଦ୍ୱାରା ସେ ରାଜଗାଦି ପାଇବାର ଅଧିକାରରୁ ବଞ୍ଚିତ ହେଲେ । କିନ୍ତୁ ଚର୍ଚ୍ଚିଲ ଅଷ୍ଟମ ଏଡୱାର୍ଡ଼ଙ୍କ ସପକ୍ଷରେ ମତ ଦେଇଥିଲେ । ସେ ଦୁହିଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତା ଥିଲା; କିନ୍ତୁ ଅଷ୍ଟମ ଏଡୱାର୍ଡ଼ ରାଜଗାଦି ପାଇଲେ ନାହିଁ ।

୧୯୩୮ ମସିହା ଫେବୃୟାରୀ ମାସରେ ଚେମ୍ବରଲେନ ଇଂଲଣ୍ଡର ପ୍ରଧାନ ମନ୍ତ୍ରୀ ହେଲେ । ସେତେବେଳେ ଏଡ଼େନ ବୈଦେଶିକ ବିଭାଗର ଦାୟିତ୍ୱରେ ଥିଲେ । ଏଡ଼େନ ଚର୍ଚ୍ଚିଲଙ୍କ

ଦଳର ନେତା । ଚେମ୍ବରଲେନ ପ୍ରଧାନ ମନ୍ତ୍ରୀ ହେବା ସଙ୍ଗେ ସଙ୍ଗେ ଏଡ଼େନଙ୍କୁ ବୈଦେଶିକ ବିଭାଗରୁ ବାହାର କରଦେଲେ । ଚର୍ଚ୍ଚିଲ ଏହା ଦେଖି କହିଥିଲେ—"ମୁଁ ଆଜଠୁ ଏ ଭବିଷ୍ୟତ ବାର୍ତ୍ତା ଜଣାଉଛି, ଦିନ ଆସିବ—ତୁମେ ଏକୁଟିଆ ଏ ରାଜ୍ୟ ଚଳାଇ ପାରିବ ନାହିଁ । ମୁଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ସେ ଦିନ ତୁମେ ବାଧ ହୋଇ ଆମମାନଙ୍କୁ ଗ୍ରହଣ କରିବ ।" ସତକୁ ସତ ସେ ଦିନ ଡେରି ନ ଥିଲା । ଚର୍ଚ୍ଚିଲଙ୍କର ଭବିଷ୍ୟତବାଣୀ ଅଳ୍ପ ଦିନ ପରେ କାର୍ଯ୍ୟକାରୀ ହେଲା ।

ଦ୍ୱିତୀୟ ମହାସମର

୧୯୩୯ ମସିହା ସେପ୍ଟେମ୍ବର ମାସ । ସେଦିନ ପୃଥିବୀ ପକ୍ଷରେ ଗୋଟିଏ ଦାରୁଣ ଦିନ । ପୃଥିବୀବ୍ୟାପୀ ମହାସମରର ଦ୍ୱିତୀୟ ଅଙ୍କ ଆରମ୍ଭ ହେଲା । ଏପରି ସମର କେବେ ଆଉ ହୋଇ ନ ଥିଲା । ପୃଥିବୀର ସମଗ୍ର ଶକ୍ତି ଏ ଯୁଦ୍ଧରେ ଆତ୍ମନିୟୋଗ କଲେ । ଏକ ପକ୍ଷରେ ଜର୍ମାନୀର ବିରାଟ ବାହିନୀ, ଅନ୍ୟ ପକ୍ଷରେ ମିତ୍ରପକ୍ଷ । ହିଟଲର ଏ ଯୁଦ୍ଧରେ କର୍ତ୍ତା । ବିରାଟ ଜର୍ମାନୀ ଦେଶ ନିର୍ମାଣ କରିବାର କଳ୍ପନାରେ ହିଟଲର ଅସ୍ଥିର ହେଲେ ।

ସେତେବେଳକୁ ଚେମ୍ବରଲେନ୍ ବ୍ରିଟିଶ ସାମ୍ରାଜ୍ୟର ପ୍ରଧାନ ମନ୍ତ୍ରୀ । ଏ ଯୁଦ୍ଧପାଇଁ ଇଂଲଣ୍ଡକୁ ପ୍ରସ୍ତୁତ କରିବା ନିମନ୍ତେ ଚେମ୍ବରଲେନ୍ ତତ୍ପର ହେଲେ । ମନ୍ତ୍ରୀମଣ୍ଡଳକୁ ସେ ପୁଣି ନୂତନ ଭାବରେ ଗଢ଼ିଲେ । ସେ ବାଧ୍ୟହୋଇ ଚର୍ଚ୍ଚିଲଙ୍କୁ ନୌବିଭାଗର ଅଧ୍ୟକ୍ଷ ପଦରେ ନିଯୁକ୍ତ କଲେ । ଏତେ ବର୍ଷର ଅଭିଜ୍ଞତା ଘେନି ଚର୍ଚ୍ଚିଲ ଯୁଦ୍ଧରେ ମନପ୍ରାଣ ଢାଳଦେଲେ । ଯୁଦ୍ଧର ପ୍ରଥମ ଛଅ ମାସ କାଳ ନୌବାହିନୀର ବଳ କଷାକଷି ଚାଲିଲା । ସେତେବେଳେ

ଆକାଶବାହିନୀର ଶକ୍ତି ବିଶେଷ କ୍ଷୟ ହୋଇ ନ ଥାଏ । ଖାଲି ପ୍ରତ୍ୟୁତ୍ତର ବାଣ୍ଟିବାରେ ଆକାଶବାହିନୀ ଲାଗିଥାଏ । ଇଂଲଣ୍ଡର ସ୍ଥଳବାହିନୀ ଫ୍ରାନ୍ସଦେଶରେ ଜର୍ମାନୀ ଆକ୍ରମଣର ପ୍ରତିରୋଧ କରିବାପାଇଁ ପ୍ରସ୍ତୁତ ଥାଏ । ପୂର୍ବକାଳରୁ ଇଂରେଜମାନଙ୍କର ଶକ୍ତି ନୌବାହିନୀର ବଳରେ ବୃଦ୍ଧିପାଇ ଆସିଛି । ଏ ପ୍ରଥମେ ଛଅ ମାସ କାଳ ନୌବାହିନୀ ବରାବର ଯୁଦ୍ଧରେ ଲାଗିରହିଥିଲେ ସୁଦ୍ଧା ତାହାର ବଳ କିଛି କମି ନ ଥିଲା । ଏତେବେଳେ ଏ ବିରାଟ ବାହିନୀ ଚର୍ଚ୍ଚିଲଙ୍କ ଅଧକ୍ଷତାରେ ସୁନାମ ଅର୍ଜନ କରୁଥିବାରୁ ଇଂଲଣ୍ଡର ଜନସାଧାରଣ ନୌବାହିନୀର ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଚର୍ଚ୍ଚିଲଙ୍କର ଗୁଣଗ୍ରାମର ପ୍ରଶଂସା ଗାଉଥାନ୍ତି ।

୧୯୪୦ ମସିହାର କଥା । ସେତେବେଳେ ଇଉରୋପ ମହାଦେଶର ମଧ୍ୟଭାଗରେ ତୁମୁଳ ସଂଗ୍ରାମ ଚାଲିଥାଏ । ଜର୍ମାନୀ ଗୋଟିଏ ପରେ ଗୋଟିଏ ରାଜ୍ୟ ଜିଣି କଲେବର ବୃଦ୍ଧି କରିବାରେ ଲାଗିଥାଏ ; ଆଉ ଜର୍ମାନୀ ଶକ୍ତିକୁ ଇଉରୋପ ମହାଦେଶ ମଧ୍ୟରେ କେହି ପରାସ୍ତ କରିପାରିବେ ବୋଲି ବିଶ୍ୱାସ ନ ଥାଏ । ହିଟଲରଙ୍କର ରାକ୍ଷସୀ ଶକ୍ତି ସମ୍ମୁଖରେ ସମସ୍ତେ ପରାଜିତ ହୋଇ ଯାଉଥାନ୍ତି । ଏତିକିବେଳେ ଆଉ ଚେମ୍ବରଲେନ୍ଙ୍କ ମନ୍ତ୍ରୀତ୍ୱ ଚାଲିପାରିଲା ନାହିଁ । ଦେଶବାସୀ ଏକ ସ୍ୱରରେ ଚର୍ଚ୍ଚିଲଙ୍କୁ ପ୍ରଧାନ ମନ୍ତ୍ରୀ ପଦରେ ଅଭିଷିକ୍ତ କରିବାପାଇଁ ଆହ୍ୱାନ କଲେ । ରାଜା ଷଷ୍ଠଜର୍ଜ ଚର୍ଚ୍ଚିଲଙ୍କୁ ପ୍ରଧାନ ମନ୍ତ୍ରୀ ପଦରେ ନିଯୁକ୍ତ କଲେ ।

ବଡ଼ ଅସମୟରେ ତାଙ୍କୁ ଏ ପଦ ଦିଆଗଲା । ପୂର୍ବରୁ ସେ ଏ ପଦରେ ନିଯୁକ୍ତ ଥିଲେ, ଏହି ଅସମୟ ପାଇଁ ପ୍ରସ୍ତୁତ ହୋଇ ରହିଥାନ୍ତେ । କିନ୍ତୁ ଚର୍ଚ୍ଚିଲ ଏ ପଦ ଏପରି ଅସମୟରେ ପାଇ ବଡ଼ ଆନନ୍ଦିତ ହେଲେ । ଯାହା ଦେହରେ ଯେଉଁ ଗୁଣ ଥାଏ, ସେ

ଅସମୟରେ ହିଁ ପ୍ରକାଶ କରିପାରିଲେ ବେଶୀ ପ୍ରଶଂସା ପାଏ । ସେତିକିବେଳକୁ ହଲାଣ୍ଡ, ବେଲଜିୟମ ଇଉରୋପର ଦୁଇଟି ରାଜ୍ୟ ଜର୍ମାନୀର ଗ୍ରାସରେ ପଡ଼ି ସାରିଥିଲା । ପ୍ରତି ମୁହୂର୍ତ୍ତରେ ବଡ଼ ଦୁଃସମ୍ବାଦ ଇଂଲଣ୍ଡରେ ଆସି ପହଞ୍ଚୁଥିଲା । କିନ୍ତୁ ଏଥିରେ ଚର୍ଚ୍ଚିଲ ଟିକିଏ ସୁଦ୍ଧା ବିଚଳିତ ହେଉ ନ ଥିଲେ । ଧୀରସ୍ଥିର ଭାବରେ ଏ ଯୁଦ୍ଧର ସମ୍ମୁଖୀନ ହେବାପାଇଁ ସେ ଇଂଲଣ୍ଡବାସୀଙ୍କୁ ପରାମର୍ଶ ଦେଉଥିଲେ । ସେତେବେଳେ ସେ ଲେଖିଛନ୍ତି—ମୁଁ ରାତି ତିନଟାରେ ଶୋଇବାକୁ ଗଲାବେଳେ ମୋ ମନରେ ଦୁଃଖ ନ ଥାଏ । ମୁଁ ଅନୁଭବ କରୁଥିଲି, ଯେପରିକି ମୁଁ ଭାଗ୍ୟ ସହିତ ପାଦମିଳାଇ ଚାଲିଛି ଏବଂ ମୋର ସମଗ୍ର ଅତୀତ ଜୀବନ ଏହି ମୁହୂର୍ତ୍ତ ଏବଂ ଏହି ପରୀକ୍ଷା ପାଇଁ ମୋତେ ପ୍ରସ୍ତୁତ କରୁଥିଲା ।

ସେତେବେଳେ ଇଂଲଣ୍ଡର ଲୋକସଭାରେ ସେ ପ୍ରଧାନ ମନ୍ତ୍ରୀ ଭାବରେ ଏକ ବକ୍ତୃତା ଦେଇଥିଲେ । ଜାତିର ଏ ଦୁର୍ଘଟଣା ସମୟରେ ସମସ୍ତେ ମନପ୍ରାଣ ଦେଇ ଶତ୍ରୁ ବିପକ୍ଷରେ ଠିଆହେବା ଉଚିତ । ସେ ବକ୍ତୃତା ପ୍ରସଙ୍ଗରେ କହିଥିଲେ—ରକ୍ତ, ଅଶ୍ରୁ, କର୍ମ ଓ ସ୍ୱେଦ ଛଡ଼ା ମୋର ଏତେବେଳେ ଆଉ କିଛି ଅର୍ପଣ କରିବାକୁ ନାହିଁ । ତାଙ୍କର ସେ ବକ୍ତୃତା ଫଳରେ ସମଗ୍ର ଦେଶରେ ଉତ୍ସାହ, ପ୍ରେରଣା ଓ ବଳ ବଢ଼ି ଆସିଲା । ସେ ପ୍ରଧାନ ମନ୍ତ୍ରୀ ପଦ ଗ୍ରହଣ କରିବାର ତିନଦିନ ପରେ ଏହି ବକ୍ତୃତା ଦେଇଥିଲେ ।

କିଛିଦିନ ପରେ ଇଉରୋପର ଇଟାଲୀ ରାଜ୍ୟ ଜର୍ମାନୀ ସଙ୍ଗରେ ଯୋଗଦେଲା । ଇଉରୋପର ଅନେକ ବଡ଼ ବଡ଼ ରାଜ୍ୟ ଜର୍ମାନୀ ନିକଟରେ ଆତ୍ମସମର୍ପଣ କଲେ । ଜର୍ମାନୀର ପ୍ରଧାନ ଶତ୍ରୁ ଇଂଲଣ୍ଡ । ଇଂଲଣ୍ଡ ଜୟ କରିପାରିଲେ ହିଟଲର ପୃଥିବୀର ଏକଚ୍ଛତ୍ର ସମ୍ରାଟ

ହୋଇପାରିବେ ବୋଲି କଳ୍ପନା କରିଥିଲେ । ତେଣୁ ତାଙ୍କର ସମସ୍ତ ବଳ ଇଂଲଣ୍ଡ ବିରୁଦ୍ଧରେ ପ୍ରେରଣ କଲେ । ଇଉରୋପର ବିଜିତ ରାଜ୍ୟଗୁଡ଼ିକର ସୈନ୍ୟ ସରଞ୍ଜାମ ହିଟଲରଙ୍କ ହାତରେ ପଡ଼ିଲା । ଚର୍ଚ୍ଚିଲ ଏତେବେଳେ ଇଜିପ୍ଟକୁ ରକ୍ଷାକରିବା ପାଇଁ ଅନେକ ସୈନ୍ୟ ଓ ଯୁଦ୍ଧ ସରଞ୍ଜାମ ପଠାଇ ଦେଇଥିଲେ । ଇଜିପ୍ଟ ପାଖରେ ଥିବା ସୁଏଜ କେନାଲ ହିଟଲରଙ୍କ ହାତରେ ପଡ଼ିଲେ, ଇଂଲଣ୍ଡର କର୍ତ୍ତୃତ୍ୱ ପୂର୍ବ ରାଜ୍ୟମାନଙ୍କରୁ କମିଯିବ; ତେଣୁ ସବୁ ଦିଗରୁ ଇଂଲଣ୍ଡର କ୍ଷମତା ରକ୍ଷା କରିବା ନିମନ୍ତେ ଚର୍ଚ୍ଚିଲ ଲାଗି ପଡ଼ିଥିଲେ ।

୧୯୪୧ ମସିହାରେ ଜର୍ମାନୀ ଋଷିଆ ରାଜ୍ୟ ଆକ୍ରମଣ କଲା । ଇଂଲଣ୍ଡ ଓ ଋଷିଆ ମଧ୍ୟରେ ଅନେକ ଦିନରୁ ଶତ୍ରୁତା ରହିଥିଲା । ଏ ବିପଦ ସମୟରେ ଦୁହେଁ ସେ ଶତ୍ରୁତା ଭୁଲିଗଲେ । ଦୁଇରାଜ୍ୟ ପରସ୍ପର ସାହାଯ୍ୟ ସନ୍ଧିରେ ଆବଦ୍ଧ ହେଲେ । ଏତେବେଳେ ଆଉ ଗୋଟିଏ ଘଟଣା ଘଟିଲା । ଆମେରିକାର ଯୁକ୍ତରାଷ୍ଟ୍ର ଏପର୍ଯ୍ୟନ୍ତ ଯୁଦ୍ଧ ଲକ୍ଷ୍ୟ କରୁଥିଲା । ସେତେବେଳେ ଯୁକ୍ତରାଷ୍ଟ୍ରରେ ସଭାପତି ଥିଲେ—ରୁଜ୍‌ଭେଲ୍‌ଟ । ଆମେରିକା ଓ ଇଉରୋପ ମଝିରେ ଆଟଲାଣ୍ଟିକ ମହାସାଗର । ଏ ମହାସାଗର ଅନ୍ତର୍ଗତ ଏକ ଦ୍ୱୀପରେ ଚର୍ଚ୍ଚିଲ ଓ ରୁଜ୍‌ଭେଲ୍‌ଟଙ୍କର ସାକ୍ଷାତ ହେଲା । ରୁଜ୍‌ଭେଲ୍‌ଟ ପୃଥିବୀର ଏ ବିପତ୍ତିବେଳେ ହିଟଲର୍‌ଙ୍କ ବିରୁଦ୍ଧରେ ଇଂଲଣ୍ଡକୁ ସବୁପ୍ରକାର ସାହାଯ୍ୟ ଦେବାପାଇଁ ପ୍ରତିଶ୍ରୁତି ଦେଲେ । ଏହାକୁ ଆଟଲାଣ୍ଟିକ ଚୁକ୍ତି କହନ୍ତି । ପୂର୍ବ ଦିଗରେ ଜାପାନ ମଧ୍ୟ ଇଂରେଜମାନଙ୍କ ବିରୁଦ୍ଧରେ ଅସ୍ତ୍ର ଧାରଣ କଲା ।

ମିତ୍ରପକ୍ଷୀୟ ରାଜାମାନେ ଦ୍ୱିତୀୟ ରଣକ୍ଷେତ୍ର ସୃଷ୍ଟି କରିବାପାଇଁ ଚର୍ଚ୍ଚିଲଙ୍କୁ ପରାମର୍ଶ ଦେଲେ । ଚର୍ଚ୍ଚିଲ ଏ ପ୍ରସ୍ତାବ ଗ୍ରହଣ

କରୁ ନ ଥିଲେ । ଯେତେବେଳେ ଜର୍ମାନମାନେ ଋଷିଆ ଆକ୍ରମଣ କରିବାରେ ବ୍ୟସ୍ତ, ସେତିକବେଳେ ୧୯୪୪ ମସିହାର ଜୁନ୍ ମାସରେ ଇଉରୋପ ମହାଦେଶର ନର୍ମାଣ୍ଡିଠାରେ ମିତ୍ରପକ୍ଷୀୟ ସୈନ୍ୟମାନେ ଦ୍ୱିତୀୟ ରଣକ୍ଷେତ୍ର ସୃଷ୍ଟି କରିଦେଲେ । ଏତେବେଳେ ମିତ୍ର ରାଷ୍ଟ୍ରମାନଙ୍କର ବଳ ଅନେକ ପରିମାଣରେ କମି ଯାଇଥିଲା । କିନ୍ତୁ ଆମେରିକାର ସାହାଯ୍ୟରେ ସେମାନେ ବରାବର ଜିଣିବାକୁ ଲାଗିଲେ । ଇଉରୋପର ଉତ୍ତର ଅଞ୍ଚଳ କ୍ରମେ ଜର୍ମାନୀ କବଳରୁ ରକ୍ଷା ପାଇଲା । ୧୯୪୫ ମସିହା ଏପ୍ରିଲ ମାସ ବେଳକୁ ଜର୍ମାନ ସୈନ୍ୟ ଦଳ ଦଳ ହୋଇ ଆତ୍ମସମର୍ପଣ କଲେ । ଯୁଦ୍ଧ ଘନଘଟା ମଧ୍ୟରେ ପାଞ୍ଚବର୍ଷକାଳ ଚର୍ଚ୍ଚିଲ ପ୍ରଧାନମନ୍ତ୍ରୀ ହୋଇଥିଲେ । କିନ୍ତୁ ଏହି ସମୟ ମଧ୍ୟରେ ସେ ଯୁଦ୍ଧଚିନ୍ତା ଛଡ଼ା ଆଉ କିଛି ବିଷୟ ଚିନ୍ତା କରିବାପାଇଁ ସମୟ ପାଇ ନ ଥିଲେ ।

୧୯୪୫ ମସିହା ମେ ମାସ ୮ ତାରିଖ ଦିନ ଜର୍ମାନୀ ସମ୍ପୂର୍ଣ୍ଣରୂପେ ପରାଜିତ ହେଲା । ହିଟଲର୍ ଆତ୍ମଗୋପନ କଲେ । ଚର୍ଚ୍ଚିଲଙ୍କର ଯୁଦ୍ଧ ସମୟର ଧୈର୍ଯ୍ୟ ଓ ତତ୍ପରତାକୁ ସମସ୍ତେ ପ୍ରଶଂସା କଲେ । ପାଞ୍ଚବର୍ଷକାଳ ସେ ଯେଉଁ ପରିସ୍ଥିତି ଭିତରେ ସମଗ୍ର ଇଂଲଣ୍ଡ ସାମ୍ରାଜ୍ୟର ସୁରୁଖୁରୁ ପରିଚାଳନା କରିପାରିଲେ, ତାହା କେବଳ ତାଙ୍କ ପରି ରାଜନୀତିଜ୍ଞଙ୍କ ପକ୍ଷରେ ସମ୍ଭବ ।

ନୋବେଲ୍ ପୁରସ୍କାର

ଯୁଦ୍ଧ ସରୁ ସରୁ ଚର୍ଚ୍ଚିଲଙ୍କୁ ପ୍ରଧାନମନ୍ତ୍ରୀ ଗାଦି ଛାଡ଼ିବାକୁ ପଡ଼ିଲା । ତାଙ୍କ ଦଳ ନିର୍ବାଚନରେ ପରାସ୍ତ ହେଲେ । ତେଣୁ ଚର୍ଚ୍ଚିଲ ଆଉ ପ୍ରଧାନମନ୍ତ୍ରୀ ହୋଇ ପାରିଲେ ନାହିଁ । ସେତେବେଳେ ଜାପାନ ସହିତ ଇଂରେଜମାନଙ୍କର ଯୁଦ୍ଧ ଲାଗିଥାଏ । ଏହି ଯୁଦ୍ଧ-

ବେଳେ ଏକ ସାଧାରଣ ନିର୍ବାଚନ ହେଲେ ତାଙ୍କ ଦଳ ବେଶୀ ସଂଖ୍ୟାରେ ଲୋକସଭାକୁ ଆସି ପାରିବେ ବୋଲି ଚର୍ଚ୍ଚିଲ କଳ୍ପନା କରିଥିଲେ । ସେଥିପାଇଁ ସାଧାରଣ ନିର୍ବାଚନ ହେଲା; କିନ୍ତୁ ତାଙ୍କ ଦଳ ଏଥିରେ ପରାସ୍ତ ହେଲେ । ସାଧାରଣ ଲୋକେ ମାନ୍ଦାଦଳର କାର୍ଯ୍ୟକଳାପକୁ ପସନ୍ଦ କଲେନାହିଁ । ଏ ନିର୍ବାଚନରେ ଶ୍ରମିକ-ଦଳ ବେଶୀ ସଂଖ୍ୟାରେ ଲୋକସଭାକୁ ଆସିଲେ । ତେଣୁ ଶ୍ରମିକ ଦଳର ନେତା ଅଟଲି ସାହେବ ପ୍ରଧାନ ମନ୍ତ୍ରୀ ହେଲେ ।

ଚର୍ଚ୍ଚିଲ ସାହେବ ଖାଲି ବସିବା ଲୋକ ନୁହନ୍ତି । ରାଜନୀତି କଳା ଛଡ଼ା ତାଙ୍କଠାରେ ଆଉ ଦୁଇଟି କଳା ଅଛି । ସେ ଲେଖକ ଓ ଚିତ୍ରକର ହିସାବରେ ଇଂଲଣ୍ଡରେ ଖୁବ ଯଶ ଅର୍ଜନ କରି ଅଛନ୍ତି । ଯୌବନ କାଳରୁ ତାଙ୍କର ଲେଖାଲେଖି ଦିଗରେ ଖୁବ ଦକ୍ଷତା ଥିଲା । ଅନେକ ସମୟରେ ସେ ବହି ଲେଖି, ପତ୍ର ପତ୍ରିକାରେ ପ୍ରବନ୍ଧ ପ୍ରକାଶ କରି ଖୁବ୍ ସୁନାମ ଅର୍ଜିଥିଲେ; କିନ୍ତୁ ଏ ଯୁଦ୍ଧ ସମୟରେ ସେ ସେଥିପାଇଁ ସମୟ ପାଉ ନ ଥିଲେ । ଯୁଦ୍ଧର ଇତିହାସ ଲେଖିବାରେ ସେ ବଡ଼ ସିଦ୍ଧହସ୍ତ । ଯୁଦ୍ଧର ବର୍ଣ୍ଣନା ତାଙ୍କର ଲେଖନୀରେ ପ୍ରାଣବନ୍ତ ହୋଇ ଉଠୁଥିଲା । ଏ ପ୍ରଧାନମନ୍ତ୍ରୀତ୍ୱ ପୂର୍ବରୁ ସେ ଅନେକ ସମୟରେ ସାମ୍ବାଦିକ କାର୍ଯ୍ୟ ମଧ୍ୟ କରିଥିଲେ ।

ସାହିତ୍ୟିକ ହିସାବରେ ସେ ପୃଥିବୀରେ ବିଖ୍ୟାତ ହୋଇ ଅଛନ୍ତି । ତାଙ୍କର ବହିଗୁଡ଼ିକୁ ପୃଥିବୀର ବିଭିନ୍ନ ଦେଶରେ ବହୁ ସଂଖ୍ୟାରେ ବିକ୍ରି ହୁଏ । ଦ୍ୱିତୀୟ ପୃଥିବୀ ମହାସମରର ଇତିହାସ ସେ ଛଅଟି ଭାଗରେ ପ୍ରକାଶ କରିଅଛନ୍ତି । ସେ ପ୍ରଧାନମନ୍ତ୍ରୀ ଦାୟିତ୍ୱରୁ ମୁକ୍ତ ହେବା ପରେ ଯୁଦ୍ଧ ଇତିହାସ ଲେଖିବାରେ ମନ-

ପ୍ରାଣ ଲଗାଇ ଦେଇଥିଲେ । ୧୯୪୫ ମସିହାରେ ତାଙ୍କର ଏ ଗ୍ରନ୍ଥର ପ୍ରଥମ ଭାଗ ପ୍ରକାଶିତ ହେଲା । ତା ପରେ କ୍ରମେ ସେ ଏ ଗ୍ରନ୍ଥ ପୂର୍ଣ୍ଣ କରିବାରେ ଲାଗିପଡ଼ିଲେ । 'ମାର୍ଲବରୋଙ୍କ ଜୀବନୀ' ବୋଲି ଆଉ ଗୋଟିଏ ଗ୍ରନ୍ଥ ତାଙ୍କର ବିଖ୍ୟାତ ଗ୍ରନ୍ଥମାନଙ୍କ ମଧ୍ୟରୁ ଅନ୍ୟତମ । ଏଗୁଡ଼ିକ ଇଂରାଜୀ ସାହିତ୍ୟର ବଡ଼ ମୂଲ୍ୟବାନ୍ ଗ୍ରନ୍ଥ ।

୧୯୫୩ ମସିହାରେ ନୋବେଲ ପ୍ରାଇଜ କମିଟିଦ୍ୱାରା ସେ ନୋବେଲ ପୁରସ୍କାର ପାଇବେ ବୋଲି ମନୋନୀତ ହେଲେ । ସେ ଜଣେ ଉଚ୍ଚ ସାହିତ୍ୟିକ ହିସାବରେ ଏ ପ୍ରାଇଜ ପାଇଲେ । ଇତିହାସ ଓ ଜୀବନୀ ଲେଖିବାରେ ସେ ସିଦ୍ଧହସ୍ତ ବୋଲି ନୋବେଲ ପ୍ରାଇଜ କମିଟି ମତ ଦେଲେ । ଏଥିପାଇଁ ସେ ସୁଇଡେନ୍ ଯାଇ ନୋବେଲ ପ୍ରାଇଜ ଗ୍ରହଣ କରିଥିଲେ ।

ନୋବେଲ ପ୍ରାଇଜ ପାଇ ଫେରିବା ପରେ ସେ ନିଜ ଦେଶ ଓ ଅନ୍ୟ ଦେଶମାନଙ୍କରୁ ଅନେକ ସମ୍ମାନଜନକ ପଦ ମଧ୍ୟ ପାଇଲେ । ରାଜନୀତିଜ୍ଞ ହିସାବରେ ସେ ନିଜ ଦେଶର ସେବା କରିବାବେଳେ ସାହିତ୍ୟ ଓ କଳାର ସେବାକରି ସମଗ୍ର ବିଶ୍ୱର ସମ୍ମାନାର୍ହ ହୋଇ ପାରିଛନ୍ତି ।

ପୁଣି ପ୍ରଧାନମନ୍ତ୍ରୀତ୍ୱ

୧୯୫୧ ମସିହାରେ ପୁଣି ସାଧାରଣ ନିର୍ବାଚନ ହେଲା । ଏତେବେଳେ ଚର୍ଚ୍ଚିଲଙ୍କ ବୟସ ୭୭ ବର୍ଷ । ଆମ ଦେଶରେ ଏ ବୟସରେ କୌଣସି ବଡ଼ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ଅଳ୍ପ-ଲୋକ ସାହସ କରିବେ । ଏ ସାଧାରଣ ନିର୍ବାଚନରେ ମାନ୍ଦାଦଳ

ାଲିକସଭ୍ୟଙ୍କୁ ବେଶୀ ସଂଖ୍ୟାରେ ଆସିଲେ । ଚର୍ଚ୍ଚିଲ ପୁଣି ସେ ଦଳର ନେତା ହିସାବରେ ଏ ବୟସରେ ପ୍ରଧାନମନ୍ତ୍ରୀତ୍ୱ ଗ୍ରହଣ କଲେ । ଶ୍ରମିକ ଦଳର ପ୍ରଭାବ ଅନେକ କମିଗଲା । ଶ୍ରମିକ ଦଳ ଅମଳରେ ବର୍ମା ଓ ସିଂହଳ ସ୍ୱାଧୀନତା ପାଇଥିଲା । ୧୯୪୭ ରେ ଭାରତକୁ ସ୍ୱାଧୀନତା ଦେବାବେଳେ ଚର୍ଚ୍ଚିଲ ସାହେବ ପ୍ରତିରୋଧ କରିଥିଲେ । ହୁଏତ ସେତେବେଳେ ତାଙ୍କ ଅମଳ ଥିଲେ, ସେ ଆହୁରି ଏପଟ ସେପଟ କରିଥାନ୍ତେ ।

୧୯୫୧ ମସିହାଠାରୁ ୧୯୫୪ ଶେଷ ପର୍ଯ୍ୟନ୍ତ ସେ ସେହି ଗାଦିରେ ବସି ଇଂଲଣ୍ଡକୁ ଚଳାଉଥିଲେ । କିନ୍ତୁ ତାଙ୍କର ପ୍ରଥମ ପ୍ରଧାନମନ୍ତ୍ରୀତ୍ୱ ବେଳେ ଇଂରେଜ ସାମ୍ରାଜ୍ୟ ଯେତେ ବଡ଼ ଥିଲା; ତାହା ସେପରି ନାହିଁ । ସେତେବେଳେ ଇଂରେଜମାନେ ପୃଥିବୀରେ ବଡ଼ ଶକ୍ତି ବୋଲି ଗର୍ବ କରୁଥିଲେ । ସେ ଗର୍ବ ଏବେ ଅନେକ ପରିମାଣରେ ଭାଙ୍ଗି ଯାଇଛି । ଭାରତ ଗତ ୧୯୪୭ ମସିହାରେ ସ୍ୱାଧୀନତା ପାଇଲା । ଏହି ଆଠ ବର୍ଷ ଭିତରେ ଭାରତ ଯେପରି ଆଗେଇ ଚାଲିଛି, ଇଂଲଣ୍ଡର ସମକକ୍ଷ ହେବାକୁ ବେଶୀ ସମୟ ଲାଗିବ ନାହିଁ । ଏବେ ଆମ ଦେଶର ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହରୁ । ଇଂଲଣ୍ଡର ପ୍ରଧାନ ମନ୍ତ୍ରୀ ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ । ଆମ ଦେଶ ପ୍ରଧାନମନ୍ତ୍ରୀଙ୍କର ପୃଥିବୀରେ ଏବେ ଯେତେ ପ୍ରଭାବ ଅଛି, ତାହା ଚର୍ଚ୍ଚିଲ ସାହେବଙ୍କର ନାହିଁ । ଦିନ ଥିଲା, ଚର୍ଚ୍ଚିଲ ସାହେବଙ୍କ ନିର୍ଦ୍ଦେଶରେ ଭାରତର ସେତେବେଳେ ବଡ଼ ଲାଟ ପଣ୍ଡିତ ଜବାହାରଙ୍କୁ କେତେଥର ବନ୍ଦୀ କରାଇଥିଲେ । କିନ୍ତୁ ପଣ୍ଡିତ ଜବାହାର ଏବେ ଚର୍ଚ୍ଚିଲ ସାହେବଙ୍କର ସମକକ୍ଷ ହୋଇପାରିଛନ୍ତି ।

ଆମ ଦେଶର ମତ ଅହିଂସା । ସେହି ଅହିଂସ ମାର୍ଗରେ ଗତି କରି ଆମ ଦେଶ ସ୍ୱାଧୀନତା ପାଇଲା, କିନ୍ତୁ ଚର୍ଚ୍ଚିଲଙ୍କର

ମାତ୍ର ଅଲଗା । ଅନ୍ୟ ଦେଶମାନଙ୍କୁ ନିଜ ଅଧୀନରେ ରଖିବା ମାତ୍ର ଚର୍ଚ୍ଚିଲ ସବୁବେଳେ ପସନ୍ଦ କରିଆସିଛନ୍ତି । ସେ ଯୁଗ ଅବଶ୍ୟ ଚାଲିଗଲାଣି । ପୃଥିବୀରେ ବିଭିନ୍ନ ଅଞ୍ଚଳରେ ଗଣତନ୍ତ୍ରବାଦ ଧୀରେ ପ୍ରଚାର ଚାଲିଛି । ଏ ସମୟରେ ମଧ୍ୟ ଚର୍ଚ୍ଚିଲ ତାଙ୍କର ପୂର୍ବ ଚାଲ୍ ଧରି ଚାଲିଛନ୍ତି ।

ଚର୍ଚ୍ଚିଲଙ୍କୁ ୧୯୫୪ ନଭେମ୍ବର ମାସ ୩୦ ତାରିଖ ଦିନ ଅଶୀ ବର୍ଷ ପୂରିଲା । ଇଂଲଣ୍ଡ ଦେଶର ଲୋକେ ତାଙ୍କ ଜନ୍ମଦିବସ ଖୁବ୍ ଉତ୍ସାହରେ ପାଳନ କଲେ । ଆମଦେଶ ଇଂରେଜମାନଙ୍କ ଅଧୀନରେ ଥିଲାବେଳେ ଚର୍ଚ୍ଚିଲ ଆମ ଦେଶ ଉପରେ ତାଙ୍କର ଅଧୀନତା ଦୃଢ଼ କରିବାପାଇଁ ସମସ୍ତ ଚେଷ୍ଟା ଚଳାଉଥିଲେ; କିନ୍ତୁ ବର୍ତ୍ତମାନ ଇଂଲଣ୍ଡ ପରି ଆମ ଦେଶ ସ୍ୱାଧୀନ । ଇଂଲଣ୍ଡକୁ ନେଇ ଯେଉଁ ସାଧାରଣତନ୍ତ୍ର ରାଜ୍ୟଗୋଷ୍ଠୀ ଗଢ଼ାଯାଇଛି, ଆମଦେଶ ସେ ରାଜ୍ୟ ଗୋଷ୍ଠୀ ଭିତରୁ ଗୋଟିଏ । ଆମ ଦେଶର ପ୍ରଧାନ ମନ୍ତ୍ରୀ ମଧ୍ୟ ଉକ୍ତ ରାଜ୍ୟଗୋଷ୍ଠୀ ସଭାରେ ଯୋଗ ଦେଉଛନ୍ତି । ସେଠାରେ ସମସ୍ତେ ସମାନ ଆସନରେ ବସି ପ୍ରତ୍ୟେକ ରାଜ୍ୟର ହିତ ଦୃଷ୍ଟିରୁ ବିଚାର କରନ୍ତି । ତେଣୁ ଇଂଲଣ୍ଡ ବର୍ତ୍ତମାନ ଆମର ବନ୍ଧୁ ରାଜ୍ୟ ।

ମୁଦ୍ରାକର—ବଳଦେବ ଦାସ,
ଗ୍ରାମସେବକ ସମବାୟ ପ୍ରେସ, କଟକ—୧୯୫୭



6730

ପଲାସି ଅବସାନେ

ଡକ୍ଟର ଶ୍ରୀ ହରେକୃଷ୍ଣ ମହତାବ

ପଲାସି-ଅବସାନେ

ଶକ୍ତି ଉତ୍କଳ ସଂଘ ଲାଇବ୍ରେରୀ
ନଂ 731
ତା 7 JUL 1962
ରାଉରକେଲା

ଲେଖକ
ଶ୍ରୀ ହରେକୃଷ୍ଣ ମହତାବ

ପ୍ରକାଶକ
ଓଡ଼ିଆ ଷ୍ଟୁଡେଣ୍ଟସ୍ ଷ୍ଟୋର୍
କଟକ—୨

୧୯୫୯ ମୂଲ୍ୟ—ବାଷଠି ନୂଆ ପଇସା

ସୂଚନା

ପଲାସି ରଣଭୂମିରେ ଯେଉଁଦିନ ଇଂରେଜ ବଣିକମାନଙ୍କର ବିଜୟ ବୈଜୟନ୍ତୀ ଉଡ଼ିଗଲା, ସେହିଦିନ ଭାରତ କାରାଗାରର ଦ୍ୱାରଦେଶରେ ଉପସ୍ଥିତ ହେଲା । ପଲାସି ଯୁଦ୍ଧ ଭାରତ ଇତିହାସରେ ଏକ ଅତି ପ୍ରସିଦ୍ଧ ଘଟଣା । ବିଦେଶୀ ଐତିହାସିକମାନେ ସିରାଜଉଦ୍‌ଦୌଲ୍ଲା ପ୍ରଭୃତିଙ୍କୁ କୁତ୍ସିତ ଭାବରେ ଚିତ୍ର କରିଅଛନ୍ତି । କାଇବ ସେମାନଙ୍କ ଦ୍ୱାରା ସୁରଚିତ । ସୁଖର ବିଷୟ, ବହୁ ଗବେଷଣା କରି କେତେଜଣ ଭାରତୀୟ କମ୍ପାନୀ ଅମଳର ପ୍ରକାଶିତ ପୁରୁଣା କାଗଜପତ୍ର, ତତ୍‌କାଳୀନ ଲେଖକମାନଙ୍କର ଲେଖା ଓ ଆନୁସଙ୍ଗିକ ଅନେକ ବିଷୟ ଆଲୋଚନା କରି ପ୍ରକୃତ ତଥ୍ୟ ବାହାର କରିଅଛନ୍ତି । ପଲାସିଯୁଦ୍ଧର ଅବସାନ ପରେ ତତ୍‌ସମ୍ପର୍କୀୟ ବ୍ୟକ୍ତିମାନଙ୍କର କି ଅବସ୍ଥା ହୋଇଥିଲା ଓ ସେମାନଙ୍କର ପ୍ରତ୍ୟେକଙ୍କର ଚରିତ୍ର କିପରି ଥିଲା, ଏହାହିଁ ଏ ପୁସ୍ତକରେ ବର୍ଣ୍ଣିତ ହୋଇଅଛି । ଏ ପୁସ୍ତକରେ କଳ୍ପନା କିଛି ନାହିଁ—ସମସ୍ତ ଐତିହାସିକ ।

ଲେଖକ

ନଂ.........
ତା 7 JUL 1962
ରାଉରକେଲା

ପଲାସି-ଅବସାନେ

—ଏକ—

ଫକୀର ସିରାଜ—

ପାଇଅଛୁ ଉପଯୁକ୍ତ ଶିକ୍ଷା ଏ ଜୀବନେ
କାହିଁ (ବଙ୍ଗ) ମସ୍‌ନଦ୍‌ କାହିଁ ଛଦ୍ମବେଶୀ ବନେ ।

ନୀଚକର୍ମେ ଧୂରନ୍ଧର ବିଶ୍ୱାସଘାତକ
ହେବେ କଣ ଅବଶେଷେ ଏ ଦେଶ୍ୟ ଶାସକ !

କହିଗଲେ କେତେକଥା କେତେଟା ଫିରଙ୍ଗି,
ନ୍ୟାୟୁରଙ୍ଗେ ପ୍ରବଞ୍ଚନା କୂଟନୀତି ରଙ୍ଗି ।

ଥିଲ ରାଜନୀତିକ୍ଷେତ୍ରେ ଯାହା ଅତି ଘୃଣ୍ୟ
ମଣିଲେ ଫିରଙ୍ଗି ତାହା ସୁ-ମହତ ପୁଣ୍ୟ

ବିଶ୍ୱାସଘାତକତାର ପୂର୍ଣ୍ଣ ଅବତାର
ରକ୍ତ ସଙ୍ଗେ ଧମନୀରେ ବହେ ମିଥ୍ୟାସୁର

ରାଜନୀତି-କ୍ଷେତ୍ରେ ଜାଲ କଳ୍ପନା ଅଙ୍ଗତ
କଲୁ) କରନ୍ତି ଫିରଙ୍ଗି ତାହା ଗୌରବ ସମ୍ମତ ।

ପାଞ୍ଚୁଥିଲେ ବୁଝି ତହ୍ନ ପିତା ଆଲିବର୍ଦ୍ଦି
ଭେଦୁଥିଲେ ବୁଦ୍ଧିବଳେ ଫିରଙ୍ଗିଙ୍କ ଫନ୍ଦ

କଲେ କେତେ ଆବେଦନ କାକୁତି ମିନତି
ସ୍ଥାପିବାକୁ ବଙ୍ଗେ ଦୁର୍ଗ, ସଇନବସତି,

ଚତୁର ପିତା ମୋ ଧୀରେ କହୁଥିଲେ ପରା
"ଚିନ୍ତା ନାହିଁ, ମେଲଯାଅ ବାଣିଜ୍ୟ-ପସରା

ରକ୍ଷକ ମୁଁ କେହି କିଛି ନ ପାରିବେ କରି
ଅଯଥା ନିର୍ମାଣ ଦୁର୍ଗ ରାଜ୍ୟରେ ମୋହରି ।"

ସରଳ ମୁଁ ନ ବୁଝିଲି ଏସବୁ ଚାତୁରୀ
ଦେଲି ଅନୁମତି, ନିର୍ମାଣିଲେ ସୈନ୍ୟପୁରୀ ।

ପରିଣାମେ ହେଲା ତାହା କଣ୍ଟକ ମୋହର
ବୁଝିଲି ବିଳମ୍ବେ ମୁହିଁ ଏସବୁ ଫିକର ।

ଯେତେଣେ ଗୃହେଁ ଷଡ଼ଯନ୍ତ୍ର ଦିଶେ ମୋ ଆଖିରେ
ଫିରଙ୍ଗିର କୂଟନୀତି ବାଜେ ମୋ ଛାତିରେ ।

ଅଛି କି ସାମର୍ଥ୍ୟ ତାଙ୍କ ପାରିବେ କି ଲଢ଼ି,
ବାହୁବଳେ ହେବେ କି ସେ କେବେ ମୋହ ସରି ?

(ହାୟ) ପଲସି ପତନ ଥିଲା ଲେଖା ମୋ ଭାଗ୍ୟରେ
ଷଡ଼ଯନ୍ତ୍ର ପରାସ୍ତ ମୁଁ ଉତ୍କୋଚବଳରେ ।

ମୋର ଭୃତ୍ୟ, ମୋର ସୈନ୍ୟ, ମୋର ସେନାପତି
ବୁଝିଲେ କି ଭାରତର ହୋଇବ କି ଗତି ?

ମୁଷ୍ଟିମେୟ ଇଂରାଜର ଉତ୍କୋଚବଶରେ
ସାମାନ୍ୟ ସ୍ୱାର୍ଥର ଆଶା ଜାଗିଲା ମନରେ,

ନ ଭାବିଲେ ଭଲ ମନ୍ଦ ଦେଶର ଅବସ୍ଥା
ଅର୍ଜିଲେ ଦାସତ୍ୱ ସିନା ଦେଇ ମୋର ମଥା ।

ଅବିଶ୍ୱାସୀ ମିର୍ଜାଫର, ଜଲସାଏ ତନୁ
କି କୁହୁକେ ଭୁଲି ସବୁ ପାସୋରିଲୁ ମନ ?

ଭାବନ୍ତୁ ବସିବୁ ତୁହି ବଙ୍ଗ ମସନଦେ
ଫିରିଙ୍ଗି ସହାୟ ହେବେ ସମ୍ପଦେ ବିପଦେ ।

ଜାଣୁ ନାହିଁ ମିର୍ଜାଫର ମୂର୍ଖ ସେନାପତି ।
ଫିରିଙ୍ଗି ଏ ବଞ୍ଚନାରେ ତୋଠାରୁ ବଳନ୍ତି ।

ବିଶ୍ୱାସଘାତକ ତୁ'ନ୍ତୁ, ତୋଠାରୁ ସେ ବଡ଼
ଛଡ଼ାଇବେ ମସନଦୁଁ ତୋତେ ରେ ସତ୍ୱର ।

ନ ରଖିବେ ଭାରତୀୟେ ମସନଦେ କେବେଁ
ଏ ସୁନା ରାଇଜେ ରାଜା ଫିରିଙ୍ଗିଏ ହେବେ ।

ବୁଝିଲେ କି ହିନ୍ଦୁଭାଇ ଚକ୍ର ଫିରଙ୍ଗି ର
ଭାବିଲେ,"ମୁସଲମାନ ଶତ୍ରୁ ତାହାଙ୍କର

ବିଦେଶୀ ସାହାଯ୍ୟେ ତଡ଼ିଦେବେ ମୁସଲମାନେ
ସ୍ଥାପିବେ ହିନ୍ଦୁର ରାଜ୍ୟ ତାଙ୍କ ହିନ୍ଦୁସ୍ଥାନେ ।"

(କାନ୍ଦୁ) ଦୁରାଶା ସେ, ଇଂରାଜର କୂଟ ଭେଦନୀତି—
ବଳେ ସିନା ହେବ ଦେଶେ ତାଙ୍କ ପ୍ରତିଷ୍ଠିତି ।

ଯେତେ ବୈଶ୍ୟ ହେଉଁ ପଛେ ଆମେ ମୁସଲ୍‌ମାନ
ଆମ ସ୍ୱାର୍ଥ ହିନ୍ଦୁ ସ୍ୱାର୍ଥ ରହିବ ସମାନ ।

ଜନମ ଏଠାରେ ଆମ ମରଣ ଏଠାରେ
ରହିବୁ ହିନ୍ଦୁଙ୍କ ସହ ସମଅବସ୍ଥାରେ;

କିନ୍ତୁ ସେ ଇଂରେଜ ଘର କାହିଁ ବହୁଦୂର
ମାନ ନୋହିବ ସ୍ୱାର୍ଥ କେବେହେଁ ହିନ୍ଦୁର,

ଜିଣି ମୁହିଁ କଲିକତା ବିଶାଳ ନଗରୀ
ସ୍ଥାପିଲି ହିନ୍ଦୁଏ ଏକ ତା' ଶାସନ ପର

(କିନ୍ତୁ) କରିବ କି କେବେହେଲେ ଇଂରାଜଶାସନ
ହିନ୍ଦୁ ବା ମୁସ୍ଲିମଠାରେ ଦାୟିତ୍ୱ ଅର୍ପଣ ?

ନ ପାଇବେ ଶାସନର ଭାର କେହି କେବେ
ପ୍ରଭୁ ହୋଇ ଭୃତ୍ୟ ସିନା ଭାରତୀୟେ ହେବେ ।

ଉମିଚାନ୍ଦ, କାନ୍ଦ କାନ୍ଦ ଯିବ ତୋର ଧନ
ଅନୁତାପେ ବୁଝିବୁ ତୁ ହେଲୁ କେତେ ହୀନ ।

କି କଲି କପାଇଁ ହିନ୍ଦୁ ମୋଠାରେ ବିରକ୍ତ,
ମୋତେ ତ୍ୟଜି ଫିରିଙ୍ଗିରେ ହୋଇଲେ ଆସକ୍ତ ?

ଅନୁସରି ପିତା ଆଲିବର୍ଦ୍ଦିଙ୍କର ମତ,
ପାଇବାରେ ଯତ୍ନବାନ ସଦା ହିନ୍ଦୁ ପ୍ରୀତ ।

ତଥାପି ନ ଗଲା ତାଙ୍କ ମନୁ ଦ୍ୱେଷଭାବ
ଆଶାକଲେ କମା ବିନାଶେ ବିଦେଶୀ ପ୍ରଭାବ !

ହେଉ, ସେ ବୁଝିବେ ପରଣାମ ଅବଶେଷେ
ଦେଖିଲେ ଫିରଙ୍ଗିଗଣେ ଲୁଣ୍ଠକଙ୍କ ବେଶେ ।

ଅଛି ମୋର ନିଜ ଦୋଷ ଅତି ଗରୀୟାନ,
ବିଳାସସାଗରେ ହେଲି ସଦା ଭାସମାନ,

ରହିଲି ବ୍ୟାପୃତ ସୁରା—ବାରାଙ୍ଗନାମେଳେ,
କଟାଇଲି ଏ ଜୀବନ ଅତି ଅବହେଳେ;

ନଥିଲି ତ ଭାବି ମୋର ଏଡ଼େ ଗୁରୁଭାର,
ଆବଶ୍ୟକ ତହିଁ ସୁକଠୋର ଶୃଙ୍ଖଳାର ।

ଭାସିଗଲି ବାଲ୍ୟକାଳୁଁ ଉଦ୍ଦାମ ବିଳାସେ
ପଡ଼ିଗଲି ଆଜୀବନ ସମ୍ଭୋଗର ପାଶେ ।

ବୁଝାଇ କହିଲେ କେତେ ପିତା ଆଲିବର୍ଦ୍ଦି,
ତୁଚ୍ଛ କଲି ଉପଦେଶ ତାଙ୍କର ଆପ୍ତର୍ଦ୍ଧି ।

ଆଜି ଦେଖ ମୋ ସମ୍ଭୋଗ ମୋ ଭୃତ୍ୟଙ୍କଠାରେ
ବିଳାସ-ପିପାସା ସର୍ବେ ଧାଇଁଲେ ଆଶାରେ,

ଭୁଲିଗଲେ ସ୍ୱ-କର୍ତ୍ତବ୍ୟ ସେ ଆଶା ମଝିରେ
ମୋହର ଆଦର୍ଶ କର୍ମସୂତ୍ରଏ ଶିଖିଲେ ।

ବିଳାସର ନିଶା ପୁଣି ଏଡ଼େ ଭୟଙ୍କର,
ଧରିଗଲେ ଥରେ ଲାଗିଥାଏ ବରାବର ।

ଶୁଭୁଥାଇ ଦୂରେ ପଛେ କମାଣ ଆବାଜ
ପିନ୍ଧିଥାଏ ଶିବିରରେ ପଛେ ରଣସାଜ

ଖେଳଯାଏ ବାରାଙ୍ଗନାନୃତ୍ୟ ସଦା ମନେ
ଶତ୍ରୁଗ୍ରସ୍ତ ଭାରତର ନ ରହେ ସ୍ମରଣେ ।

ଏ ଦୁର୍ବଳ ମନ ମୋର ଭୋଗ-କୀଟଦଂଷ୍ଟ୍ର
କରିଦେଲା ପ୍ରତିଷ୍ଠିତ ଏ ରାଜ୍ୟ ବିନଷ୍ଟ ।

ହେଲା ଏହି ବିଳାସ ହିଁ ଏକାନ୍ତ କାରଣ,
ଫିରିଙ୍ଗିଙ୍କ ରାଜ୍ୟ ହେବ ଭାରତେ ସ୍ଥାପନ ।

ହେଉନ୍ତୁ କପଟୀ ପଛେ ଅତି ମିଥ୍ୟାଚାରୀ
ନୀଚ ସ୍ୱାର୍ଥପର ପଛେ ଷଡ଼ଯନ୍ତ୍ରକାରୀ

(କିନ୍ତୁ) ଅଟନ୍ତି ଏ ଫିରିଙ୍ଗି ଏ ବଡ଼ କର୍ମନିଷ୍ଠ
ଉଦ୍ୟମଶୀଳତା ତାଙ୍କ ଗୁଣଟି ବିଶିଷ୍ଟ ।

ଜିଣିନେବେ ସେହି ଗୁଣବଳେ ଏ ଭାରତ
ରହିଥିବେ ଭୋଗଶେଯେ ନବାବେ ସୁପତ ।

ପାଇଯାଆନ୍ତି କି ମୂର୍ଖିଁ ପୁଣି ମସନଦ,
ଦେଇ ଶିରେ ବିଳାସର ପଦାଘାତ ଶତ

ଦେଖାନ୍ତୁ ଜୀବନ ଏକ ଅତି ନିଷ୍ଠାପର
ସୁକଠୋର ଶୃଙ୍ଖଳାର, ନୂଆ ଆଦର୍ଶର ।

କରନ୍ତୁ ପ୍ରଚାର ମୂର୍ଖିଁ କାନେ କାନେ ଯାଇ
ବିଳାସ-ବ୍ୟସନ ଶୀଘ୍ର ଛାଡ଼ ଛାଡ଼ ଭାଇ,

ଦେଖି ବିଦେଶୀଏ ଭାରତର ଧନରାଶି
କରନ୍ତୁ ଶୋଷଣ ପଙ୍ଗପାଳ ପ୍ରାୟେ ଆସି,

ମାଡିବ ଯେବେ ହଲାସେ ଏ ସମୟେ ଭାଇ,
ନାହିଁ ରକ୍ଷା, ନିଜ ଦେଶ ଦେବଟି ହରାଇ,

ହେବ ଯା ହେବାର ରାଜା ହୋଇଲେ ବେପାରି
ନେବେ ରକ୍ତ, ଦେବେ ଭୋଗ-ଦରବ ସଜାଡ଼ି ।”

ଖୋଦା କି ଭାରତଭାଗ୍ୟେ ଲେଖିଛି ଏ ଦିନ
ନାଁ—ପୂର୍ବପାପ ପ୍ରାୟଶ୍ଚିତ୍ତ ହେବ ସୁକଠିନ ?

ଆଃ—କିଏ ଏ ନିମକହାରାମ ଓଗାଲେ ଆଗରେ
ମାରିବ କି ମୋତେ ଆଜ ଏଠି ଜୀବନରେ ?

(କିଏ ମିରନ୍) ପୁତ୍ର ପରି ତୁମ୍ଭ ଭୃତ୍ୟ ମିର୍ ଜାଫରର
ଆସିଛୁ କି ଶୁଝିବାକୁ ନିମକ ମୋହର ?

କରି ମୋତେ ବଙ୍ଗ ମସନଦୁଁ ବିତାଡ଼ିତ
ତଥାପି ନହେଲ ତୁଷ୍ଟ ପରାଣ ତୃଷିତ ?

ନ ନେଲେ ମୋ ପ୍ରାଣ କରେ ନ ରହିବ ପଣ
ହତ୍ୟାରେ କି ହେବ ପ୍ରଭୁଭକ୍ତି ନିଦର୍ଶନ ?

ଆସୁ, ଆସୁ—ବାତୁଳ ମୁଁ, କର ମୋତେ ବଧ
ବୁଝିଛି ମୁଁ ସବୁ ଫିରଙ୍ଗିର ଅଭିସନ୍ଧି ।

ଦେଖ—କହୁଛି ମୁଁ ଏଠି ଏହି ଭବିଷ୍ୟତ କଥା
ଫିରଙ୍ଗି ଚକ୍ରରେ ନ ରହିବ କା’ର ମଥା ।

ମିର୍ଜାଫର, ଉମିଚାନ୍ଦ ସବୁ ଯିବେ ଗଡ଼ି
ଦାସତ୍ୱବନ୍ଧନେ ଦେଶ ରହିବଟି ପଡ଼ି ।

ହିନ୍ଦୁ ମୁସଲମାନ କା'ର ସ୍ୱାର୍ଥ ନ ରହିବ
ଫିରିଙ୍ଗି କପଟେ ସଦା ବିବାଦ ଲାଗିବ ।

ହେବ ଏହି ସୁନା ବଙ୍ଗଦେଶ ଛାରଖାର
ନିର୍ଦ୍ଧନ ନିସ୍ତେଜ ହେବ, କହେଁ ବାରବାର ।

ମିରାନ୍—

ଚୁପ୍ ରହ, କାପୁରୁଷ ଯୁଦ୍ଧ ପଳାତକ
ମନେ ରଖ ନୁହ ଆଜ ବଙ୍ଗର ଶାସକ,

ଜାଣେ ମୁଁ ଇଂରାଜମାନ୍ତ ଜାଣେ ତାଙ୍କ କଥା
ବୁଝିନ୍ତି ସେ ନିପୀଡ଼ିତ ଦୁଃସ୍ଥ ମର୍ମବ୍ୟଥା ।

ତୋହର ରାଜତ୍ୱେ ନାଶ ଗଲା ଏହି ଦେଶ,
ପାଳିବାକୁ ନ୍ୟାୟଧର୍ମ ଫିରିଙ୍ଗି ପ୍ରବେଶ ।

ଚିରଶତ୍ରୁ ହିନ୍ଦୁ, ତାଙ୍କୁ ଦେଲୁ ରାଜ୍ୟଭାର
ମୁସ୍ଲିମ୍ ରକତରେ ଏହା ନୁହେ ସହିବାର ।

ଫିରିଙ୍ଗି ହୁଅନ୍ତୁ ପଛେ ନୁହନ୍ତୁ ତ ହିନ୍ଦୁ,
କୂପର ସାହାଯ୍ୟ କିପାଁ ଥାଉଁ ଥାଉଁ ସିନ୍ଧୁ ?

ଇସ୍ଲାମ୍, ଇସାଇ ଦୁହେଁ ପ୍ରାୟ ଏକଧର୍ମ,
ସମସ୍ତ ସମାନ ପ୍ରାୟ ଆଚାର କରମ ।

ଫିରିଙ୍ଗିର ହିନ୍ଦୁ ପ୍ରତି ଘୃଣା ଯେଉଁପରି
ହିନ୍ଦୁଙ୍କୁ ମୁସ୍‌ଲେମ ଘୃଣା କରେ ସେହିପରି ।

ଦେଖିବୁ ଇସ୍‌ଲମ୍ ଧ୍ୱଜା ଉଡ଼ିବ ଗଗନେ
ରହିବେ ହିନ୍ଦୁଏ ହୋଇ ସେବାକାଂକ୍ଷୀ ଜନେ ।

ଏହି ଶୁଣ, ମିଳିଲଣି ତା'ର ନିଦର୍ଶନ
ବଙ୍ଗମସନଦେ ଆଜି ବସେ ପିତା ମମ ।

ଉମିଚନ୍ଦ, ମାଣିକ୍‌ଚନ୍ଦ ସବୁ ଗଲେ କାହିଁ,
ଫିରିଙ୍ଗିଏ ପାଖେ ତାଙ୍କୁ ପୂରାଇଲେ ନାହିଁ ।

ପୌତ୍ତଳିକ ହିନ୍ଦୁ ହୁଏ ଭଲ କର୍ମଦକ୍ଷ
ଶାସନର ଭାର ପାଇଁ ଶକ୍ତି କି ତାହାର ?

ଖଣି ଖଣି ଅର୍ଜି ପାରେ ହିନ୍ଦୁ ଧନରତ୍ନ,
(କିନ୍ତୁ) ସମ୍ଭୋଗ କି କରିପାରେ ଯଥା ମୁସଲମାନ ।

ଫିରିଙ୍ଗି ସାହାଯ୍ୟେ ଯିବେ ହିନ୍ଦୁ ରସାତଳ
ମୁସ୍‌ଲିମ୍ ଭୋଗିବେ ଏକା ଏହି ଧରାତଳ ।

ଛାଡ଼ ସବୁକଥା ଏବେ ଆସ ତୁମ୍ଭେ ବନ୍ଦୀ
ତୁମ୍ଭ ପ୍ରାଣହତ୍ୟା, (ଏଥି) ନାହିଁ 'ଅଭିସନ୍ଧି' ।

ତୁମ୍ଭଙ୍କୁ ରଖିଲେ ଜୀବେ, ଆଶଙ୍କା ଆମର,
କେଜାଣେ ମିଶିବ ତୁମ୍ଭେ ହିନ୍ଦୁଙ୍କ ସାଥର

ଉଭୟେ ମିଳିବ ଯେବେ ହେବେ ବିତାଡ଼ିତ
ପିତା ମମ ମସନଦୁଁ ଜାଣେ ସୁନିଶ୍ଚିତ ।

ଲେଖା ନୁହେଁ ଭୋଗ ଭାଗ୍ୟେ ଏକାକୀ ତୋହର
ଖୋଦା ଦେଇଛନ୍ତି କଞ୍ଚୁର୍ କପାଳେ ଆମର ।

ମନେ ଅଛୁ ତୋର ସେହି କୁସୁମ ଶୟନ,
ସୁମଧୁର ସୁରାପାନ ନର୍ତ୍ତକୀ ନର୍ତ୍ତନ,

ଥିଲେ ସେବାକାରୀ କେତେ ହଜାର ହଜାର
କରୁଥିଲୁ ପର ଖାସ୍ ବନ୍ଦିସ୍ତେ ବହାର ?

ବଳିଲା ଯେବେ ବାସନା ସେ ବେଗେ ଆମର
କି ଅନ୍ୟାୟ ହେଲା ତହିଁ ମିର୍ ଜାଫରର

ସମ୍ଭୋଗ ପାଇଁ ଜଗତ ସେପାଇଁ ଉଦ୍ୟମ
କରିଲେ କି ହେବ କେହି ଜଗତେ ନର୍ମମ ?

ରାଜ କି ନବାବ ସବୁ ସମ୍ଭୋଗ ନିମିତ୍ତ
ହେଉଥିବ ତା କିଏ କେବେ ସେ ଖୋଦା ବହିତ ।

ନବାବ୍ ହେଲେ ମିର୍ଜ୍ଜାଫର ଇଂରେଜ ନିର୍ଦ୍ଦେଶେ
ଜାଗି ହେଲା ପ୍ରତିପତ୍ତି ତାଙ୍କ ବଙ୍ଗଦେଶେ ।

କରିବେ ଫିରଙ୍ଗି ଯେବେ ଏଥିରେ ସାହାଯ୍ୟ
କହିକ ପାରିବ କେହି ଏହାକୁ ଅନ୍ୟାଯ୍ୟ ?

ତୁ କହୁ ଫିରଙ୍ଗି ହେବେ ଏ ଦେଶେ ମାଲିକ;
ନ ଗୃହିଁବ ମସନଦ କେବେହେଁ ବଣିକ ।

ବିହାନ୍ତି ସେମାନେ ଧନ ଉଦର ପୂରଣେ
ନବାବର ଭୋଗରାଶି ନାହିଁ ତାଙ୍କ ମନେ ।

ଅଛୁ ଫିରଙ୍ଗିଙ୍କ ବୁଦ୍ଧି, ମାନେ ଶତବାର
କିଣିପାରେ ଧନ ଦେଇ ବନିମସ୍ତେ ତାର ।

ମନେ କର ନାହିଁ ତୁମ୍ଭ ଏକା ବୁଦ୍ଧିମାନ
ନବାବ ଘୁଡ଼ିବ ନାହିଁ କେବେ ମୁସଲମାନ ।

ଯା ହେଉ ପଛକୁ, ପିତା ନବାବ ବଙ୍ଗର,
ମିଳନ୍ତି ସାହାଯ୍ୟ ଏତିକ ତ ଫିରିଙ୍ଗିର ।

ନାହିଁ ଲେଢ଼ା ଯୁକ୍ତ ଏକ ଯୁଦ୍ଧବନ୍ଦୀ ସଙ୍ଗେ
ପିତାଙ୍କ ଆଦେଶ ତୋତେ ନେଇଯିବ ବଙ୍ଗେ ।

ସିରାଜ—

କାହିଁକି ପିତାଙ୍କ ତୋର ଏପରି ଆଦେଶ ?
ବନ୍ଦୀ ନା କରିବା ପାଇଁ ମୋ ଜୀବନ ଶେଷ ?

ମିର୍ଜାଫର—ଆଲିବର୍ଦ୍ଦି ସଁପିଥିଲେ ମୋତେ ତାର ହାତେ
କରିଅଛୁଁ ପିଲାଦିନୁ କେତେ ଯୁଦ୍ଧ ସାଥେ ।

ଜାଗିଲା କାହିଁକି ମନେ ମୋ ରକ୍ତପିପାସା
ଛାଡ଼ିଦେଇ ମସନଦୁଁ ନ ପୂରିଲା ଆଶା ?

ବୁଝିଛି, ସେନାପତିର ନ ହେବ ହୃଦୟ
ସିରାଜର ପ୍ରାଣନାଶେ ନ ହେବ ଅଥୟ ।

ଦୁଷ୍ଟ କ୍ଲାଇବର ଏହି ନୀଚ ପ୍ରରୋଚନା
ଲୁପ୍ତ ହେଉ ନବାବ୍‌ବଂଶ ଏହି ତା କାମନା ।

ରହିଲେ ସେ ରକ୍ତେ କେହି ବଳିବ ମାନସ,
କାଳେ କଉଶଳେ ପୁଣି କରିବେ ସାହସ,

ଯାଇବାକୁ ଫେର ଏହି ବଙ୍ଗଳା ନବାବ;
ମୋହ ହତ୍ୟା ପରାମର୍ଶ, ଏହିସବୁ ଭାବ ।

ହେଲେ କି ହେ ପିତା ତବ ମାତ୍ର କ୍ରୀଡ଼ନକ,
ଚତୁର କ୍ଲାଇବ ହେଲା ତାହାଙ୍କ ଚାଳକ ?

ତୁମ୍ଭ ପିତା ପକ୍ଷେ ହେଉ ବଙ୍ଗ ଭାଗ୍ୟଧର
ନ ହେଉନ୍ତୁ ବେପାରିଏ ଶାସକ ଦେଶର ।

ହେଉ ହିନ୍ଦୁ ଅବା ମୁସ୍‌ଲିମ କିନ୍ତୁ ହିନ୍ଦୁସ୍ଥାନୀ
ଭାରତ-ଭାଗ୍ୟ-ଗଗନେ ଉଡୁଚା ନିଶାଣୀ ।

ମିରାନ୍—

ଚୁପ୍‌ରହ, କାପୁରୁଷ ହିନ୍ଦୁଙ୍କ ଗୋଲାମ
ତୋହଯୋଗୁଁ ଲାଞ୍ଛିତ ଏ ପବିତ୍ର ଇସ୍‌ଲାମ ।

ହୋଇଛୁ ତୋ ହିନ୍ଦୁପ୍ରୀତି ତୋ ନାଶ କାରଣ
ରଖନ୍ତୁ ହିନ୍ଦୁଏ ଆସି ଆଜ ତୋ' ଜୀବନ ।

ହୁଲ ତୁମ୍ଭେ ବନ୍ଧ, କିନ୍ତୁ ହତ୍ୟାଟି ନିଶ୍ଚୟ
ଧ୍ୟାନ କର ଖୋଦାନାମ ନ ହୁଅ ଅଥୟ ।

—ଦୁଇ—

ରାଜା—(ବନ୍ଦଶାଳାରେ)

ଚାଲିଯିବି ଆଜ ମୁହିଁ ଛାଡ଼ି ଏ ସଂସାର;
କାହିଁ ପାଇଁ ବନ୍ଧକ କି ଥରେ ଲୁହଧାର ?

ବୁଲିଛି ଅନେକ ଦେଶ ନ ହେବ ତ ସରି
କେଉଁ ରାଜ୍ୟ ଏ ଭାରତେ ବଙ୍ଗୋତ୍କଳ ପରି ।

କରିଛି ଭ୍ରମଣ ଉତ୍କଳେ ମୁଁ ବହୁବାର
ଭଲ କରି ଅବସ୍ଥା ମୁଁ ଜାଣେ ସେ ରାଜ୍ୟର ।

କି ସାହସୀ କି ବୀର ସେ ଉତ୍କଳୀୟ ପ୍ରଜା—
ଦେଖିଛି ମୁଁ ଏ ନୟନେ ତାଙ୍କ ରଣସଜ୍ଜା ।

ସାମାନ୍ୟ କୃଷକ, କିନ୍ତୁ ରଣେ ବିଚକ୍ଷଣ
ଛିଡ଼ା ହୁଏ ଯୁଦ୍ଧକ୍ଷେତ୍ରେ ଆସି ମେରୁସମ ।

ଧନେ, ଧାନ୍ୟେ, ତେଜେ ଭରା ସେ ଉତ୍କଳରାଜ୍ୟ
ଛାଡ଼ିନଏଁ ଶେଷଥର ପାଇଁ ତାଙ୍କୁ ଆଜ ।

ମୋର ପ୍ରିୟ ବଙ୍ଗଦେଶ ଭୁଲିବି କେମନେ ?
ଗଢ଼ା ଏ ଶରୀର ତାର ରମ୍ୟ ଉପବନେ ।

ବଙ୍ଗର ଧୂଳିରେ ମୋର ଶରୀର ତିଆରି
ନୋହିବ ବଙ୍ଗଳା ମୋର ତୁଳନା କାହାରି ।

ସୁଶ୍ୟାମଳ ଶସ୍ୟକ୍ଷେତ୍ର ଦିଗନ୍ତ-ବିସ୍ତୃତ,
ପାଳିବାକୁ ପ୍ରଜାକୁଳେ ଅଛନ୍ତି ପ୍ରସ୍ତୁତ ।

ଏ ସୌନ୍ଦର୍ଯ୍ୟ ଏ ସମ୍ଭୋଗ ଥିଲା ମୋ କରମେ
ଭୁଲି କି ପାରିବି ତାକୁ ଏ ବଧ-ମରଣେ ?

ବଙ୍ଗର ଏ ଭୋଗବସ୍ତୁ ହେଲା ମୋ ବଇରୀ
ଆକର୍ଷି ଲୁଣ୍ଠକେ ନେଲା ଦେଶଠାରୁ ଛିରୀ ।

(ମୋତେ) ବିଳାସେ ଭସାଇ ଦେଲା ଏ ବଙ୍ଗ ମୋହର
ନ ଭାବିଲି ପରିଣାମ ଏଡ଼େ ଭୟଙ୍କର ।

ଦୁଃଖ ହୁଏ, ଫିରଙ୍ଗିଏ ଭୋଗିବେ ଏ ଦେଶ
ଶୋଷିବେ ଏ ପ୍ରଜାକୁଳେ ପାଳି ନିଜ ଦେଶ ।

ଦେଖୁଥିବେ ଆଲିବର୍ଦ୍ଦି ଦଶା ସିରାଜର
ପ୍ରେତଲୋକେ ଛାଡୁଥିବେ ଦୀର୍ଘଶ୍ୱାସ ଖର ।

ଅଦୂରଦର୍ଶିତା ମୋର କୁତ୍ସିତ ବିଳାସ
କଲା ଏହି ସୁନା ରାଜ୍ୟ ପିତାଙ୍କର ନାଶ ।

ଭାସିଗଲି ବୃଦ୍ଧ ପିତାଙ୍କର ସ୍ନେହସ୍ରୋତେ
ନୟନ ପିତୁଳି ପରି ମଣୁଥିଲେ ମୋତେ ।

ବନ୍ଧଘରେ ଘାତକର ବୃନ୍ଦ ତରବାରି
ବସିଅଛି, ଝଅନ୍ତା ତ ଏ ଦୃଶ୍ୟ ବଦାର,

ବୃଦ୍ଧ ଆଲବର୍ଦ୍ଧିଙ୍କର ସୁକୋମଳ ସ୍ମୃତି;
ପାଇଛନ୍ତି ଯାହାହେଉ କବରରେ ଶାନ୍ତି ।

କ୍ଷମା କର ପିତଃ ଯେବେ ଥାଏ ଅପରାଧ,
ଜ୍ଞାତସାରେ ଅଜ୍ଞାନେ ବା ହୋଇଛି ପ୍ରମାଦ ।

କ୍ଷମାଦିଅ ସ୍ନେହଭରେ ଏହି ମୋ ମାଗୁଣି,
ଆଜୀବନ ତୁମ୍ଭ ବାକ୍ୟ ନାହିଁ ତ ମୁଁ ଶୁଣି ।

ଶୁଣିଛି କି ବନ୍ଧଭବେ ଆଜ ଅନଶନେ
ରହିଅଛି ଅପେକ୍ଷି ମୁଁ ନୃଶଂସ ମରଣେ,

ପ୍ରିୟା ମୋର ପ୍ରାଣାଧିକା, ଥିବ କି ଜୀବନେ
ଲୋଟୁଥିବ କେଉଁଠାରେ ସେ ଆଜ କ୍ରନ୍ଦନେ !

ଥିଲେ ସୁଦ୍ଧା ଶତ ଦୋଷ ତାହାର ସ୍ୱାମୀର
ପୂଜୁଥାଏ ହୃଦଭରେ ସେ ପ୍ରେମେ ଗଭୀର ।

କେଉଁଠି ଥିବେ ମୋ ପ୍ରିୟ ନର୍ତ୍ତକୀମଣ୍ଡଳ
ଥିଲି ମୁହିଁ ଏକା ପର ତାହାଙ୍କ ସମ୍ବଳ ।

ନା—ଛି, ନ କହିବି ତାଙ୍କ କଥା ମନେ,
ସେ କୁତ୍ସିତ ଭାବ ମୋତେ ନାଶିଲା ଜୀବନେ ।

କିଏ ସେ କରୁଛି ତୁଚ୍ଛ ଆଘାତ ଦୁଆରେ
ଆସିଲୁ କି ଘାତକ ତୁ ମୋତେ ନାଶିବାରେ ।

ଶୁଣାଇଲେ କେତେ କେତେ ଶାଉଁଳିଆ କଥା,
ମିଥ୍ୟା ସ୍ନେହେ ଆଉଁସିଲେ କେତେ ମୋର ମଥା ।

ଗାଇଲେ ହିନ୍ଦୁର ଜୟ ନନ୍ଦ ମୁସଲମାନେ
କଲେ ଅଙ୍ଗୀକାର, ହିନ୍ଦୁରାଜ ହିନ୍ଦସ୍ଥାନେ ।

ନ କରିଲେ କେତେ ନନ୍ଦା ମ୍ଳେଚ୍ଛ ଆଚାରର
ନ ଟେକଲେ କେତେ ହିନ୍ଦୁ ଧରମେ ଉପର

ପ୍ରବଞ୍ଚନା, ମିଥ୍ୟା, ସବୁ ବିଶୁଦ୍ଧ ଶଠତା,
ଭେଦଭାବ ସୃଷ୍ଟିପାଇଁ ଏହି ଚତୁରତା ।

ମିରଜାଫର, ପୂରୁଛି ମୋହର କାନ ନନ୍ଦା ଶୁଣି ତାର
ସେ ପୁଣି ବଙ୍ଗ ନବାବ ଆହା ଚମତ୍କାର !

କି ନ କଲି ତୋଷିବାକୁ ଫିରଙ୍ଗିଙ୍କ ମନ
ନାଶିଲି ଲୁକମେଁ ଇହଜନ୍ମ ପରଜନ୍ମ ।

ଷଡ଼ଯନ୍ତ୍ର ମିଥ୍ୟାସ୍ତୁର ଜାଲ କୁଆସ୍ନେହ
କରିଛି ମୁଁ ସବୁ ଦେଶ-ଧରମ ପାଦସାର

ଉହୋ, ଫାଟିଯାଏ ଛାତି ମନେ ପଡ଼ିଲେ ସେ କଥା
କି କପଟେ ଜାଲ କଲି ନବାବ ଶିରସ୍ତା ।

ଆଣିଲି ଲଢ଼ାଇ ପାଇଁ ଜାଲ ଅନୁମତି,
ଜୁଟିଲେ ମୋହପାଇଁ ଫରାସି-ବସତି ।

କି ନ କଲି ମୁହିଁ ମାତ ସ୍ୱାର୍ଥ ପ୍ରତ୍ୟାଶାରେ
ବିଶ୍ୱାସଘାତକ ହେଲି ନବାବ୍ ଦରବାରେ,

ହିନ୍ଦୁକୁଳେ ଚିରକାଳ ରଖିଲି କଳଙ୍କ,
ହେଲି ମୁହିଁ ସ୍ୱାର୍ଥ ପାଇଁ ସ୍ୱଜାତି-ଘାତକ

ଥିଲା ନବାବ୍ ସିରଜ ସିନା ବିଳାସେ ମଗନ
ତଥାପି ଏ ଦେଶହିତେ ଦେଉଥିଲା ମନ ।

ନ ଥିଲା ତା ହିନ୍ଦୁପ୍ରତି କେବେ ଅନାଦର
ଲକ୍ଷ୍ୟ ଥିଲା ମିଳନହିଁ ତାହା ଜୀବନର ।

ବଙ୍ଗଦେଶ ପାଇଁ ତାର ପ୍ରଗାଢ଼ ମମତା,
ନ ଥିଲା ତା ମନେ ତିଳେ ବୈଦେଶିକ ସତ୍ତ୍ୱ ।

(କିନ୍ତୁ) ନ ହେବେ ଏ ଫିରିଙ୍ଗି ଏ କେବେ ତ ସେପରି
ହୃଦୟରେ ଏ ଦେଶକୁ ନ ନେବେ ଆଦରି ।

ଆସିଛନ୍ତି ସ୍ୱାର୍ଥ ପାଇଁ ବେପାରି ବେଶରେ
ଲୁଟିନେଇ ଏଠୁଁ ଧନ ଦେବେ ସ୍ୱଦେଶରେ ।

ବୁଝୁଁଛି ଆହୁରି ତାଙ୍କ ଦୁର-ଅଭିସନ୍ଧି
ଅବାଧ ବାଣିଜ୍ୟ ପାଇଁ ଖୁଲିଅଛି ଫନ୍ଦ ।

ବେପାର ସୁବିଧା ପାଇଁ ନେବେ ଏହି ଦେଶ
ଧ୍ୱଂସିଣ ଏ ଦେଶଶିଳ୍ପ ଟେକିବେ ସ୍ୱଦେଶ ।

ନ ବୁଝିଲି ଏ ଦୁଷ୍ଟଙ୍କ ଗୁପ୍ତ ଷଡ଼ଯନ୍ତ୍ର,
ମୁଗ୍ଧ କଲା ମୋତେ ତାଙ୍କ କପଟତା ମନ୍ତ୍ର ।

ମୋହପାଇଁ ଯିବ ସିନା ଏ ସୁନା ଭାରତ,
ଚିରକାଳ ଫିରଙ୍ଗିର ହେବ ପଦାନତ ।

କି ଭଲ କହିବେ ମୋତେ ମୋର ବଂଶଧର,
ମିଥ୍ୟାବାଦୀ ? ଶଠ ? ଅବା କୀଟ ନରକର ?

ସ୍ୱାର୍ଥପାଇଁ ଫିରିଙ୍ଗିଏ ଯେବେ ଆରମ୍ଭିବେ
ଭାରତର ହୃଦରକ୍ତ କପଟେ ଶୋଷିବେ,

ହୋଇବେ ଅସ୍ଥିର ନିର୍ଯ୍ୟାତନେ ପ୍ରଜାକୁଳ,
ହେବ ଧ୍ୱଂସ ଦେଶଶିଳ୍ପ ଯେତେକ ଆମୂଳ,

କି ବୋଲିବେ ଦେଶବାସୀ ମୋର କଥା ଭାବି
ଊର୍ଦ୍ଧ୍ୱଶ୍ୱାସେ ଦେବେ ସିନା ବକ୍ଷସ୍ଥଳ ଚାପି ।

କି ଭାବେ ଲେଖିବେ ମୋର କଥା ଇତିହାସେ
ଭାବିଲେ ଉପାୟ ଏକ ମୋର ମନେ ଆସେ ।

ଧିକ ଏ ଜୀବନ ଏଥି ନାହିଁ ପ୍ରୟୋଜନ;
କେତେଦିନ ଏ କଳଙ୍କେ କରିବି ଯାପନ ?

ପ୍ରାୟଶ୍ଚିତ୍ତ ନେବା ମୋର ମୋହର ଏ ହାତେ
ଚିରଶାନ୍ତି ଲଭିବି ମୁଁ ଏକା ଆତ୍ମଘାତେ ।

ଏହି ଦେଖ ତରବାରି ହିନ୍ଦୁର କମରେ
ଯୁଦ୍ଧ ଜିଣି ପଦଛଟା ଝୁଲିସେ ଗୌରବେ ।

ସେ ହିନ୍ଦୁ ଜୀବନ ଆଜ ସ୍ୱାର୍ଥେ କଳଙ୍କିତ,
ନେଇ ତା ଜୀବନ ତୁଷ୍ଟ ହେବୁ କି ଘୃଣିତ ?

ନା—ଏ ମୋ ତରବାରି ନ ହେଉ ରଞ୍ଜିତ
ରକତେ ହିନ୍ଦୁର ଏକ ଭୁବନନନ୍ଦିତ ।

ଆସନ୍ତା କ କାଳସର୍ପ ଦେଇଯାନ୍ତା ଦଂଶି,
ବକ୍ଷେ ଜରଜର ହୋଇ ମରନ୍ତି ମୁଁ ହସି ।

ରାଜଦରବାରେ ମୋର ହୋଇଲେ ବନ୍ଧୁର,
ଫାଶି ଆଜ୍ଞା ହୃଅନ୍ତା ତ ନଷ୍ଟସ୍ୱ ମୋହର ।

ସେହ୍ନ ଦଣ୍ଡ ନନ ପଣ୍ଡ ନଜେ ଚଳାଇବ,
ଏ ଜୀବନ ସାଙ୍ଗ ହେବ ଶାନ୍ତି ମୁଁ ଲଭିବ,

ନ କରବ ଆଜ୍ଞ ଡେଣି କେବେହେଁ ବଳମ୍ବ,
ଝୁଲିପଡ଼େ ବରଗଛ ଡାଳେ ହୋଇ ଲମ୍ବ ।

ଓଁଚାଉଛି ଡାଳ ଚୋଟେ ଉଠିଯା ସତ୍ୱର,
ନେଇଯାଅ ଦୃଶ୍ୟ ପ୍ରାଣ ଏ ଉମିଗୃନ୍ଦର ।

ପଳାତକ ମୀର କାସିମ—

କ କରବ ଉନ୍ନ ଦେଖେ ବଧାତା ନର୍ଦ୍ଦେଶ
ହିନ୍ଦୁସ୍ଥାନ ପ୍ରତି ଦୟା ନାହିଁ ତାଙ୍କ ଲେଶ ।

ହୋଇଥିଲେ କୋଳାକୋଳ ଚକ୍ରରେ ଚକ୍ରରେ,
ଶଠେଶାଠ୍ୟେ ଛନ୍ଦାଛନ୍ଦ ବାତୁରେ ବାତୁରେ ।

କୃଟବୁଦ୍ଧି କ୍ଲାଇବର ସକ୍ଷମାନ୍ତ ମୋର
ହୋଇଗଲା ଦୁହିଙ୍କର କଷାକଷି ଘୋର ।

(କନ୍ତୁ) ନ ପାରିଲି ଟେକ ମୁହିଁ ଫିରଙ୍ଗି ସହିତ,
ରାଜ୍ୟ ଛାଡ଼ ପଳାତକ ହୋଇ ପରାଜତ ।

କରିଅଛୁ ଛିନ୍ନଭିନ୍ନ ଦେଶେ ଭେଦଜ୍ଞାନ,
କି ଦେଖାନ୍ତେ ନ ହେଲେ ସେ କୂଟମାତ୍ରମାନ ।

ହିନ୍ଦୁଏ ହିନ୍ଦୁଏ ଭେଦ ପୁଣି ମୁସଲମାନେ
ଦେଶହିତ ଜ୍ଞାନଶୂନ୍ୟ ମାତ୍ର ସ୍ୱାର୍ଥ ଧ୍ୟାନେ ।

ନ ପାରଇ ଦେଖି କେହି କାହାର ବିଭବ,
(ତେଣୁ) ବିଦେଶୀଙ୍କ ପ୍ରତିପତ୍ତି ହୋଇଛି ସମ୍ଭବ ।

ସମାଜ ହିନ୍ଦୁର ଆଜ ଆବର୍ଜନାମୟ,
ଧର୍ମନାମେ ନିର୍ଯ୍ୟାତନେ ହୁଅନ୍ତି ଅଥୟ ।

କରେ ଘୃଣା ପଶୁଠାରୁ ଇତର ଜାତିରେ
ନିର୍ମମ ବେଭାର କରେ ଉଚ୍ଚତା ଦାବିରେ ।

ହିନ୍ଦୁର ସଂହତି ଆଜ ସମ୍ପୂର୍ଣ୍ଣ ବିଧ୍ୱସ୍ତ,
ଅଶିକ୍ଷା କୁଶିକ୍ଷା ଫଳେ ହିନ୍ଦୁ ଆଜି ଭ୍ରଷ୍ଟ ।

ଜାଣଇ ଫିରିଙ୍ଗି କହି କଥା ସୁକୋମଳ,
ଯା' ଥାଉ ହୃଦରେ ମୁଖେ ଅତୀବ ସରଳ,

ଦିଏ ଯେବେ କେହି ନିର୍ଯ୍ୟାତିତେ ପ୍ରବୋଧନା,
ଆଉଜ ପଡ଼େ ନ ବୁଝି ପର ବା ଆପଣା ।

ନ ଛାଡ଼ିଲ ଦ୍ୱେଷ ହିନ୍ଦୁ ପ୍ରତି ମୁସଲମର,
ନ ପାରିଲେ କରି ତାଙ୍କୁ ପଡ଼ୋଶୀ ନିଜର ।

ଆଜ ହିନ୍ଦୁ ଜର୍ଜ୍ଜରିତ ସମାଜ ତାଡ଼ନେ,
ଧର୍ମଦ୍ୱେଷୀ ମୂର୍ଖ ମୁସଲମାନର ପୀଡ଼ନେ ।

ଭାବେ ଫିରଙ୍ଗିଙ୍କୁ ନିଜ ରକ୍ଷକ କେବଳ,
ମଣେ ତାଙ୍କୁ ଏକା ବନ୍ଧୁ ଆଉ ସବୁ ପର ।

ଏଣେ ମୁସଲମାନ ଭାବେ ନବାବର ଜାତି,
କିଛି ନାହିଁ ଚିନ୍ତା ମନ୍ଦ ବିଳାସରେ ମାତି ।

ନୈତିକ ଜୀବନେ ମୁସଲିମ୍ ଆଜି ଅତି ତଳେ,
ବୁଝେନାହିଁ କିଛି ମୂର୍ଖ ଅଶିକ୍ଷାର ଫଳେ ।

ଦେଖଇ ସର୍ବସ୍ୱ ବାରାଙ୍ଗନା ସୁରାପାନ,
ନାହିଁ ଏ ଜଗତେ ଲକ୍ଷ ତାର କିଛି ଆନ ।

ଏ ଭୀଷଣ ଦଶା ଦେଖେ ତେଣୁ ଏ ବିପଦ,
କାହୁଁ ଆସି ବିଦେଶୀଏ ଲୁଣ୍ଠନ୍ତି ସମ୍ପଦ ।।

କେବଳ ସେତିକି ନୁହେ ରାଜା ଏ ମୁଲକେ,
ହେବା ପାଇଁ ଲାଗିଲେଣି କୌଶଳେ ସତର୍କେ ।

ମିର୍ଜାଫର ମନ୍ଦବୁଦ୍ଧି ଫିଟାଇଲେ ବାଟ,
ପଲାସି ବିଜୟେ ତାଙ୍କ ରହିଗଲା ଆଣ୍ଟ ।

ରହିଲା ଫିରଙ୍ଗି ହାତେ ନବାବୀ ବଙ୍ଗର,
ବିତାଡ଼ନ ସଂରକ୍ଷଣ ଯଥେଚ୍ଛା ତାଙ୍କର ।

ମିର୍ଜାଫର ଶ୍ୱଶୁର ମୋ ଅବଶ୍ୟ ଆରାଧ୍ୟ,
ତାଙ୍କ ଯୋଗେ ଏହି ଦଶା କହିବାକୁ ବାଧ୍ୟ ।

କରଣ ଉତ୍କୋଚେ ବଶ ଫିରଙ୍ଗି ସମାଜେ,
ବୋଲାଇଲେ ବଙ୍ଗଳାର ନବାବ୍ କେଉଁ ଲାଜେ ।

ସାଲିଆନା ଉତ୍କୋଚର କରିଲେ ବ୍ୟବସ୍ଥା
ନ ବୁଝି ପ୍ରଜାଙ୍କ ରାଜକୋଷର ଅବସ୍ଥା ।

ଲୋଭର ନାହିଁ ତ ସୀମା ମନୁଷ୍ୟ ମାତ୍ରକେ,
ପାଇଲେ ସୁଯୋଗ ଜଗତ୍ ଗ୍ରାସେ ନିମିଷକେ ।

ନବାବର ଦୁର୍ବଳତା ଯୋଗୁଁ ଫିରଙ୍ଗିର
ବଢ଼ାଇଲେ ପରିମାଣ କ୍ରମଶଃ ଦାବୀର୍ ।

ନ ପାରିଲେ ଦେଇ ଲୁଣ୍ଠି ଗ୍ରାମ ଧନରତ୍ନ,
'ନୁହେଁ ଉପଯୁକ୍ତ ନବାବ୍' କଲେକ ଘୋଷଣା ।

ଖୋଜୁଥିଲ ପରୀକ୍ଷିତ ଫିରଙ୍ଗି ଗୃଭୁଷା,
ପରୀକ୍ଷିତ ବୁଦ୍ଧିକ୍ଷେତ୍ରେ କେତେ ବାହାଦୁଷା ।

କଲ ଅଙ୍ଗୀକାର ଦେବ ଅପର୍ଯ୍ୟାପ୍ତ ଧନ,
ସୁବିଧାରେ ହେବ ତାଙ୍କ ବାଣିଜ୍ୟ ସାଧନ ।

ଭାବିଥିଲ ପାଇଗଲେ ନବାବ କ୍ଷମତା,
ବୁଦ୍ଧିବଳେ ପୋଛିଦେବ ଫିରଙ୍ଗିର ସତ୍ତା ।

ବେପାରୀ ଜାତି ତାଙ୍କର ବୁଝିଲେ ବେପାର,
ରହିବେ ଏ ବଙ୍ଗେ ହୋଇ ବସତି ଆଶାର ?

କରିବ ଆଇନ ଜାରି ଚତୁରତା ସହ,
ହେବ ଫିରିଙ୍ଗିଙ୍କ ପକ୍ଷେ ବାଣିଜ୍ୟ ଦୁର୍ବହ ।

କିନ୍ତୁ ହାୟ ! ପଣ୍ଡ ହେଲା ସକଳ ପ୍ରଯତ୍ନ,
ହେଲା ଅସମ୍ଭବ ମୋର ନିଜର ରକ୍ଷଣ ।

ବଢାଇତ ମିର୍ଜାଫର ହେଲ ମୁଁ ନବାବ,
ଫିରଙ୍ଗି କଲେ କୌଶଳ ଯେଣୁ ମୋ ଜବାବ ।

ପରିଶୋଧେ ଲୁହିଁଲେ ମୋ ପ୍ରତିଶ୍ରୁତ ଧନ,
ବିନମ୍ରେ କହିଲି, "ବଙ୍ଗ ପ୍ରଜା ତ ନିର୍ଧନ;

ରାଜକୋଷ ଶୂନ୍ୟ, ବଢାଇ ନ ଦେଲେ ଆୟ
ନ ପାରିବ ଦେଇ ଅର୍ଥ ଅନନ୍ୟ ଉପାୟ ।"

ଖୋଜିଲି ଆୟର ପନ୍ଥା ବିବିଧ ପ୍ରକାରେ,
ଦେଖେଁ ନ ଦିଅନ୍ତି ଶୁଳ୍କ ଫିରଙ୍ଗି ବେପାରେ ।

ବସାଇଲି ଶକ୍ତ କର ବିଦେଶୀ ବଣିକେ,
ବିନାଶେ ବିଦେଶୀ ଶକ୍ତି ଦର୍ପ ସ୍ୱରାଇକେ ।

ଜଳିଗଲେ ଫିରଙ୍ଗିଏ ମୋର ଏ ବିଧାନେ,
ଦେଖାଇଲି କେତେ ଯୁକ୍ତି ନାନାବିଧ ପ୍ରମାଣେ ।

ଅନ୍ୟାୟକୁ ନ୍ୟାୟେ ରଙ୍ଗି ଦେବାର କୌଶଳ,
ହେଲା ମୋହଠାରେ ପୂର୍ଣ୍ଣରୂପେ ତା' ବିଫଳ ।

ଅବାଧ ବାଣିଜ୍ୟ ଥିଲା ଫିରଙ୍ଗିଙ୍କ ଯୁକ୍ତି,
ଦେଖିଲେ ସେଥିରେ ନାହିଁ ତାଙ୍କର ତ ମୁକ୍ତି ।

ଉଠାଇଣ ଦେଲି ଶୁଳ୍କ ସମସ୍ତ ବେପାରେ,
ଦେଶୀ କି ବିଦେଶୀ ସର୍ବେ ସମାନ ବେଭାରେ ।

ବିନା ଶୁଳ୍କେ ଦେଶୀ ଶିଳ୍ପ ଉଠିଲା ଉପରେ,
ଚପାଇଲା ବିଦେଶର ବେପାର ସତ୍ୱରେ ।

ନାନାବିଧେ ଫିରଙ୍ଗିଏ କରିଲେ ଆପତ୍ତି,
ବୃଦ୍ଧିଲେ ସାହାଯ୍ୟେ ତାଙ୍କ ମୋର ପ୍ରତିପତ୍ତି ।

ଜଣାଇଲି ତାଙ୍କୁ ସବୁ ବିନୟ ମଧୁରେ,
ସ୍ୱୀକାରିଲି ଅତ୍ୟାଚାର ତାଙ୍କର ଆମୂଳେ ।

କରିଦେଲି ବନ୍ଦ ସବୁ ତାଙ୍କ ଅତ୍ୟାଚାର,
ସୂତାକଟାଳୀ ତନ୍ତୀଏ କଲେ କାରବାର ।

ନ ଟେକିଲି ବିଦେଶୀଙ୍କ ବାଣିଜ୍ୟ ପ୍ରଭାବ,
ବୁଝିଲେ ମୋ ଅନ୍ତର୍ଗତ ଚତୁରତା ଭାବ ।

ମଧୁରତା ମୁଖେ କିନ୍ତୁ କାର୍ଯ୍ୟେ ସୁଦୃଢ଼ତା,
ଫିରିଙ୍ଗିଙ୍କ ନାହିଁ ସେଥି ଏକାଗ୍ର ଦକ୍ଷତା ।

କଲି ବିଶେଷ ବିଚାର ସାମାନ୍ୟ ବ୍ୟାପାରେ,
ନ ଛୁଡ଼ିଲି ଯଟେବ ସ୍ଥାନ ଅସଲ କଥାରେ ।

କରି ଉଚିତ ବିଚାର ପ୍ରକାଶ୍ୟ ବିଚାରେ,
ବିହିଲି ଉଚିତ ଦଣ୍ଡ ବର୍ଣ୍ଣ ନିର୍ବିଚାରେ ।

ଅତ୍ୟାଚାରୀ ଫିରିଙ୍ଗିଏ ଗଣିଲେ ପ୍ରମାଦ,
ଦେଖିଲେ ସହଜ ନୁହେଁ ବାଣିଜ୍ୟର ସାଧ ।

କମିଗଲା ପ୍ରତିପତ୍ତି ନ ରହିଲା ଆଣ୍ଠ,
ନ ପାଇଲେ ଦୋଷିବାକୁ ମୋତେ କିଛି ବାଟ

ଭିତରେ ଭିତରେ କଲେ ଗୁପ୍ତ ଷଡ଼ଯନ୍ତ୍ର,
ମୋର ବିତାଡ଼ନା ହେଲା ସାଧନାର ମନ୍ତ୍ର ।

କରି ସୃଷ୍ଟି ଭେଦଭାବ ଆପଣେ ଆପଣେ,
କଲେ ଯୋଗ ଭେଟିବାକୁ ସମରପ୍ରାଙ୍ଗଣେ ।

ଦେଖିଲ ମୋ ବଙ୍ଗଦେଶ ଭେଦେ ଛିନ୍ନ ଭିନ୍ନ,
ଯୁଦ୍ଧ ହେଲା ଜିତିବାର ନ ଦେଖିଲ ଚିହ୍ନ ।

କୌଶଳେ ବାଦ୍‌ଶା ସଙ୍ଗ କଲି ମୁଁ ମନ୍ତ୍ରଣା,
ହୋଇବ ସମ୍ଭବପର ଫିରଙ୍ଗି ତାଡ଼ନା ।

(କିନ୍ତୁ ହାୟ) ଅସ୍ତମିତ ହିନ୍ଦୁସ୍ଥାନେ ଭାଗ୍ୟରବି ଚିର,
ନଷ୍ଟେଷ୍ଟ ମାରବ ସର୍ବେ ଯେମନ୍ତ ଶିଶିର ।

ନାହିଁ ଉତ୍ସାହ ପ୍ରବୃତ୍ତି କେବଳ କଳହ,
ପରସ୍ପରେ ଲାଗିଅଛି ହିଂସା ଅହରହ ।

ଯାଉପଛେ ରସାତଳେ ଦେଶର ଗୌରବ,
ସରବେ ତତ୍ପର ଯେନ ଆପଣା ବିଭବ ।

ଏତେ ଦ୍ୱେଷ, ଏତେ ହିଂସା, ଏତେ ଭେଦଜ୍ଞାନ,
ନିଶ୍ଚିତ ଏ କ୍ଷେତ୍ରେ ହେବା ବିଦେଶୀ ପ୍ରଧାନ ।

ହୋଇଲେ ଦୁର୍ବଳ ବାଦ୍‌ଶା ଯୁଦ୍ଧରେ ପରାସ୍ତ,
ସନ୍ଧିକରି ଫିରଙ୍ଗିଙ୍କ ସଙ୍ଗେ ହେଲେ ଶାନ୍ତ ।

ହେଲା ବନ୍ଦୋବସ୍ତ ଦେବେ ବାର୍ଷିକ ଉତ୍କୋଚ
ଦେଶଭକ୍ତ ରାଜଭକ୍ତ ହେଲା ମୂଳପୋଛ ।

ଦାବିକଲେ ଫିରଙ୍ଗି ଏ ମୋ ଶିର ଅର୍ପଣେ
ସନ୍ଧିସୂତ୍ରେ, ପୂର୍ବ ପ୍ରତିହିଂସାର ସାଧନେ ।

ଆସିଲି ପଳାଇ ରଖି ନିଜର ଜୀବନ,
ନାହିଁ କିଛି ହେବ ଆଉ ମୋ ଆଶା ସାଧନ ।

ବୁଲି ବନେ ବନେ ମୁହିଁ କରିବି ପ୍ରାର୍ଥନା,
ହେଉ ଦୃଢ଼ ହିନ୍ଦୁସ୍ଥାନ ହେଉ ଏକମନା ।

ଚିତ୍କାରିବି ଖୋଦା ଖୋଦା ଅରଣ୍ୟେ ଅରଣ୍ୟେ,
ରକ୍ଷାକର ଜନ୍ମଭୂମି ତା ଦୋଷ ମାର୍ଜନେ ।

ବସି ଏକମନେ ମୁହିଁ କରିବି ଧିଆନ;
ଗଢ଼ିଉଠୁ ନୂଆ ହୋଇ ଏ ଦେଶ ପରାଣ ।

ହିନ୍ଦୁଧର୍ମ ଉଚ୍ଚଧର୍ମ କୁଶିକ୍ଷା-ମଗନ,
ଖୋଦା ଖୋଦା ଦିଅ ତାଙ୍କୁ ନବୀନ ଜୀବନ ।

ଅଶିକ୍ଷିତ ମୁସଲମାନ ବିଳାସେ ମଗନ,
ଖୋଦା ହିଁ କରିବେ ଏକା ତାହାର ରକ୍ଷଣ ।

କହିବି ମୁଁ ମନବ୍ୟଥା ଗାଇ ଦେଶକଥା,
ଶୁଣିବେ ଜନେ ନିଶ୍ଚୟ ଏ ବିଶ୍ୱକରତା ।

———

—ଛଅ—

ମୃତ୍ୟୁଶଯ୍ୟାରେ ମିରଜାଫର—

ଚଳିଲି ଛାଡ଼ିଣ ଏହି ନଶ୍ୱର ସଂସାର,
ଅନୁଭବେ ସମ୍ଭାବନା ନାହିଁ ବଞ୍ଚିବାର ।

ମୃତ୍ୟୁକାଳେ ତିଳେ ସୁଦ୍ଧା ଶାନ୍ତି ନାହିଁ ମନେ,
ମାଡ଼ିପଡ଼େ ଚଉଦିଗୁଁ ଅନ୍ଧକାର ଘନେ ।

ଅନୁତାପ—ସେ ପୁଣି ଦିଅଇ ମନେ ଏତିକ ଯନ୍ତ୍ରଣା ?
ଥିଲା ତ ଏକଥା ମୋତେ ପୂର୍ବରୁ ଅଜଣା ।

କିଏ ଅଛି ମୋର ହୋଇ ଆଜି ଏ ସଂସାରେ,
କହିବ କାହାକୁ କିସ ମରେଁ ତ ଲଜ୍ଜାରେ ।

ସ୍ନେହଭରା ପୁତ୍ର ମୋର ମିରନ କୁଆଡ଼େ ?
ଜାମାତା ମୋର କାସିମ୍ ଅଛି କି ସଂସାରେ ?

ମିରନ, ମିରନ, କାହିଁପାଇଁ ଭାବଇ ମୁଁ ତୋହ କଥା ଆଜ,
ଯଥାବିଧି ସାଧିଅଛୁ ସିନା ଛୋଡ଼ ଦାଉ !

ପିତୃଭକ୍ତ ପୁତ୍ର, ମାନ ପିତାର ଆଦେଶ,
ନ କରନ୍ତି କିସ କେତେ ନ ସହନ୍ତି କ୍ଲେଶ ?

ଯୁବକ ହେଲେ ହେଁ ଥିଲି ବିଚାର ଶକତି,
ନ ମାନ ତା ସ୍ନେହ କଥା ସିନା ଏ ଦୁର୍ଗତି !

ପଠାଇଲି ଯେବେ ତାଙ୍କୁ ସିରାଜ ଅନ୍ୱେଷଣେ,
କି ବାଧା ନ ଦେଲି ମୋତେ ବିନୟ ବଚନେ !

ବନ୍ଦିଘରେ ସିରାଜର ହତ୍ୟା ପାଇଁ ଯେବେ,
ଆଦେଶିଲି ତାଙ୍କୁ, ବାଧା କି ନ ଦେଲି ତେବେ !

ନ ଶୁଣିଲି ତାହା ଯୁକ୍ତି ତାହାର ମିନତି,
ବିଶ୍ୱାସଘାତକ ମୁହିଁ ଅଧମ ଦୁର୍ମତି ।

କଲି ଯେବେ ଷଡ଼ଯନ୍ତ୍ର ଫିରିଙ୍ଗିଙ୍କ ସଙ୍ଗେ,
ନ କରିଛି ମନା କେତେ କହି ନାନାଭଙ୍ଗେ !

ମୋପରି ନୀଚ ପିତାର ଏଡ଼େକ ମହାନ,
କି କାରଣ ଜନ୍ମଦେଲେ ପୁତ୍ର ଭଗବାନ ।

ପ୍ରତିଶ୍ରୁତ ଫିରିଙ୍ଗିଙ୍କୁ ଉତ୍କୋଚ ପ୍ରଦାନେ,
କହିଲି, "ଆଘାତ ଲାଗେ ମୋହର ସମ୍ମାନେ ।"

ଫିରିଙ୍ଗିଙ୍କ ଦାବି ଯେବେ ବଢ଼ିଗଲା କ୍ରମେ,
କେତେଦିନ ନ କହିଲି କଥା ସେ ସରମେ ।

ବିଦେଶୀଙ୍କ ସନ୍ତର୍ପଣେ ଅର୍ଥ ଆହରଣେ,
ମାତିଗଲି ଯେବେ ଗ୍ରାମେ ପ୍ରଜାଙ୍କ ଲୁଣ୍ଠନେ,

ମିରନ ଆଖିରୁ ଲୁହ ପଡୁଥାଏ ଝରି,
(ତଥାପି) ଦ୍ରବିଲା ନାହିଁ ପାଷାଣ ହୃଦୟୁ ମୋହର ।

ହୋଇଲା ନବାବ ସତ (କିନ୍ତୁ) ଫିରଙ୍ଗିପୁତ୍ତଳକ,
ଦେଖି ଏହା ଫାଟିଯାଏ ମିରନର ବକ୍ଷ ।

ବଢାଇଲା ବୁଦ୍ଧି କେତେ ସ୍ୱଦେଶୀ ତାଡ଼ନେ,
ଦୁର୍ବଳ ମୁଁ ନ ଦେନଲି ସେସବୁ ଶ୍ରବଣେ ।

ଥିଲା ସାର, ବୁଦ୍ଧିମାନ ମିରନ ମୋହର,
ଅଯୋଗ୍ୟ ପିତାର ଥିଲା ଅପୂର୍ବ କୁମର ।

ଫିରିଙ୍ଗିଏ ବୁଝିଥିଲେ ମିରନ ଗରିମା,
ଗାଉଥିଲେ ପ୍ରଶଂସା ତ ନାହିଁ ତାର ସୀମା ।

ବୁଝିଥିଲେ ଚତୁର ସେ ବେପାରୀର ଦଳ,
ମିରନ ନବାବ ହେଲେ ସରିବ ସମ୍ବଳ ।

ତେଣୁ କଲେ ଏହି ମାତ ଷଡ଼ଯନ୍ତ୍ରମାନ,
ଅବଶେଷେ ନେଇନେଲେ ତା' କୋମଳ ପ୍ରାଣ ।

ନେଇଗଲେ ଦୂରଦେଶେ ଯୁଦ୍ଧ କରିବାରେ,
ଗୋପନେ ନେଲେ ତା ପ୍ରାଣ ନୃଶଂସ ହତ୍ୟାରେ ।

ଉପଯୁକ୍ତ ଶାସ୍ତି ହେଲା ମୋପରି ବଞ୍ଚକେ,
ପୁତ୍ର ହତ୍ୟା ପ୍ରାୟଶ୍ଚିତ୍ତ ବିଶ୍ୱାସଘାତକେ ।

ତଥାପି ନ ଗଲା ମୋର ସ୍ୱାର୍ଥର ପିପାସା,
ନବାବ ହେବାର ଅହୋ କେଡ଼େ ମନ୍ଦ ଆଶା ।

ତାଡ଼ିତ, ଲାଞ୍ଛିତ ହେଲି ମୁହିଁ ଅବଶେଷେ,
କାସିମ ନବାବ ହେଲା ଏ ବଙ୍ଗପ୍ରଦେଶେ ।

ଥିଲା ଜାମାତାର ମୋର ବୁଦ୍ଧି ବିଚକ୍ଷଣ,
ପାଞ୍ଚୁଥିଲା ସୁଚତୁରେ ସ୍ୱଦେଶୀ ତାଡ଼ନ ।

ଖୋଜିଲେ ମୋହର ଆଶ୍ରା ଫିରିଙ୍ଗିଏ ପୁଣି,
ଜାଗିଲା ପିପାସା ପୁନଃ ମିଷ୍ଟବାକ୍ୟ ଶୁଣି ।

ମିଶିଲି ତ ଷଡ଼ଯନ୍ତ୍ରେ କାସିମ୍ ତାଡ଼ନେ,
ପୂରୁବ ଲାଞ୍ଛନା ଆଉ ନ ପଡ଼ିଲା ମନେ ।

ବିତାଡ଼ିତ କାସିମ ପୁଣି ବଙ୍ଗ ଅଧୀଶ୍ୱର
ହେବା ପାଇଁ ତିଳେ ଲଜ୍ଜା ନ ହେଲା ମୋହର,

ଶୂନ୍ୟ ରାଜକୋଷ ପୁଣି ନିର୍ଦ୍ଧନ ପ୍ରଜାଏ,
ଫିରିଙ୍ଗିଙ୍କ ଦାବି ଏଣେ ଦ୍ରୁତଗତି ଧାଏଁ ।

କଲି ରାଜ୍ୟ ଛାରଖାର ନିର୍ମ୍ମମ ଲୁଣ୍ଠନେ,
ହାହାକାର ପୂରିଗଲା ବଙ୍ଗର ଗଗନେ ।

କି ଦୁଶ୍ଚିନ୍ତା ମଧ୍ୟେ ମୁହିଁ କଟାଇଲି ଦିନ,
ନିଷ୍ଠୁର ହୃଦୟ ସ୍ୱାର୍ଥେ ସର୍ବଦା ମଳିନ ।

ତେଜିଲି ଯାହାଙ୍କ ପାଇଁ ସ୍ୱଜନ ବରଗେ,
ଉଡ଼ାଇଲି ଅଖ୍ୟାତିର ଧ୍ୱଜା ଏହି ବଙ୍ଗେ,

ଭାବିଲେ କି ଦିନେ ମୋର କଥା ସହୃଦୟେ,
ହେଲେ କି କୃତଜ୍ଞ କେବେ ସବୁ ବିନିମୟେ ?

ମୋହପାଇଁ ଫିରିଙ୍ଗିଏ ହୋଇଲେ ସବଳ,
ଶିଖାଇଲି ବଙ୍ଗେ ତାଙ୍କୁ ମୋହର କୌଶଳ ।

ରହିବେ ସେ ଚିରଦିନ ହୋଇ ଅଧିପତି,
ଲୁଟିବେ କୌଶଳେ ଏହି ବଙ୍ଗର ସମ୍ପତ୍ତି ।

ନିଜସ୍ୱାର୍ଥ ପାଇଁ ମୁହିଁ ଦେଇଅଛି ବଳି,
ଦେଶସ୍ୱାର୍ଥ ଦଶସ୍ୱାର୍ଥ ପଦେ ଦେଇ ଦଳି ।

ରହିଗଲା ଅପଯଶ ମୁଁ ଯୁଗ ଯୁଗାନ୍ତେ,
ଗାଇବେ ଦୁର୍ଗୁଣ ସର୍ବେ ମୋହ ମରଣାନ୍ତେ ।

କେଉଁଆଡ଼େ ନାହିଁ ଯାହି ବିଶ୍ୱାସହନ୍ତାର,
ଫିରିଙ୍ଗିଏ ଦୁର୍ଗୁଣ ମୋ କରିବେ ପ୍ରଚାର ।

ମିରନ୍ ମିରନ୍, ବାପ ଗଲୁ ତୁ କୁଆଡ଼େ,
ମୋପାଇଁ ତୋତେ ଚଳିବେ କଳଙ୍କ ଲେଖାରେ ।

ପତିତ ମୁଁ, ମୋହପାଇଁ ସୁଜନେ ପତିତ,
ଦୁଇ କୂଳହରା ମୁହିଁ, ଚିର ଉପେକ୍ଷିତ ।

ଅପେକ୍ଷା ମରଣେ ମୋର, ନାହିଁ ଅନ୍ୟ ଗତି,
କୁଚକ୍ରୀର ଶେଷ ଏହି ଲଭୁଛି ନିୟତି ।

ନଂ 731
ତା 7.7.62

— ପାଞ୍ଚ —

ଲର୍ଡ଼୍ କ୍ଲାଇବ

(ବଙ୍ଗର ନବାବ)

କି ସୁନ୍ଦର ଦେଶ ଏହି କଳ୍ପନା ଅତୀତ,
ଯୁରୋପେ ତୁଳନା ନାହିଁ କାହାର ସହିତ ।

ଶୁଣିଅଛେ ଧନରାଶି ବିକ୍ଷିପ୍ତ ଦିଗନ୍ତ,
ଅଛି କି ସମୃଦ୍ଧିଶାଳୀ ଦେଶଟି ଏମନ୍ତ ?

କି ସୁନ୍ଦର ବନରାଜି ଶସ୍ୟକ୍ଷେତ୍ରମାଳା,
ଶୁଣିଅଛେ ବହେ ରମ୍ୟ ସ୍ରୋତସ୍ୱିନୀ ଧାରା ।

ସବୁ କି ବିଭବ ରାଶି ଦେଇଛି ଅଜାଡ଼ି,
ନିସର୍ଗ କରିଣ ଶୂନ୍ୟ ସ୍ୱକୋଷ ତାହାରି ?

ଏ ସୌନ୍ଦର୍ଯ୍ୟ ଏ ବିଭବ କବିର କଳ୍ପନା;
ପ୍ରତୀତ ହୋଇବ ବିନା ନ ହେବ ଧାରଣା ।

ଅପୂର୍ବ ଦେଖଇ କିନ୍ତୁ ବିଧାତା ବିଧାନ,
ନାହିଁ ଶକ୍ତି ସଂରକ୍ଷଣେ ଏ ବିଭବମାନ ।

ଦୁର୍ବଳ ଦେଶର ପ୍ରଜା ଆଳସ୍ୟେ କାତର,
ବ୍ୟର୍ଥ ଏ ସମ୍ପଦ, ନାହିଁ ତାହାର ଆଦର ।

ଅପାତ୍ରେ ପ୍ରଦାନ ଅଛି ବିଧି ଏ ସମ୍ପଦ,
ପାରିବେ କି ରକ୍ଷି କେହି ପଡ଼ିଲେ ବିପଦ ?

ନାହିଁ ଧନରକ୍ଷା-ଶକ୍ତି ଯେ ଦେଶ ପ୍ରଜାର,
ନାହିଁ ସେ ସମ୍ପଦେ ତାର ନ୍ୟାଯ୍ୟ ଅଧିକାର ।

ଭାରତର ଧନ ସତ ଏ ବିଭବରାଶି,
ନୁହେଁ ତାର ଅଧିକାରୀ ହିନ୍ଦୁସ୍ଥାନବାସୀ ।

ଏ ସମ୍ପଦ ଆହରଣ କର୍ତ୍ତବ୍ୟ ଆମ୍ଭର,
ଲିଖିଅଛି ବିଧି ଏହା ଭାଗ୍ୟେ ଇଂଲଣ୍ଡର ।

ବିଧିର ନିର୍ଦ୍ଦେଶେ ଆମ୍ଭେ ଆସିଛୁଁ ଏ ଦେଶେ,
ସମୁଜ୍ଜ୍ୱଳ ଭବିଷ୍ୟତ ଦେଖେ ଅବଶେଷେ ।

ଦେଖୁଛି ମୁଁ ସ୍ପଷ୍ଟ, ନୁହେଁ ବେପାର କେବଳ,
ହୋଇବୁଁ ନିଶ୍ଚୟ ଦିନେ ରାଜା ଏ ରାଜ୍ୟର ।

ଦୁର୍ବଳ ଉଦ୍ୟମହୀନ ଜନସାଧାରଣ,
ନବାବ ବାଦଶାହା ସବୁ ବିଳାସେ ନିମଗ୍ନ ।

ନାହିଁ ସ୍ୱାର୍ଥ ସାଧାରଣ ଏ ଦେଶବାସୀର,
କ୍ଷୁଦ୍ର ବ୍ୟକ୍ତିଗତ ସ୍ୱାର୍ଥେ ସମସ୍ତେ ଅସ୍ଥିର ।

ବିଶିଷ୍ଟ ଦୁଇଟି ଜାତି ହିନ୍ଦୁ ମୁସଲମାନ,
ପରସ୍ପରେ ନାହିଁ ସ୍ନେହ, ସଦା ଭେଦଜ୍ଞାନ ।

ମୁସଲମାନ ଭାବେ ସେ ତ ନବାବର ଦଳ,
କାଫିର ହିନ୍ଦୁଏ ପ୍ରଜାଶ୍ରେଣୀର କେବଳ ।

ଭାବେନାହିଁ ଏ ଦେଶକୁ ମୁସ୍‌ଲିମ ସ୍ୱଦେଶ,
ଆଫଗାନ୍ ଆରବେ ତାର ପୀରତି ବିଶେଷ ।

ସ୍ୱଧର୍ମେ ବମ୍ମେ ଉନ୍ମତ୍ତ ମୂର୍ଖ ମୁସଲମାନ,
କରେ ହିନ୍ଦୁ ମାନଙ୍କେ ସେ ଅତି ହେୟଜ୍ଞାନ ।

କାଫିର ହିନ୍ଦୁର ଧର୍ମ ମୂଳ ଉତ୍ପାଟନ
କରିବ ଅଚିରେ, ମୁସଲିମ ଦେଖଇ ସ୍ୱପନ ।

ବିଲୋପ ସାଧନେ ହିନ୍ଦୁ ଧର୍ମର ଆମୂଳେ
ସର୍ବଦା ଚେଷ୍ଟିତ ମୁସଲିମ୍ ସକଳ ବାହୁରେ ।

ଧର୍ମନାମେ କୁସଂସ୍କାର ହିନ୍ଦୁର ସମାଜେ,
ଶୃଙ୍ଖଳାର ନାମେ ଅତ୍ୟାଚାର ହିଁ ବିରାଜେ ।

ବ୍ରାହ୍ମଣ ପରା ମସ୍ତକ ହିନ୍ଦୁସମାଜର
ଅନାଚାର ଉତ୍ପୀଡ଼ନ ମାତ୍ର ତାହାଙ୍କର ।

ସମାଜୁଁ ତାଡ଼ନ ପୁଣି ସମାଜେ ଗ୍ରହଣ
ଆପୁ ପାଇଁ ସ୍ୱଇଚ୍ଛାରେ କରଇ ବ୍ରାହ୍ମଣ ।

ଇତର ଜାତିର ପ୍ରତି ନିର୍ମମ ବେଭାର,
ଅସ୍ପୃଶ୍ୟତା ଶେଷ ସୀମା ହିନ୍ଦୁ ଅତ୍ୟାଚାର ।

ସମାଜର ଉତ୍ପୀଡ଼ନେ ନିଷ୍ପେଷିତ ହିନ୍ଦୁ
ଭାଗ୍ୟାପେକ୍ଷୀ, ନାହିଁ ତାର ହୃଦେ ଆଶା ବିନ୍ଦୁ ।

ଏ ଦେଶବାସୀଙ୍କ ପକ୍ଷେ ନୁହେଁ ତ ସମ୍ଭବ,
ସମ୍ଭୋଗ ବା ଅଧିକାରେ ବିଶାଳ ବିଭବ ।

ଆସିଅଛୁଁ ଆମ୍ଭେ ସତ ବାଣିଜ୍ୟ ଉଦ୍ଦେଶ୍ୟ,
ଆତ୍ମିକ କର୍ତ୍ତବ୍ୟ ଅଛି ବିଧିର ନିର୍ଦ୍ଦେଶେ ।

ଦୁର୍ଭାଗ୍ୟ ଭାରତବାସୀ ନୁହେଁ ଭାଗ୍ୟଧର,
ଅପର ଜାତିର କେହି ଅପର ଦେଶର ।

ଇଂରେଜ ହିଁ ଜଣାଯାଏ ବିଧାତା ପ୍ରେରିତ,
ତାଙ୍କଦ୍ୱାରା ହେଲେ ଏହି ଦେଶଟି ଶାସିତ,

ପୃଥିବୀ ପକ୍ଷରେ ହେବ ମଙ୍ଗଳ ଘଟଣା,
ମନୁଷ୍ୟତା ହିସାବରେ କର୍ତ୍ତବ୍ୟ ସାଧନା ।

ଦେଖୁଛି ଭାରତବାସୀ ଅତୀବ ସରଳ,
ଚତୁରତା ତାଙ୍କଠାରେ ନୋହିବ ନିଷ୍ଫଳ ।

କର୍ତ୍ତବ୍ୟ ହିସାବେ ଚତୁରତା ହିଁ ଆଶ୍ରେୟ,
ବଳଠାରୁ କୌଶଳ ହିଁ ଅଧିକ ବିଧେୟ ।

ହିନ୍ଦୁର ଇତରଜାତି ନୁହେଁ ଆଶ୍ୱାସନା,
ତରଳିବ ସଞ୍ଚାଳନେ ମଧୁର ରସନା ।

ଉଚ୍ଚଜାତି ନୁହେଁ ହିନ୍ଦୁଧର୍ମର ରକ୍ଷଣ,
ଅସହ୍ୟ ତା' ପକ୍ଷେ ମୁସଲମାନର ପୀଡ଼ନ ।

ହେଉପଛେ ହିନ୍ଦୁ ଧର୍ମ ପୂର୍ଣ୍ଣ କୁସଂସ୍କାରେ,
ଯାଇଥାଉ ପଛେ ସଡ଼ି ପୌତ୍ତଳିକତାରେ,

ଦେଖାଇବୁଁ ସମୁଚିତ ସମ୍ମାନ ଧର୍ମରେ,
ମନ୍ଦିର ଦେବତା ଆଦି ଭକ୍ତି ହୃଦୟରେ ।

ହେଉନ୍ତୁ ଦୁର୍ବଳ ପଛେ ମୀରକ ନିଷ୍କ୍ରିୟ,
ଭାରତର ଜନସାଧାରଣ ଧର୍ମପ୍ରିୟ ।

ପ୍ରଦର୍ଶି ସମ୍ମାନ ଆମ୍ଭେ ଧର୍ମ ଅନୁଷ୍ଠାନେ,
ଜନ୍ମାଇବା ପ୍ରୀତିଭାବ ଭାରତର ପ୍ରାଣେ ।

ଧର୍ମ ସିନା ମନୁଷ୍ୟର ପ୍ରଧାନ ମାଦକ,
କରିଲେ ପ୍ରୟୋଗ ତାକୁ ପଥ ନିଷ୍କଣ୍ଟକ ।

ରହିଅଛି ସାମଞ୍ଜସ୍ୟ ଇଶାଇ ମୁସଲମେ,
ନାହିଁ ତେତେ ପ୍ରୟୋଜନ ଆମ୍ଭର କୃତିମେ ।

ରଖିବାକୁ ହେବ ଠେକ ତାଙ୍କ ଧର୍ମ ଦମ୍ଭ,
ହେବ ତେବେ ମୁସ୍‌ଲିମଙ୍କ ସୌହାର୍ଦ୍ୟ ସମ୍ଭବ ।

ମଜ୍‌ହବର ଦମ୍ଭେ ହେବ ଉଗ୍ର ମୁସଲମାନ,
ରଖିଥିବ ହିନ୍ଦୁ ସଙ୍ଗେ ତାର ଭେଦଜ୍ଞାନ ।

ନବାବ ହିନ୍ଦୁଏ ହୋଇ ମୁସ୍ଲିମ୍ ପୀଡ଼ିତ,
ଅନ୍ୟ ଆଶ୍ରା ଖୋଜୁଥିବେ, ଏହା ସୁନିଶ୍ଚିତ ।

ହେବ ଏହିପରି ଦେଶେ ପ୍ରତିଷ୍ଠା ଆମ୍ଭର,
କର୍ତ୍ତବ୍ୟ ସାଧନ କାର୍ଯ୍ୟ ବିଧି ନିର୍ଦ୍ଦେଶର ।

ସହ୍ୟ କ ପାରେ ଇଂଲଣ୍ଡ ଏତେ ଅତ୍ୟାଚାର,
ମନୁଷ୍ୟେ ମନୁଷ୍ୟେ କେଣେ ହେଲେ ଏ ସଂସାର ?

ମନୁଷ୍ୟତା ଦୃଷ୍ଟେ, ଏହା ଅତି ଆବଶ୍ୟକ,
ହେବ ଇଂଲଣ୍ଡ ଭାରତ ସୁଦକ୍ଷ ଶାସକ ।

ଲୋଡ଼ାନାହିଁ ଏତେ ଧନ, ଏ ଭାରତ ଦେଶେ,
ନେଇଯିବା ଅପର୍ଯ୍ୟାପ୍ତ ଉଚିତ ବିଦେଶେ ।

ଏକସ୍ଥାନେ ରକ୍ତ ହେଲେ ଅଧିକ ଏକତ୍ର,
ନିଷ୍କାସନ ଲୋଡ଼ା ତହିଁ ବିଷମ ରୋଗର ।

ନୋହିଲେ ଦୁର୍ବଳ ହେବ ଅଙ୍ଗ କ୍ରମେ କ୍ରମେ,
ପରହିତେ ନାହିଁ ଦୋଷ ଏ ଶୋଷଣ କର୍ମେ !

ହେଉଛି ନିକଟ କ୍ରମେ ଭାରତ ସୁଦିନ,
ଏଦେଶର ଭାଗ୍ୟ ହେବ ଇଂଲଣ୍ଡରେ ଲୀନ ।

ପଲାସି ଅବସାନେ ଆସିଛି ସୁଯୋଗ,
ଭାରତ ଇଂଲଣ୍ଡ ଦୁହେଁ କରବେ ସମ୍ଭୋଗ,

ହୋଇ ହାତ ଧରାଧରି ହିତେ ପରସ୍ପର,
ଏକର ବିଭବ ଉଚ, ସଭ୍ୟତା ଅନ୍ୟର ।

ସିରାଜ ନିଧନ, ମିରଜାଫର ତାଡନ
କୁଚକ୍ରୀ କାସିମ ଯେବେ କଲା ପଲାୟନ,

ଲୋଟିଯାଏ ଧନରାଶି ଆସି ପଦତଳେ,
ରାଜାର ମୁକୁଟ ଶିରେ ଧାଇଁ ଆସେ ବଳେ ।

ମିଳନ୍ତୁ ଦେବାତ୍ମା ବଙ୍ଗେ ଏତେ ଅଳ୍ପକାଳେ,
ସାମାନ୍ୟ ଘଟଣା ଏ ତ—କେତେ କଥା ଭଲେଁ ।

କୃଟସ୍ୱଜମାନ୍ତ ପୁଣି ଚତୁରତା ମଧ୍ୟେ,
ଫିଟିବ ଇଂଲଣ୍ଡ ଭାଗ୍ୟ ଦ୍ୱାରର ବନ୍ଧନେ ।

ହେବ ଭାରତର ସିଂହାସନେ ସେ ଆସୀନ,
ଇଂଲଣ୍ଡର ସାରଜାତି ନର୍ତ୍ତେଁ ଏକଦିନ ।

ସେଦିନ ଜଗତବକ୍ଷେ ଅଦ୍ଭୁତ ବ୍ୟାପାର,
ବ୍ରିଟେନ ଭାରତ କୋଳାକୋଳି ଚମତ୍କାର ।

ଶତ ଶତ ବର୍ଷ ଦୁହେଁ ରହିବେକ ମିଶି,
ପରସ୍ପର ଆଲିଙ୍ଗନେ ରହି ଦିବା ନିଶି ।

ପଲାସି ହୋଇଲା ପୀଠ ଯେଉଁ ସାଧନର,
ନ ବିନାଶୁ କାଳେ କାଳେ ସୁଫଳ ତାହାର ।

—ଛଅ—

କ୍ଲାଇଭ—

(ଅମୃତଛାୟା)

ଗାଉ ଯେତେ ଇଂଲଣ୍ଡ ମୋ କୀର୍ତ୍ତି ନିକର,
ଲେଖୁ ଯେତେ ଇତିହାସ ଗରିମା ମୋହର,

ଉଠୁ ପଛେ ଜୟଗାନ ଆକାଶ ଅବଧି,
ଚୌଦିଗେ ବିସ୍ତାରି ଜନପଦ ବା ଜଳଧି,

ବାଜୁ ପଛେ ଉଚ୍ଚେ ମୋର ବୀରତ୍ୱ ଡିଣ୍ଡିମ,
ଶୁଣାଇ ଜଗତେ ମୋର କୃତିତ୍ୱ ଅସୀମ,

ହୋଇଥାଉ ପଛେ ମୂଳଦୁଆ ମୋର କାର୍ଯ୍ୟ,
ଗଠନେ ବିଶାଳ ଏକ ବ୍ରିଟିଶ ସାମ୍ରାଜ୍ୟ,

ପାଇଥାଉ ପଛେ ଶତନିଧି ମୋର ଜାତି
ହିନ୍ଦୁସ୍ଥାନ ଅଧିକାରେ ସ୍ୱର୍ଗସୁଖ ଶାନ୍ତି,

ନ ବୁଝିବ ପରିତପ୍ତ ଆତ୍ମା ମୋର ଆଜ,
ଦଗ୍ଧ ହୃଦ ସାଧୁଥିବ ଅନୁତାପ ଦାଉ ।

କି ଦୁଷ୍କାର୍ଯ୍ୟ ନ କରିଛି ମୁହିଁ ହିନ୍ଦୁସ୍ଥାନେ,
କି ପାପ ନ କଲି ମୁହିଁ ଏ ମାତ ପରାଣେ ।

ଷଡ଼ଯନ୍ତ୍ର ପ୍ରବଞ୍ଚନା ଥିଲା ମୋ ସମ୍ବଳ,
ନ ଥିଲା ସାରଲ୍ୟ ଅବା ଆଜ କିଛି ବଳ ।

ମିଥ୍ୟା ଜାଲ୍ ଥିଲା ମୋର ଚିର ସହଚର,
ସରଳତା ହୋଇଗଲା ସିନା ଖରତର ।

କି ସରଳ ଲୋକେ ସେହି ବଙ୍ଗ ଦେଶର,
ଅତିଥି ହିସାବେ କଲେ କେତେ ସେ ଆଦର,

ଶିଷ୍ଟାଚାର ଉପକାର ଦେଖାଇ ମହତ୍ତ୍ୱ,
ପ୍ରତିଫଳେ ପାଇଲେ ସେ ଅଧମ ଦାସତ୍ୱ ।

କି ନ କଲି ଅତ୍ୟାଚାର ମୁହିଁ ବଙ୍ଗଦେଶେ,
ଧନ ଶିଳ୍ପ ଭଗ୍ନ ବିହାର ଉତ୍କଳ ପ୍ରଦେଶେ ।

ତ୍ରସ୍ତବ୍ୟସ୍ତ ଶିଳ୍ପିକୁଳ ମୋର ଅତ୍ୟାଚାରେ,
ଫାଟିଲା ଆକାଶ ହୃଦଭେଦୀ ହାହାକାରେ ।

ନିଷ୍ପୀଡ଼ନ ବୃତ୍ତାନ୍ତ ମୋ ପଡ଼ିଗଲେ ମନେ,
ଛିନ୍ନ ହୁଏ ସୂକ୍ଷ୍ମଶିରା ହୃଦେ ତତକ୍ଷଣେ ।

ନାଶିବାକୁ ଭାରତର ବସ୍ତ୍ରଶିଳ୍ପ ମୂଳେ,
ଜନ୍ମାଇଲି ମହାତଙ୍କ ତନ୍ତୁବାୟକୁଳେ ।

ଧ୍ୱଂସିଛି ଅଗ୍ନିରେ ଗ୍ରାମ କେତେ ସୀମା ନାହିଁ,
ପଳାଇ ଚନ୍ତଏ ବନେ ନ ପାଇଲେ ଥାନ ।

ଆଜୀବନ ଦାସ ହୋଇ ରହିଲେ ସେମାନେ,
ପେଟ ପାଇଁ ଖଟି ମଲେ କମ୍ପାନୀ କଲ୍ୟାଣେ ।

ନାରୀକୁଳ ହାହାକାର ଆସିଛି ଶ୍ରବଣେ,
ହୋଇନାହିଁ ଶୁଣେ ହେଲେ ଦୟା ମୋର ମନେ ।

ନିର୍ଦ୍ଦୋଷ ନିସ୍ପୃହ ସୂକ୍ଷ୍ମ ସୂତାକଟାଳିର,
ବୃଦ୍ଧାଙ୍ଗୁଷ୍ଠି କାଟି ଦିଏ ଭୃତ୍ୟ କମ୍ପାନୀର ।

ଦେଖିଛି ସେ ଭୟଙ୍କର ଦୃଶ୍ୟ ଏହି ଆଖି,
ଅଚଳେ ସହିଛି ହୃଦ ହୋଇ ମୂକସାକ୍ଷୀ ।

ନାନାଶିଳ୍ପେ ଭରା ସେହି ସୁନାର ଭାରତ,
ଗୋଟି ଗୋଟି କରି କଲ ସବୁକୁ ବିନଷ୍ଟ ।

ଲୁହାଶିଳ୍ପ କାଗଜର ଶିଳ୍ପ ଆଦି ଯାହା,
ଧ୍ୱଂସିଦେଲ ମୋ ନେତ୍ରରେ କମ୍ପାନୀ ତ ତାହା ।

ତନ୍ତ ବ୍ୟବସାୟେ ଥିଲ ପୂର୍ଣ୍ଣ ସେହି ଦେଶ,
ସମୂଳେ ବିନଷ୍ଟ, ଆଜ ନାହିଁ ତାର ଲେଶ ।

ବଙ୍ଗଦେଶୁଁ ଉତ୍କଳରୁ ସୂକ୍ଷ୍ମବସ୍ତ୍ର ପସର,
ଆଣି ଏ ଦେଶେ ଖୋଲିଲ ବାଣିଜ୍ୟ-ପସରା,

ଅଛି କି ସେ ସୁବିଶାଳ ବସ୍ତ୍ରଶିଳ୍ପ ଆଜ,
ଅଛି କି ଭାରତେ ଆଜ ସେହି ପଣ୍ୟରାଜ ?

ମୋହପାଇଁ ଲକ୍ଷ ଲକ୍ଷ କଲେ ଅନଶନ,
ମୋହପାଇଁ ବ୍ରହ୍ମସ୍ଥାନେ ଉଠିଲା କ୍ରନ୍ଦନ ।

ସହିଲା କପଟର ଏହା ମନୁଷ୍ୟ ହୃଦୟ,
କରେ ଅର୍ଥଲାଳସା ନରେ ଏତେକ ଅଧମ ?

ମନୁଷ୍ୟର ମନୁଷ୍ୟର ପ୍ରତି ଅତ୍ୟାଚାର,
ଅର୍ଥଲୋଭେ ପାପାଚାର ପିଶାଚ ବେଭାର,

ଲାଗିବ ସେ ଦେଶେ କେତେ ଲଜ୍ଜା ତ ନାହିଁ,
ଶତ ଶତ ବର୍ଷବ୍ୟାପୀ, ସିନା ମୋହପାଇଁ ।

ରାଜ୍ୟଜୟ ଇତିହାସେ ନୁହଇ ନୂତନ,
ସଶସ୍ତ୍ର ସମୟେ ଜୟ କଥା ପୁରାତନ,

କପଟତା ବଳେ ଜୟ ଅଦ୍ଭୁତ ବ୍ୟାପାର
ପ୍ରକାଶ୍ୟ ସମରୁଁ ପୀଡ଼ା ଅତି ବେଶି ତାର ।

ଖାଇବା ଥାଳରୁ ଅନ୍ନ ଆଣିଛି ଛଡ଼ାଇ,
ଲକ୍ଷ ଲକ୍ଷ ଲୋକଙ୍କର ଲୋତକ ବୁହାଇ,

ସମ୍ଭବ କି ଏହା ହେବ ସଶସ୍ତ୍ର ସମରେ,
ବଙ୍ଗତେ ମରିବେ କାନ୍ଦି ଯୁଗ ଯୁଗାନ୍ତରେ ?

ପଲସି ବଙ୍ଗେ ହେଲା ଯେ ବୀଜ ରୋପଣ,
ଉପୁଜିବ ବୃକ୍ଷ ସେଥୁଁ କରିବ ଶୋଷଣ,

ଭାରତର ହୃଦରକ୍ତ ବିନ୍ଦୁ ବିନ୍ଦୁ କରି,
ହୋଇବ କଠିନ ତାକୁ ଦେବା ଅପସରି ।

ସେ ବୃକ୍ଷର ଫଳ ହେବ ଅତି ବିଷମୟ,
ବିସ୍ତାରିବ ଜ୍ୱାଳା ତାର ହିନ୍ଦୁସ୍ଥାନମୟ ।

ହୀନବୀର୍ଯ୍ୟ ହୀନତେଜ ହେବ ଦେଶବାସୀ,
ଦୁର୍ବଳ ଚିତ୍ତ ତାଙ୍କର ହୋଇବେ ମାତ୍ସର୍ଯ୍ୟ ।

ପୃଥିବୀର ଏକପଞ୍ଚମାଂଶ ମୋହ ଯୋଗେ,
ପଶୁପରି ହେବେ ମାନବୀସୃତା ବିଯୋଗେ ।

କରନ୍ତୁ ସ୍ୱହସ୍ତେ ଯେଉଁ କୁ-କରମମାନ,
ଭବିଷ୍ୟତ ଫଳ ତା'ର ଅତି ଗରିୟାନ ।

ମିଥ୍ୟାବାଦୀ ଷଡ଼ଯନ୍ତ୍ରୀ ମୁହିଁ ଜାଲସୃତ
ମୀତମନା ଅବିବେକୀ ଲକ୍ଷ୍ୟ ମୋର ସ୍ୱାର୍ଥ,

ନୁହଇ ଉଚିତ ମୋର ବଞ୍ଚିବା ମହୀରେ,
ଲୁପିଦିଏ ପାପଭାର ଏ କଳଙ୍କ ଶିରେ ।

ସ୍ୱାର୍ଥ ପାଇଁ ଦେଶବାସୀ କରନ୍ତୁ ତର୍ପଣ,
କ୍ଲାଇବ ବୀର, ସଦାଶୂର, ତା' ଜୀବନ ଧନ୍ୟ !

ଉଠାଇ ତ ଛନ୍ତି ମୋତେ ଗୌରବ ଶିଖରେ,
ବର୍ଣ୍ଣୁଛନ୍ତି ମୋତେ କାଲ୍ପନିକ ସୁଗୁଣରେ ।

ଜାଣେ ମୁହିଁ ଗଠିତ ମୁଁ କେଉଁ ଉପାଦାନେ,
ନେଲେ ପର କଷ୍ଟମାନରେ ଅଭଦ୍ର ଆଖ୍ୟାନେ,

ବାସ୍ତବିକ ଅଭଦ୍ର ମୁଁ ସ୍ୱଭାବ ମୋ ମନ୍ଦ
ସତ୍ୟ ନ୍ୟାୟ ନାହିଁ ତା'ର ମୋହଠାରେ ଗନ୍ଧ ।

ଉନ୍ମତ୍ତ ଅର୍ଥପିପାସା ଜାଗିଲା ମୋ ମନେ,
ଲୁବ୍ଧମେଁ ପ୍ରବୃତ୍ତ ହେଲି ତାହାର ସାଧନେ ।

ଜାଣି ତ ନ ଥିଲି ପୁଣି ଶେଷେ ଅନୁତାପ,
ନର୍ଦ୍ଦୟେ ଦଂଶିବ ମନ ନିଜକୃତ ପାପ ।

କେଉଁଗୁଣେ ବୋଲୁଛନ୍ତି ମୋତେ ସଚ୍ଚରିତ୍ର
ଆଦର୍ଶ ଜୀବନ ବୋଲି କରୁଛନ୍ତି ଚିତ୍ର ?

ନୈତିକ ଜୀବନ ମୋର ଅତି କଳଙ୍କିତ
ନଷ୍ଟଗତ ଚରିତ୍ର ମୋ ଅତୀବ ଘୃଣିତ ।

ସାମାନ୍ୟ କାମର ଆଶା ନ ପାରି ଦମାଇ
କେତେ ପରିବାରେ ଦୁଃଖ ଦେଇଛି ଜନ୍ମାଇ—

ଶିହରି ଉଠେ ମୋ ତନୁ ପଡ଼ିଗଲେ ମନେ
ଏତେ ଘୃଣ୍ୟ ହୋଇ କପାଁ ବଞ୍ଚିବ ଜୀବନେ ।

ଅର୍ଥଲୋଭୀ କାମୁକ ମୁଁ ଅସତ୍ୟ-ଚରିତ୍ର
ରହିଛି ଯେ ଦେହ ଧରି ଏହା ହିଁ ବଚିତ୍ର

ନାଁ—ଏ ଜଗତେ ପ୍ରୟୋଜନ ନାହିଁ କିଛି ମୋର,
ବଞ୍ଚିବା ଉଚିତ ନୁହେ ଅନୁତାପେ ଘୋର ।

କରିବି ମୁଁ ଅବଲମ୍ବେ ଏ ଜୀବନ ଶେଷ
ଭୁଲିଯିବ ସେହି ଶାନ୍ତ ନିଶ୍ଚିନ୍ତ ପ୍ରଦେଶ ।

ବନ୍ଧୁକ ମୋ ଫୁଟ୍ ଦେଖି ଗୁଡ଼ୁମ୍ କରି ଥରେ,
ସବୁ ପାପ ସବୁ ତାପ ରଖିଦେଇ ମରେଁ ।

ସମାପ୍ତ

ମୁଦ୍ରାକର—ଶ୍ରୀ ରଘୁନାଥ ପ୍ରସାଦ ମିଶ୍ର, ପ୍ରସାଦ ପ୍ରେସ, କଟକ—୨


32
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର

ଦେଶ ବଦେଶ—ଏକ

ନଂ...........
ତା.....7 JUL 1962

ଏମ୍ମୀ

ଶ୍ରୀ କୈଳାସ ଚନ୍ଦ୍ର ରାୟ

ପ୍ରକାଶକ
ଶ୍ରୀ ଅନନ୍ତ ମିଶ୍ର, ପ୍ରୋପ୍ରାଇଟର
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍
ବାଲୁବଜାର, କଟକ—୨

ଦ୍ୱିତୀୟ ମୁଦ୍ରଣ
୧୯୫୮

ମୂଲ୍ୟ ପାଞ୍ଚ ଅଣା

ନଂ. 732
ତା. 7 JUL 1962
ରାଉରକେଲା

ଦିଲ୍ଲୀ

କଥାରେ କହନ୍ତି:—"ଫୁଲ ମଧ୍ୟରେ ମଲ୍ଲୀ,
ନଗର ମଧ୍ୟରେ ଦିଲ୍ଲୀ ।"

ଦିଲ୍ଲୀ ପ୍ରକୃତରେ ଅତି ସୁନ୍ଦର ସହର । ଏହା ଯମୁନା ନଦୀକୂଳରେ ଅବସ୍ଥିତ । ଏହା ଗୋଟିଏ ଅତି ପ୍ରାଚୀନ ସହର । ବହୁ ପୂର୍ବକାଳରୁ ଏହା ଭାରତର ରାଜଧାନୀ ରୂପେ ପ୍ରସିଦ୍ଧି ଲାଭ କରିଅଛି । ପୂର୍ବେ ହିନ୍ଦୁ, ପଠାଣ ଓ ମୋଗଲସମ୍ରାଟମାନେ ଏଠାରେ ରାଜତ୍ୱ କରୁଥିଲେ । ପ୍ରାଚୀନକାଳରୁ ଏଠାରେ ଭାରତର ରାଜଧାନୀ ପ୍ରତିଷ୍ଠିତ ହୋଇଅଛି । ପୃଥିବୀର ଅନ୍ୟ କୌଣସି ସହର ଏତେ କାଳ କୌଣସି ଦେଶର ରାଜଧାନୀ ହୋଇ ରହିନାହିଁ ।

ଦିଲ୍ଲୀ ଇତିହାସପ୍ରସିଦ୍ଧ ସହର । ଦିଲ୍ଲୀର ଇତିହାସ ପ୍ରଧାନତଃ ଭାରତର ଇତିହାସ କହିଲେ ଚଳେ । ବହୁକାଳ ହେଲା ଏହା ଭାରତର ରାଜଧାନୀ ହୋଇ ରହିଅଛି । ସମଗ୍ର ଭାରତର ଏକ ଏକ ଅଂଶ ଯେତେବେଳେ ଜଣେ ଜଣେ ରାଜାଙ୍କ ଅଧୀନରେ ଶାସିତ ହେଉଥିଲା, ସେତେବେଳେ ମଧ୍ୟ ଦିଲ୍ଲୀ ସର୍ବ ପ୍ରଧାନ ରାଜ୍ୟର ରାଜଧାନୀ ଥିଲା । ପୂର୍ବକାଳରେ ଅନେକ ରାଜା ଓ ବିଦେଶୀ ଜାତି ଭାରତ

ଆକ୍ରମଣ କରିଥିଲେ । ତାହା ଫଳରେ ବହୁ ଥର ଏହି ସହରର ଉତ୍ଥାନ ପତନ ହୋଇଛି । ତୈମୁରଲଙ୍ଗ ଓ ନାଦରଶାହାଙ୍କ ଆକ୍ରମଣ ଭାରତ ଇତିହାସରେ ପ୍ରଧାନ ଘଟଣା । ସେମାନଙ୍କ ଆକ୍ରମଣ ଫଳରେ ଦିଲ୍ଲୀର ବିଶେଷ ପରିବର୍ତ୍ତନ ଘଟିଛି । ସେ ସମୟରେ ଏଠାରୁ ବହୁ ଧନ ସମ୍ପତ୍ତି ଲୁଣ୍ଠିତ ହୋଇଛି, ବହୁ ଲୋକ ମରିଛନ୍ତି ଓ ବହୁତ ଯାନ ବାହାନ ନଷ୍ଟ ହୋଇଛି । ବିଖ୍ୟାତ ପାନିପଥ ଯୁଦ୍ଧଭୂମି ଏହି ଦିଲ୍ଲୀ ସହର ନିକଟରେ ଅବସ୍ଥିତ । ଏହିଠାରେ ଅନେକ ଥର ଭାରତର ଭାଗ୍ୟପରୀକ୍ଷା ହୋଇଛି ।

ମହାଭାରତରେ ବର୍ଣ୍ଣିତ ଅଛି ଯେ, ଧର୍ମରାଜା ଯୁଧିଷ୍ଠିର ଏହିଠାରେ ତାଙ୍କର ରାଜଧାନୀ ସ୍ଥାପନ କରିଥିଲେ । ତାହାର ନାମ ଥିଲା ଇନ୍ଦ୍ରପ୍ରସ୍ଥ । ଇନ୍ଦ୍ରପ୍ରସ୍ଥ ସହରଟି ଏହି ଦିଲ୍ଲୀ ସହର ନିକଟରେ ଅବସ୍ଥିତ ଥିଲା । ଏହା ନିକଟରେ କୁରୁକ୍ଷେତ୍ରରେ କୁରୁପାଣ୍ଡବଙ୍କର ଯୁଦ୍ଧ ହୋଇଥିଲା । ଦିଲ୍ଲୀ ସହର ପାଖରେ ଯମୁନା ନଦୀ କୂଳରେ ଇନ୍ଦ୍ରପ୍ରସ୍ଥ ବୋଲି ବର୍ତ୍ତମାନ ସୁଦ୍ଧା ଗୋଟିଏ ଗ୍ରାମ ଅଛି । ପ୍ରାଚୀନ ଇନ୍ଦ୍ରପ୍ରସ୍ଥ ସହରଟି ସେହି ସ୍ଥାନରେ ଅବସ୍ଥିତ ଥିଲା ବୋଲି ଲୋକମାନେ ବିଶ୍ୱାସ କରନ୍ତି । ଇନ୍ଦ୍ରପ୍ରସ୍ଥ ନାନା ଶୋଭାରେ ପୂର୍ଣ୍ଣ ହୋଇ ଇନ୍ଦ୍ରପୁରୀ ପରି ଝଟକୁଥିଲା ବୋଲି ତାହାର ନାମ ଇନ୍ଦ୍ରପ୍ରସ୍ଥ ଦିଆଯାଇଥିଲା । ପରବର୍ତ୍ତୀ କାଳରେ ଦିଲୁ ନାମରେ ରାଜପୁତ ବଂଶୀୟ ଜଣେ ରାଜା ଏଠାରେ ରାଜପଣ କରୁଥିଲେ । ତାଙ୍କର ନାମ ଅନୁସାରେ ଏହାର ନାମ ହେଲା ଦିଲ୍ଲୀ ।

ଶତ ଶତ ବର୍ଷ ଅତିବାହିତ ହେଲା । ବହୁ ରାଜା ମହାରାଜା ଏହି ଇନ୍ଦ୍ରପ୍ରସ୍ଥ ଓ ତାହାର ଆଖପାଖର ଭୂମି ଅଧିକାର କରିବା ପାଇଁ ଯୁଦ୍ଧ କରିଥିଲେ । ଯେଉଁମାନେ ଯୁଦ୍ଧରେ ଜୟ ଲାଭ କଲେ, ସେମାନେ ସେଠାରେ ବାସକରି ଦୁର୍ଗ ଓ ସହର ନିର୍ମାଣ କଲେ;

ମାତ୍ର ପରବର୍ତ୍ତୀ କାଳରେ ଅନ୍ୟ ରାଜାମାନଙ୍କ ଆକ୍ରମଣ ଫଳରେ ସେଗୁଡ଼ିକ ଧ୍ୱଂସପ୍ରାପ୍ତ ହୋଇଥିଲା । ଆଜିକାଲି ଦିଲ୍ଲୀ ଓ ତାହାର ଆଖ ପାଖରେ ସେହି ଦୁର୍ଗ ଓ ସହରଗୁଡ଼ିକର ଚିହ୍ନ ଦେଖାଯାଏ ।

ହିନ୍ଦୁ, ପଠାଣ ଓ ମୋଗଲସମ୍ରାଟମାନଙ୍କ ରାଜତ୍ୱ କାଳରେ ବହୁବର୍ଷ ପର୍ଯ୍ୟନ୍ତ ଦିଲ୍ଲୀ ଭାରତର ରାଜଧାନୀ ହୋଇ ରହିଥିବାରୁ ଭାରତର ନାନାଆଡ଼ୁ ସଡ଼କମାନ ଆସି ଏଠାରେ ମିଳିତ ହୋଇଅଛି । ବର୍ତ୍ତମାନ ରେଲପଥମାନ ଏଠାରୁ ଭାରତର ବିଭିନ୍ନ ଅଞ୍ଚଳକୁ ପଡ଼ିଅଛି ଏବଂ ଏହି ରେଲପଥଗୁଡ଼ିକ ସମସ୍ତ ଦେଶ ମଧ୍ୟରେ ସମ୍ପର୍କ ରକ୍ଷା କରୁଅଛି । ତେଣୁ ଦିଲ୍ଲୀରୁ ଭାରତର ଚାରି ଆଡ଼କୁ ଯିବା ଆସିବାର ସୁବିଧା ହୋଇଅଛି ।

ପ୍ରାୟ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଦିଲ୍ଲୀ ହିନ୍ଦୁ ରାଜାମାନଙ୍କ ରାଜଧାନୀ ଥିଲା । ତାହାପରେ ଏହା ପଠାଣମାନଙ୍କ ଦ୍ୱାରା ଅଧିକୃତ ହେଲା । ପଠାଣମାନେ ଏଠାରେ ପ୍ରାୟ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ୧୫୨୬ ଖ୍ରୀଷ୍ଟାବ୍ଦରେ ଏହା ମୋଗଲମାନଙ୍କ ହାତକୁ ଗଲା । ପ୍ରାୟ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଏହା ମୋଗଲ ସମ୍ରାଟମାନଙ୍କ ଅଧୀନରେ ରହିଥିଲା । ସିପାହୀ ବିଦ୍ରୋହ ପରେ ଇଂରେଜମାନେ ଏହାକୁ ଅଧିକାର କଲେ ।

ମୋଗଲମାନଙ୍କ ରାଜତ୍ୱ କାଳରେ ଦିଲ୍ଲୀ ଭାରତର ଗୋଟିଏ ଶ୍ରେଷ୍ଠ ନଗରୀରେ ପରିଣତ ହେଲା । ମୋଗଲ ସମ୍ରାଟମାନେ ବଡ଼ ଆଡ଼ମ୍ବରପ୍ରିୟ ଥିଲେ । ସେମାନେ ବହୁ ଅର୍ଥ ବ୍ୟୟ କରି ଦିଲ୍ଲୀରେ ମନୋହର ପ୍ରାସାଦ ଓ ଦୁର୍ଗମାନ ନିର୍ମାଣ କରିଥିଲେ । ତେଣୁ ସେମାନଙ୍କ ରାଜତ୍ୱ ସମୟରେ ଏହାର ସୌନ୍ଦର୍ଯ୍ୟ କ୍ରମଶଃ ବୃଦ୍ଧି ପାଇଲା । ଆଜିକାଲି ମଧ୍ୟ ଏଠାରେ ମୋଗଲ ସମ୍ରାଟମାନଙ୍କ ଦ୍ୱାରା ନିର୍ମିତ ବହୁ ପ୍ରାଚୀନ ଅଟ୍ଟାଳିକା ଦେଖାଯାଏ ।

ସମ୍ରାଟ୍ ଶାହାଜାହାନ ଦିଲ୍ଲୀ ସହର ପାଖରେ ଶାହାଜାହାନାବାଦ୍ ନାମକ ସହର ବସାଇଥିଲେ । ସେଠାରେ ସେ ସୁଦୃଢ଼ ଦୁର୍ଗ ଓ ସେଥି ମଧ୍ୟରେ ମନୋରମ ପ୍ରାସାଦମାନ ନିର୍ମାଣ କରିଥିଲେ । ସେଗୁଡ଼ିକ ଆଜି ପର୍ଯ୍ୟନ୍ତ ସେଠାରେ ରହିଅଛି ୧୬୩୮ ଖ୍ରୀଷ୍ଟାବ୍ଦରେ ସମ୍ରାଟ ଶାହାଜାହାନ ଦିଲ୍ଲୀ ଦୁର୍ଗର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ଏହା ଶେଷ ହେବାକୁ ୯ବର୍ଷ ଲାଗିଥିଲା । ସୁନ୍ଦର କାରୁକାର୍ଯ୍ୟ ପୂର୍ଣ୍ଣ ଏହା ଗୋଟିଏ ସୁଦୃଢ଼ ଦୁର୍ଗ । ବର୍ତ୍ତମାନ ଏହା ଲାଲକିଲା ନାମରେ ପରିଚିତ ।

ଶାହାଜାହାନ

ଶାହାଜାହାନ ଲାଲ ପଥରରେ ଯେଉଁ ପ୍ରାସାଦ ନିର୍ମାଣ କରାଇଥିଲେ, ତାହା ସେ ସମୟରେ ସମଗ୍ର ଭାରତରେ ଏପରି କି ସମଗ୍ର ପୃଥିବୀରେ ସର୍ବୋତ୍କୃଷ୍ଟ ପ୍ରାସାଦ ବୋଲି ଗଣ୍ୟ ହୋଇଥିଲା । ତାହାର ଦୈର୍ଘ୍ୟ ଏକ ହଜାର ଗଜ ଓ ପ୍ରସ୍ଥ ଛଅଶହ ଗଜ । ତାହାର ଦୁଇଗୋଟି ଫାଟକ ଅଛି । ଗୋଟିକୁ ଲାହୋର ଫାଟକ ଓ ଅନ୍ୟଟିକୁ ଦିଲ୍ଲୀ ଫାଟକ ବୋଲିଯାଏ । ଲାହୋର ଫାଟକର ପୂର୍ବ ପଟେ ସମ୍ରାଟଙ୍କର ଶୟନାଗାର, ମନ୍ତ୍ରଣା ଗୃହ ଓ ଅନ୍ତଃପୁର ଅବସ୍ଥିତ । ଏହି ପାସାଦ ଗୁଡ଼ିକ ଅଦ୍ୟାପି ସେଠାରେ ବିଦ୍ୟମାନ ।

ଉତ୍ତର ଦିଗରେ ହାୟୃତ୍ ବକ୍ସ ଓ ମହତାବ ବାଗ୍ ନାମକ ଦୁଇଟି ଉଦ୍ୟାନ ଅଛି । ସମ୍ରାଟ୍ ଶାହାଜାହାନଙ୍କର ଦରବାର ଗୃହର ନାମ **ଦେଓୟାନ୍-ଇ-ଆମ୍** । ତାହାର ସୌନ୍ଦର୍ଯ୍ୟ ଅତୁଳନୀୟ ।



ଲାଲକିଲା

ସମ୍ରାଟ୍ ଏହି ସ୍ଥାନରେ ବସି ପ୍ରଜାମାନଙ୍କ ଗୁହାରି ବୁଝୁଥିଲେ ଓ ଅପରାଧୀମାନଙ୍କର ବିଚାର କରି ଦଣ୍ଡ ବିଧାନ କରୁଥିଲେ ।

ସେତେବେଳେ ଅତି ଗରିବ ପ୍ରଜା ମଧ୍ୟ ସମ୍ରାଟଙ୍କୁ ନିଜର ଦୁଃଖ ଗୁହାରି ଜଣାଇ ପାରୁଥିଲା । ସମ୍ରାଟଙ୍କର ସିଂହାସନଟି ଶ୍ୱେତ ପ୍ରସ୍ତରର ଗୋଟିଏ ଉଚ୍ଚ ବେଦୀ ଉପରେ ସ୍ଥାପିତ ହୋଇଥିଲା । ତେଣୁ ସମସ୍ତେ ସମ୍ରାଟ୍‌ଙ୍କୁ ଦୂରରୁ ଦର୍ଶନ କରି ପାରୁଥିଲେ ।

ସମ୍ରାଟଙ୍କୁ ସମ୍ମାନ ଦେଖାଇବା ପାଇଁ ସିଂହାସନର ପାଦଦେଶରେ ରାଜ୍ୟର ବଡ଼ କର୍ମଚାରୀମାନେ ଠିଆହୋଇ ରହୁଥିଲେ । ରାଜା, ମହାରାଜା ଓ ଅମୀରମାନେ ସମ୍ମୁଖରେ କିଛି ଦୂରରେ ବସୁଥିଲେ । ଦେଓୟାନ୍-ଇ-ଆମର ଛାତ ତଳେ ଗୋଟିଏ ସୁନ୍ଦର ଚାନ୍ଦୁଆ ଝୁଲୁଥିଲା । ଦରବାର କକ୍ଷର ଖିଲାଣ ଓ ସ୍ତମ୍ଭଗୁଡ଼ିକ ରେଶମୀ ପର୍ଦ୍ଦାଦ୍ୱାରା ଶୋଭା ପାଉଥିଲା ।

ଦେଓୟାନ୍-ଇ-ଖାସ୍ ସମ୍ରାଟ୍ ଶାହାଜାହାନଙ୍କର ମନ୍ତ୍ରଣାଗୃହ । 'ଦେଓୟାନ୍-ଇ-ଆମ' ଅତି ସୁନ୍ଦର; ମାତ୍ର 'ଦେଓୟାନ୍-ଇ-ଖାସ୍'ର ସୌନ୍ଦର୍ଯ୍ୟ ତାହାଠାରୁ ଶତଗୁଣରେ ଅଧିକ । ଏହାର ଦୈର୍ଘ୍ୟ ୯୨ ଫୁଟ ଓ ପ୍ରସ୍ଥ ୬୭ ଫୁଟ । ଏହି ଗୃହଟି ସେତେବେଳେ ସୁନ୍ଦର ଗାଲିଚା ଓ ପର୍ଦ୍ଦାଦ୍ୱାରା ଶୋଭା ପାଉଥିଲା । ଏହି ଗୃହରେ ଶାହାଜାହାନଙ୍କ ବିଖ୍ୟାତ ମୟୂର ସିଂହାସନଟି ଶୋଭା ପାଉଥିଲା । ଏହି ସିଂହାସନ ଦେହରେ ସୁନାର ପାତିଆ ଛାଉଣୀ ହୋଇଥିଲା । ସେଥିରେ ଅସଂଖ୍ୟ ହୀରା, ନୀଳା, ମଣିମୁକ୍ତା ଖଚିତ ହୋଇଥିଲା । ପ୍ରତ୍ୟେକ ସ୍ତମ୍ଭରେ ମୟୂରଗୁଡ଼ିକ ମଣି ମାଣିକ୍ୟରେ ଝଲମଲ କରୁଥିଲା । ମଣିମୁକ୍ତା ଖଚିତ ସ୍ତମ୍ଭଗୁଡ଼ିକ ଉପରେ ଗୋଟିଏ ମନୋହର ଚାନ୍ଦୁଆ ଶୋଭା ପାଉଥିଲା । ଏହି ସିଂହାସନଟିକୁ ନିର୍ମାଣ କରିବାକୁ ସାତବର୍ଷ ଲାଗିଥିଲା ଏବଂ ଏଥିରେ ପ୍ରାୟ ୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ୧୭୩୯ ଖ୍ରୀଷ୍ଟାବ୍ଦରେ ପାରସ୍ୟର ରାଜା ନାଦରଶାହ ଭାରତ ଆକ୍ରମଣ କଲାବେଳେ ଦିଲ୍ଲୀରୁ ଏହି ସିଂହାସନ ଓ ବହୁଧନ ରତ୍ନ ପାରସ୍ୟକୁ ନେଇ ଯାଇଥିଲେ ।

ଦେଓୟାନ୍-ଇ-ଖାସ୍ ନିକଟରେ **ରଙ୍ଗମହଲ** ଅବସ୍ଥିତ । ଏଥିରେ ସମ୍ରାଟଙ୍କ ମହିଷୀ ଓ ଅନ୍ୟ ମହିଳାମାନେ ବାସ

କରୁଥିଲେ । ଯମୁନା ନଦୀ ତୀରରେ ଅବସ୍ଥିତ କାରୁକାର୍ଯ୍ୟମୟ ଏହି ପ୍ରାସାଦ ଉପରୁ ଯମୁନାର ଦୃଶ୍ୟ ଅତି ମନୋହର ଦେଖାଯାଏ ।

ଦିଲ୍ଲୀର **ଜୁମା ମସଜିଦ୍** ଭାରତର ସବୁଠାରୁ ବଡ଼ ମସଜିଦ୍ । ଏହା ସମ୍ରାଟ୍ ଶାହାଜାହାନଙ୍କର କୀର୍ତ୍ତି । ଏହା ଦେଖିବାକୁ ଅତି ସୁନ୍ଦର । ଶଙ୍ଖମଲମଲ ପଥର ଓ ଲୋହିତ ପଥରରେ ଏହା ତିଆରି । ଏହାର ଗମ୍ବୁଜ ଓ ଚୂଡ଼ା ବହୁ ଦୂରରୁ ଦେଖାଯାଏ । ଏଠାରେ ପ୍ରତି ଶୁକ୍ରବାର ଦିନ ମୁସଲମାନମାନେ ପ୍ରାର୍ଥନା ନିମନ୍ତେ ଏକତ୍ର ହୁଅନ୍ତି ।



ଜୁମା ମସଜିଦ

ଦିଲ୍ଲୀର ପ୍ରାଚୀନ ଧ୍ୱଂସାବଶେଷ ମଧ୍ୟରେ ପୁରୁଣା କିଲ୍ଲା ଅନ୍ୟତମ । ଏହା ଦିଲ୍ଲୀ ଫାଟକର ପ୍ରାୟ ଦୁଇ ମାଇଲ ଦକ୍ଷିଣକୁ ଅବସ୍ଥିତ । ଏଥିରେ ବର୍ତ୍ତମାନ ଯେଉଁସବୁ ପ୍ରାସାଦ ରହିଅଛି,

ସେଗୁଡ଼ିକର ନିର୍ମାଣ କାର୍ଯ୍ୟ ହୁମାୟୁନ ଆରମ୍ଭ କରିଥିଲେ ଓ ଶେରସାହ ସେଗୁଡ଼ିକ ଶେଷ କରିଥିଲେ । ପୁରୁଣା କିଲାର ମଧ୍ୟ ଭାଗରେ ଗୋଟିଏ ଗୋଲାକାର ଅଟ୍ଟାଳିକା ଅଛି । ତାହାର ନାମ 'ଶେରମଣ୍ଡଲ' । ସମ୍ରାଟ୍ ହୁମାୟୁନଙ୍କର ଏହା ପାଠାଗାର ଥିଲା । ଏହି ପାଠାଗାରର ପାହାଚ ଉପରୁ ହଠାତ୍ ଗୋଡ଼ ଖସିଯିବା ଫଳରେ ହୁମାୟୁନ ବିଶେଷ ଆଘାତ ପାଇଥିଲେ । ଏଥିରେ ତାଙ୍କର ମୃତ୍ୟୁ ହୋଇଥିଲା ।



ହୁମାୟୁନଙ୍କ ସମାଧି ସ୍ଥାନ

ଗୋଟିଏ ବଡ଼ ଉଦ୍ୟାନ ମଧ୍ୟରେ ହୁମାୟୁନଙ୍କର ସମାଧି ସ୍ଥାନ (କବର) ଅବସ୍ଥିତ । ଏହା ଗୋଟିଏ ବୃହତ୍ ପ୍ରାସାଦ ପରି ମନୋହର । ସମ୍ରାଟ୍ ହୁମାୟୁନ ନିଜେ ତାଙ୍କର ସମାଧି ପାଇଁ ଏହି ସ୍ଥାନ ସ୍ଥିର କରି ଯାଇଥିଲେ ।

ଦିଲ୍ଲୀର ପ୍ରାଚୀନ ଦର୍ଶନୀୟ ବସ୍ତୁଗୁଡ଼ିକ ମଧ୍ୟରେ **କୁତବ୍ ମିନାର** ପ୍ରଧାନ । ଏଠାରେ ଗୋଟିଏ ପ୍ରାଚୀନ ହିନ୍ଦୁ ମନ୍ଦିରର ଭଗ୍ନଅଂଶ ଗଦା ହୋଇ ରହିଥିଲା । ୧୨୦୦ ଖ୍ରୀଷ୍ଟାବ୍ଦରେ ଦାସ ବଂଶର ରାଜା କୁତବୁଦ୍ଦିନ ଆଇବେକ୍ ଏହି କୁତବ-ମିନାରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଏହା ୨୩୮ ଫୁଟ ଉଚ୍ଚ । ଏଥିରେ ପାଞ୍ଚୋଟି ମହଲା ଅଛି । ଉପରକୁ ଉଠିବାପାଇଁ ସ୍ତମ୍ଭ ମଧ୍ୟରେ ୩୮୦ଟି ଘୂରାଣିଆ ପାହାଚ ଅଛି । ପ୍ରତି ମହଲାର ଚୁଡ଼ର ଚାରିଆଡ଼େ ପ୍ରଶସ୍ତ ବାରଣ୍ଡା ଅଛି । ଏହାର ଉପର ଭାଗରୁ ଦିଲ୍ଲୀସହରର ଚାରିଆଡ଼ର ଦୃଶ୍ୟ ଅତି ସୁନ୍ଦର ଦିଶେ ।


କୁତବ ମିନାର

କୁତବ୍ ମିନାର ନିକଟରେ ଲୌହସ୍ତମ୍ଭ ଅଛି । ଚନ୍ଦ୍ର ନାମରେ ଜଣେ ହିନ୍ଦୁରାଜା ଏହି ସ୍ତମ୍ଭ ନିର୍ମାଣ କରିଥିଲେ । ଏହାର ଉଚ୍ଚତା ୨୪ ଫୁଟ ।

———

ନୂତନ ଦିଲ୍ଲୀ

ସିପାହୀ ବିଦ୍ରୋହ ପରେ ଇଂରେଜମାନେ ଦିଲ୍ଲୀ ଅଧିକାର କଲେ; ମାତ୍ର ସେତେବେଳେ କଲିକତା ଭାରତ ସାମ୍ରାଜ୍ୟର ରାଜଧାନୀ ଥିଲା । ଦିଲ୍ଲୀ ଅତି ପ୍ରାଚୀନକାଳରୁ ରାଜା, ମହାରାଜାମାନଙ୍କର ରାଜଧାନୀରୂପେ ଖ୍ୟାତି ଲାଭ କରିଥିବାରୁ ଇଂରେଜ ସରକାରଙ୍କ ଅମଳରେ ଏହା ପୁଣି ଭାରତର ରାଜଧାନୀ ରୂପେ ଘୋଷିତ ହେଲା ।



ଭାରତର ବ୍ୟବସ୍ଥାପକ ସଭାଗୃହ

୧୯୧୧ ମସିହା ଡିସେମ୍ବର ୧୨ ତାରିଖରେ ସମ୍ରାଟ୍ ପଞ୍ଚମ ଜର୍ଜ ଦିଲ୍ଲୀରେ ଏକ ଦରବାର କରିଥିଲେ । ସେଠାରେ ସେ ଦିଲ୍ଲୀକୁ ଭାରତର ରାଜଧାନୀ ରୂପେ ଘୋଷଣା କଲେ । ଦିଲ୍ଲୀ ନିକଟରେ ପ୍ରାୟ ଦୁଇ ମାଇଲ ଦୂରରେ ରାଇସିନା ନାମକ ସ୍ଥାନରେ ନୂତନ ରାଜଧାନୀ ସ୍ଥାପିତ ହେଲା ।

ଇଂରେଜ ସରକାର ବହୁ ଅର୍ଥବ୍ୟୟ କରି ସେଠାରେ ନୂତନ ଜଧାନୀ ନିର୍ମାଣ କଲେ । ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ବର୍ଷ ଲାଗିଥିଲା । ଏହା ବର୍ତ୍ତମାନ **ନୂତନ ଦିଲ୍ଲୀ** ନାମରେ ଖ୍ୟାତ । ଦିଲ୍ଲୀ ସ୍ୱାଧୀନ ଭାରତର ମଧ୍ୟ ରାଜଧାନୀ ହୋଇଅଛି ।

ନୂତନ ଦିଲ୍ଲୀରେ ବହୁ ସୁରମ୍ୟ ବୃହତ୍ ଅଟ୍ଟାଳିକା ନିର୍ମିତ ହୋଇଅଛି । ଏଠାରେ କେନ୍ଦ୍ର **ବ୍ୟବସ୍ଥାପକ** ସଭାଗୃହ ଓ ରାଷ୍ଟ୍ରପତି ଭବନର ଦୃଶ୍ୟ ଅତି ମନୋହର । ବ୍ୟବସ୍ଥାପକ ସଭାଗୃହଟି ଗୋଟିଏ ବିରାଟ ଗୋଲାକାର ପ୍ରାସାଦ । ଏହାର ଚାରିପାଖରେ ବେଡ଼ ପ୍ରାୟ ଅଧମାଇଲ । ଏଥିରେ ଭାରତୀୟ ପାର୍ଲାମେଣ୍ଟ ବା ଜାତୀୟ ଲୋକସଭାର ଅଧିବେଶନ ହୁଏ । ଭାରତର ବିଭିନ୍ନ ରାଜ୍ୟରୁ ଲୋକପ୍ରତିନିଧିମାନେ ଏହି ସଭାଗୃହରେ ବସି ସମଗ୍ର ଦେଶପାଇଁ ଆଇନ୍ ପ୍ରଣୟନ ଓ ଆୟ ବ୍ୟୟର ବ୍ୟବସ୍ଥା କରନ୍ତି । ଏହାର



ସେକ୍ରେଟାରିଏଟ୍

ନିକଟରେ ଦୁଇଟି ବୃହତ୍ ସରକାରୀ ଅଫିସ ବା ସେକ୍ରେଟାରିଏଟ୍ ଅଛି । ଏହି ଦୁଇଟି ଅଫିସ ଭିତରେ ଭାରତ ସରକାରଙ୍କର ସବୁ

ବିଭାଗର ଅଫିସଗୁଡ଼ିକ ରହିଅଛି । ଏହି ଦୁଇ ଅଫିସ ଗୃହର ମଝିରେ ଗୋଟିଏ ସୁନ୍ଦର ସଡ଼କ ରାଷ୍ଟ୍ରପତିଙ୍କ ଭବନ ପର୍ଯ୍ୟନ୍ତ ଯାଇଅଛି ।

ନୂତନ ଦିଲ୍ଲୀରେ ସରକାରୀ ବିଭାଗ ଓ ବିଭିନ୍ନ କାର୍ଯ୍ୟାଳୟମାନ ଅବସ୍ଥିତ । ଦୂରଆଡ଼କୁ ଦେଖିଲେ ଏହାର ପ୍ରାକୃତିକ ଦୃଶ୍ୟ ମନୋହର ଦିଶେ । ଧାଡ଼ିଧାଡ଼ି ଗଛ, ସବୁଜ ଘାସପଡ଼ିଆ, ସୁନ୍ଦର ବଗିଚା ଓ ସୁନ୍ଦର କୋଠାବାଡ଼ି ଏହାର ଶୋଭା ବର୍ଦ୍ଧନ କରୁଅଛି । ଏଠାର ସଡ଼କଗୁଡ଼ିକ ଚଉଡ଼ା ଓ ସର୍ବଦା ପରିଷ୍କାର ପରିଚ୍ଛନ୍ନ ଥାଏ । ଏହି ନୂତନ ଦିଲ୍ଲୀର ନିର୍ମାଣ କାର୍ଯ୍ୟ ବହୁ ଅର୍ଥ ବ୍ୟୟରେ ୧୯୩୧ ମସିହାରେ ଶେଷ ହୋଇଥିଲା । ଏହି ନୂତନ ଦିଲ୍ଲୀ ତିଆରି ହେଲାବେଳେ ପ୍ରତିଦିନ ପ୍ରାୟ ୩୦ ହଜାରରୁ ଅଧିକ ଲୋକ କାମ କରୁଥିଲେ । ରମଣୀୟ ପ୍ରାସାଦପୂର୍ଣ୍ଣ ନୂତନ ଦିଲ୍ଲୀ ଭାରତରେ ବ୍ରିଟିଶ ଶାସନର କୀର୍ତ୍ତି ଅଟେ । ଏଥିରେ ନବ ନିର୍ମିତ "ଭାରତର ଫାଟକ" ବା 'ଇଣ୍ଡିଆ ଗେଟ' ଗୋଟିଏ ଦର୍ଶନୀୟ ବସ୍ତୁ । ଏହା ଦୂରକୁ ଅତି ସୁନ୍ଦର ଦିଶେ ।

ଦିଲ୍ଲୀ ଅତି ପ୍ରାଚୀନ କାଳରୁ ଏ ପର୍ଯ୍ୟନ୍ତ ଭାରତର ରାଜଧାନୀ ରୂପେ ଖ୍ୟାତି ଲାଭ କରି ଆସୁଅଛି । ଏହାର ପ୍ରାକୃତିକ ଅବସ୍ଥିତି ତାହାର ପ୍ରଧାନ କାରଣ । ଗୋଟିଏ ବୃହତ୍ ଦେଶର ରାଜଧାନୀ ସାଧାରଣତଃ ଦେଶର କେନ୍ଦ୍ର ସ୍ଥଳରେ ସ୍ଥାପିତ ହୋଇଥାଏ । ତାହାହେଲେ ଦେଶର କୌଣସି ଅଂଶ ରାଜଧାନୀଠାରୁ ବହୁ ଦୂରରେ ରହେ ନାହିଁ ଏବଂ ଦେଶର ଶାସନ କାର୍ଯ୍ୟ ପରିଚାଳନା କରିବାରେ ବିଶେଷ ସୁବିଧା ହୁଏ । ଦିଲ୍ଲୀର ଅବସ୍ଥିତି ଅନେକ ପରିମାଣରେ ଏହି ସୁବିଧା ଲାଭ କରିଅଛି । ଏହା ଯମୁନା ନଦୀ ତୀରରେ ଘନ ଜନବସତି ପୂର୍ଣ୍ଣ ସୈନ୍ଧବ-ଗାଙ୍ଗେୟ ସମତଳ

ିର ପ୍ରାୟ ମଧ୍ୟଭାଗରେ ଅବସ୍ଥିତ । ତେଣୁ ଏହା ଘନ ଜନବସତି
ି ସମତଳ ଅଞ୍ଚଳର କୌଣସି ଅଂଶ ଏଠାରୁ ବହୁ ଦୂରରେ



ଭାରତର ଫାଟକ

ଅବସ୍ଥିତ ନୁହେଁ । ଏହାର ଉତ୍ତରରେ ଅତ୍ୟୁଚ୍ଚ ବରଫ ପୂର୍ଣ୍ଣ

ହିମାଳୟ ପର୍ବତ ଶ୍ରେଣୀ ଏବଂ ଦକ୍ଷିଣରେ ଆରାବଲୀ ପର୍ବତ ଥର ମରୁଭୂମି ରହିଅଛି । ସୈନ୍ଧବ ସମତଳରୁ ଗାଙ୍ଗେୟ ଅବବାହିକାକୁ ଆସିବାର ପ୍ରାକୃତିକ ଦ୍ୱାର ଦେଶରେ ଏହି ଅବସ୍ଥିତ । ସୈନ୍ଧବ-ଗାଙ୍ଗେୟ ସମତଳ ଭୂମିରେ ବିସ୍ତୃତ ବିଭିନ୍ନ ସ୍ଥଳପଥ ଓ ଜଳପଥର ମିଳନ ସ୍ଥଳରେ ଦିଲ୍ଲୀ ଅବସ୍ଥିତ ଥିବାରୁ ପ୍ରାଚୀନ କାଳରୁ ଏହାର ଖ୍ୟାତି ଅକ୍ଷୁଣ୍ଣ ରହିଅଛି । କଲିକତାରୁ ପେଶୱାର ପର୍ଯ୍ୟନ୍ତ ବିସ୍ତୃତ ପ୍ରଧାନ ସଡ଼କ (ଗ୍ରାଣ୍ଡ୍ ଟ୍ରଙ୍କ୍ ରୋଡ଼) ଏହି ସହରବାଟେ ଯାଇଅଛି । ଏଠାରୁ ମଧ୍ୟ ଦକ୍ଷିଣ-ପଶ୍ଚିମରେ ଯୋଧପୁର ଆଡ଼େ ସଡ଼କ ପଡ଼ିଅଛି ।

ଦିଲ୍ଲୀ ଭାରତର ପ୍ରଧାନ ରେଳପଥଗୁଡ଼ିକର ମିଳନ ସ୍ଥଳରେ ଅବସ୍ଥିତ । ଦିଲ୍ଲୀକୁ କେନ୍ଦ୍ର କରି ଭାରତର ଚତୁଃଆଡ଼େ ବିଭିନ୍ନ ରେଳପଥମାନ ଯାଇଅଛି । ଏହି ରେଳପଥଗୁଡ଼ିକ ଦିଲ୍ଲୀ ସହିତ ସମଗ୍ର ଦେଶରେ ଯୋଗାଯୋଗ ସ୍ଥାପନ କରୁଅଛି । ତେଣୁ କଲିକତା, ବମ୍ବେ, ମାନ୍ଦ୍ରାଜ ପ୍ରଭୃତି ଭାରତର ପ୍ରଧାନ ସହର, ବନ୍ଦର ଓ ବାଣିଜ୍ୟ କେନ୍ଦ୍ରଗୁଡ଼ିକ ସହିତ ସଂଯୁକ୍ତ ହୋଇଅଛି ।

ଯମୁନା ନଦୀରେ ଦିଲ୍ଲୀ ପର୍ଯ୍ୟନ୍ତ 'ନୌକା ଯାତାୟାତ କରେ; ତେଣୁ ଗଙ୍ଗାନଦୀ ଓ ଯମୁନା ନଦୀ ଦ୍ୱାରା ଦିଲ୍ଲୀ ଜଳପଥରେ ଭାରତର ପୂର୍ବାଞ୍ଚଳର ଅନେକ ନଗର ସହିତ ସଂଯୁକ୍ତ ।

ଦିଲ୍ଲୀର ପାଲମଠାରେ ଗୋଟିଏ ବୃହତ୍ ଉଡ଼ାଜାହାଜ ଷ୍ଟେସନ ବା ବିମାନଘାଟି ସ୍ଥାପିତ ହୋଇଅଛି । ଏହାଦ୍ୱାରା ଆକାଶ ପଥରେ ଭାରତର ବଡ଼ ସହର ଗୁଡ଼ିକ ସହିତ ଦିଲ୍ଲୀର ସମ୍ବନ୍ଧ ସ୍ଥାପିତ ହୋଇଅଛି । ଇଉରୋପରୁ ଭାରତ ବାଟେ ଅଷ୍ଟ୍ରେଲିଆକୁ ଉଡ଼ାଜାହାଜ ଯା ଆସ କରେ । ଉଡ଼ାଜାହାଜ ଇଉରୋପରୁ ଡାକ ଓ ଯାତ୍ରୀ ପ୍ରଭୃତି ନେଇ ଦିଲ୍ଲୀ ବାଟେ ଅଷ୍ଟ୍ରେଲିଆକୁ ଯାତାୟାତ କରେ ।

ନୂତନ ଦିଲ୍ଲୀରେ ଅବସ୍ଥିତ ଲକ୍ଷ୍ମୀନାରାୟଣଙ୍କ ମନ୍ଦିରଟି ଅତି ସୁନ୍ଦର । ଭାରତବର୍ଷ ମଧ୍ୟରେ ଏପରି ସୁନ୍ଦର ମନ୍ଦିର ଦେଖାଯାଏ ନାହିଁ । ଭାରତର ଶ୍ରେଷ୍ଠ ଶିଳ୍ପପତି ଶ୍ରୀ ଘନଶ୍ୟାମ ଦାସ ବିରଲାଙ୍କ ଦ୍ୱାରା ଏହା ନିର୍ମିତ ହୋଇଅଛି । ମନ୍ଦିର ମଧ୍ୟରେ ଅବସ୍ଥିତ ମାର୍ବଲ ପ୍ରସ୍ତରରେ ନିର୍ମିତ ଦେବ-ଦେବୀଙ୍କ ମୂର୍ତ୍ତି-ଗୁଡ଼ିକ ଭାରତୀୟ ଭାସ୍କର୍ଯ୍ୟର ଗୋଟିଏ ଶ୍ରେଷ୍ଠ ନିଦର୍ଶନ । ମନ୍ଦିର ସଂଲଗ୍ନ ବାମ ଓ ଦକ୍ଷିଣ ପାର୍ଶ୍ୱରେ ଗୀତା ମନ୍ଦିର ଓ ବୌଦ୍ଧମନ୍ଦିର । ମନ୍ଦିର ଦେହରେ ମୂର୍ତ୍ତି ଓ ଚିତ୍ର ଶିଳ୍ପରେ ଗୀତା କାହାଣୀ ଓ ବୁଦ୍ଧଦେବଙ୍କର ଜୀବନ ଚରିତ ବର୍ଣ୍ଣିତ ହୋଇଅଛି ।



ମହାତ୍ମାଗାନ୍ଧୀ

ମହାମାନବ ମହାତ୍ମା ଗାନ୍ଧୀ ଦିଲ୍ଲୀରେ ଅଧିକାଂଶ ସମୟ ରହୁଥିଲେ । ତାଙ୍କର ଅହିଂସ ସତ୍ୟାଗ୍ରହ ଫଳରେ ଭାରତ ସ୍ୱାଧୀନ ହେଲା । ଦିଲ୍ଲୀରେ ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ନାଥୁରାମ ଗଡ଼ସେଙ୍କ ଗୁଳି ଚୋଟରେ ଗାନ୍ଧିଜୀ ପ୍ରାଣ ହରାଇଥିଲେ । ଯମୁନାନଦୀ କୂଳସ୍ଥ ରାଜଘାଟଠାରେ ଗୋଟିଏ ସୁନ୍ଦର ବଗିଚା ମଧ୍ୟରେ ତାଙ୍କର ସମାଧି ଅବସ୍ଥିତ ।

ଦିଲ୍ଲୀ ଭାରତର ଗୋଟିଏ ପ୍ରଧାନ ଶିଳ୍ପ କେନ୍ଦ୍ର, ବାଣିଜ୍ୟ କେନ୍ଦ୍ର ଓ ଶିକ୍ଷା କେନ୍ଦ୍ର ରୂପେ ଖ୍ୟାତି ଲାଭ କରିଅଛି । ଏଠାରେ ଅନେକ ଲୁଗାକଳ, ପଶମକଳ, ଚିନି ଓ ବିସକୁଟ କାରଖାନା ସ୍ଥାପିତ ହୋଇଅଛି । ଦିଲ୍ଲୀର ହାତ ତିଆରି ଜିନିଷ ଭାରତପ୍ରସିଦ୍ଧ । ହାତ ତିଆରି ଜିନିଷ ଗୁଡ଼ିକ ମଧ୍ୟରେ ସୁନା ରୂପାର ଅଳଙ୍କାର, କଂସା, ପିତ୍ତଳ ଓ ତମ୍ବା ବାସନ, ଚମଡ଼ା ଦ୍ରବ୍ୟ, ହାତୀଦାନ୍ତର କାରୁକାର୍ଯ୍ୟ ଓ ବିଭିନ୍ନ ପ୍ରକାର ଜରିକାମ ପ୍ରଧାନ । ଏଠାରେ ଭଲ ଭଲ କାରିଗରମାନେ ତମ୍ବାପାତ୍ର ଉପରେ ଅତି ସୁନ୍ଦର କାରୁକାର୍ଯ୍ୟ କରନ୍ତି । ଦିଲ୍ଲୀର ନୀଳବର୍ଣ୍ଣ ମାଟିର ପାତ୍ର ଗୁଡ଼ିକ ଅତି ସୁନ୍ଦର ଓ ସେଗୁଡ଼ିକ ଭାରତର ସର୍ବତ୍ର ଆଦୃତ ହୁଏ । ଦିଲ୍ଲୀର କମ୍ବଳ ଓ ଗାଲିଚ୍ଚ ଗୁଡ଼ିକ ଅତି ଉତ୍କୃଷ୍ଟ ।

ଦିଲ୍ଲୀରେ ଗୋଟିଏ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଅଛି । ଏହା ଦେଶମଧ୍ୟରେ ଶିକ୍ଷା ବିସ୍ତାରରେ ବିଶେଷ ସାହାଯ୍ୟ କରୁଅଛି । ଦିଲ୍ଲୀ ଭାରତରେ ବେତାର ବାର୍ତ୍ତା ପ୍ରେରଣର ସର୍ବ-ପ୍ରଧାନ କେନ୍ଦ୍ର । ଏଠାରୁ ନାନା ପ୍ରକାର ସମ୍ବାଦ ବେତାର ଯୋଗେ ଦେଶର ସର୍ବତ୍ର ପ୍ରଚାରିତ ହୁଏ ।

ଦିଲ୍ଲୀରେ ଗ୍ରୀଷ୍ମ କାଳରେ ଯେପରି ଅଧିକ ଗରମ, ଶୀତ କାଳରେ ସେହିପରି ଅଧିକ ଶୀତ ହୁଏ । ମେ ଓ ଜୁନ ମାସରେ ଏଠାରେ ସବୁଠାରୁ ଅଧିକ ଗରମ ଜଣାପଡ଼େ । ଡିସେମ୍ବର ଓ ଜାନୁୟାରି ମାସରେ ମଧ୍ୟ ଅତ୍ୟଧିକ ଥଣ୍ଡା ହୁଏ । ଏଠାରେ ଅଧିକ ବୃଷ୍ଟି ହୁଏ ନାହିଁ । ବାର୍ଷିକ ହାରାହାରି ବୃଷ୍ଟିପାତର ପରିମାଣ ୨୭ ଇଞ୍ଚ ହୁଏ ।

ପ୍ରାଚୀନ ଦିଲ୍ଲୀରେ ମୋଗଲ ବାଦଶାହମାନଙ୍କ ଦ୍ୱାରା ନିର୍ମିତ ଇତିହାସପ୍ରସିଦ୍ଧ ବହୁଦୁର୍ଗ, ପ୍ରାସାଦ, ମସଜିଦ୍, ସମାଧି-ମନ୍ଦିର ପ୍ରଭୃତି ଥିବାରୁ ଦିଲ୍ଲୀକୁ ଇଟାଲୀର ରୋମ ନଗରୀ ସହିତ

ତୁଳନା କରାଯାଏ । ଦିଲ୍ଲୀ ଦୁର୍ଗର ବାହାରେ ଦିଲ୍ଲୀର ପ୍ରସିଦ୍ଧ ଚାନ୍ଦନୀଚୌକ ଅବସ୍ଥିତ । ଏହିଠାରେ ହିଁ ଦିଲ୍ଲୀର ଐଶ୍ୱର୍ଯ୍ୟ ।

ଏଠାରେ ରାଜପଥର ଉଭୟ ପାର୍ଶ୍ୱରେ ନାନା ଢଙ୍ଗରେ ସୁସଜ୍ଜିତ ବଡ଼ ବଡ଼ ଦୋକାନ ବଜାର ଦେଖାଯାଏ । ଏହା ଦିଲ୍ଲୀର ସର୍ବାପେକ୍ଷା ଐଶ୍ୱର୍ଯ୍ୟଶାଳୀ ପଥ । ଏଠାରେ ଓଟଟଣ ଗାଡ଼ି, ଟାଙ୍ଗା, ମଟର ଗାଡ଼ି ପ୍ରଭୃତି ସକଳ ପ୍ରକାର ଯାନ ବାହାନ ଅନବରତ ଯାତାୟାତ କରୁଥାଏ । ୧୯୦୮ ମସିହାରୁ ଦିଲ୍ଲୀରେ ଟ୍ରାମଗାଡ଼ିର ପ୍ରଚଳନ ହୋଇଅଛି । ଏଠାରେ ଭାରତର ସର୍ବାଞ୍ଚଳର ଲୋକମାନଙ୍କୁ ନାନା ବିଷୟରେ ବ୍ୟସ୍ତ ଥିବାର ଦେଖାଯାଏ । ଉକ୍ତ ସ୍ଥାନଟି ବ୍ୟବସାୟର କେନ୍ଦ୍ରସ୍ଥଳ; ତେଣୁ ତାହା ସର୍ବଦା ଲୋକାରଣ୍ୟ ହୋଇଥାଏ ।

୧୯୧୨ ମସିହାର ଅକ୍ଟୋବର ପହିଲରୁ ପଞ୍ଜାବ ପ୍ରଦେଶରୁ ବିଚ୍ଛିନ୍ନ ହୋଇ ଦିଲ୍ଲୀ ପ୍ରଦେଶ ଗଠିତ ହୋଇଅଛି । ଏହା ଚିଫ୍-କମିସନରଙ୍କ ଦ୍ୱାରା ଶାସିତ ହୁଏ । ଏହି କ୍ଷୁଦ୍ର ପ୍ରଦେଶଟିର କ୍ଷେତ୍ରଫଳ ୫୭୪ ବର୍ଗ ମାଇଲ ଓ ଏହାର ଲୋକସଂଖ୍ୟା ପ୍ରାୟ ୧୨ ଲକ୍ଷ ।

ଦିଲ୍ଲୀ ଭାରତର ଗୌରବସ୍ଥଳୀ । ପ୍ରାଚୀନକାଳରେ ଏହା ଯେପରି ଖ୍ୟାତି ଅର୍ଜନ କରିଥିଲା, ଆଜକାଲି ମଧ୍ୟ ଏହା ସେହି ଖ୍ୟାତି ଅକ୍ଷୁର୍ଣ୍ଣ ରଖିଅଛି । ଦିଲ୍ଲୀ ବୃହତ୍ ଭାରତ ରାଷ୍ଟ୍ରର ରାଜଧାନୀ ହୋଇଥିବାରୁ ଏହା ଏସିଆ ମଧ୍ୟରେ, ଏପରି କି ପୃଥିବୀରେ ଗୋଟିଏ ବିଶେଷ ସ୍ଥାନ ଅଧିକାର କରିଅଛି । ପୃଥିବୀର ବିଭିନ୍ନ ଦେଶର ରାଷ୍ଟ୍ରଦୂତମାନେ ଏଠାରେ ବାସ କରୁଅଛନ୍ତି । ଆନ୍ତର୍ଜାତିକ ବିଭିନ୍ନ ବିଷୟରେ ଆଲୋଚନା ସଭା ଏଠାରେ ବସୁଅଛି ।

ଭାରତର ବିଭିନ୍ନ ରାଜ୍ୟର ଜନ ସାଧାରଣଙ୍କ ପ୍ରତିନିଧିମାନେ ଏଠାରେ ସମବେତ ହୋଇ ଦେଶର ଯହିଁରେ ମଙ୍ଗଳ ହେବ ଏବଂ

ଜନ ସାଧାରଣ ସର୍ବଦାରେ ସୁଖରେ ଓ ଶାନ୍ତିରେ ବାସ କରି ପାରିବେ, ସେଥିପାଇଁ ନାନାବିଧ ଆଇନ ପ୍ରଣୟନ କରନ୍ତି ।

ପଣ୍ଡିତ ଜବାହରଲାଲ ନେହରୁ

ବର୍ତ୍ତମାନ ଭାରତର ପ୍ରଧାନ ଜନ ନାୟକ ପଣ୍ଡିତ ଜବାହରଲାଲ ନେହରୁଙ୍କ ଯୋଗୁଁ ପୃଥିବୀରେ ସର୍ବାଞ୍ଚଳର ଦୃଷ୍ଟି ଭାରତର ରାଜଧାନୀ ଦିଲ୍ଲୀ ପ୍ରତି ଆକୃଷ୍ଟ ହେଉଅଛି ।

ବର୍ତ୍ତମାନ ପ୍ରତ୍ୟେକ ଭାରତୀୟ ଭାରତ ପାର୍ଲାମେଣ୍ଟର ସଭ୍ୟ ହେବାର ଅଧିକାରୀ । ତେଣୁ ସେମାନେ ଉପଯୁକ୍ତ ଭାବରେ ଶିକ୍ଷିତ ହେଲେ ଭାରତର ଜନ ସାଧାରଣଙ୍କର ଦୁଃଖ ଦୁର୍ଦ୍ଦଶା ଦୂର କରି ପାରିବେ ଏବଂ ଭାରତ ପୃଥିବୀରେ ଗୋଟିଏ ଶକ୍ତିଶାଳୀ ଓ ସମୃଦ୍ଧିଶାଳୀ ରାଷ୍ଟ୍ରରେ ପରିଣତ ହେବ ।

ମୁଦ୍ରାକର—ଶ୍ରୀ ରଘୁନାଥ ପ୍ରସାଦ ମିଶ୍ର, ପ୍ରସାଦ ପ୍ରେସ, କଟକ—୧



0/233
ଜଳହସ୍ତୀ

ଜଳଜନ୍ତୁ ସିରିଜ — ଦ୍ୱିତୀୟ

ଜଳହସ୍ତୀ

7/733
7 JUL 1962

ଲେଖକ

ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

ଓଡ଼ିଆ ଷ୍ଟୁଡେଣ୍ଟସ୍ ଷ୍ଟୋର

ପ୍ରକାଶକ
ଶ୍ରୀ ଅନନ୍ତ ମିଶ୍ର
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
କଟକ—୨

ପ୍ରଥମ ସଂସ୍କରଣ
୧୯୬୯

ମୁଦ୍ରାକର
ପ୍ରସାଦ ପ୍ରେସ
କଟକ—୨

ମୂଲ୍ୟ—ପଚିଶ ନୂଆ ପଇସା



—୧—

ଜଳହସ୍ତୀକୁ ଇଂରାଜୀରେ ହିପୋ ବା ହିପୋପଟାମସ୍
(Hippopotamus) କୁହାଯାଏ । ଏମାନେ ନଦୀର ମଧୁର ପାଣିରେ
ରହନ୍ତି । ମାତ୍ର ସମୁଦ୍ରରେ ଏକ ପ୍ରକାର ହିଂସ୍ର ଜନ୍ତୁ ଅଛନ୍ତି,
ସେମାନଙ୍କର ଇଂରାଜୀ ନାମ ଓ୍ୱାଲରସ୍ (walrus) । ହାତୀ ଦାନ୍ତ
ପରି ସେମାନଙ୍କ ଦାନ୍ତ ଦେଖା ଯାଉଥିବାରୁ ସେମାନଙ୍କୁ ସମୁଦ୍ରର
ହାତୀ କୁହାଯାଇଥାଏ । ଜଳହସ୍ତୀ ଓ ସମୁଦ୍ରର ହାତୀ ମଧ୍ୟରେ
ବହୁତ ପ୍ରଭେଦ । (ଏହି ସମୁଦ୍ରର ହାତୀ (walrus) ବିଷୟ
'ସମୁଦ୍ରର ରାକ୍ଷସ' ପୁସ୍ତକରୁ ଜାଣିପାରିବ)

ଆଫ୍ରିକା ମହାଦେଶର ନୀଳନଦୀରେ ଏହି ଜଳହସ୍ତୀ ବହୁ
ସଂଖ୍ୟାରେ ଦେଖାଯାନ୍ତି । ଏମାନଙ୍କୁ ଜଳଚର ପ୍ରାଣୀ କୁହାଗଲେ ମଧ୍ୟ
ଏମାନେ ମାଛ, କଙ୍କଡ଼ା, ତିମି ପ୍ରଭୃତି ଜଳଜନ୍ତୁଙ୍କ ପରି ସବୁ ସମୟ
ପାଣି ଭିତରେ କଟାନ୍ତି ନାହିଁ । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସାଧାରଣତଃ

ପାଣି ଭିତରେ ରହନ୍ତି; ରାତି ହେଲେ ଶୁଖିଲାକୁ ଆସି ମାଟି ଉପରେ ବୁଲନ୍ତି ଓ ଖାଦ୍ୟଦ୍ରବ୍ୟ ଅନ୍ୱେଷଣ କରନ୍ତି । ତେଣୁ ଏମାନଙ୍କୁ ଜଳ ଓ ସ୍ଥଳ ଉଭୟଚର ପ୍ରାଣୀ କୁହାଯିବା ସଙ୍ଗତ ।

ଜଳହସ୍ତୀ ଦିନସାରା ପାଣି ଭିତରେ ରହିବା ଉଦ୍ଦେଶ୍ୟ, ପାଣିକୁ ଅତି ନିରାପଦ ସ୍ଥାନ ମନେ କରେ । ପାଣିରେ ଯେତେ ଶୀଘ୍ର ସେ ପହଁରିପାରେ, ଶୁଖିଲାରେ ସେତେ ଶୀଘ୍ର ଦଉଡ଼ି ଯାଇପାରେ ନାହିଁ । କୌଣସି ଶତ୍ରୁ ଆକ୍ରମଣ କରିବାକୁ ଆସିଲା ବୋଲି ଜାଣି ପାରିଲେ, ସେ ପାଣିରେ ଅତିବେଗରେ ପହଁରି ଦୂରକୁ ଚାଲିଯାଏ; ନହେଲେ ପାଣି ଭିତରେ ବୁଡ଼ିଯାଇ ନିଜକୁ ନିରାପଦରେ ରଖେ । ଶୁଖିଲାରେ ସେ ଏଭଳି ନିରାପଦରେ ରହିପାରେ ନାହିଁ । କାରଣ, ତାର ଗୋଡ଼ ଚାରୋଟି ଦେହ ତୁଳନାରେ ସାନ; ଯୋରରେ ଦଉଡ଼ିବା ତା ପକ୍ଷରେ ସମ୍ଭବ ନୁହେ । ପୁଣି ତାର ପ୍ରକାଣ୍ଡ ଶରୀରକୁ ଶତ୍ରୁ ଆଖିରୁ ଲୁଚାଇ ରଖିବାକୁ ସ୍ଥଳଭାଗରେ ସୁବିଧା ନ ଥାଏ ।

ଜୀବ-ବିଜ୍ଞାନୀମାନେ କହନ୍ତି, ଜଳହସ୍ତୀ ଘୁଷୁରିଜାତୀୟ ପ୍ରାଣୀ । ଏହାର ଆକାର ପ୍ରକାର କେତେକାଂଶରେ ଘୁଷୁରିର ଆକାର ପ୍ରକାର ସହିତ ଖାପ ଖାଏ । ପୁଣି ଘୁଷୁରିଠାରୁ ଏହାର ପ୍ରଭେଦ ବି ଅନେକ ।

ଘୁଷୁରି ପରି ଏହାର ଲାଞ୍ଜ ଛୋଟ । ମୁଣ୍ଡଟା ଚଉଡ଼ା; କାନ ଓ ଆଖି ଦୁଇଟି ଦେହର ଆକାର ତୁଳନାରେ ଅତି କ୍ଷୁଦ୍ର । ଗୋଡ଼ ଚାରିଟା ମଧ୍ୟ ସାନ ଓ ମୋଟା ।

ମୁହଁଟା ଘୁଷୁରି ମୁହଁ ପରି ହୋଇଥିଲେ ମଧ୍ୟ ଥୋମଣିଟା ଘୁଷୁରି ଥୋମଣି ପରି ନୁହେ । ତାହା ବଳଦ ଥୋମଣି ପରି, ମାତ୍ର ଅତି ଚଉଡ଼ା ।

ହାତୀ ସହିତ ଏହାର କେତେକ ପରିମାଣରେ ସାମଞ୍ଜସ୍ୟ ବାର ଦେଖାଯାଏ; ତେଣୁ ଏହାର ନାମ 'ଜଳହସ୍ତୀ' ।

ହାତୀ ପରି ଏହାର ବିରାଟ ଶରୀର । ସ୍ଥଳଭାଗରେ ହାତୀ ବୁଠାରୁ ବଡ ଜୀବ । ତା ତଳକୁ ଏହି ଜଳହସ୍ତୀ । ପ୍ରକାଣ୍ଡ ରୀରକୁ ବହି ଝୁଲିଝୁଲି ଚାଲିଗଲା ବେଳେ ଦୂରରୁ ହାତୀ ଯାଉ- ଲା ପରି ଜଣାଯିବ ।

—୨—

ଜଳହସ୍ତୀର ଦେହ ସାଧାରଣତଃ ଏଗାର ବାର ଫୁଟ ପର୍ଯ୍ୟନ୍ତ ମ୍ବ ଓ ପାଞ୍ଚ ଛଅ ଫୁଟ ପର୍ଯ୍ୟନ୍ତ ଉଚ୍ଚ ହୁଏ । ଏ ପର୍ଯ୍ୟନ୍ତ ଦେଖା



(ବିରାଟ ଜଳ ହସ୍ତୀ)

ଯାଇଥିବା ସବୁଠାରୁ ବଡ଼ ଜଳହସ୍ତୀଟି ପନ୍ଦର ଫୁଟ ଲମ୍ବ ଓ ସାଢ଼େ ଛଅ ଫୁଟ ଉଚ୍ଚ ଥିଲା । ଗୋଟିଏ ଗୋଟିଏ ବୟସ୍କ ଜଳହସ୍ତୀ

ବା ହିପୋର ଓଜନ ପାଞ୍ଚ ଟନରୁ କମ ହୁଏ ନାହିଁ । (ଏକଟନ ପ୍ରାୟ ବାଲେଶ୍ୱରୀ ୨୭ ମହଣ ଓଜନ ସଙ୍ଗେ ସମାନ) । ଏହା ଏତେ ମୋଟା ଯେ, ପେଟର ଗୋଲେଇ ଏଗାର ବାର ଫୁଟ ପର୍ଯ୍ୟନ୍ତ ହେବ ।

ଏହି ଜନ୍ତୁର ମୁହଁ ପାଖ ଅପେକ୍ଷା ପଛ ପାଖ ଟିକଏ ଉଚ୍ଚା । ଦେହରେ ଯଥେଷ୍ଟ ମାଂସ; ତେଣୁ ଚମ ଉପରଟା କୁଢଲ ପରି ଦେଖାଯାଏ । ଗୁଡ଼ିଆଡ଼ ଚୂରି ରହିଥାଏ । ଦେହର ବର୍ଣ୍ଣ ଧୂସର, ମାଟିଆ ବା ପାଉଁଶିଆ ।

ଗୋଡ଼ ଚାରୋଟି ସାନ ଓ ମୋଟା । ସେଥିରେ ହାତୀ ପାହୁଲ ପରି ପାହୁଲ । ସେ ପାହୁଲରେ ଚାରିଗୋଟି ଲେଖାଏଁ ନଖ ଥାଏ ।

ଦେହ ତୁଳନାରେ ମୁଣ୍ଡଟା ଟିକଏ ସାନ । କାନ ଦୁଇଟି ଅତି ସାନ । ଛୋଟ ଆଖି ଦୁଇଟି ଉପରକୁ ଉଠି ରହିଥାଏ । ଆଖି ତଳକୁ ଥୋମଣିଟା ଟିକଏ ସରୁ ଦେଖାଯାଏ । ତାହା ତଳକୁ ଖୁବ୍ ଚଉଡ଼ା ଓ ମୋଟା ।

ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରେ ସବୁଠାରୁ ଅଦ୍ଭୁତ ହେଉଛି ଏହାର ବିରାଟ ପାଟି । ପାଟି ତ ନୁହେ, ସତେ ଯେପରି ଗୋଟାଏ ପର୍ବତ ଗୁମ୍ଫା । ଦେହର ରଙ୍ଗ ଧୂସର ମାଟିଆ ହେଲେ ମଧ୍ୟ ଏହି ପାଟି ଭିତରର ବର୍ଣ୍ଣ ନାଲି । ସେ ଯେତେବେଳେ ସେହି ଅତି ବଡ଼ ପାଟିକୁ ମେଲା କରିଦିଏ, ସେତେବେଳେ ତାହା ଭୟଙ୍କର ଦିଶେ ।

ପାଟି ଭିତରେ ତଳ ଉପର ହୋଇ ଦୁଇ ଧାଡ଼ି ଦାନ୍ତ । ଦାନ୍ତର ସଂଖ୍ୟା ବତିଶ । ଏଗୁଡ଼ିକ ଅତି ଟାଣ ଓ ମୁନିଆଁ । ତଳ ମାଢ଼ିର ଦୁଇ ପାଖରେ ଦୁଇଟା ଲମ୍ବ ଦାନ୍ତ ବଙ୍କାହୋଇ ଥୋମଣି ଉପରକୁ ଉଠିଆସିଥାଏ । ଏହା ଠିକ୍ ହାତୀ ଦାନ୍ତ ପରି; ମାତ

ସେତେ ବଡ଼ ନୁହେ । ଦେଢ଼ ଫୁଟରୁ ଅଢ଼େଇ ଫୁଟ ମଧ୍ୟରେ ଏହା ଲମ୍ବ ହୋଇ ବଢ଼ିଥାଏ ।

(ପାଟି ନୁହେତ ପର୍ବତ ଗୁମ୍ଫା)

ଏହି ପାଟି ଓ ଦାନ୍ତ ହିଁ ତାର ପ୍ରଧାନ ଅସ୍ତ୍ର । ଦାନ୍ତ ଅତି ଟାଣ ଓ ମୁନିଆଁ । ଏହି ଦାନ୍ତ ସାହାଯ୍ୟରେ ସେ ବଡ଼ ବଡ଼ ଗଛ, ଗଛର ଡାଳ ପ୍ରଭୃତି କାମୁଡ଼ି ଭାଙ୍ଗିପକାଏ । ନଈରେ ଯାଉଥିବା ଡଙ୍ଗା ବା ନାଆ ପ୍ରଭୃତି ଏହାର ଗୋଟାଏ କାମୁଡ଼ାରେ ଅକ୍ଲେଶରେ

ଭଙ୍ଗି ଚୂନା ହୋଇଯାଏ । ମୋଟା ଲୁହା ପାତହୁଆ ଜାହାଜକୁ ମଧ୍ୟ ସେ କାମୁଡ଼ି କଣା କରିଦିଏ ।

ଜଳହସ୍ତୀର ଫୁସ୍ ଫୁସ୍ ଏଭଳି ଭାବରେ ତିଆରି ଯେ, ତାହା ଜଳଚର ପ୍ରାଣୀ ହେଲେ ମଧ୍ୟ ପାଣି ଭିତରେ ବୁଡ଼ି ବେଶି ସମୟ ରହିପାରିବ ନାହିଁ । ଖୁବ୍ ଅଧିକ ହେଲେ ଦଶ ମିନିଟ ପର୍ଯ୍ୟନ୍ତ ପାଣି ଭିତରେ ରହିପାରେ । ପ୍ରତି ପାଞ୍ଚ ମିନିଟ ବା ଦଶ ମିନିଟରେ ସେ ପାଣି ଉପରକୁ ଉଠିଆସେ ଓ ନିଃଶ୍ୱାସ ନିଏ । ପାଣି ଭିତରେ ବୁଡ଼ିଲାବେଳେ ବତକ ଭଳି ଏକାବେଳକେ ତଳସ୍ତରକୁ ଚାଲିଯାଏ ଓ ସେଠାରେ ଯେଉଁ ଦଳ, ଘାସ ଓ ଗଛଲତା ଜନ୍ମିଥାଏ, ତାହା ଖାଏ । ତା ପରେ ପରେ ଉପରକୁ ଭାସିଉଠେ । ପାଣିରେ ଥିଲା-ବେଳେ ଅନବରତ ଏହିପରି ତଳ ଉପର ହେଉଥାଏ ।

—୩—

ହିପୋ ମାଂସାଶୀ ପ୍ରାଣୀ ନୁହେ । ଆମ ଦେଶର ପ୍ରାଚୀନ କାଳର ମୁନି ଋଷିଙ୍କ ଭଳି ସେ କେବଳ ବନର ଫଳ ମୂଳ ଖାଇ ବଞ୍ଚେ । ଗଛର ଡାଳ ପତ୍ର, ଘାସ, ବିଲରେ ହୋଇଥିବା ଧାନ, ଗହମ ପ୍ରଭୃତି ଫସଲ ଏହାର ପ୍ରଧାନ ଖାଦ୍ୟ । ଏହି ଖାଦ୍ୟ ଜିନିଷ ଖୋଜିବା ଲାଗି ସେ ରାତିରେ ନଈରୁ ଉଠି ଶୁଖିଲାକୁ ଆସେ ଓ ବାଡ଼ବଗିଚା, ଫଳକିଆରି ଉଜାଡ଼ି ପକାଏ । କିଆରିରୁ ଫସଲ ଯାହା ତ ଖାଇବାର ଖାଏ; କିନ୍ତୁ ତାର ଶହେ ଗୁଣ ପାଦରେ ଦଳି ଧ୍ୱସ୍ତନସ୍ତ କରିପକାଏ ।

ଜଳହସ୍ତୀ ବହୁତ ବେଶି ଖାଏ । ମହଣ ମହଣ ଓଜନର ଖାଦ୍ୟ ସେ ଏକସମୟରେ ଖାଇ ଦେଇପାରେ । ସେ ଦୃଷ୍ଟିରୁ ଦେଖିଲେ, ତା ପେଟ ତ ପେଟ ନୁହେ, ଗୋଟାଏ ଓଦର ଘର ।

ମହାସାଗରରେ ବର୍ଣ୍ଣିତ ଗ୍ରାମ ବା ବଳ ରକ୍ଷସ ପରି ଏହି ଜନ୍ତୁ ଅତି ପେଟୁ । ସ୍ରୋତରେ ଖାଦ୍ୟ ଖୋଜିଖୋଜି ଏହା ବହୁତ ଦୂରକୁ ଚାଲିଯାଏ । କାରଣ ଏହାର ଉଦର ଭଳି ପେଟକୁ ପୂରାଇବା ଲାଗି ଯେତେ ଖାଦ୍ୟଦ୍ରବ୍ୟ ଦରକାର, ତାହା ପାଖଆଖରେ ମିଳିବା ସମ୍ଭବ ହୁଏ ନାହିଁ ।

ଡାଳ, ପତ୍ର, ଘାସ, ଫସଲ ପ୍ରଭୃତି ବିନା ତାର ଖାଦ୍ୟ, ମାତ୍ର ତା ପାଟିକୁ ଯାହା ଯାଏ, ସେ ତା ଗିଳି ପକାଏ । ଖାଇବା ବିଷୟରେ ତାର କିଛି ହେଲେ ବାଛ ବିଚାର ନ ଥାଏ । ଚିଡ଼ିଆ-ଖାନାରେ ଥିବା ଜଳହସ୍ତୀକୁ ଦେଖିବାକୁ ଯାଇ କେହି କେହି କୌତୁକରେ ଛୋଟ ଛୋଟ ହାଣ୍ଡି ମାଠିଆ, ମୁଣ୍ଡର ଟୋପି, ଜାମା, ଲୁଗା ପ୍ରଭୃତି ଏପରିକି ଢେଲା ମାଟି, ଛୋଟ ପଥର ଖଣ୍ଡ ତା ପାଟିକୁ ଫିଙ୍ଗିଥା'ନ୍ତି । ସେହି ବସ୍ତୁ ପାଟି ଭିତରେ ପଡ଼ିବା ସଙ୍ଗେ ସଙ୍ଗେ ସେ ତାକୁ ଗିଳି ପକାଏ । ଅବଶ୍ୟ ପେଟ ଭିତରେ ଯେ ତାହା ହଜମ ହେଉଥିବ, ତାହା ନୁହେଁ । ତେଣୁ ସେ ବେମାରରେ ପଡ଼େ ଓ ଚିଡ଼ିଆଖାନା ପରିଚାଳକଙ୍କୁ ହଇରାଣରେ ପକାଏ । କଅଣ ଖାଦ୍ୟ, କଅଣ ଅଖାଦ୍ୟ—ଏ ବାଛବିଚାର ତାର ନ ଥାଏ । ଯାହା ପାଟି ଗହ୍ୱରକୁ ଗଲା, ସେ ତାହା ପେଟ ଭିତରକୁ ପଠାଇ ଦିଏ ।

ଜଳହସ୍ତୀର ଉପଦ୍ରବରେ ନାଳନଦୀଠାରୁ ଆଠ ଦଶ ମାଇଲ ଦୂର ଅଞ୍ଚଳରେ ଥିବା ଚାଷୀମାନେ ବ୍ୟତିବ୍ୟସ୍ତ ହୋଇଉଠନ୍ତି । ସେ ଯେତେ ସାବଧାନ ହେଲେ ମଧ୍ୟ ସେମାନଙ୍କ ହାତରୁ ଫସଲକୁ ରକ୍ଷା କରିପାରନ୍ତି ନାହିଁ । ଦଳ ଦଳ ଜଳହସ୍ତୀ ରାତିକ ଭିତରେ ମାଇଲ ମାଇଲ ଧରି ଫସଲକିଆରି ଉଜାଡ଼ି ପକାନ୍ତି । ଯାହା ଖାଇବାର ତ ଖାଆନ୍ତି, ବାକି ଯାହା ରହେ ତାକୁ ଗୋଡ଼ରେ ଦଳି ଚକଟି ନଷ୍ଟ କରିପକାନ୍ତି ।

ବଣ ଭିତରକୁ ଯାଇ ଗଛ ଡାଳପତ୍ର ଖାଇବା ଅପେକ୍ଷା ସମତଳ ଅଞ୍ଚଳର ଚାଷ ଜମିରୁ ଖାଦ୍ୟ ଖାଇବାକୁ ଏମାନେ ବେଶି ପସନ୍ଦ କରନ୍ତି । ବଣକୁ ଗଲେ ନାନା ବିପଦ । ବଡ଼ ଶତ୍ରୁ ବାଘ, ସିଂହ ତ କାଠ ଗୁଣ୍ଡି ବସିଥିବେ । ପୁଣି ଗଛ ଲତା ଛନ୍ଦାଛନ୍ଦି; ବଣ ଭିତରୁ ବାହାରି ପଳାଇ ଆସିବା ସେତେ ସହଜ ନୁହେଁ । ଖୋଲାଜାଗା ଜାଗାରେ ଫସଲ ଖାଉଥିଲା ବେଳେ କେହି ଆକ୍ରମଣ କଲେ ସେଠାରୁ ପାଣିକୁ ସୁବିଧାରେ ପଳାଇ ଆସିହେବ ।

—୪—

ଜଳହସ୍ତୀ ସ୍ତନ୍ୟପାୟୀ ପଶୁ । ଏହା ଛୁଆ ଜନ୍ମ କରେ ଓ ତାକୁ ଦୁଧ ଖୁଆଇ ବଞ୍ଚାଏ । ଏହା ଘୁଷୁରିଜାତୀୟ ପ୍ରାଣୀ ହୋଇ-ଥିଲେ ମଧ୍ୟ ଘୁଷୁରି ପରି ଥରକେ ଅନେକଗୁଡ଼ିଏ ପିଲା ଜନ୍ମ କରେ ନାହିଁ । ମା ହିପୋ ଥରକେ ଗୋଟିଏ ମାତ୍ର ଛୁଆ ପ୍ରସବ କରେ । ସେତେବେଳେ ସେ ପାଣିରୁ ଶୁଖିଲାକୁ ଉଠିଆସେ ଓ ଘାସବୁଦା, ବଣ ଭିତରେ ଗୋଟିଏ ନିରାପଦ ସ୍ଥାନ ବାଛିନିଏ । ପିଲାଟି ଜନ୍ମ ହେବାର ଅଳ୍ପ ସମୟ ପରେ ବେଶ୍ ଦମ୍ଭ ହୋଇଯାଏ । ତକ୍ତୁ ଉଠି ଉଆଁ ହେଉଁ କରେ ଓ ମା ଠାରୁ ଦୁଧ ଖାଏ । ସଙ୍ଗେସଙ୍ଗେ ମା ତାକୁ ଧରି ପାଣି ଭିତରକୁ ଚାଲିଯାଏ ।

ଛୁଆ ଜନ୍ମଠାରୁ ଛ ସାତ ମାସ ବୟସର ହେବାଯାଏ ମା ତାକୁ ପିଠିରେ ବସାଇ ପାଣିରେ ପହଁରୁଥାଏ । ତାପରେ ତାକୁ ପାଣିରେ ପହଁରିବାକୁ ଛାଡ଼ିଦିଏ ।

ଛୁଆ ପାଣିରେ ପହଁରୁଥିବାବେଳେ ମା ଅଳ୍ପ ଦୂରରେ ରହି ତାକୁ ଜଗିଥାଏ । ସେତେବେଳେ ସେ ପ୍ରତିମୁହୂର୍ତ୍ତରେ ଗୋଟାଏ ଅଦ୍ଭୁତ ପ୍ରକାରର ଗର୍ଜନ କରେ । ଯୋରରେ ପ୍ରଶ୍ୱାସ ମାରିବା

ଯୋଗେ ଏ ଶବ୍ଦ ହୁଏ; ସଙ୍ଗେ ସେପରି ସେ ଶତ୍ରୁମାନଙ୍କୁ ଜଣାଇ ଦିଏ, "ସାବଧାନ, ମୋ ପିଲାର କେହି କିଛି କ୍ଷତି କର ନାହିଁ । ଏଠାରେ ମୁଁ ରହିଛି ।"



(ଛୁଆକୁ ପିଠିରେ ଧରି ପହଁରୁ ଅଛି)

ଜଳହସ୍ତୀ ହିଂସ୍ର ପ୍ରାଣୀ ନୁହେ । ମାତ୍ର ତା ଉପରକୁ ବା ତା ପିଲା ଉପରକୁ କୌଣସି ବିପଦ ଆସିବାର ଆଶଙ୍କା କଲେ ସେ ଅତି ଭୀଷଣ ହୋଇଉଠେ ।

ପାଣି ଭିତରେ କୁମ୍ଭୀର ଓ ଶୁଖିଲାରେ ବାଘ ତାର ବଡ଼ ଶତ୍ରୁ । ଏ ଦୁହେଁ ଛୁଆକୁ ଖାଇଯିବା ଲାଗି ସବୁବେଳେ ସୁଯୋଗ

ଝଣ୍ଡୁଥାନ୍ତି । ମା ତାହା ଜାଣିପାରିଲେ ଆସି ତାଙ୍କ ସହିତ ଯୁଦ୍ଧ କରେ । ଅଧିକାଂଶ ସମୟରେ ଅବଶ୍ୟ ସେ ମରେ; କିନ୍ତୁ ଶତ୍ରୁକୁ ଏଭଳି ଆଘାତ କରିଥାଏ ଯେ, ସେ ତା ଜୀବନରେ ଆଉ କେବେ ହିପୋଛୁଆ ଖାଇବାକୁ ମନ କରିବ ନାହିଁ । ବେଳେବେଳେ ହିପୋ ଆକ୍ରମଣରେ ବାଘ ଓ କୁମ୍ଭୀର ମରିଯାଇଥିବାର ମଧ୍ୟ ଦେଖାଯାଏ ।

ଜଳହସ୍ତୀମାନେ ଦଳ ବାନ୍ଧି ରହନ୍ତି । ତେଣୁ ଆପଦ ବିପଦ ପଡ଼ିଲେ ସମସ୍ତେ ଏକଜୁଟ ହୋଇଯାଆନ୍ତି ଓ ଶତ୍ରୁ ସହିତ ଲଢ଼ନ୍ତି । ତେଣୁ ଛୁଆ ଜଳହସ୍ତୀର କଅଁଳ ମାଂସ ଖାଇବାକୁ ବାଘ ପାଟିରୁ ଲାଳ ବୋହିଲେ ମଧ୍ୟ ସେ ତା ଉପରେ ଆକ୍ରମଣ କରିବାକୁ ସହଜରେ ସାହସ କରେ ନାହିଁ ।

ଛୁଆଟି ଦୁଇ ବର୍ଷ ପର୍ଯ୍ୟନ୍ତ ମା ସଙ୍ଗେସଙ୍ଗେ ରହିଥାଏ । ତା ପରେ ତାର ନାବାଳକ ଅବସ୍ଥା କଟିଯାଏ । ସେ ଦଳରେ ମିଶି ବା ସ୍ୱତନ୍ତ୍ର ଦଳ ଗଢ଼ି ଚଳପ୍ରଚଳ ହୁଏ ।

ହିପୋର ପରମାୟୁ ସାଧାରଣତଃ ପଚିଶ ଷାଠିଏ ବର୍ଷ । ଚିଡ଼ିଆଖାନାରେ ପୋଷା ହୋଇଥିବା ହିପୋ ଏତେ ବର୍ଷ ବଞ୍ଚି ରହି ପାରନ୍ତି ନାହିଁ । ଏଠାରେ ଏମାନେ ପାଣି ଅପେକ୍ଷା ବେଶି ସମୟ ମାଟି ଉପରେ ରହନ୍ତି । ବୋଧହୁଏ କେତେକ ଦିନ ରହିଗଲା ପରେ କାହାରୁ କୌଣସି ବିପଦ ଆସିବାର ଆଶଙ୍କା ନାହିଁ ବୋଲି ବୁଝିପାରନ୍ତି । ତେଣୁ ପାଣିରେ ନ ରହି କୂଳରେ ଥିବା ସନ୍ତସନ୍ତିଆ ଓଦା ଓ ଅନ୍ଧାରୁଆ ଜାଗାରେ ଶୁଅନ୍ତି ବା ବୁଲବୁଲ କରନ୍ତି । ସେଥିପାଇଁ ଚିଡ଼ିଆଖାନାମାନଙ୍କରେ ପାଣି ପାଖରେ ହିଁ ବୁରିଆଡ଼େ ନିବୁଜ କରି ଘର ତିଆରି ହୋଇଥାଏ । ଗୋଟିଏ ମାତ୍ର ଦୁଆରମୁହଁ ଥାଏ । ସେହି ଘରର କୋଣ ଭିତରେ ଜଳହସ୍ତୀ ଅଧିକାଂଶ ସମୟ ଶୋଇକଟାଇ ଦିଏ ।

ଆଉ ଗୋଟିଏ ଜାତିର ଜଳହସ୍ତୀ ଅଛନ୍ତି, ସେମାନଙ୍କ ଆକାର ସାନ । ସେମାନଙ୍କୁ 'ବାମନ ଜଳହସ୍ତୀ' ଆଖ୍ୟା ଦିଆଯାଇପାରେ । ବଡ଼ ବଣୁଆ ଘୁଷୁରି ପରି ଏଗୁଡ଼ିକ ଦେଖାଯାଆନ୍ତି; ମାତ୍ର ଅଧିକାଂଶ ସମୟରେ ପାଣି ଭିତରେ ରହନ୍ତି । ବଡ଼ ଜଳହସ୍ତୀ ପରି ପାଣି ଉପରେ ନ ଭାସି ଏମାନେ ଏମାନଙ୍କ ଦେହକୁ ସବୁ ସମୟରେ ପାଣି ଭିତରେ ବୁଡ଼ାଇ ରଖିଥାଆନ୍ତି । ପ୍ରତିମୁହୂର୍ତ୍ତରେ ଉପରକୁ ମୁହଁ ଦେଖାଇ ନିଃଶ୍ୱାସ ନିଅନ୍ତି । ପୁଣି ସଙ୍ଗେ ସଙ୍ଗେ ବୁଡ଼ିଯାଆନ୍ତି । ଏମାନେ ସବୁବେଳେ କାର୍ଯ୍ୟବ୍ୟସ୍ତ ଥିଲାପରି ଜଣାପଡ଼ନ୍ତି । ମିନିଟିଏ ଦୁଇ ମିନିଟ ମଧ୍ୟ ଅସ୍ଥିର ହୋଇ ରହିପାରନ୍ତି ନାହିଁ । ପାଣି ଭିତରେ ସବୁବେଳେ ଏପାଖ ସେପାଖ ହେଉଥାଆନ୍ତି ଓ ଅତି ଦ୍ରୁତ ବେଗରେ ପହଁରୁ ଥାଆନ୍ତି ।

(୪)

ଆଫ୍ରିକାର ଆଦିମଅଧିବାସୀ ନିଗ୍ରୋମାନଙ୍କର ଜଳହସ୍ତୀ ମାଂସ ଅତି ପ୍ରିୟ ଖାଦ୍ୟ । ଗୋଟିଏ ଜଳହସ୍ତୀ ଶିକାର କଲେ ଅନେକ ଦିନ ପର୍ଯ୍ୟନ୍ତ ଖାଦ୍ୟ ସଂଗ୍ରହ ଚିନ୍ତାରୁ ନିସ୍ତାର ମିଳେ । ତେଣୁ ସେମାନେ ଜଳହସ୍ତୀ ଶିକାର କରିବାକୁ ବେଶି ଭଲ ପାଆନ୍ତି । ସେଥିରେ ଖାଦ୍ୟ ତ ମିଳେ; ଆମୋଦ ବି ହୁଏ ।

ଜଳହସ୍ତୀ ଶିକାର ଅତି କଷ୍ଟକର କଥା । ଶୁଖିଲାରେ ଥିବାବେଳେ ତାର ବିଶେଷ କସରତ ନ ଥାଏ; ମାତ୍ର ବିପଦ ଆଶଙ୍କା କଲେ ସେ ସଙ୍ଗେସଙ୍ଗେ ଦଉଡ଼ି ପାଣି ମଧ୍ୟକୁ ପଳାଇଯାଏ । ସେତେବେଳେ ତାକୁ ଆଉ ପାରେ କିଏ ? ଡଙ୍ଗା ବା ନାଆରେ ବସି ତା ପିଛା ଧରିଲେ ହୁଏ ତ ସେ ପାଟିରେ କାମୁଡ଼ି ଡଙ୍ଗା କଣା କରିଦେବ, ନଚେତ୍ ତାହାକୁ ଓଲଟାଇ ପକାଇବ । ଶିକାରୀମାନଙ୍କୁ ହାବୁଡ଼ରେ ପାଇଲେ ଖଣ୍ଡି ଖଣ୍ଡି କରି ଚୋବାଇବ ।

ଜଳହସ୍ତୀ ଶିକାର କରିବାକୁ ହେଲେ ଦଳେ ନିଗ୍ରୋ ଏକାଠି ହୋଇ ତିନି ଚାରିଖଣ୍ଡି ଡଙ୍ଗାରେ ନଦୀ ଭିତରକୁ ଯାଆନ୍ତି । କେଉଁ ଅଞ୍ଚଳରେ ଓ କି ପରିସ୍ଥିତିରେ ଜଳହସ୍ତୀ ରହନ୍ତି, ତାହା ସେମାନଙ୍କୁ ଜଣା ।

ଶିକାରୀମାନେ ଜଳହସ୍ତୀ ଶିକାର କରିବା ଲାଗି ଗୋଟିଏ ବିଶେଷ ଧରଣର ଅସ୍ତ୍ର ତିଆରି କରିଥାଆନ୍ତି । ଗୋଟିଏ ବଡ଼ ବର୍ଚ୍ଛା —ତାର ଅଗ ଅତି ମୁନିଆଁ ଓ ସେଥିରେ ବିଷ ବୋଳା ହୋଇଥାଏ । ବନ୍‌ସୀ କଣ୍ଟା ବା ଧନୁ ଶରର ମୁନ ପରି ଏହାର ମୁନ ଆଗରୁ ପଛକୁ ଓଲଟି ଆସିଥାଏ । ତେଣୁ ତାହା କୌଣସିଠାରେ ଗଳିଗଲେ ଆଉ ସହଜରେ ବାହାରି ଆସିପାରେ ନାହିଁ । ସେହି ବର୍ଚ୍ଛାର ବେଣ୍ଟରେ ଅତି ଟାଣ ଚମଡ଼ା ତିଆରି ଲମ୍ବା ଦଉଡ଼ା ବନ୍ଧା ହୋଇଥାଏ ।

ପୁଣି ଏହି ଶିକାର ପାଇଁ ସ୍ୱତନ୍ତ୍ର ପ୍ରକାର ଡଙ୍ଗା ବି ତିଆରି ହୋଇଥାଏ । ସାଧାରଣ ଡଙ୍ଗା ଓଲଟି ପଡ଼ିଲେ ବା ସେଥିରେ ପାଣି ପଶିଗଲେ, ତାହା ବୁଡ଼ିଯିବ । ସେଇଥିପାଇଁ ଗୋଟିଏ ମୋଟା ତାଳଗଛ କାଟି ନିଗ୍ରୋମାନେ ଭେଳା ତିଆରି କରିଥାଆନ୍ତି । ତାଳଗଛର ପେଟରୁ ଶସ କାଟି ବାହାର କରି ଦିଆ ଯାଇଥିବାରୁ ତାହା ପୋଲ ହୋଇଥାଏ । ଏହି ଭେଳା ପାଣି ଭିତରେ ବୁଡ଼ିଯିବାର ଆଶଙ୍କା ନ ଥାଏ ।

ଶିକାରୀମାନେ ପ୍ରଥମେ ଗୋଟିଏ ଭେଳା ପଠାଇ ଜଳହସ୍ତୀର ରହିବା ସ୍ଥାନ ଠିକ୍ କରିନିଅନ୍ତି । ତା ପରେ ସବୁଯାକ ଭେଳା ନଦୀରେ ପକାଇ ଆନନ୍ଦମନରେ ଯୁଦ୍ଧଯାତ୍ରା କରନ୍ତି । ସେତେବେଳେ ସେମାନେ ସ୍ଥିର ଭାବରେ ଜାଣିଯାଇଥାନ୍ତି ଯେ, ହୁଏତ ସେମାନଙ୍କ ଭିତରୁ କେତେକ ଆଉ ଫେରିଆସିବା ସମ୍ଭବ ହେବ ନାହିଁ ।

କେତେକ ଦିନ ଓ ରାତି ଯାତ୍ରା କଲା ପରେ ଯେତେବେଳେ ଜାଣନ୍ତି ଯେ, ଜଳହସ୍ତୀ ରହିବା ସ୍ଥାନ ନିକଟ ହୋଇଗଲାଣି, ସେତେବେଳେ ଅତି ସାବଧାନ ହୋଇଯାଆନ୍ତି । ପାଟି ତୁଣ୍ଡ ତ ଦୂରର କଥା, କଥାବାର୍ତ୍ତା ବି ଏକାବେଳକେ ବନ୍ଦ । ପ୍ରତ୍ୟେକ ଭେଳାରେ ଦଳେ ବର୍ଚ୍ଛା ବାଗେଇ ଧରି ପ୍ରସ୍ତୁତ ହୋଇ ରହିଥାନ୍ତି, ଅନ୍ୟ ଦଳକ ଭେଳା ଯେପରି ଠିକ୍ ରାସ୍ତାରେ ଚାଲିବ, ସେଥିପ୍ରତି ତତ୍ପର ଥାଆନ୍ତି ।

ଭେଳା ଅତି ଧୀର ଗତିରେ ଓ ନିଃଶବ୍ଦରେ ଆଗକୁ ଯାଉଥାଏ । ଜଳହସ୍ତୀ ଦଳ ଯେତେବେଳେ ଜଳକ୍ରୀଡ଼ା କରୁଥାନ୍ତି, ସେତେବେଳେ ପାଣି ଅତି ଯୋରରେ ଲହଡ଼ୀ ଭାଙ୍ଗେ, ସେ ଶବ୍ଦ ମଧ୍ୟ ବହୁତ ଦୂରକୁ ଶୁଣାଯାଏ । ଶିକାରୀମାନେ ଏଇ ଶବ୍ଦ ଶୁଣି ପାରିଲେ ଭେଳା ଉପରେ ଆଉ ଠିଆ ହୋଇ ରହନ୍ତି ନାହିଁ; ଶୋଇ ପଡ଼ନ୍ତି ।

କ୍ରମେ ଅନେକଗୁଡ଼ିଏ ଜଳହସ୍ତୀ ଆନନ୍ଦମନରେ ପାଣିରେ ଖେଳୁଥିବାର ସେମାନେ ଦେଖିପାରନ୍ତି । କେହି ଏକାକୀ ଯୋରରେ ପହଁରିବାରେ ଲାଗିଥାଏ । କେହି କେହି ନିଜ ମଧ୍ୟରେ କଉଡ଼ିକରେ ମରାମରି ଲଗାଇ ଥାଆନ୍ତି । କେହି ବା ବିରାଟ ମୁହଁଟିକୁ ପାଣି ଉପରେ ରଖି ଘୁମାଉଥାଏ । କେହି ଅନ୍ୟ ଉପରକୁ ପାଣି ଫିଙ୍ଗୁଥାଏ ।

ଭେଳା ଅତି ନିକଟକୁ ଆସିଗଲେ ଶିକାରୀମାନେ ପ୍ରଥମେ ଗୋଟିଏ ଜଳ ହସ୍ତୀକୁ ଲକ୍ଷ୍ୟ କରି ଦଉଡ଼ି ବନ୍ଧା ବର୍ଚ୍ଛା ଫିଙ୍ଗନ୍ତି । ତାର ଆଖି, ପାଟି ବା ନାକ ଭିତରକୁ ପ୍ରଥମ ବର୍ଚ୍ଛା ମାରିବାକୁ ସେମାନେ ଚେଷ୍ଟା କରନ୍ତି । ତା ପରେ ଆଉ ଲୁଚକାଳି ଖେଳିବାର ଆବଶ୍ୟକତା ନ ଥାଏ । ଖୁବ୍ ଯୋରରେ ପାଟି କରି, ନାଚ କୁଦ,

ତୋଳ ପିଟି ଅନ୍ୟ ଜନ୍ତୁଗୁଡ଼ିକୁ ସେଠାରୁ ତଡ଼ିଦେବାର ଉଦ୍ୟମ ହୁଏ । ସେମାନେ ରହିଲେ ବିପଦ ଘଟିବାର ଖୁବ୍ ଆଶଙ୍କା ।

ସାଙ୍ଗ ସାଥୀ ଭୟରେ ପଳାଇଗଲେ ହତଭାଗ୍ୟ ଶିକାରକୁ ଆୟତ୍ତକୁ ଆଣିବା ସହଜ । ବର୍ଚ୍ଛା ମାଡ଼ ଖାଇ ସେ ବିକଟ ଗର୍ଜନ କରି ଉଠେ ଏବଂ ସେଠାରୁ ପଳାଇଯିବାକୁ କିମ୍ବା ପାଣି ଭିତରେ ବୁଡ଼ି ଯିବାକୁ ଚେଷ୍ଟା କରେ । ସେ ଯେତିକି ଦୂରକୁ ଚାଲି ଯାଉଥାଏ, ବର୍ଚ୍ଛା ବଉଡ଼ା ସେତିକି ଲମ୍ବାଇ ଦେବାକୁ ପଡ଼ୁଥାଏ । ତା ନ ହେଲେ ଭେଳା ସହ ଶିକାରୀମାନେ ପାଣିରେ ବୁଡ଼ିଯିବେ । ତା ଗତିକୁ ଲକ୍ଷ୍ୟ କରି ଭେଳା ପଛେପଛେ ଚାଲିଥାଏ । ପୁଣି ସୁବିଧା ହେଲେ ଆଉ ତିନ ଚାରିଗୋଟି ବର୍ଚ୍ଛା ତା ଦେହକୁ ଲକ୍ଷ୍ୟ କରି ମରାଯାଏ । ଜନ୍ତୁଟିର ରକ୍ତରେ ସେ ଅଞ୍ଚଳର ପାଣି ନାଲି ହୋଇ ଯାଏ ।

ମୃତ୍ୟୁ ଯନ୍ତ୍ରଣାରେ ଅସ୍ଥିର ହୋଇ ସେହି ଭୀଷଣ ଜନ୍ତୁଟି ଥରକୁ ଥର ପାଣି ଭିତରେ ବୁଡ଼ିଯାଉଥାଏ ଓ କିଛି ସମୟ ପରେ ଉପରକୁ

ହସିଉଠୁଥାଏ । ଏହିପରି ପାଞ୍ଚ ଛଅ ଘଣ୍ଟା ଯାଏ ଶିକାରୀ ଓ ଶିକାର ମଧ୍ୟରେ ଟଣାଓଟରା ଚାଲେ । ଶେଷକୁ ପାଣି ତଳେ ସେ ମରିଯାଏ । ବର୍ଚ୍ଛା ଦଉଡ଼ିରେ ଆଉ ଟାଣ ନ ପଡ଼ିଲେ ଶିକାରୀମାନେ ବୁଝିଯାଆନ୍ତି ଯେ, ସେମାନଙ୍କର ଜୟ ହୋଇଛି । ସେମାନେ ବର୍ଚ୍ଛା-ବନ୍ଧା ଦଉଡ଼ିକୁ ଆସ୍ତେଆସ୍ତେ ଟାଣନ୍ତି, ଭେଲା କୂଳକୁ ଯାହା କରେ, ତା ପଛେ ପଛେ ଜଳହସ୍ତୀର ମୃତଦେହ ଭସି ଭସି ଯାଉଥାଏ ।

(୬)

ଅନେକ ସମୟରେ ମାଟି ଉପରେ ବ ଜଳହସ୍ତୀ ଶିକାର କରାଯାଏ ।

ଜଳହସ୍ତୀ ଦଳ ରାତିରେ ପାଣିରୁ ଉଠି ଶୁଖିଲାକୁ ଆସନ୍ତି ଓ ଫସଲ କିଆରୀ, ବଣଜଙ୍ଗଲ ବା ବାଡ଼ ବଗିଚାରେ ପଶି ଖାଦ୍ୟ ଖାଆନ୍ତି । ସେମାନଙ୍କର ସ୍ୱଭାବ, ଥରେ ଯେଉଁ ବାଟ ଦେଇ ଯାଇଥିବେ, ସେହି ବାଟରେ ଫେରିବେ ଓ ପ୍ରତିଦିନ ସେହିବାଟରେ ଯିବା ଆସିବା କରିବେ ।

ଶିକାରୀମାନେ ପ୍ରଥମେ ଜଳହସ୍ତୀ ଦଳର ବାଟ ଠିକଣା କରି-ନିଅନ୍ତି । ସେହି ବାଟରେ ଥିବା କୌଣସି ଗଛ ଉପରେ ସେମାନେ ବସି ରହନ୍ତି । ହାତରେ ଅତି ବେଶି ଓଜନର ବର୍ଚ୍ଛା ଧରିଥାଆନ୍ତି । ଜଳହସ୍ତୀ ଦଳ ସେ ବାଟ ଦେଇ ଗଲାବେଳେ ସେମାନେ ଚୁପ୍‌ଚାପ୍ ବସିରହନ୍ତି । ସର୍ବଶେଷ ଜନ୍ତୁଟି ଯେତେବେଳେ ଗଛ ତଳକୁ ଆସେ, ସେତେବେଳେ ଗୋଟିଏ ନୁହେ, ତିନ ଚାରିଗୋଟି ବର୍ଚ୍ଛା ଏକ ସମୟରେ ସେମାନେ ଉପରୁ ମାରନ୍ତି । ବର୍ଚ୍ଛାମାଡ଼ ଖାଇ ଜନ୍ତୁଟି ପ୍ରାଣଭୟରେ ସେଠାରୁ ଦଉଡ଼ ପଳାଇଯାଏ । ସେତେବେଳେ ସେ ବାଟଘାଟ ମାନେ ନାହିଁ । ଏକା ନିଃଶ୍ୱାସକେ ତିନ ଚାରି ମାଇଲ

ତାକୁ କୂଳକୁ ଟାଣି ଆଣିବା ପାଇଁ ପାଣି ଭିତରେ ପଶିଗଲି । ମୁଁ ଭାବିଥିଲି, ସେ ନିଶ୍ଚୟ ମରିଯାଇଥିବ । ମୁଁ ତା ଲାଞ୍ଜ ଧରି ପାଣିରୁ ଟାଣିଆଣିବି ।

ମାତ୍ର ଆଣ୍ଠୁଏ ପାଣିରେ ପଶି ମୁଁ ତା ଲାଞ୍ଜରେ ହାତ ଦେବା ମାତ୍ରକେ ବୁଝିପାରିଲି, ସେ ମରି ନାହିଁ । ତା ଚେତନା ମଧ୍ୟ କମି ନାହିଁ । ସେ ମୋତେ ଘୋଷାରି ପାଣି ଭିତରକୁ ଟାଣି ନେବାକୁ ଚେଷ୍ଟା କରୁଛି । କ୍ରମେ ପାଣି ମୋର ଅଣ୍ଟାଯାଏ ହେଲା, ଗୁଣ୍ଡିଏ ହେଲା । ଯେତେବେଳେ ବେକ ପାଖକୁ ପାଣି ଲାଗିଲା, ମୁଁ ଆଉ ନିଶ୍ଚିନ୍ତ ରହିପାରିଲି ନାହିଁ । ଅଣ୍ଟାରୁ ଛୁରୀ ବାହାରି କରି ତା ପିଠି ଉପରେ ହାତେ ଲମ୍ବର ଚମଡ଼ା ଛୁଲି ପକାଇଲି । ସେହି ଚମଡ଼ାକୁ ଧରି ଯୋରରେ କୂଳକୁ ଟାଣିବାକୁ ଲାଗିଲି । ଏହି ସମୟରେ ମୋର ସାଙ୍ଗ ସାଥୀମାନେ ଆସି ସେଠାରେ ପହଞ୍ଚିଗଲେ । ସେମାନେ ସାହାଯ୍ୟ କରି ନ ଥିଲେ, ଶିକାରକୁ ଶୁଖିଲାକୁ ଆଣିବା ସମ୍ଭବ ହୋଇପାରି ନ ଥାନ୍ତା । ଶୁଖିଲାରେ କିଛି ସମୟ ସୁକ୍‌ସୁକ୍ ହେଲା ପରେ ସେହି ବିଶାଳ ଦେହ ଅଚଳ ହୋଇପଡ଼ିଲା ।

(୮)

ପାଣି ଭିତରେ କୁମ୍ଭୀରର ଜଳହସ୍ତୀକୁ ଯେତିକି ଡର, ଜଳହସ୍ତୀର କୁମ୍ଭୀରକୁ ମଧ୍ୟ ସେତିକି ଭୟ । ଗୋଟିଏ ଅନ୍ୟକୁ କାବୁ କରିବା ପାଇଁ ସବୁ ସମୟରେ ଛକା ପଞ୍ଝାରେ ରହିଥାଆନ୍ତି ।

ଜଳହସ୍ତୀର ମାଂସ କୁମ୍ଭୀରର ଅତି ପ୍ରିୟ ଖାଦ୍ୟ । ମାତ୍ର ଗୋଟାଏ ବଡ଼ ଜଳହସ୍ତୀ ଶିକାର କରିବା ତା ପକ୍ଷରେ ଏକାବେଳକେ ଅସମ୍ଭବ । ତେଣୁ ସେ ଛୁଆଟିଏ ଧରି ମନଖୁସିରେ ଖାଇବା ପାଇଁ ସବୁ ସମୟରେ ଓଉ ଜଗିଥାଏ ।

ଜଳହସ୍ତୀ ଓ କୁମ୍ଭୀର ଭିତରେ କପରି ଲଢ଼େଇ ଲାଗେ, ସେ ସମ୍ପର୍କରେ ଜଣେ ଶିକାରୀ ଗୋଟିଏ ସୁନ୍ଦର ବର୍ଣ୍ଣନା ଦେଇ ଅଛନ୍ତି ।

ସେ ଲେଖିଛନ୍ତି—ଆମେ ଦଳେ ସାଙ୍ଗହୋଇ ଜଳହସ୍ତୀ ଶିକାର କରିବାକୁ ଯାଇଥିଲୁ । ଆମ ଜୀବନରେ ତାହା ହିଁ ପ୍ରଥମ ଜଳହସ୍ତୀ ଶିକାର । ଆମେ ଯାଇ ନୀଳନଦୀ କୂଳର ଗୋଟିଏ ସୁବିଧା ସ୍ଥାନରେ ଗଛ ଉପରେ ବସି ସୁଯୋଗକୁ ଅପେକ୍ଷା କରିଥାଉଁ ।

ଅନ୍ଧାର ହେବାକୁ ଆଉ ଅଳ୍ପ ସମୟ ବାକୀ ଅଛି । ଆମେ ଦେଖିଲୁ, ପଞ୍ଚାଏ ଜଳହସ୍ତୀ ଗୋଲାକାରରେ ଦଳ ବାନ୍ଧି ପାଣିରେ ପହଁରି ପହଁରି ଯାଉଅଛନ୍ତି । ସେମାନେ ସ୍ରୋତର ଉପରକୁ ଆସୁଥାଆନ୍ତି । ପାଖ ହୋଇଯିବାରୁ ଦେଖାଗଲା ଯେ, ମୋଟ ପନ୍ଦର ଷୋହଳଟି ପର୍ଯ୍ୟନ୍ତ ବଡ଼ ଜନ୍ତୁ । ସେମାନଙ୍କ ମଝିରେ ତିନିଗୋଟି ଛୁଆ । ସେହି ଛୁଆଙ୍କୁ ରକ୍ଷା କରିବାପାଇଁ ସେମାନେ ଏପରି ଘେରି କରି ଯେଉଁ ବ୍ୟୂହ କରିଥାଆନ୍ତି ।

ହଠାତ୍ ସେମାନଙ୍କ ମଧ୍ୟରେ ଗୋଳମାଳ ଆରମ୍ଭ ହୋଇଗଲା । କାରଣ ବୁଝିବା ପାଇଁ ମୁଁ ଏକଧ୍ୟାନରେ ଚାହିଁ ରହିଲି । ଦେଖିଲି, ପାଣି ଭିତରେ ବୁଡ଼ିବୁଡ଼ି ଗୋଟାଏ ମସ୍ତବଡ଼ କୁମ୍ଭୀର ସେ ବ୍ୟୂହ ମଝିକୁ କପରି ଚାଲିଆସିଛି । ତିନୋଟି ଛୁଆ ମଧ୍ୟରୁ ଗୋଟିକୁ କାମୁଡ଼ି ଧରିଛି ।

ଆମ୍ଭେମାନେ ଆଉ ବନ୍ଧୁକ ଫୁଟାଇବୁ କଅଣ ? କୁମ୍ଭୀର ଓ ଜଳହସ୍ତୀ ଲଢ଼େଇ ଦେଖିବା ପାଇଁ ଗଛ ଉପରୁ ଓହ୍ଲାଇ ଆସିଲୁ । ନଈ କୂଳେ କୂଳେ ସେମାନଙ୍କ ସହିତ ଉପରକୁ ଚାଲିଲୁ ।

ସେଠାରେ ନଈରେ ପାଣି ଅଳ୍ପ, କୂଳ ପାଖ । ଗୋଟିଏ ଜଳହସ୍ତୀ ବୁଡ଼ିଗଲେ, ତା ଦେହର ଅଧେ ଅଂଶ ପାଣି ଉପରକୁ ରହିବ । କୁମ୍ଭୀରର ଗତିବିଧି ମଧ୍ୟ ଦେଖାଯାଉଥାଏ ।

କୁମ୍ଭୀର ଲୋଭରେ ପଡ଼ି ସିନା ଛୁଆଟିକୁ କାମୁଡ଼ି ଧରିଲା; ମାତ୍ର ଦଳ ମଝିରୁ କେଉଁ ପରି ଖସିଯିବାର ଉପାୟ ପାଉ ନ ଥାଏ । ସେ ଏପାଖ ସେପାଖ ବୁଲି ପଳାଇଯିବାକୁ ଚେଷ୍ଟା କରୁଥାଏ; ମାତ୍ର ଜଳହସ୍ତୀ ଦଳ ତାକୁ ବାଟ ଛାଡ଼ିଦେଲେ ତ ?

ଏହିପରି କିଛି ସମୟ ଘୁରାଘୁରି ଛକାପଞ୍ଝା ଖେଳ ପରେ ଗୋଟିଏ ଜଳହସ୍ତୀ ହାବୁଡ଼ରେ କୁମ୍ଭୀର ପଡ଼ିଗଲା । କୁମ୍ଭୀର ଧରିଥିବା ଛୁଆକୁ ପାଟିରୁ ଛାଡ଼ି ଦେଇ ପ୍ରାଣବିକଳରେ ତାକୁ କାମୁଡ଼ିବାକୁ ଆଁ ମେଲା କରିଦେଲା । ଠିକ୍ ସେହି ସମୟରେ ପଛରେ ଥିବା ଆଉ ଗୋଟାଏ ଜଳହସ୍ତୀ କୁମ୍ଭୀର ଲାଞ୍ଜକୁ କାମୁଡ଼ିଧରି ପାଟିବନ୍ଦ କରି ଦେଲା । ଆଉ କୁମ୍ଭୀର ଯିବ କୁଆଡ଼େ ? ସେ ସେଠାରେ ବାଡ଼େଇ ପିଟି ହେଲା । ପଛକୁ ବୁଲି ପଡ଼ିବାକୁ ବହୁତ ଚେଷ୍ଟା କଲା; ମାତ୍ର ପାରିଲା ନାହିଁ ।

ଆଗରେ ଥିବା ଜଳହସ୍ତୀଟି ତାର ଆଗ ପାଦ ଉଠାଇ କୁମ୍ଭୀର ମୁଣ୍ଡ ଉପରେ ଥୋଇଦେଲା । କେବଳ ଥୋଇଦେଲା ନାହିଁ, ଥରକୁ ଥର ପାଦ କଚି ତା ଉପରେ ନାଚିବାକୁ ଲାଗିଲା । ସେତେବେଳେ ଜଳହସ୍ତୀ ଦଳ ମଧ୍ୟରେ କି ଉଲ୍ଲାସ !

କୁମ୍ଭୀର ବିଚରା ଜଳହସ୍ତୀ ଛୁଆର କଅଁଳ ମାଂସ ଖାଇବାକୁ ଲୋଭ କରି ଶେଷରେ ଜୀବନ ଦେଲା । ଏହି ଦୃଶ୍ୟ ଦେଖି ଆମେ ଏତେ ଦୂର ମୋହିତ ହୋଇଯାଇ ଥିଲୁ ଯେ, ଆଉ ଜଳହସ୍ତୀ ଶିକାର କରିବାକୁ ଆମର ହାତ ଉଠିଲା ନାହିଁ ।

(୯)

ପାଣି ଭିତରେ ତ କୁମ୍ଭୀର ଜଳହସ୍ତୀର ବଡ଼ ଶତ୍ରୁ; ଶୁଖିଲାରେ ବି ବାଘ ସିଂହ କମ୍ ନୁହନ୍ତି । ଗୋଟାଏ ଜନ୍ତୁ ଶିକାରରେ ପ୍ରଚୁର ଖାଦ୍ୟ; ପୁଣି ନରମ ମାଂସ । ଏଥିରେ କେଉଁ ମାଂସାଶୀ ପ୍ରାଣୀ ଲୋଭ ନ କରିବ ?

ତେବେ ସିଂହ ଭଳି ଜନ୍ତୁ—ନିଜେ ପଶୁରାଜ, ସେ ବି ଜଳହସ୍ତୀ ଦଳ ଉପରେ ଆକ୍ରମଣ କରିବାକୁ ଭୟ କରେ । ଗୋଟିଏ ଜନ୍ତୁକୁ ଏକୁଟିଆ ପାଇଲେ ସଙ୍ଗେସଙ୍ଗେ ତା ଉପରକୁ କୁଦି ପଡ଼େ କିମ୍ବା ଦଳ ଭିତରୁ କଳ କୌଶଳରେ ଅନ୍ୟମାନଙ୍କ ଅଜ୍ଞାତରେ ଗୋଟିଏ ଦୋସାଣ ଆଣିବାକୁ ଚେଷ୍ଟା କରେ ।

ଥରେ ଗୋଟିଏ ସିଂହ ଜଳହସ୍ତୀ ଶିକାର କରିବାକୁ ଯାଇ କିପରି ହନ୍ତସନ୍ତ ହୋଇଥିଲା, ସେ ସମ୍ପର୍କରେ ଜଣେ ପ୍ରତ୍ୟକ୍ଷଦର୍ଶୀ ସାହେବ ଲେଖିଛନ୍ତି—

ନଦୀ କୂଳରେ ଗୋଟିଏ ଉଚ୍ଚ ନିରାପଦ ସ୍ଥାନରେ ଆମ ତମ୍ବୁ ପଡ଼ିଥାଏ । ଦିନସାରା ଅରଣ୍ୟର ବହୁ ଅଞ୍ଚଳ ବୁଲିବୁଲି ଆମେ କ୍ଲାନ୍ତ ହୋଇ ରାତିରେ ଶୋଇପଡ଼ିଥାଉଁ । ବିକଟ ଗର୍ଜନରେ ଆମ ସମସ୍ତଙ୍କ ନିଦ ଏକସମୟରେ ଭାଙ୍ଗିଗଲା । ଭୟରେ ସମସ୍ତେ ଥରିଉଠିଲୁ । ହାତବୋମା, ବନ୍ଧୁକ ଓ ଖୁବ୍ ଶକ୍ତିଶାଳୀ ଲମ୍ବା ଟର୍ଚ୍ଚବତି ଧରି ନିଜନିଜ କୋଠରି ଭିତରୁ ପଦାକୁ ଚାଲିଆସିଲୁ । ତମ୍ବୁ ବାହାରେ ଠିଆହୋଇ ଦେଖିଲୁ, ଖଣ୍ଡେ ଦୂରରେ ଭୀଷଣ ଯୁଦ୍ଧ ଲାଗିଯାଇଛି । ଏକପକ୍ଷରେ ଗୋଟିଏ ସିଂହ ଓ ଅନ୍ୟପକ୍ଷରେ ପାଞ୍ଚସାତ ଗୋଟି ଜଳହସ୍ତୀ ।

ଆମେ ଅନୁମାନ କରିନେଲୁ, ସିଂହ ନଈକୁ ପାଣି ପିଇବା ଲାଗି ଆସିଥିଲା । ଜଳହସ୍ତୀ ଦେଖି ମାଂସ ଖାଇବାକୁ ତାର ଲୋଭ ହୋଇଛି । ସେ ଶିକାର କରିବାଲାଗି ଗୋଟିଏ ଜଳହସ୍ତୀ ଉପରକୁ ମାରିବାରେ କୁଦିପଡ଼ିଛି । ଖୁବ୍ ନିକଟରେ ଯେ ଆଉ ଚାରି ପାଞ୍ଚଗୋଟି ଜଳହସ୍ତୀ ଅଛନ୍ତି, ବୋଧହୁଏ ସିଂହ ବାପୁରା ତାହା ଜାଣି ପାରି ନ ଥିଲା । ଶିକାରର ପିଠି ଉପରକୁ କୁଦିପଡ଼ି ଗୋଟାଏ କାମୁଡ଼ା ଦେଲା ପରେ ଆଉ ଯାଏ କୁଆଡ଼େ ?

ଆହତ ଜଳହସ୍ତୀର ଗର୍ଜନରେ ପାଖରେ ଥିବା ଅନ୍ୟ ଜଳହସ୍ତୀଗୁଡ଼ିକ ଚମକି ଆସିଲେ । ସିଂହକୁ ଦେଖି ତାକୁ ମାରି ପକାଇବାକୁ ଚାରିକଡ଼ରେ ଘେରିଗଲେ । ପାଣି ତ ଖୁବ୍ ପାଖରେ ଥିଲା । ଆହତ ଜଳହସ୍ତୀ ଧୂରିଧୂରି ବହୁକଷ୍ଟରେ ଯାଇ ପାଣି ଭିତରେ ପଶିଗଲା । ତା ପଛେପଛେ ଅନ୍ୟ ସାଙ୍ଗସାଥୀ ଚାଲି-ଥାଆନ୍ତି ।

ସିଂହ ପିଠିରେ ବସିଥିବା ଜନ୍ତୁଟି ସଙ୍ଗେସଙ୍ଗେ ପାଣି ଭିତରେ ବୁଡ଼ିଗଲା । ତା ସହିତ ସିଂହ ମଧ୍ୟ ବୁଡ଼ିଗଲା । ମାତ୍ର ଅଳ୍ପ ସମୟ ପରେ ସିଂହ ଭାସିଉଠିଲା; ତାର କେତେକ ଦୂରରେ ଜଳହସ୍ତୀ ଦେଖାଗଲା । ଅନ୍ୟ ଜଳହସ୍ତୀଗୁଡ଼ିକ ସିଂହର ଚାରିପାଖେ ଘେରି ରହିଥାଆନ୍ତି ।

ସିଂହ ଭୂଇଁଉପରର ଜୀବ । ପାଣିଭିତରେ ତାର କସରତ ବା କେତେ ? ସେଠାରୁ ସେ ପଳାଇ ଆସିବାକୁ ବହୁତ ପ୍ରକାର ଚେଷ୍ଟା କରୁଥାଏ । ମାତ୍ର ଜଳହସ୍ତୀଗୁଡ଼ିକ ତାକୁ ଏଭଳି ଭାବରେ ଘେରି ରହିଥାନ୍ତି ଯେ, ସେଠାରୁ ସେ ଆସିପାରୁ ନ ଥାଏ ।

ଜଳହସ୍ତୀଗୁଡ଼ିକ ଚେଷ୍ଟା କରୁଥାନ୍ତି, ସିଂହକୁ କୌଣସି ମତେ ପାଣି ଭିତରେ ବୁଡ଼ାଇଦେବେ । ସିଂହ ଚେଷ୍ଟା କରୁଥାଏ, ମତେ ସେଠାରୁ କପରି ଶୁଖିଲାକୁ ପଳାଇ ଆସିବ । ଶିକାର ନ ହେଲା ନାହିଁ ପଛକେ, ଆଗ ଜୀବନ ରହୁ ।

ବହୁ ସମୟ ଧରି ଏ ଦୃଶ୍ୟ ଆମେ ଦେଖିବାକୁ ପାଇଲୁ । ସିଂହ ଯେଉଁ ଆଡ଼କୁ ମୁହଁ କରେ, ସେ ଦେଖେ, ପର୍ବତ ଗୁମ୍ଫା ପରି ଗୋଟାଏ ଅତି ବଡ଼ ପାଟି ଆଁ କରି ତା ଆଡ଼କୁ ଦଉଡ଼ି ଆସୁଛି; କିନ୍ତୁ ନିର୍ଭୟରେ ତା ପାଖକୁ ଆସିପାରୁ ନାହିଁ ।

କେତେକ ସମୟ ପରେ ସିଂହର ଠିକ ମୁଣ୍ଡଟାକୁ ଗୋଟାଏ ଜଳହସ୍ତୀ ପାଟିରେ ପୂରାଇ ପାଟି ବନ୍ଦ କରିଦେଲା । ସିଂହ ଚୋଟିରେ ତାର ବଡ଼ ଦାନ୍ତରୁ ଗୋଟାଏ ଗଲାଗଲା । ତଥାପି ସିଂହ ଦବି ଯାଇ ନ ଥାଏ । ସେ ଅନ୍ଧାରୁଆ ଭାବରେ ତା ପଞ୍ଜାରେ ଜଳହସ୍ତୀକୁ ଘୁସୁଡ଼ା ମାରୁଥାଏ । ଅନ୍ୟ ଜଳହସ୍ତୀଗୁଡ଼ିକ ତା ପାଖକୁ ଆସିବାକୁ ସାହସ କରୁ ନ ଥାନ୍ତି; କିନ୍ତୁ ସାଙ୍ଗକୁ ସାହାଯ୍ୟ କରିବାକୁ ତାଙ୍କର ପ୍ରବଳ ଇଚ୍ଛା ଥିଲାପରି ଜଣାଯାଉଥାଏ ।

ଜଳହସ୍ତୀଟି ଆଉ ପାଟି ବନ୍ଦ କରି ବେଶି ସମୟ ରହି ପାରିଲା ନାହିଁ । ଆଁ ମେଲା କରିଦେବା ସଙ୍ଗେସଙ୍ଗେ ସିଂହ ଟାଣି-ହୋଇ ଚାଲିଆସିଲା । ତା ପରେ ସେ ଆଉ ନିଜ ଜୀବନ ପ୍ରତି ମମତା ନ ରଖି ଯାହାକୁ ଆଗରେ ଦେଖିଲା, ତାକୁ କାମୁଡ଼ି ପକାଇବାକୁ ଚେଷ୍ଟାକଲା । ସେମାନଙ୍କ ଗର୍ଜନ ଓ ପାଣି ତଳ ଉପର ହେବାର ଶବ୍ଦ କାନ ବଧିର କରିପକାଉଥାଏ ।

ଶେଷରେ ସିଂହ ବହୁକଷ୍ଟରେ ପାଣିରୁ ଟିକିଏ ଶୁଖିଲାକୁ ଆସିଗଲା; ମାତ୍ର ସେତେବେଳକୁ ସେ ଏକାବେଳକେ ହାଲିଆ ହୋଇ ପଡ଼ିଥାଏ । ଆଉ ବେଶି ବାଟ ଦଉଡ଼ି ଯାଇପାରିଲା ନାହିଁ । ଅଳ୍ପଦୂର ଯାଇ ତଳେ ପଡ଼ିଗଲା ଓ କିଛି ସମୟ ଧକେଇବାକୁ ଲାଗିଲା । ତା ପରେ ସବୁ ଶେଷ ।

ପରଦିନ ଆମେ ଜଳହସ୍ତୀଙ୍କର ଅବସ୍ଥା ଅନୁସନ୍ଧାନ କରିବାକୁ ବାହାରିଲୁ । ବୁଲି ଦେଖିଲୁ, ପାଣିକୂଳରେ କେତେକ ଦୂର ଅନ୍ତରରେ ଦୁଇଟି ଜଳହସ୍ତୀ ପଡ଼ିଛନ୍ତି । ଦୁହିଙ୍କ ଦେହରୁ ବହୁ-ପରିମାଣ ମାଂସ ଛିଡ଼ିଛି । ଗୋଟିଏ ମରିଯାଇଛି । ଅନ୍ୟଟି ପଡ଼ି-ରହି ଝୁକ୍‌ଝୁକ୍ ହେଉଛି ।

କିଛି ଦୂରରେ ପାଣିରେ ଗୋଟାଏ ମଲ୍ଲ ଜଳହସ୍ତୀ ଭାସୁଛି । ଯେତେ ଖୋଜିଲେ ମଧ୍ୟ ଆଉ ଦୁଇଟିର ସନ୍ଧାନ ପାଇଲୁ ନାହିଁ । ହୁଏତ ସେମାନେ ଜୀବନରେ ଥିବେ; ପହଁରି ବହୁ ଦୂରକୁ ଚାଲି-ଯାଇଛନ୍ତି; ମାତ୍ର ସିଂହର କାମୁଡ଼ା ଯେପରି ଭାବରେ ପାଇଛନ୍ତି, ଆଉ ବେଶିଦିନ ଯେ ବଞ୍ଚିରହିବେ, ସେ ବିଶ୍ୱାସ ଆମର ହେଲା ନାହିଁ ।

(୧୦)

ଇଂଲଣ୍ଡର ଚିଡ଼ିଆଖାନା ଦେଖିବାକୁ ଦଳେ ସ୍କୁଲ ପିଲା ଯାଇଥାଆନ୍ତି । ସେମାନେ ବୁଲିବୁଲି ଜଳହସ୍ତୀ ରହୁଥିବା ସ୍ଥାନରେ ଆସି ପହଞ୍ଚିଲେ । ଘରପାଖରେ ଉଚ୍ଚ ପାଚେରି । ଭିତରେ ବଡ଼ ପୋଖରୀ ଓ ପୋଖରୀ ହୁଡ଼ା । ଜଳହସ୍ତୀ ତା ଭିତରେ ବନ୍ଦୀ-ହୋଇ ରହିଥାଏ । ସେ କେତେବେଳେ ପୋଖରୀରେ ପଶି ପହଁରୁଥାଏ, କେତେବେଳେ ଶୁଖିଲାରେ ବୁଲୁଥାଏ ।

ଉପରେ ରହି ପିଲାଗୁଡ଼ିକ ତା କୌତୁକ ଦେଖୁଥାଆନ୍ତି । ଜଳହସ୍ତୀ ମଧ୍ୟ ବୋଧହୁଏ ମଣିଷପିଲାଙ୍କ କୌତୁକ ଦେଖିବା ପାଇଁ ଉପରକୁ ଚାହିଁଲା । ତାହାର ପାଟିର ଆକାର ଦେଖି ଗୋଟିଏ ସ୍କୁଲ ପିଲା ଡରିଗଲା । ସେ ଟିକିଏ ଚମକି ଉଠିବାକ୍ଷଣି ତା ମୁଣ୍ଡରୁ ନାଲିଟୋପିଟି ଖସିପଡ଼ିଲା । ତାହା ତଳେ କି ପାଣିରେ ହେଲେ ପଡ଼ିଥାନ୍ତା ! ଲକ୍ଷ୍ୟ କଲାପରି ଠିକ୍ ଯାଇ ଜଳହସ୍ତୀ ପାଟି ଭିତରେ ପଡ଼ିଗଲା । ଜଳହସ୍ତୀଟି ଗୋଟାଏ କିଛି ଭଲ ଖାଦ୍ୟଦ୍ରବ୍ୟ ଭାବିର ପାଟି ବନ୍ଦ କରିଦେଲା ଓ ସଙ୍ଗେସଙ୍ଗେ ଟୋପିଟିକୁ ଗିଳିଦେଲା

ଏହା ଦେଖି ଅନ୍ୟ ପିଲାମାନେ ନାଚିଉଠିଲେ । ସେମାନେ ନିଜ ମୁଣ୍ଡରୁ ଟୋପି ବାହାର କରି ତା ଉପରକୁ ପକାଇଲେ । ସେଥିରୁ ତିନୋଟି ତା ପାଟି ଭିତରେ ପଡ଼ିଲା ଓ ପେଟ ଭିତରକୁ

ଚାଲିଗଲା । ବାକୀ ଚାରିଟେଗୋଟି ପାଣିରେ ପଡ଼ି ଭାସୁଥାଏ । ଜଳହସ୍ତୀଟି ବୋଧହୁଏ ସେସବୁ ଗିଳି ଦେଇଥାନ୍ତା; ମାତ୍ର ଏହି ସମୟରେ ତାର ରକ୍ଷକ ଆସି ସେଠାରେ ପହଞ୍ଚିଗଲା । ସେ ଲମ୍ବା ଲଗି ବଢ଼ାଇ ଟୋପିଗୁଡ଼ିକ ପାଣିରୁ ଉଠାଇନେଲା । ପିଲାଙ୍କଠାରୁ ଶୁଣିଲା ଯେ, ଜଳହସ୍ତୀଟି ଚାରିଟା ଟୋପି ଗିଳିସାରିଛି ।

ତା ପରେ ତାଙ୍କୁ ଡାକ୍ତରଖାନାକୁ ନିଆଗଲା । ତାର ଚିକିତ୍ସା କରାଗଲା । ଏଭଳି ଔଷଧ ଦିଆଗଲା, ଯେଉଁଥିରେ କି ଟୋପି ପଚିଯାଇ ଝାଡ଼ାରୂପେ ବାହାରିଯିବ । ପନ୍ଦରଦିନ ଯାଏ ଜଳହସ୍ତୀର ଏ ଚିକିତ୍ସା ଚାଲିଥିଲା ଓ ସେଥିରେ ଚିଡ଼ିଆଖାନାର କେତେ ଶହ ପାଉଣ୍ଡ ଖର୍ଚ୍ଚ ହୋଇଥିଲା ।

ମୁଦ୍ରାକର—ଶ୍ରୀ ରଘୁନାଥ ପ୍ରସାଦ ମିଶ୍ର, ପ୍ରସାଦ ପ୍ରେସ, କଟକ—୨
୧୯୫୯

0/234

ସିରୁଆ ପଥେ



ଶ୍ରୀ ଉମେଶ ଚନ୍ଦ୍ର ପାଣିଗ୍ରାହୀ

ଆରବ ଦେଶର କଥା

ଦ୍ୱିତୀୟ ଖଣ୍ଡ

ସିରିଆ ପଥେ

ଶ୍ରୀ ଉମେଶ ଚନ୍ଦ୍ର ପାଣି ଗ୍ରାହୀ

ମୂଲ୍ୟ-ଦଶଅଣା ମାତ୍ର

ପ୍ରକାଶକ
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
କଟକ—୨

"Scholarship is less than sense;
Therefore seek intelligence—"
Panchatantra

ଦ୍ୱିତୀୟ ମୁଦ୍ରଣ
୧୯୫୮

(Araba Desar Katha Parts 1 & 11)
Copyright reserved by the Publisher

ନଂ..........
ତା: 7 JUL 1962
ରାଉରକେଲା

ସିରିଆ ପଥେ

ପ୍ରାଚୀନ ନଗରୀ ବାବିଲୋନ

ଫେଲୁଜାରୁ ଫେରିଆସି ଲଜିଙ୍ଗ ଘରେ ରହିବା ଉପଯୁକ୍ତ ହେବ ନାହିଁ ଭାବି ମେନରୋଡ଼ ଉପରେ ଗୋଟିଏ ଭଡ଼ା ଘରରେ ଦୈନିକ ଶହେ ଫିଲସ୍ ଦେଇ ଗୋଟିଏ କୋଠରୀ ନେଲି । କୋଠରୀ ଖଣ୍ଡିକ ଇଉରୋପୀୟ ଢଙ୍ଗରେ ସଜ୍ଜିତ । ଯେଉଁମାନେ ଲଜିଂ ଘରରେ ରହନ୍ତି, ସେମାନେ ସମସ୍ତେ ଇଉରୋପୀୟ । ଇଉରୋପୀୟ ସଙ୍ଗୀ ପାଇ ଆରବ ଦେଶ ସମ୍ବନ୍ଧରେ ବହୁତ କଥା ଜାଣିବାକୁ ସୁବିଧା ପାଇଥିଲି ।

ଯେଉଁ କେତେଦିନ ଲଜିଂ ଘରରେ ରହିଥିଲି, ସେଥିମଧ୍ୟରେ କେତୋଟି ବିଷୟ ପ୍ରତି ଲକ୍ଷ୍ୟ କରିଥିଲି । ତା'ର ଗୋଟିଏ ମାତ୍ର ଉଦାହରଣ ଏଠାରେ ଦେଉଛି । ବିଦେଶକୁ ଭାରତୀୟ ସିପାହୀ ଯାଆନ୍ତି ଯୁଦ୍ଧ କରିବା ପାଇଁ । ଯୁଦ୍ଧ କରିବାଟା ବୀରର କାମ ନିଶ୍ଚୟ; କିନ୍ତୁ ଜଣେ ବିଦେଶୀ ସେଥିପାଇଁ ମୋତେ ଦି'ପଦ ଶୁଣାଇ ଦେଇଥିଲେ । ପ୍ରତିବାଦରେ ମୁଁ ବି ତା'ର ଉତ୍ତର ଦେଇଥିଲି । ଫଳ ହେଲା, ଯେତେବେଳେ ରାସ୍ତା ଉପରକୁ ପାଦ ବଢ଼ାଇଲି, ସଙ୍ଗେ ସଙ୍ଗେ କେତେ ଜଣ ଦରଜୀ ମୋର ପିଛା ଧରିଲେ । ସେମାନେ ଦୂରରେ ରହି କେବଳ ମୋର ପୋଷାକର

ମାପ ନେଉଥିଲେ । ଏହିପରି ଭାବରେ ପ୍ରତିଦିନ ଦୂରରେ ରହି ପୋଷାକର ମାପ ନେବାଟାକୁ ମୁଁ ଆଦୌ ପସନ୍ଦ କରୁ ନ ଥିଲି ବୋଲି ଦିନେ ସେଥି ଭିତରୁ ଜଣକୁ ଧରି ଗୋଟିଏ ଗୃହଡ଼ା ବସାଇଥିଲି । ସେହି ଲୋକଟି ସୁଦୂର ପଶ୍ଚିମ ଦେଶକୁ ଆସି ମଧ୍ୟ ମୋତେ ବଙ୍ଗାଳି ବୋଲି ସମ୍ବୋଧନ କରିଥିଲା । ଯେଉଁମାନେ ଦୂରରେ ଥାଇ ପୋଷାକର ମାପ ନିଅନ୍ତି, ତାଙ୍କ ମୁହଁରୁ ଯେ କୌଣସି କଥା ପ୍ରକାଶ ପାଇବାଟା ଦୋଷାବହ ନୁହେଁ ।

ଉପଦେଶ ଦେବାର ଲୋକଙ୍କର ଅଭାବ ନାହିଁ । ଦିନେ କେତେଜଣ ଭାରତୀୟ ଭଦ୍ରଲୋକ ମୋତେ କହିଲେ, ଆପଣଙ୍କର ବାବିଲୋନ ଦେଖିଯିବା ଦରକାର । ଅନ୍ୟର ଉପଦେଶ ମୁଁ ଶୁଣେ; କିନ୍ତୁ ସବୁବେଳେ ଉପଦେଶ ଅନୁଯାୟୀ କାମ କରି ହୁଏ ନାହିଁ । ମୁଁ ଯେତେବେଳେ ଅନ୍ୟମନସ୍କ ଭାବରେ କଣ ଭାବୁଥିଲି, ସେତେବେଳେ ଜଣେ କିରାଣୀ କହିଲେ, ସେ ମୋ ପାଇଁ ରେଲରେ ଫ୍ରି ପାଶ୍‌ର ବ୍ୟବସ୍ଥା କରିଦେବେ । ତାଙ୍କର କଥା ଶୁଣି ଖୁସି ହେଲି । କିରାଣୀଟି ସଙ୍ଗେ ସଙ୍ଗେ ମୋ ନାମରେ ଗୋଟିଏ ଦରଖାସ୍ତ ଲେଖି ନିଜ ପାଖରୁ ଗୋଟିଏ ଷ୍ଟାମ୍ପ ଲଗେଇ ଚିଠି ଖଣ୍ଡିକ ମୋ ହାତରେ ଦେଇ କହିଲେ, ଚିଠି ଖଣ୍ଡି ଲେଖିବାର ଶ୍ରମ ଯଦି ସାର୍ଥକ ହୁଏ, ତାହାହେଲେ ଭ୍ରମଣର ପୁଣ୍ୟ ଫଳ ସେ ମଧ୍ୟ କେତେକ ପରିମାଣରେ ପାଇବେ ।

ତାଙ୍କର କଥାର ଉତ୍ତର ଦେଲି ନାହିଁ । ନୀରବରେ ଭାବିଲି, ଯେଉଁ ଜାତିର ଶିକ୍ଷିତ ଲୋକ ପାପ ପୁଣ୍ୟର ଏତେ ହିସାବ ରଖନ୍ତି; ଦେଲାବେଳେ ମଧ୍ୟ ପାଇବାର ଲୋଭ ରଖି ଥାଆନ୍ତି, ସେହି ଜାତି ଯେ କେତେଢ଼େ ନୀଚ ସ୍ତରକୁ ଓହ୍ଲାଇ ଯାଇଛି, ଭାବି ସ୍ଥିର

କରିବା ଏକ କଠିନ ସମସ୍ୟା । କିରାଣୀମାନଙ୍କୁ ଏଜେଣ୍ଟ ଦୟାକରି ପାରେ । ମୁଁ ତ ଆଉ ତାଙ୍କ ଭଳି ନୁହେଁ । ମୁଁ ଚାହେଁ ମୋ ଦେଶ ମଧ୍ୟ ସ୍ୱାଧୀନ ହୋଇ ବ୍ରିଟିଶ୍ ପରି ଶକ୍ତିଶାଳୀ ଜାତିରେ ପରିଣତ ହେଉ । ସୁତରାଂ ମୋ ଭଳି ଲୋକକୁ ବ୍ରିଟିଶ୍ ଏଜେଣ୍ଟ ଦୟା ଦେଖାଇବା ଅସମ୍ଭବ ବ୍ୟାପାର , ଏଥିରେ ଯେ ତାର ସ୍ୱାର୍ଥରେ ଆଘାତ ଲାଗିବ । ଯାହା ଭାବିଥିଲି ଠିକ୍ ସେଇଆ ହେଲା । ଦରଖାସ୍ତ ନା ମଞ୍ଜୁର ହେଲା; କିନ୍ତୁ କିରାଣୀ ଦଳର ଏଥିରେ ଆଖି ଖୋଲିଲା ନାହିଁ । ସେମାନେ ଭାବିଲେ ଦରଖାସ୍ତରେ କେଉଁଠି ଭୁଲ ରହିଯାଇଥିଲା ନିଶ୍ଚୟ ! ତାଙ୍କ କଥା ଶୁଣି ହସିବି କି କାନ୍ଦିବି ଠିକ୍ କରିପାରିଲି ନାହିଁ ।

ଯେଉଁ କାମରେ ବାଧା ପଡ଼ିଥାଏ, ସେହି କାମ କରିବାକୁ ଯଦି ମୁଁ ସକ୍ଷମ ହୁଏ, ଶୀଘ୍ର ଶୀଘ୍ର କରି ପକାଏ । ବାଗଦାଦରୁ ବସୋରାର ଭଡ଼ା ମଧ୍ୟ ଏତେ ବେଶୀ ନ ଥିଲା ଯେ, ମୋତେ କଷ୍ଟ ଲାଗନ୍ତା । ଏଜେଣ୍ଟଠାରୁ ଉତ୍ତର ପାଇବା ସଙ୍ଗେ ସଙ୍ଗେ ଷ୍ଟେସନକୁ ଯାଇ ଖଣ୍ଡିଏ ଇଣ୍ଟର୍ ଟିକଟ କିଣି ଲଜ୍ଞ ଘରକୁ ଯେତେବେଳେ ଫେରୁଥିଲି, ସେତେବେଳେ ଲକ୍ଷ୍ନୌର ଜଣେ ଲୋକଙ୍କ ସାଙ୍ଗରେ ଦେଖା ହେଲା । ସେ ମୋର ପୂର୍ବ ପରିଚିତ । ତାଙ୍କ ସାଙ୍ଗରେ ମୋର ଦେଖା ହୋଇଥିଲା ତେହରାଣରେ । ତେହରାଣରେ ଥିବା ସମୟରେ ତାଙ୍କର ବିଦେଶର ମୁସଲମାନପ୍ରୀତି ମଉଳି ପଡ଼ିଥିଲା; କାରଣ ସେ ବି ଥିଲେ ମୋ ପରି ଭିକାରୀ । ଭିକ୍ଷା କରି ସେ ମଧ୍ୟ ତୀର୍ଥ ଭ୍ରମଣରେ ବାହାରିଥିଲେ । ଇରାଣୀଗଣ ତାଙ୍କୁ ସାହାଯ୍ୟ କରି ନାହାନ୍ତି ବରଂ ତାଙ୍କୁ ଭିକାରୀ ଆଇନରେ ପକାଇବାକୁ ଚେଷ୍ଟା କରିଥିଲେ । ସେଠାରୁ ହିନ୍ଦୁଗଣ କେବଳ ତାଙ୍କୁ ସାହାଯ୍ୟ କରି ବାଗଦାଦ ପଠାଇଛନ୍ତି । ଏଠାରେ

ପହଞ୍ଚି ମଧ ସେ ହିନ୍ଦମାନଙ୍କର ସାହାଯ୍ୟରେ କାରବାଲା ଯିବାର ପାଥେୟ ଯୋଗାଡ଼ କରିଛନ୍ତି । ମୋ ସହିତ ଦେଖା ହେଲା ପରେ ତାଙ୍କ ପ୍ରାଣରେ ଯେପରି ଏକ ନବଜୀବନର ଉନ୍ମେଷ ହେଲା । ସେ ମୋ ସହିତ କାରବାଲା ଯିବେ ବୋଲି ଠିକ୍ କଲେ । ପରଦିନ ରେଲ ଷ୍ଟେସନରେ ଆମେ ଚାରିଜଣ ସଙ୍ଗୀ ହୋଇ ଗୋଟିଏ ଡବାରେ ଉଠିଲୁ । ତାଙ୍କ ସାଙ୍ଗରେ ତାଙ୍କର ସ୍ତ୍ରୀ ଆଉ ପୁଅ ମଧ ଥିଲେ ।

ବାଗଦାଦ ଷ୍ଟେସନରେ ବେଶୀ ଲୋକ ଗହଳି ନ ଥିଲା । ଏ ଅଞ୍ଚଳର ଲୋକେ ଗାଡ଼ିରେ ପ୍ରାୟ ବେଶୀ ଯିବା ଆସିବା କରନ୍ତି ନାହିଁ । ଓଟ, ଘୋଡ଼ା, ଏଇଥିରେ ବେଶୀ ଚଢ଼ନ୍ତି । ମୋର ସଙ୍ଗୀ ତିନିଜଣ ଗାଡ଼ିରେ ବସି ନାନା ପ୍ରକାର ମନ୍ତ୍ର ପଢ଼ିଲେ । ଏଥିରେ ମୁଁ ଆଦୌ ବିରକ୍ତ ହୋଇନାହିଁ । ଗୟା, କାଶୀ, ଯିବାବେଳେ ହିନ୍ଦୁମାନେ ମଧ କେତେ ମନ୍ତ୍ର ପଢ଼ନ୍ତି । ହିନ୍ଦୁଙ୍କର ମନ୍ତ୍ର ପଢ଼ାଟାକୁ ଯଦି ହଜମ କରି ପାରିବି, ତେବେ ମୁସଲମାନର ମନ୍ତ୍ର ପଢ଼ାଟାକୁ ସହ୍ୟ କରିପାରିବି ନାହିଁ କାହିଁକି ?

ଗାଡ଼ି ଛାଡ଼ିବାପୂର୍ବରୁ ମୁଁ ରେଲଓୟେ ବହି ଦୋକାନରୁ ଦୁଇଟି ଇଂରାଜୀ ସାପ୍ତାହିକ ଖବରକାଗଜ କିଣିଥିଲି ? ତାକୁ ପଢ଼ି ବସିଲି । ମୋର ସଙ୍ଗୀଗଣ ତୀର୍ଥଯାତ୍ରୀ ବୋଲି ବୁଝିପାରି ଜଣେ ଆରବ ଆମ ଡବାରେ ଆସି ବସିଲା; କିନ୍ତୁ ମୋତେ ଦେଖି ଯେପରି ଟିକିଏ ବିରକ୍ତ ହେଲା । ଲୋକଟି ବିଶୁଦ୍ଧ ହିନ୍ଦିଭାଷାରେ କାରବାଲାର ମହାତ୍ମ୍ୟ ମୋର ସଙ୍ଗୀମାନଙ୍କୁ ବୁଝାଉଥିଲା । ମୁଁ ମଧ ବସି ବସି କାରବାଲାର ମହାତ୍ମ୍ୟ ମନୋଯୋଗ ଦେଇ ଶୁଣିଲି । ଏଥିରେ ଆରବ ଲୋକଟିର ମୋ ପ୍ରତି ବୀତଶ୍ରଦ୍ଧ ଭାବ ଧୀରେ ଧୀରେ ଦୂରେଇଗଲା । ମୁଁ ମଧ

କାରବାରୀ ଯାଉଛି କି ବୋଲି ସେ ପଚାରିଲେ । ମୁଁ ଅନ୍ୟ ଧର୍ମର ଲୋକ ଶୁଣି ମଧ୍ୟ ତାଙ୍କର ମନରେ କୌଣସି ବିକାର ଆସିଲା ନାହିଁ । କଥା ପ୍ରସଙ୍ଗରେ ଧର୍ମଯାଜକ ମୋତେ ଜଣାଇ ଦେଲେ, ତାଙ୍କ ଦେଶର ଖ୍ରୀଷ୍ଟାନଗଣ ମଧ୍ୟ ତାଙ୍କ ପାଖକୁ ଅନେକ ସମୟରେ ଭିକ୍ଷା କରିବା ପାଇଁ ଆସନ୍ତି । ସେମାନେ ଖ୍ରୀଷ୍ଟାନମାନଙ୍କୁ ଘୃଣା କରନ୍ତି ନାହିଁ; ବରଂ ଜେରୁଜେଲମ୍ ଯିବା ପାଇଁ ଉତ୍ସାହିତ କରନ୍ତି । ଧର୍ମଯାଜକଙ୍କ ପାଇ ମୁଁ ଅନେକ ପରିମାଣରେ ନିଶ୍ଚିନ୍ତ ହେଲି ଏବଂ ସଙ୍ଗୀମାନଙ୍କୁ ତାଙ୍କ ସହିତ ଯିବାକୁ ଅନୁରୋଧ କଲି । ସଙ୍ଗୀମାନେ ମୋ କଥାରେ ରାଜି ହୋଇଥିଲେ ।

ଆରବ ଦେଶ ମରୁମୟ । ମରୁଭୂମିରେ ଓଟ ଚାଲେ । ଆରବରେ ଘୋଡ଼ା ମଧ୍ୟ ଅଛନ୍ତି ଓ ଘୋଡ଼ାର ସୁନାମ ମଧ୍ୟ ଅଛି । କେବଳ ସେତିକି ନୁହେ । ଆରବ ଦେଶର ରେଲଗାଡ଼ି ମଧ୍ୟ ହର୍ସ ପାଓ୍ୱାରରେ ନ ଚାଲି ଚାଲେ 'କାମେଲ୍ ପାଓ୍ୱାର'ରେ । ଗାଡ଼ି କାମେଲ୍ ଅର୍ଥାତ୍ ଓଟ ପାଓ୍ୱାରରେ ମଟର ଭଳି ଘଣ୍ଟାରେ ବାରମାଇଲ ବେଗରେ ଚାଲୁଥିଲା । ଓଟରେ ବସିବା ମୋର ଅଭ୍ୟାସ ଥିଲା ବୋଲି ପ୍ରଥମେ କିଛି କଷ୍ଟ ହୋଇନାହିଁ । କେତେ ଘଣ୍ଟା ବସି ରହିଲା ପରେ ଅଣ୍ଟାରେ ବିଥା ଜଣାଗଲା । ପ୍ରୋଗ୍ରାମ ପରିବର୍ତ୍ତନ କରିବାକୁ ବାଧ୍ୟ ହେଲି । ସ୍ଥିର କଲି ହିଲ୍ଲାରେ ପହଞ୍ଚି ଗାଡ଼ିରୁ ଓହ୍ଲାଇଯିବି । ପରେ ବାବିଲୋନ ଦେଖି ବସୋରା ଆଡ଼କୁ ଚାଲିବି ।

ସେତେବେଳେ ସୁଦ୍ଧା ମୋର ଅଣ୍ଟାରେ ବେଶ୍ ଦରଜ ଜଣା ପଡୁଥିଲା । ଗାଡ଼ି ଯାଇ ଗୋଟିଏ ଷ୍ଟେସନରେ ଛିଡ଼ା ହେଲା । ଗାଡ଼ିରୁ ଓହ୍ଲାଇ ଟିକିଏ ବୁଲିଚାଲି କରି ପୁଣି ଯେମିତି ଗାଡ଼ିକୁ ଉଠିବାକୁ ଗଲି ସେମିତି ଆମ ଡବାରେ ଜଣେ ଭାରତୀୟ ପାନ୍-

ଇସ୍‌ଲାମୀ ପ୍ରଚାରକ ଉଠିଲେ । ତାଙ୍କ ଘର ମୁରାଦାବାଦରେ, ସେ ସୁନ୍ନୀ ସମ୍ପ୍ରଦାୟର ଲୋକ । ମୋ ସାଙ୍ଗରେ ଯେଉଁମାନେ କାରବାଲା ଯାଉଥିଲେ, ସେମାନେ ଥିଲେ ସିହା ସମ୍ପ୍ରଦାୟର, ତାଙ୍କର ଘର ଲକ୍ଷ୍ନୌରେ । ବିଶେଷତଃ ଭାରତୀୟ ମୁସଲମାନଙ୍କ ଭିତରେ ସିହା ସୁନ୍ନିଙ୍କ ମଧ୍ୟରେ ଏତେ ଅମେଳ, ଏକଥା ମୋତେ ଆଗରୁ ଜଣା ନ ଥିଲା । ବିଦେଶକୁ ଆସି ମଧ୍ୟ ମୁରାଦାବାଦର ଲୋକ ଲକ୍ଷ୍ନୌର ଲୋକଙ୍କ ସହିତ ବେଶୀ ସମୟ କଥାବାର୍ତ୍ତା କଲେ ନାହିଁ । ଲକ୍ଷ୍ନୌର ଲୋକଟି ବଡ଼ ରସିକ । ସେ ହଠାତ୍ କହି ପକାଇଲେ, ମୋର ସଙ୍ଗୀ ଭଦ୍ରଲୋକ ଆଗରେ ହିନ୍ଦୁ ଥିଲେ—ଏଠାକୁ ଆସି ଖ୍ରୀଷ୍ଟାନ୍ ଧର୍ମ ଗ୍ରହଣ କରିଛନ୍ତି । କଥାଟା ଶୁଣିବା ମାତ୍ରକେ ଅନ୍ୟ ଜଣକ ଆଗ୍ରହ ସହିତ ମୋର ଧର୍ମାନ୍ତର ସାର୍ଟିଫିକେଟ ଦେଖିବାକୁ ମାଗିଲା । ମୁଁ ନୀରବରେ ବସି ରହିବାରୁ ସେ କହିଲା, ଆପଣ ବୋମ୍ବେ ଫେରିଯାଇ ସ୍ୱଚ୍ଛନ୍ଦରେ ଅନ୍ୟ ଧର୍ମ ଗ୍ରହଣ କରିପାରନ୍ତି । ଇରାକର ରାଜା ଗୋଟାଏ ଅପଦାର୍ଥ ଲୋକ । ରାଜା ଆଇନ କରିଛନ୍ତି ଯେ, ବର୍ଷକ ଭିତରେ କେହି ଧର୍ମାନ୍ତର ଗ୍ରହଣ କରି ପାରିବେ ନାହିଁ । ଏହି ଆଇନ ପୁଣି ହୋଇଛି ବ୍ରିଟିଶ୍ ରାଜାର ପରାମର୍ଶରେ । ସୁଖର ବିଷୟ ଆପଣ ବୋମ୍ବେ ଯାଉଛନ୍ତି; ସେଠାରେ ଧର୍ମାନ୍ତର ଗ୍ରହଣ କରିବାକୁ ଆପଣଙ୍କୁ ଆଦୌ କଷ୍ଟ ହେବ ନାହିଁ । ଆହୁରି ପୁଣି କହିଲେ, ବ୍ରିଟିଶ୍ ରାଜା ଫୈଜଲଙ୍କୁ ସିଂହାସନରେ ବସାଇଛନ୍ତି ବୋଲି ଖ୍ରୀଷ୍ଟାନ୍‌ମାନଙ୍କୁ ରାଜା ଫୈଜଲ ଅନେକ ସୁବିଧା ସୁଯୋଗ ଦେଇଥାନ୍ତି ।

ମୁଁ ନୀରବରେ ସବୁ କଥା ଶୁଣିଗଲି । ସିହା ସଙ୍ଗୀଟି ମଧ୍ୟ ଆଉ କଥା ନ ବଢ଼ାଇ ତାଙ୍କର ଧର୍ମଯାଜକଙ୍କ ପାଖରୁ କାର-ବାଲାର ମହାତ୍ମ୍ୟ ବସି ବସି ଶୁଣିଲେ । ଏହା ଭିତରେ ଗୋଟିଏ

ଷ୍ଟେସନରେ ଗାଡ଼ି ଛିଡ଼ା ହେଲା । ପାନ୍ ଇସଲାମ୍‌ର ପ୍ରଚାରକ ଗାଡ଼ିରୁ ଓହ୍ଲାଇ ଷ୍ଟେସନ ଆଡ଼କୁ ଯିବା ପୂର୍ବରୁ ମୋତେ ଡାକି ପଚାରିଲେ, ଆପଣ କଣ କାରବାଲା ଯାଉଛନ୍ତି ? ମୁଁ କହିଲି, ନା, ବାବଲୋନ ଯାଉଛି । ସେ ଏହା ଶୁଣି ଆନନ୍ଦିତ ହୋଇ କହିଲେ, ହିଲ୍ଲାରେ ଜଣେ ବଙ୍ଗାଳି ମୁସଲମାନ ଅଛନ୍ତି । ତାଙ୍କ ଘରେ ଯାଇ ରହିବେ । ମୁଁ ବର୍ତ୍ତମାନ ତାଙ୍କୁ ତାର କରି ଜଣାଇ ଦେବି । ଆପଣଙ୍କ ନାଁ କଣ ? ମୋର ନାମ ଶୁଣି ଭଦ୍ରଲୋକଙ୍କର ଭୁଲ୍ ଭାଙ୍ଗିଲା । ସେ ମୋତେ ପ୍ରକାଶ୍ୟରେ କହିଲେ, ଆପଣ ଯେ ଖ୍ରୀଷ୍ଟ-ଧର୍ମ ଗ୍ରହଣ କରିଛନ୍ତି, ଏଇଟା କହାଣି ମିଛ କଥା ?—ମୁଁ ତ ଧର୍ମ ସମ୍ବନ୍ଧରେ କୌଣସି କଥା କହିନାହିଁ । ଆପଣ ଦୁଇଜଣ ମିଶି କଥାବାର୍ତ୍ତା କରିଛନ୍ତି । ମୁଁ କେବଳ ବସି ବସି ଶୁଣିଛି । ଭଦ୍ରଲୋକ ଏହା ଶୁଣି ନୀରବରେ ବିଦାୟ ନେଲେ ।

ଇରାକରେ ପହଞ୍ଚିଲା ପରେ ଶୁଣିଥିଲି, ସେଠାରେ ଧର୍ମ ପରିବର୍ତ୍ତନର ଗୋଟିଏ ରୋଗ ଦେଖା ଦେଇଛି । କ୍ରମେ ଲୋକେ ଅନ୍ୟ ଧର୍ମ ଗ୍ରହଣ କରୁଛନ୍ତି । ଯେଉଁମାନେ ଟିକିଏ ଶିକ୍ଷିତ, ସେହିମାନେ ବେଶୀ ଧର୍ମ ପରିବର୍ତ୍ତନ କରୁଛନ୍ତି । ଯେଉଁମାନେ ରାଜଦ୍ୱାରରେ ଆଶ୍ରୟପ୍ରାର୍ଥୀ, ସେମାନେ ଏ ପରିବର୍ତ୍ତନ ଦେଖି ବିଚଳିତ ହୋଇ ଉଠିଲେ । ଫଳରେ ଗୋଟିଏ ନୂତନ ଆଇନ ସୃଷ୍ଟି ହେଲା । ଯଦି କେହି ନିଜର ଧର୍ମ ପରିବର୍ତ୍ତନ କରିବାକୁ ଇଚ୍ଛା କରିବ, ତାହାହେଲେ ତାକୁ ଇରାକର ସ୍ୱରାଷ୍ଟ୍ର ସଚିବ ପାଖରେ ଦରଖାସ୍ତ କରି ଜଣାଇବାକୁ ହେବ ଯେ, ସେ ତାର ପୁରାତନ ଧର୍ମ ବଦଳାଇ ନୂତନ ଧର୍ମ ଗ୍ରହଣ କରିବାକୁ ଚାହେଁ । ସ୍ୱରାଷ୍ଟ୍ର ସଚିବ ଆବେଦନ ପାଇବା ସଙ୍ଗେସଙ୍ଗେ ଆବେଦନକାରୀ ପାଖକୁ ତା'ର ପୁରାତନ ଧର୍ମର ଜଣେ ଧର୍ମଯାଜକଙ୍କୁ ପଠାଇ ଦିଅନ୍ତି । ଛଅମାସ କାଳ

ଆବେଦନକାରୀକୁ ସେହି ଧର୍ମର ମହିମା ତା'ର ଧର୍ମଯାଜକ ପାଖରୁ ଶୁଣିବାକୁ ହୁଏ । ଏଥିରେ ଯଦି ଆବେଦନକାରୀର ମନର ପରିବର୍ତ୍ତନ ନ ହୁଏ, ତାହା ହେଲେ ପୁଣି ଛଅମାସ ସମୟ ଦିଆଯାଏ—ଚିନ୍ତାକରି ମନ ଠିକ୍ କରିବା ପାଇଁ । ତା ପରେ ଯଦି ସେହି ଲୋକ ଧର୍ମ ପରିବର୍ତ୍ତନର ଇଚ୍ଛା ତ୍ୟାଗ ନ କରେ, ତାହାହେଲେ ତାକୁ ଧର୍ମାନ୍ତରର ସାର୍ଟିଫିକେଟ ଦିଆଯାଏ ।

ଧର୍ମ ପରିବର୍ତ୍ତନ ମୂଳରେ ଦୁଇଟି କାରଣ ଥିଲା । ଧର୍ମ ପରିବର୍ତ୍ତନ କରି ସ୍ୱର୍ଗଲାଭର କଳ୍ପନା ବହୁଦୂରର କଥା । ଅସଲ କାରଣ—ସେତେବେଳେ ଦକ୍ଷିଣ ଆଫ୍ରିକାକୁ ଇମିଗ୍ରେଣ୍ଟ ଭାବରେ ଆର୍ମାନିଗଣ ଯାଉଥିଲେ, ବର୍ତ୍ତମାନ ମଧ୍ୟ ଯାଉଛନ୍ତି । ଦକ୍ଷିଣ ଆଫ୍ରିକାକୁ ଯେଉଁ ଆର୍ମାନିଗଣ ଯାଉଥିଲେ, ପ୍ରାୟ ଅଧିକାଂଶ ସ୍ଥଳପଥରେ ଯାଉଥିଲେ । ଆର୍ମାନିଗଣ ଖ୍ରୀଷ୍ଟଧର୍ମାବଲମ୍ବୀ । ଆରବମାନଙ୍କ ଭିତରେ ଖ୍ରୀଷ୍ଟାନ ଥିଲେ ମଧ୍ୟ ତାଙ୍କର ସଂଖ୍ୟା ବହୁ ନଗଣ୍ୟ ଥିଲା ଏବଂ ସେମାନେ ବିଦେଶକୁ ଯିବାକୁ ଆଦୌ ଇଚ୍ଛା କରୁନଥିଲେ । ମୁସଲମାନ ଆରବ ସାହସୀ ଓ ବିଦେଶ ଯିବାକୁ ମଧ୍ୟ ଉତ୍ସୁକ; କିନ୍ତୁ ମୁସଲମାନ ଆରବଗଣଙ୍କ ପାଇଁ ଦକ୍ଷିଣ ଆଫ୍ରିକାର ଦ୍ୱାର ବନ୍ଦ । ମୁସଲମାନ ଆରବଗଣ ଏଣେ ଦକ୍ଷିଣ ଆଫ୍ରିକାର ଧନସମ୍ପଦର ଖବର ଭଲଭାବରେ ଜାଣିଥିଲେ । କେବଳ ସେତିକି ନୁହେଁ, ଦକ୍ଷିଣ ଆଫ୍ରିକା ଯେ ପ୍ରତ୍ୟେକ ଇଉରୋପୀୟ ଦେଶଠାରୁ ମଜୁରି ବେଶୀ ଦିଏ, ଏକଥା ମଧ୍ୟ ସେମାନେ ଭଲ ଭାବରେ ଜାଣିଥିଲେ; କିନ୍ତୁ ଏହିପରି ଦେଶର ଦ୍ୱାର ତାଙ୍କ ପାଇଁ ବନ୍ଦ ଆଉ ଆର୍ମାନିମାନଙ୍କ ପାଇଁ ଖୋଲା । ସେମାନେ ସେ ଦେଶକୁ ଯାଇ ସୁଖ ସ୍ୱଚ୍ଛନ୍ଦରେ ଜୀବନ ଯାପନ କରନ୍ତି । ଏହି ସୁଖ ସୁବିଧା ପାଇବାକୁ ହେଲେ ଧର୍ମାନ୍ତର ଛଡ଼ା ଅନ୍ୟ କୌଣସି ରାସ୍ତା ନାହିଁ । ସେଥିପାଇଁ ଶିକ୍ଷିତ ଆରବଙ୍କ ମଧ୍ୟରେ

ଅନେକେ ଧର୍ମାନ୍ତର ଗ୍ରହଣ କରି ଅର୍ମାନିମାନଙ୍କ ସଙ୍ଗରେ ଦକ୍ଷିଣ ଆଫ୍ରିକାକୁ ଯିବାକୁ ସକ୍ଷମ ହୋଇଛନ୍ତି । ସେହି ଶ୍ରେଣୀର କେତେକ ଆରବଙ୍କ ସଙ୍ଗରେ ମୋର ଜୋହାନବର୍ଗରେ ଦେଖା ହୋଇଥିଲା ।

ବିଶ୍ୱାସ୍ୟ କାରଣ ହେଉଛି—ଏହି ପୃଥିବୀରେ ଏପରି କେତେ ଅଦ୍ଭୁତ ଘଟଣା ଘଟୁଛି, ଯାହାର ଖବର ସାଧାରଣ ଲୋକେ ଆଦୌ ଜାଣନ୍ତି ନାହିଁ । ପୂର୍ବକାଳରେ ସ୍ପେନିସ୍‌ଗଣ ଯେତେବେଳେ ଦକ୍ଷିଣ ଆମେରିକା ଦଖଲ କଲେ, ସେତେବେଳେ ସେମାନେ ବିଶୁଦ୍ଧ ରୋମାନ କ୍ୟାଥଲିକ୍‌ଗଣଙ୍କୁ ଇମିଗ୍ରେଣ୍ଟ କରି ପଠାଉଥିଲେ । ତା'ର ପ୍ରଭାବ ବର୍ତ୍ତମାନ ସୁଦ୍ଧା ଯାଇ ନାହିଁ । ଲିବାନନ୍‌ରେ ଅନେକ ଖ୍ରୀଷ୍ଟାନ ଅଛନ୍ତି । ଲିବାନନୀ ଖ୍ରୀଷ୍ଟାନ୍‌ଗଣ ସେମିଟିକ୍ । ସେମିଟିକ୍ ଏବଂ ଲୋହିତ ଭାରତୀୟଗଣଙ୍କ ସମ୍ମିଶ୍ରଣରେ ଯେଉଁ ସନ୍ତାନ ଉତ୍ପନ୍ନ ହୁଏ, ତାର ଅବୟବ ସୁନ୍ଦର ହୁଏ, ବୁଦ୍ଧି ପ୍ରଖର ଏବଂ ସେ କର୍ମଠ ହୁଏ । ସେଥିପାଇଁ ଦକ୍ଷିଣ ଆମେରିକାକୁ ସେମିଟିକ୍ ଶ୍ରେଣୀର ଖ୍ରୀଷ୍ଟାନଗଣଙ୍କୁ ଅବାଧରେ ପ୍ରବେଶ କରିବାକୁ ଦିଆ ଯାଉଥିଲା । ଇଉରୋପର ଖ୍ରୀଷ୍ଟାନ୍ ଆରବ ବିଦେଶକୁ ଯିବାପାଇଁ ଆଦୌ ପ୍ରସ୍ତୁତ ନୁହନ୍ତି । ମୁସଲମାନ ଆରବଗଣଙ୍କୁ ମଧ୍ୟ ସେଠାକୁ ଯିବାପାଇଁ ଇମିଗ୍ରେଣ୍ଟ କରି ହୁଏ ନାହିଁ । ସୁତରାଂ ସେ ଦେଶକୁ ଅବାଧ ପ୍ରବେଶ ପାଇଁ କେତେକ ମୁସଲମାନ ଆରବ ଖ୍ରୀଷ୍ଟାନ ଧର୍ମରେ ଦୀକ୍ଷିତ ହେଉଥିଲେ । ମୁସଲମାନ ଆରବ ଯେପରି ଭାବରେ ସ୍ୱଧର୍ମ ବଜାୟ ରଖି ଦକ୍ଷିଣ ଆମେରିକାକୁ ଯାଇ ପାରିବ, ତାର ବ୍ୟବସ୍ଥା କେହି କରନ୍ତି ନାହିଁ । ବରଂ କେହି ଯେପରି ଶୀଘ୍ର ଶୀଘ୍ର ଧର୍ମାନ୍ତର ଗ୍ରହଣ କରି ନ ପାରିବେ, ସେଥିପାଇଁ ଏକ ବାଧା ସୃଷ୍ଟି କରି ହୋଇଥିଲା । ମୋର ମନେ ହୁଏ, ଏହା ଭିତରେ ମଧ୍ୟ

କୌଣସି ଗୁପ୍ତ ଅଭିସନ୍ଧି ଥିଲା । ଯଦି ଏକାବେଳକେ ଅନେକ ଲୋକ ଦକ୍ଷିଣ ଆମେରିକାକୁ ଯିବାକୁ ବସିବେ, ତାହାହେଲେ ବ୍ୟାପରଟା ଟିକିଏ ଗୋଳମାଳିଆ ହୋଇ ପଡ଼ିବ । ଏଥିପାଇଁ ପ୍ରତିବର୍ଷ ଯେପରି ଅଳ୍ପ ସଂଖ୍ୟାରେ ଯାଇ ପାରିବେ, ସେଥିପାଇଁ ଶୀଘ୍ର ଧର୍ମାନ୍ତର ଗ୍ରହଣରେ ବାଧା ସୃଷ୍ଟି କରା ହୋଇଥିଲା ବୋଲି ମନେହୁଏ ।

ନାନା ଚିନ୍ତାରେ ମନଟା ବିବ୍ରତ ହୋଇ ପଡ଼ିଥିଲା । ସେଥି-ପାଇଁ ବାହାରକୁ ଚାହିଁ ମଧ୍ୟ ବାହାରର କିଛି ଦେଖିପାରୁ ନ ଥିଲି । ହଠାତ୍ ଦେଖିଲି ସଂଧ୍ୟାର ଛାୟା ମରୁଭୂମି ଉପରେ ଆସି ପଡ଼ିଛି । ଦୁଇ ପାଖର ବାଲିକଣା ସନ୍ଧ୍ୟା ଆକାଶର ତାରାର ଆଲୁଅ ପାଇ ଚକମକ କରୁଛି । ରାତିର ଅନ୍ଧକାର ସ୍ପଷ୍ଟ ଜଣା ଯାଉଥିଲେ ମଧ୍ୟ ମରୁଭୂମି ଅନ୍ଧକାରର ବୈଶିଷ୍ଟ୍ୟ ଅନୁଭବ କରି ହୁଏ ନାହିଁ । ଅନ୍ଧକାରରେ ଯଦି ଆଲୋକର ସତ୍ତା ଅନୁଭବ କରାଯାଏ, ତାହାହେଲେ ତାହା ଏକମାତ୍ର ମରୁଭୂମିରେ ସମ୍ଭବ । ଅନ୍ଧକାରରେ 'ଆଲୋକର ସତ୍ତା କେତେବେଳ ଯାଏ ଅନୁଭବ କଲି । ତା ପରେ ଆଖି ଦୁଇଟି ଧୀରେ ଧୀରେ ବୁଜି ହୋଇ ଆସିଲା ।

ରାତି ସେତେବେଳେ ଦୁଇଟା । ଗାଡ଼ି ହାଲ୍ଲା ଷ୍ଟେସନରେ ଆସି ଛିଡ଼ାହେଲା । ଗାଡ଼ିରୁ ଓହ୍ଲାଇବା ସଙ୍ଗେ ସଙ୍ଗେ ଜଣେ ଭଦ୍ରଲୋକ ମୋ ପାଖକୁ ଆସି କହିଲେ—ମୁଁ ଏ ଷ୍ଟେସନର ଷ୍ଟେସନମାଷ୍ଟର, ମୋ ସାଙ୍ଗରେ ଚାଲନ୍ତୁ । ଷ୍ଟେସନମାଷ୍ଟର ବଙ୍ଗାଳୀ । ଅଳ୍ପ ଦୂରରେ କେତେଜଣ ଆରବ ଭଦ୍ରଲୋକ କାଓ୍ୱା ଖାଉଥିଲେ । ଷ୍ଟେସନମାଷ୍ଟର ମୋତେ ତାଙ୍କ ସହିତ ପରିଚୟ କରାଇ ଦେଲେ । ଆରବ ଭଦ୍ର ଲୋକଗଣ ପ୍ରଥମେ ମୋତେ ବାବିଲୋନ ସମ୍ବନ୍ଧରେ ଅନେକ ପ୍ରକାର

ପୌରାଣିକ କଥା ଶୁଣାଇଲେ । ମୁଁ ତାଙ୍କୁ କହିଥିଲି, ପୌରାଣିକ କଥା ପ୍ରାୟ ମନଗଢ଼ା, ସୁତରାଂ ବାବିଲୋନ ସମ୍ବନ୍ଧରେ ପୌରାଣିକ କଥା ଉପରେ ମୁଁ କୌଣସି ଗୁରୁତ୍ୱ ଦେବ ନାହିଁ । ମୋ କଥା ଶେଷ ହେବା ସଙ୍ଗେ ସଙ୍ଗେ ଜଣେ ଭଦ୍ରଲୋକ ଛିଡ଼ା ହୋଇ କହିଲେ—ତାହା ହେଲେ ଆପଣ ରାମାୟଣ ବହିକୁ ମଧ୍ୟ ମନଗଢ଼ା କଥା ବୋଲି କହି ପାରନ୍ତି ! ଏଭଳି ପ୍ରଶ୍ନ ପଛରେ ଥାଏ ଆକ୍ରୋଶ । ଅନ୍ୟ କୌଣସି ଜାତିର କୌଣସି ବସ୍ତୁକୁ ଖରାପ କହି ନିଜର ବିଷୟକୁ ଯେଉଁମାନେ ଭଲ ବୋଲି କହନ୍ତି, ସେହିମାନଙ୍କୁ ଏଭଳି ପ୍ରଶ୍ନର ଜବାବ ଦେବାକୁ ପଡ଼େ; କିନ୍ତୁ ମୋତେ ଏଭଳି ପ୍ରଶ୍ନ କରିବା ତାଙ୍କର ଭୁଲ ହୋଇଥିଲା । ପ୍ରଶ୍ନର ଉତ୍ତରରେ ମୁଁ ଶାନ୍ତ ଭାବରେ କହିଥିଲି, ଆସ୍ଥା ମୋର କୌଣସିଟିରେ ନାହିଁ । ରାମାୟଣ ଆଦିଯୁଗର ଗୋଟିଏ ପୌରାଣିକ ବହି । ପୁରାଣମାନେ ହେଉଛି ଗଳ୍ପ । ଗଳ୍ପ ସତ୍ୟ ମଧ୍ୟ ହୋଇପାରେ ମିଥ୍ୟା ମଧ୍ୟ ହୋଇପାରେ । ରାମାୟଣ ବହିର ଘଟଣା ସତ କି ମିଛ ମୋର ଜାଣିବାର ଦରକାର ନାହିଁ । ତେବେ ରାମଚନ୍ଦ୍ର ବୋଲି ଜଣେ ଲୋକ ଥିଲେ ନିଶ୍ଚୟ । ରାମଚନ୍ଦ୍ରଙ୍କୁ ଉପଲକ୍ଷ କରି ସେତେବେଳର ଅବସ୍ଥା ରାମାୟଣରେ କୁହା ଯାଇଛି । ରାମାୟଣର ବୁଝିବାର ବସ୍ତୁ ଅନେକ ରହିଛି । ସେତେବେଳ ସମୟରେ ରାମଚନ୍ଦ୍ର ଯେଉଁ ଗୋଷ୍ଠୀର ଲୋକ ଥିଲେ, ସେହି ସମାଜରେ ହଳ କୃଷିର ପ୍ରଚଳନ ଆରମ୍ଭ ମାତ୍ର ହୋଇଥିଲା । ମୁଁ ରାମାୟଣ ପଢ଼ି ଏତିକି ମାତ୍ର ବୁଝିଛି, ବେଶୀ ଜ୍ଞାନ ରାମାୟଣ ସମ୍ବନ୍ଧରେ ମୋର ନାହିଁ ।

ଆରବଦେଶର କେତେକ ଲୋକଙ୍କଠାରେ ରୁଷଖିଆ ପ୍ରବଳ ଭାବରେ ଦେଖା ଦେଇଥିଲା । ଶ୍ରୋତାଗଣ ଯେତେବେଳେ ଦେଖିଲେ, ରାମାୟଣର ବାଜେ ଗଳ୍ପରେ ମୁଁ ଆଦୌ ଗୁରୁତ୍ୱ ଦେଉ ନାହିଁ,

ସେତେବେଳେ ସେମାନେ ମୋତେ ବୁଝାଇ ବସିଲେ ଯେ, ରାମାୟଣ ସତ୍ୟ ଘଟଣା, ରାମାୟଣର ଗୋଟିଏ ବୋଲି ଶବ୍ଦ ମନଗଢ଼ା ନୁହେଁ । ଯେଉଁ ସମାଜରେ ଅଦରକାରୀ ବସ୍ତୁ ଅନେକ ଅଛି, ସେମାନେ ଅପରର ଅଦରକାରୀ ବସ୍ତୁକୁ ମଧ୍ୟ ଭଲ ବୋଲି ଘରେ ରଖିବାକୁ ଅନୁରୋଧ କରନ୍ତି । ରାମାୟଣ ଭିତରେ ଯେଉଁ ସବୁ ଅଦରକାରୀ କଥା; ଅର୍ଥାତ୍ ବାହୁଲ୍ୟ ରହିଛି, ସେ ସବୁକୁ ପରିତ୍ୟାଗ କଲେ ଉପସ୍ଥିତ ଆରବଙ୍କ କଥାରେ ମଧ୍ୟ ଯେଉଁ ବାହୁଲ୍ୟ ରହିଛି, ତାକୁ ପରିତ୍ୟାଗ କରିବାକୁ ପଡ଼ନ୍ତା ।

କଥା ପ୍ରସଙ୍ଗରେ ଜଣେ ଆରବ କହିଲେ, ଆପଣଙ୍କ ଦେଶରେ ସୋଭିଏଟ ରୁଷ୍ ସମ୍ବନ୍ଧରେ କି ଭଳି ପ୍ରଚାର ହୁଏ ଆମେ ଜାଣୁନାହିଁ । ଆମ ଦେଶରେ କିନ୍ତୁ ବିଦେଶୀ ପ୍ରଚାରକ ଦ୍ୱାରା ନାନା ପ୍ରକାର କଥା ଶୁଣିବାକୁ ପାଉଁ । ଆପଣ ବହୁ ଦେଶ ବୁଲି ଆସିଛନ୍ତି, ସେଥିପାଇଁ ଆପଣଙ୍କଠାରୁ ରୁଷ୍ ସମ୍ବନ୍ଧରେ କେତୋଟି କଥା ଜାଣିବାର ଆଗ୍ରହ ଅଛି । ପ୍ରଚାରକଗଣ କହନ୍ତି, ରୁଷ୍ ଦେଶରେ ବ୍ୟକ୍ତିଗତ ସମ୍ପତ୍ତି ବୋଲି କାହାର କିଛି ନାହିଁ । ସ୍ତ୍ରୀଲୋକମାନେ ମଧ୍ୟ ସର୍ବସାଧାରଣଙ୍କ ସମ୍ପତ୍ତି ଭାବରେ ପରିଣତ ହୋଇଛନ୍ତି । ଲୋକଟିର କଥା ଶୁଣି ମନେ ହେଲା, ଆରବରେ ସୋଭିୟେଟ ସମ୍ବନ୍ଧରେ ଏକ ଭ୍ରାନ୍ତ ପ୍ରଚାର ଭଲ ଭାବରେ ଚାଲିଛି; କିନ୍ତୁ ଏହି ଭଳି ଭ୍ରାନ୍ତ ପ୍ରଚାର ତ ସୁବିଧାଜନକ ନୁହେଁ ! ବର୍ତ୍ତମାନ ମଧ୍ୟ ଆରବ ଦେଶରେ ଜଣେ ଲୋକ ଚାରୋଟି ପର୍ଯ୍ୟନ୍ତ ସ୍ତ୍ରୀ ବିବାହ କରେ । ଯେଉଁ ଦେଶରେ ଜଣେ ଲୋକ ଚାରୋଟି ସ୍ତ୍ରୀ ବିବାହ କରିବାଟା ଏକ ଆଇନସଙ୍ଗତ ବ୍ୟାପାର, ସେହି ଦେଶରେ ସ୍ତ୍ରୀ ଲୋକଙ୍କୁ ସର୍ବସାଧାରଣଙ୍କ ସମ୍ପତ୍ତିରେ ପରିଣତ କରିବାର ପ୍ରଚାର ତ ଦୋଷାବହ ନୁହେଁ ।

ରାତ୍ରି ଗୃରିଟା ପରେ ଶୋଇବାକୁ ଯାଇ ଦେଖିଲି ମୋର ନିର୍ଦ୍ଦିଷ୍ଟ ବିଛଣାରେ ଅନ୍ୟ ଜଣେ କେହି ଶୋଇଛି । ଷ୍ଟେସନ ମାଷ୍ଟର ସେ ଦୃଶ୍ୟ ଦେଖି ସହ୍ୟ କରି ନ ପାରି ତାକୁ ଧୀରେ ଧୀରେ ଉଠାଇ ତା ପଛରେ ଗୋଇଠା ମାରି ତଡ଼ିଦେଲେ । ଲୋକଟି କିଛି ନ କହି ମାରବରେ ଯାଇ ଅନ୍ୟ ଗୋଟିଏ ବିଛଣାରେ ଶୋଇ ପଡ଼ିଲା । କେତୋଟି ଘଣ୍ଟା ଆରାମରେ ଶୋଇ ନିଦରୁ ଉଠିଲି । ଷ୍ଟେସନମାଷ୍ଟର ନ ଥିଲେ । ସେ ତାଙ୍କ କାମରେ ବାହାରି ଯିବା ବେଳେ ମୋର ଖାଇବାର ବ୍ୟବସ୍ଥା କରି ଯାଇଥିଲେ, ଆଉ ବାବିଲୋନ ଯିବାପାଇଁ ଗୋଟିଏ ଟାଙ୍ଗା ଭଡ଼ା କରିଦେବା ପାଇଁ କହି ଯାଇଥିଲେ । ବାବିଲୋନ ଯିବାପାଇଁ ପ୍ରସ୍ତୁତ ହୋଇ ସହକାରୀ ଷ୍ଟେସନମାଷ୍ଟରଙ୍କ ସହ ସାକ୍ଷାତ କଲି । ତାଙ୍କୁ ଦେଖି କାଲି ରାତିର କଥା ମନେ ପଡ଼ିଲା । ଏହି ଭଦ୍ରଲୋକ ତ ଷ୍ଟେସନମାଷ୍ଟରଙ୍କ ଠାରୁ ଗୋଇଠା ଖାଇଥିଲେ । ପ୍ରକାଶ୍ୟରେ କିଛି ନ କହି କେବଳ ଟାଙ୍ଗା କଥା କହିଲି । ସେ ଗୋଟାଏ ଟାଙ୍ଗା ଡାକି ମୋତେ ବାବିଲୋନ ବାଟରେ ବିଦାୟ ଦେଲେ । ବାବିଲୋନ ଦେଖି ଯେତେବେଳେ ଫେରି ଆସିଲି, ସେ ବାବିଲୋନ ସମ୍ବନ୍ଧରେ ମୋତେ ବହୁ କଥା ପ୍ରଶ୍ନ କରିଥିଲେ । କଥା ପ୍ରସଙ୍ଗରେ ଟିକିଏ ଓଲଟ ପାଲଟ କରି ମୁଁ ଗତରାତିର କଥା ଉତ୍‌ଥାପନ କଲି । ସହକାରୀ ଷ୍ଟେସନ ମାଷ୍ଟର ଜାତିରେ ଇହୁଦୀ । ମୋ କଥା ଶୁଣି ସେ ସଙ୍ଗେ ସଙ୍ଗେ ଉତ୍ତର ଦେଲେ—"ଷ୍ଟେସନମାଷ୍ଟର ବଡ଼ ପାଜି । ଅନେକ କଥା ଭାବି ମୁଁ ତାଙ୍କୁ କିଛି କହିଲି ନାହିଁ, ତା ନ ହେଲେ ମାରପିଟ୍ ପର୍ଯ୍ୟନ୍ତ ଗୃଲି ଯାଇଥାନ୍ତା । ଫଳରେ ଆମ ଭିତରୁ କେହି ହେଲେ ଜଣେ ଆହତ ହୋଇଥାନ୍ତା । ଶେଷରେ ଦିଜଣଙ୍କୁ ଅଦାଲତକୁ ଯିବାକୁ ପଡ଼ନ୍ତା,

ଆଉ ଉଭୟଙ୍କ ଧନ କ୍ଷୟ ପୁଣି ପରିଶ୍ରମ ସାର ହୁଅନ୍ତା । ଏଇ ସବୁ ଅଦରକାରୀ ଗୋଳମାଳରୁ କ୍ଷାନ୍ତ ରହିବା ପାଇଁ ମୁଁ ମାର-ବରେ ସେହି ଅପମାନ ସହିଗଲି ।" ତାଙ୍କ କଥା ଶୁଣି ମୁଁ ପ୍ରକାଶ୍ୟରେ କହିଲି, "ଭଲ କରିଛନ୍ତି" ; ମନେ ମନେ ଭାବିଲି, ଏଥିପାଇଁ ତୁମେ ଇହୁଦୀ, ପୃଥିବୀର କେଉଁଠି ହେଲେ ତୁମର ସ୍ଥାନ ନାହିଁ । ତୁମ୍ଭେମାନେ ପ୍ରକୃତରେ ଶ୍ରୀ ଚୈତନ୍ୟ ଆଉ ବୁଦ୍ଧଙ୍କର ପଛ ଶିଷ୍ୟ ।

ବାବିଲୋନ ! ପୃଥିବୀରେ ଯେଉଁ ସାତୋଟି ଆଶ୍ଚର୍ଯ୍ୟ ବସ୍ତୁ ଅଛି, ତା'ର ଭିତରେ ବାବିଲୋନ ଗୋଟିଏ । ଇଂରାଜ ଲେଖକଗଣ ବାବିଲୋନ ସମ୍ବନ୍ଧରେ କଣ ସବୁ ଲେଖିଛନ୍ତି, ମୁଁ ଜାଣେ ନାହିଁ । ତେବେ ଏତିକ ଜାଣେ ଯେ, ସେମାନେ ଲେଖିଛନ୍ତି 'ଓଭର ହେଙ୍ଗିଙ୍ଗ୍ ଗାର୍ଡନ ଅଫ୍ ବାବିଲୋନ ।' ମୁଁ ଆଜ ସେହି ଆଶ୍ଚର୍ଯ୍ୟ ବସ୍ତୁ ଦେଖିବାକୁ ଚାଲିଛି । ଗୋଟିଏ ଘୋଡ଼ା ଯେଉଁ ଗାଡ଼ିକୁ ଟାଣି ନେଇଯାଏ, ତାକୁ ଟାଙ୍ଗା କହନ୍ତି । ଟାଙ୍ଗା ଭାରତୀୟ ଶବ୍ଦ । ମୁଁ ମଧ୍ୟ ଏହି ଶବ୍ଦ ବ୍ୟବହାର କଲି; କାରଣ ପୂର୍ବେ ଆରବରେ ଟାଙ୍ଗାର ପ୍ରଚଳନ ନ ଥିଲା । ପଞ୍ଜାବୀମାନେ ଆରବକୁ ଆସି ଟାଙ୍ଗାର ପ୍ରଚଳନ କରିଅଛନ୍ତି । ଟାଙ୍ଗାଚାଳକ ହିନ୍ଦୀ ଜାଣିଥିଲା । ତେଣୁ ମୋର ବେଶ ସୁବିଧା ହେଲା । ଆମକୁ ଚାରିମାଇଲ ବାଟ ଯିବାକୁ ହେବ । ରାସ୍ତାର ଦୁଇ ପାଖରେ ବାଲି । ବାଲିଗୁଡ଼ିକ ପରୀକ୍ଷା କରି ଦେଖିଲି, ସେଥିରେ ପ୍ରଚୁର ଫସ୍‌ଫରସ୍ ଆଉ ଫେଲସ୍-ପାର ଥିଲା । କେବଳ ସମୁଦ୍ର କୂଳର ବାଲିରେ ଫସ୍‌ଫରସ୍ ଓ ଫେଲସ୍‌ପାର ପ୍ରଚୁର ପରିମାଣରେ ଥାଏ । ଚାରିମାଇଲ ବାଟ ଅତିକ୍ରମ କରି ଟାଙ୍ଗାରୁ ଓହ୍ଲାଇଲି । କିଛି ଦୂର ଚାଲିଲି ପରେ ଗୋଟାଏ ପଥର ମୂର୍ତ୍ତି ଦେଖିଲି । ମୂର୍ତ୍ତିଟି ଗ୍ରେନାଇଟ୍ ପଥରରେ

ତିଆରି । ପଥରଟା ବେଶ୍ ଚକ୍‌କଣ । ମୂର୍ତ୍ତିଟିର ଆକୃତି—ଗୋଟିଏ ଲୋକ ଶୋଇଛି, ଆଉ ତା' ଉପରେ ଗୋଟିଏ ସିଂହ ମାଡ଼ିବସି ଯେପରି ତାକୁ ଖାଇବାକୁ ଯାଉଛି । ମଣିଷର ଶରୀରର ଗଠନ ବାନର-ମଣିଷ ପରି । ଗୋଡ଼ ହାତ ଛୋଟ ଛୋଟ, ଛାତି ଓସାରି, କପାଳ ମଧ୍ୟ ଚଉଡ଼ା, କାନ ବଡ଼ ବଡ଼ । ମୁଣ୍ଡର ବାଳଗୁଡ଼ିକ ଲମ୍ବା, କିନ୍ତୁ ଯେଉଁମାନେ କେବେ ବାଳ କାଟନ୍ତି ନାହିଁ କିମ୍ବା ତାର ଯତ୍ନ ନିଅନ୍ତି ନାହିଁ, ତାଙ୍କର ବାଳ ଯେପରି ଛୋଟ ଛୋଟ ଥାଏ, ଏହି ଲୋକଟିର ବାଳ ମଧ୍ୟ ଠିକ୍ ସେହିପରି । ଦାନ୍ତ ଟିକିଏ ଲମ୍ବା କିନ୍ତୁ ପଶୁପରି ନୁହେଁ । ଗାଲ ଲମ୍ବା, ଆଖି କୋଟର-ଗତ । ଆଖି ଖୁବ୍ ଛୋଟ ଏବଂ ଭ୍ରୂ ଦୁଇଟିରେ ଖୁବ୍ କମ୍ ବାଳ ଅଛି । ଶରୀରର ଗଠନ ଏବଂ ମୁହଁ ଆଡ଼କୁ ଲକ୍ଷ୍ୟକରି ଦେଖିଲେ ଲୋକଟିକୁ କ୍ଳାନ୍ତ ବୋଲି ମନେ ହୁଏ । ସିଂହଆଡ଼କୁ ଚାହିଁଲେ ମନେ ହୁଏ—ସେ ଯେପରି ଏ ଯୁଗର ସିଂହ ନୁହେ । ସିଂହର ବେକଠାରୁ ଲାଞ୍ଜ ପର୍ଯ୍ୟନ୍ତ ଶରୀରର ଅନୁପାତରେ କମ୍ ଲମ୍ବା । ବେକର କେଶର ମଧ୍ୟ ଛୋଟ ଛୋଟ । ପାଦର ନଖ ଶକ୍ତ ଆଉ ଛୋଟ ଛୋଟ । ମୁହଁର ଦାନ୍ତ ଖୁବ୍ ଛୋଟ ଆଉ ତୀକ୍ଷ୍ଣ । ଆଖି ଖୁବ୍ ଉଜ୍ଜ୍ୱଳ ଏବଂ ଛୋଟ । ମୁଖ ବିବର ଛୋଟ ଏବଂ ଲକ୍ଷ୍ୟ ଦୃଢ଼ । ପାଖରେ ଏହି ମୂର୍ତ୍ତିର ଛବି ବିକ୍ରି ହେଉଥିଲା । ସେଥିରୁ ଗୋଟିଏ କିଣି ଦେଖିଲି, ମୂର୍ତ୍ତିର ସମସ୍ତ ଅଂଶ ଛବିରେ ଉଠି ନାହିଁ ।

ମୂର୍ତ୍ତିର ଖୁବ୍ ପାଖରେ ଗୋଟିଏ ପ୍ରକାଣ୍ଡ ଗହ୍ୱର । ସେହି ଗହ୍ୱର ଭିତରେ ଝରି ଫୁଟି ପାଣି ବାହାରୁଥିଲା । ଯେଉଁମାନେ ପୁରାତତ୍ତ୍ୱର ରକ୍ଷଣାବେକ୍ଷଣ କରନ୍ତି, ସେମାନେ ପମ୍ପ୍ ସାହାଯ୍ୟରେ ପାଣି ବାହାର କରୁଥିଲେ । ଗହ୍ୱରର ତଳକୁ ଓହ୍ଲାଇବାର ବ୍ୟବସ୍ଥା ଅଛି । ମୁଁ ତଳକୁ ନ ଓହ୍ଲାଇ ଉପରେ

ଥୁଆ ହୋଇଥିବା ଗୋଟିଏ ଇଟା ପରୀକ୍ଷା କରି ଦେଖିଲି । ଇଟା ଖଣ୍ଡିକ ଧୂସର ରଙ୍ଗର । ଟିକିଏ ଭାଙ୍ଗି ଦେଖିଲି ଯେ, ଭିତରଟା ମଧ୍ୟ ଧୂସର ରଙ୍ଗ । ସେ ଇଟା ଆରବଯୁଗର ଇଟା ନୁହେଁ । ଆରବଯୁଗର ଇଟା ସାନ ଏବଂ ପତଳା ଏବଂ ସେଥିରେ କର୍ମ-ସୁନିପୁଣତା ଦେଖିବାକୁ ମିଳେ । ବାବିଲୋନର ଇଟାରେ ତାର ଅଭାବ ଥିଲା । ମାଟି ଦେଖିଲେ ଜଣାଯାଏ ଯେ, ଏହି ସ୍ଥାନଟି ଦିନେ ସମୁଦ୍ରକୂଳରେ ଅବସ୍ଥିତ ଥିଲା । ଦୁଇଶହ ସତୁରି ମାଇଲ ବ୍ୟାପି ଅଞ୍ଚଳଟି ନଦୀର ପଙ୍କ ଆଉ ସମୁଦ୍ରର ଢେଉ ଦ୍ୱାରା ଆନୀତ ବାଲିରେ ଚଡ଼ା ପଡ଼ିବାକୁ ନିଶ୍ଚୟ କେତେ ହଜାର ବର୍ଷ ଲାଗି ଯାଇଥିବ ।

ମୋର ମନେହୁଏ, ଆମ ଦେଶର ନବ୍ୟ ଇଂରାଜୀ ଶିକ୍ଷିତ ସମାଜ ବାବିଲୋନ ସମ୍ବନ୍ଧରେ ପୂର୍ବରେ କିଛି ଜାଣି ନ ଥିଲେ । ଇଂରାଜୀ ସାହିତ୍ୟରେ ସେମାନେ ଓଭାର ହେଙ୍ଗିଙ୍ଗ୍ ଗାର୍ଡ଼େନ ବୋଲି ଯେତେବେଳେ ପଢ଼ିଥିଲେ, ସେତେବେଳେ ତାର ଅନୁବାଦ କରିଥିଲେ 'ଶୂନ୍ୟର ଉଦ୍ୟାନ' । ତାକୁ ସନ୍ଧିକରି ଭୂଗୋଳରେ ଲେଖାହେଲା 'ଶୂନ୍ୟୋଦ୍ୟାନ' । ଏପରି ଭାବରେ ଅନୁବାଦ କରିବାରେ ତାଙ୍କର ଦୋଷ ନାହିଁ, କାରଣ ସେତେବେଳର ପାଠ୍ୟ ବହିଗୁଡ଼ିକରେ ମଧ୍ୟ ଏହିପରି ଅନେକ ମନଗଢ଼ା କଥା ରହିଥିଲା ।

ତାଙ୍କ କଥା ଛାଡ଼ି ବର୍ତ୍ତମାନ ଅସଲ କଥା କହିବା ଉଚିତ । ଉଚ୍ଚ ଭୂମି ଉପରେ ସିଡ଼ି ବାନ୍ଧି ବଗିଚା ପ୍ରସ୍ତୁତ କରା ହୋଇଥିଲା । ସାଧାରଣ ସିଡ଼ି ଯେପରି ଭାବରେ ଧୀରେ ଧୀରେ ଉପରକୁ ଖାଡ଼ୀୟକ୍ ଭାବରେ ଯାଇ ପୁଣି ଆସି ମାଟିରେ ଲାଗେ, ଏ ଗୁଡ଼ିକ କିନ୍ତୁ ସେଭଳି ନ ଥିଲା । ଏହି ସିଡ଼ିଗୁଡ଼ିକ ଖାଡ଼ୀୟକ ଭାବରେ ସମୁଦ୍ର ଆଡ଼କୁ ଝୁଙ୍କି ପଡ଼ିଥିଲା । ସେଥିପାଇଁ କୁହାଗଲା-'ଓଭାର ହେଙ୍ଗିଙ୍ଗ୍ ଗାର୍ଡ଼େନ୍' ।

ବାବିଲୋନ ଏତେ ପ୍ରାଚୀନ ସ୍ଥାନ ଯେ, ବର୍ତ୍ତମାନ ସୁଦ୍ଧା ପ୍ରତ୍ନ-ତତ୍ତ୍ୱବିଦ୍‌ଗଣ ତାର ଅତୀତ ଅନୁସନ୍ଧାନରେ ପୂର୍ଣ୍ଣ ସଫଳ ହୋଇ ନାହାନ୍ତି । ଅତି ପୁରାତନ ଯୁଗରେ ବାବିଲୋନ ଦୁଇ ଚୂଡ଼ର ବନ୍ଧା ଜମି ଉପରେ ଗଢ଼ା ହୋଇଥିଲା । ଏପରି ବଗିଚା ସେତେବେଳେ ପୃଥିବୀ ମଧ୍ୟରେ ବୋଧହୁଏ ଏହି ଗୋଟିକ ମାତ୍ର ଥିଲା । ସେଥିପାଇଁ ଏହି ବଗିଚାର ଏତେ ନାମ; ଆଉ ପୃଥିବୀର ସାତୋଟି ଆଶ୍ଚର୍ଯ୍ୟ ମଧ୍ୟରେ ସେ ମଧ୍ୟ ସ୍ଥାନ ପାଇଛି । ଅବଶ୍ୟ ବଗିଚା ମଧ୍ୟରେ ବିସ୍ମୟର କଥା ଅନେକ ରହିଛି; କିନ୍ତୁ ସେହି ବିସ୍ମୟ ସାଧାରଣ ଲୋକଙ୍କ ପାଖରେ କିଛି ନ ଥିଲା, ବର୍ତ୍ତମାନ ମଧ୍ୟ ନାହିଁ । ଇତିହାସକୁ ଧରି ଯେଉଁମାନେ ଗବେଷଣା କରନ୍ତି, ତାଙ୍କ ନିକଟରେ ବାବିଲୋନ ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଗୋଟିଏ ଆଶ୍ଚର୍ଯ୍ୟ ହୋଇପାରେ; କିନ୍ତୁ ଅନ୍ୟ ଲୋକ ପାଖରେ କିଛି ନୁହେଁ ।

ମୁଁ କିଛି ବୁଝିପାରିଲି ନାହିଁ; କିନ୍ତୁ ବାବିଲୋନ ମୋର ଦୃଷ୍ଟି ଶକ୍ତିର ତୀକ୍ଷ୍ଣତା ବଢ଼ାଇ ଦେଇଥିଲା । ମୋ ଭିତରେ ଯେଉଁ ସଂକୀର୍ଣ୍ଣତା ଥିଲା, ତାର ଗୋଟିଏ ପ୍ରସ୍ଥ ବାବିଲୋନ ଗୋଟିଏ ଫୁତ୍କାରରେ ଉଡ଼ାଇ ନେଇ ଆରବ ସାଗରରେ ଫିଙ୍ଗି ଦେଇଥିଲା । ମୁଁ ଏହାପରେ ପୃଥିବୀଟାକୁ ସ୍ୱତନ୍ତ୍ର ଦୃଷ୍ଟିରେ ଦେଖିବାକୁ ଆରମ୍ଭ କଲି । ସେହି ଫୁତ୍କାରର କଥା ବର୍ତ୍ତମାନ ମଧ୍ୟ ମନେ ରହିଛି । ବର୍ତ୍ତମାନ ମଧ୍ୟ ମନେ ପଡ଼େ, ନର ଆଉ ସିଂହର ଯୁଦ୍ଧ । ମଣିଷ ପରାଜିତ, ଆଉ ପଶୁ ବିଜିତ । ଆଦିମ ଯୁଗରେ ମଣିଷ ପଶୁକୁ ଭୟ କରି ଚାଲୁଥିଲା, ଆଉ ବର୍ତ୍ତମାନ ଯୁଗରେ ମଣିଷ ପଶୁକୁ ଭୟ କରେ ନାହିଁ, ପଶୁକୁ ପଶୁ ଭଳି ହତ୍ୟା କରେ । ମଣିଷ ବର୍ତ୍ତମାନ ଯୁଗରେ ପଶୁଜୟୀ । ଆଜି ଯଦି ବାବିଲୋନର ସିଂହ

ଉପରେ ଗୋଟିଏ ମଣିଷକୁ ବସାଇ ଦେଇ ତା ହାତରେ ଗୋଟିଏ ବନ୍ଧୁକ ଧରାଇ ଦିଆ ଯାଆନ୍ତା, ତାହାହେଲେ ଅନ୍ୟାୟ ହୁଅନ୍ତା ନାହିଁ । ଯାହାକୁ ହିଁ କୁହାଯାଏ, ମଣିଷର ଉନ୍ନତପଥରେ ପରିବର୍ତ୍ତନର ସାକ୍ଷ୍ୟ ।

ଆଜି ଆମେ ଯେପରି ଭାବରେ ବାବିଲୋନ ସମ୍ବନ୍ଧରେ ଭାବୁ, ଦଶବର୍ଷ ଆଗେ ରକେଟ୍, ଉଡ଼ନ୍ତା ବୋମା,ଇଲେକ୍ଟ୍ରୋନ ସମ୍ବନ୍ଧରେ କେହି ଭାବୁ ନ ଥିରେ । ମଣିଷ ନିଶ୍ଚୟ ଉନ୍ନତ ପଥରେ ଅନେକ ଆଗେଇ ଯାଇଛି । ବାବିଲୋନ ଦେଖି ଏହା ଅନୁଭବ କରି ପାରୁଛି ବୋଲି ମୁଁ ଗର୍ବ ଅନୁଭବ କରେ ।

ବସୋରା ବାଟରେ

ସେଇଦିନ ସନ୍ଧ୍ୟା ବେଳକୁ ଗାଡ଼ି ପାଇ ବସୋରା ଆଡ଼କୁ ଚାଲିଲି । ଗାଡ଼ିରେ ନାନା ପ୍ରକାରର ଯାତ୍ରୀ ଥିଲେ । ମୁଁ କାହାରି ସାଙ୍ଗରେ କଥା ନ କହି ନୀରବରେ ବସି ରହିଲି । କିଛି ସମୟ ପରେ ଜଣେ ଭାରତୀୟ ଯାତ୍ରୀ ଗାଡ଼ିରେ ଉଠିଲେ । ଭାରତୀୟ ଯାତ୍ରୀଙ୍କ ମୁଣ୍ଡରେ ଫେଜ୍ ଟୋପି ଥିଲା । ଦେହର ରଙ୍ଗ କଳା । ରେଙ୍ଗୁନରୁ ଆସୁଥାନ୍ତି । ମୋତେ ଦେଖି ତାଙ୍କର କାହିଁକି ଏକ ଅଦ୍ଭୁତ ଧାରଣା ହେଲା, ବୁଝିପାରିଲି ନାହିଁ । କିଛିକ୍ଷଣ ପରେ ସେ ମୋ ପାଖକୁ ଆସି ପଚାରିଲେ—"ଆପଣଙ୍କୁ ରେଙ୍ଗୁନରେ କେଉଁଠି ଦେଖିଛି, କହି ପାରିବେ କି ?" "ମୋତେ ସେଠାରେ ଦେଖିଥାଇ ପାରନ୍ତି । ଭାରତର ଆୟୁରେଖା ବ୍ରହ୍ମ ପ୍ରଦେଶ ଗୋଟାଯାକ ମୁଁ ବୁଲିଛି ।" ସେ ଥିଲେ ଜାରିବେଦୀ । ଜାରିବେଦୀଗଣ ଭୟଙ୍କର ଭାରତୀୟ ବିଦ୍ୱେଷୀ, ଆଉ ଫେନାଟିକ୍ । ବ୍ରହ୍ମ ପ୍ରଦେଶକୁ ଭାରତର ଆୟୁରେଖା କହିବାରୁ ସେ ଭୀଷଣ ରାଗି ଉଠିଲେ ଏବଂ ମୋତେ ଲକ୍ଷ୍ୟ କରି ବାରମ୍ବାର

କହିଲେ—'ବ୍ରହ୍ମଦେଶବାସୀଙ୍କର ଆପଣାର ଭାଗ୍ୟ ନିର୍ଣ୍ଣୟ କରି- ବାର ଅଧିକାର ରହିଛି, ଆମେ ସବୁ ଭାରତ ସହିତ ରହିବାକୁ ଚାହୁଁ ନା ।' ତାଙ୍କ ସହିତ ବହୁ କଥା ହେଲା; କିନ୍ତୁ ମୁଁ ଏଠାରେ ବ୍ରହ୍ମ ପ୍ରଦେଶର କଥା ଟାଣି ଆଣିବାକୁ ପସନ୍ଦ କରୁନାହିଁ । ତେବେ ଏତିକ କହିବାର ଅଧିକାର ମୋ'ର ମଧ୍ୟ ଅଛି ଯେ, ଯେଉଁମାନେ ସୋଭିଏଟ୍ ରୁଷିଆର ଅନୁକରଣ କରି ସେଲ୍‌ଫ ଡିଟାରମିନେସନ୍ କଥା କହନ୍ତି, ଉଜ୍‌ବେଗ ସ୍ଥାନର ଉଲ୍ଲେଖ କରନ୍ତି—ସେମାନେ ଜାଣନ୍ତି ନାହିଁ ଯେ, ଉଜ୍‌ବେଗଗଣଙ୍କୁ ମଣିଷ କରିବାକୁ ଷ୍ଟାଲିନଙ୍କୁ କେତେ କଷ୍ଟ ସହିବାକୁ ପଡ଼ିଛି । ପ୍ରଥମେ ନିଜେ ମଣିଷ ହୋଇ ଅପରକୁ ମଣିଷ କରି, ତା'ପରେ ସେଲଫ ଡ଼ିଟାରମିନେସନ କଥା କୁହ, ତା ଆଗରୁ ନୁହେ । ସେଲ୍‌ଫ ଡିଟାରମିନେସନର ଅର୍ଥ ନାନାଭାବରେ କରାଯାଇ ପାରେ । ସାମ୍ରାଜ୍ୟବାଦୀ ବ୍ରିଟିଶ ମଧ୍ୟ ସେଲ୍‌ଫ ଡିଟାରମିନେସନର ନାମ ଧରି ଅନେକ ଦେଶ ଉପରେ ବେଶ୍ ରାଜତ୍ୱ କରୁଛି ।

ରାତି ପାହିଲା ବେଳକୁ ଟ୍ରେନ ଆସି ମାରଗିଲରେ ଛିଡ଼ା ହେଲା । ଷ୍ଟେସନରୁ ବାହାରି ରେଲୱେଗାର୍ଡମାନଙ୍କ ମେସରେ ଯାଇ ପହଞ୍ଚିଲି । ଜଣେ ଗାର୍ଡ ତାଙ୍କ ମେସକୁ ଯିବା ପାଇଁ ମୋତେ ଆଗରୁ କହିଥିଲେ । ଆରବ ଆଉ ଭାରତୀୟ ଉଭୟ ଜାତିର ଲୋକେ ଗୋଟିଏ ମେସରେ ରହନ୍ତି । ମେସର ପୂଜାରୀ ଜଣେ ଇହୁଦୀ । ତାର ରନ୍ଧା ମୁଁ ଖାଇ ନାହିଁ, କିନ୍ତୁ ତା'ର ପୋଷାକ ଦେଖି ମୋତେ ବଡ଼ ହସ ମାଡ଼ୁଥିଲା । ଲାଲଫେଜ୍ ମୁଣ୍ଡରେ ପିନ୍ଧି, ଗୋଡ଼ ପର୍ଯ୍ୟନ୍ତ ଲମ୍ବା କୋଟ ଉପରେ ଅଣ୍ଟାରେ ଗୋଟିଏ ଲମ୍ବା ଲୁଗା କମରବନ୍ଧ ବାନ୍ଧି ଯେତେବେଳେ ସେ ବଜାର ବୁଲି ଆସୁଥିଲା, ମୁଁ କେବଳ ତାକୁ ଚାହିଁ ରହୁଥିଲି । ଏ ଅଞ୍ଚଳର ଆରବଗଣ ମୁଣ୍ଡରେ ଫେଜ ପିନ୍ଧନ୍ତି

ନାହିଁ । ଦିନେ ତୁରୁକ୍‌ଗଣ ମୁଣ୍ଡରେ ଫେଜ୍ ପିନ୍ଧୁଥିଲେ ବୋଲି ଯେଉଁମାନେ ତୁରୁକ୍‌କୁ ଆଜିସୁଦ୍ଧା ଭୟ କରି ଚଳନ୍ତି, ସେମାନେ କେବଳ ଫେଜ୍ ବ୍ୟବହାର କରନ୍ତି । ଆରବର ଆରବଗଣ ଯେପରି ଫେଜ୍ ବ୍ୟବହାର କରନ୍ତି ନାହିଁ, ସେହିପରି ପାନ-ଇସ୍‌ଲାମରେ ମଧ୍ୟ ଯୋଗ ଦିଅନ୍ତି ନାହିଁ । ଇସ୍‌ଲାମରେ ବର୍ତ୍ତମାନ ମଧ୍ୟ ତୁରୁକ୍‌ଭୟ ଜଡ଼ିତ ରହିଛି । ଆରବ ବହୁଦିନ ଧରି ତୁର୍କୀର ଅଧୀନରେ ଥିଲା । ସେଥିପାଇଁ ସେମାନେ ଆଉ ସେହି ତୁରୁକ୍ ନୀତି ମାନିବାକୁ ରାଜି ନୁହନ୍ତି । ଆମ ଦେଶରେ ଯେପରି ସିଡ଼ିଉଲ କାଷ୍ଟ ମୁସଲମାନଙ୍କ ସଙ୍ଗରେ ଚଳିବାକୁ ରାଜି ପଛକେ ପାନ୍‌ହିନ୍ଦୁ ଦଳରେ ଯୋଗ ଦେବାକୁ ରାଜି ନୁହନ୍ତି, ସେହିପରି ଆରବରେ ପାନ୍‌ଇସଲାମ୍ ଅଚଳ ହୋଇ ପଡ଼ିଛି ।

ପାନ୍‌ଇସଲାମ୍ ସମ୍ବନ୍ଧରେ ମୁଁ କେବେ ମୁହଁ ଖୋଲି କିଛି କହି ନାହିଁ; କିନ୍ତୁ ଅନେକ ଆରବ ନିକଟେ ଆସି ମୋତେ ପାନ୍‌ଇସଲାମ୍‌ର ପ୍ରଚାରକ ଭାବି ଏ ସମ୍ବନ୍ଧରେ ବହୁ କଥା କହିଛନ୍ତି । ମୁଁ ତାଙ୍କର ସବୁ କଥା ଖୁବ୍ ଆଗ୍ରହ ସହକାରେ ଶୁଣିଛି; କିନ୍ତୁ ଉତ୍ତର ଦେବା ବେଳରେ ମୁଁ ଜଣେ ସାଧାରଣ ଭୂପର୍ଯ୍ୟଟକ ବୋଲି ପରିଚୟ ଦେଇ ଏହି ସବୁ ଅଦରକାରୀ କଥାରୁ ରକ୍ଷା ପାଇଛି ।

ମରଗିଲରୁ ବସୋରା ପାଞ୍ଚମାଇଲ ଦୂର । ପ୍ରତି ପାଞ୍ଚ ମିନିଟ ଛଡ଼ା ବାସ ଯିବା ଆସିବା କରେ । ପରଦିନ ବସୋରା ଯିବାକୁ ବାହାରିଲି । ପିଚଢଳା ରାସ୍ତାର ଦୁଇ ପାଖରେ ଏକ ପ୍ରକାର ଲମ୍ବା ଘାସ ହୋଇଛି । ସେଇ ଘାସ ଗୁଡ଼ିକ ଅତି ସରୁ ଆଉ ତାର ଦୁଇ ପାଖ ଯାକ ଛିଣ୍ଡିଏ ଧାରୁଆ । ଗରମ ଦେଶର ବାଲି ଉପରେ ଏହିପରି ଘାସ ପ୍ରାୟ ଦେଖାଯାଏ; କିନ୍ତୁ ଆରବରେ କବି ଏହି ଘାସର ସୌନ୍ଦର୍ଯ୍ୟ

ଲେଖି, ତାର ଗୀତ ଗାଇ ରବୀନ୍ଦ୍ର ରଚନାବଳୀକୁ ବହୁ ପଛରେ ପକାଇ ଅନେକ ଆଗେଇ ଯାଇଛନ୍ତି । ବସୋରା ସମୁଦ୍ର କୂଳରେ ଅବସ୍ଥିତ ନୁହେ । ସମୁଦ୍ରରୁ କେତୋଟି ଓଲଟା ଜଳସ୍ରୋତ (back water) ଆସି ବସୋରାର ତିନିପାଖ ବେଢ଼ି ରହିଛି । ଅନ୍ୟ କଥାରେ କହିବାକୁ ହେଲେ, ସମୁଦ୍ର ଭିତରେ ସାନ ସାନ ଭୂମିଖଣ୍ଡ ଉପରେ ବସୋରା ସହର ଗଢ଼ି ଉଠିଛି । ବସୋରାରେ କେତୋଟି ବଗିଚା ଅଛି । ସେଥିରେ ଗୋଲାପ ବୃକ୍ଷ ହୁଏ । ସେହି ଗୋଲାପ ଅନ୍ୟ ଦେଶର ଗୋଲାପ ଅପେକ୍ଷା ଟିକିଏ ବୋଲି ଉତ୍କୃଷ୍ଟ ନୁହେ, ତେବେ ସୁଦ୍ଧା କବି ଗାଇଛନ୍ତି ବସୋରାର ଗୋଲାପ କଥା । ସେହି ସଙ୍ଗୀତ ତେଉ ଆରବ ସାଗର ଅତିକ୍ରମ କରି ଭାରତବର୍ଷରେ ଆସି ପହଞ୍ଚିଛି । ଭାରତ ବାସୀ ଭାବେ ଯେ ବସୋରା କେବଳ ଗୋଲାପମୟ । ସତ କହିବାକୁ ହେଲେ କଲିକତାର କୌଣସି ଗୋଟିଏ ଓ୍ୱାର୍ଡର ଗୋଲାପ ଫୁଲକୁ ଏକତ୍ରିତ କଲେ ବସୋରାର ଗୋଲାପ ପରିମାଣରୁ ଅନେକ ବେଶୀ ହେବ । ମୁଁ ସାଇକେଲ ଧରି ବସୋରାର ଗୋଲାପୋଦ୍ୟାନ ଦେଖି ବାକୁ ବାହାରି ଦୁଇଶହ ଫୁଟନ୍ତା ଗୋଲାପ ମଧ୍ୟ ଦେଖିବାକୁ ପାଇ ନାହିଁ । ବସୋରା ଆରବବାସୀଙ୍କର ପ୍ରିୟ, ସୁତରାଂ ତାଙ୍କ ପାଖରେ ବସୋରା ଗୋଲାପରେ ଭରା । ବସୋରାର ନିକଟବର୍ତ୍ତୀ ଅଞ୍ଚଳରେ ଅନେକ ଐତିହାସିକ ସ୍ଥାନ ଅଛି । ମୁଁ ସେ ଅଞ୍ଚଳକୁ ଯିବାକୁ ସମୟ ପାଇ ନାହିଁ କିମ୍ବା ସେ ସବୁର ଆକର୍ଷଣ ମୋତେ ଟାଣି ପାରିନାହିଁ । ମୁଁ ମାରଗିଲର ବାବୁରୋଡ଼ରେ ଅନେକ ଦିନ ରହିଛି, ଆଜ ବାବୁ-ରୋଡ଼ କଥା ଭାବି ଆଖିରୁ ଦୁଇ ବିନ୍ଦୁ ଲୁହ ମଧ୍ୟ ଢାଳିଛି । ଶୁଣା-ଯାଏ, ବସୋରାର ବାବୁରୋଡ ବାବୁମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ଥିଲା । ହରସିଂ ନାମକ ଜଣେ ଶିଖ ରାସ୍ତା ପ୍ରସ୍ତୁତ କଲାବେଳେ ସୁପର ଭାଇଜର ଥିଲେ । ଆଜ ବାବୁରୋଡ଼ର ଦୁଇ ପାଖରେ ସୁନ୍ଦର

ଫୁଲର ବଗିଚ୍ଚ ହୋଇଛି । ସେହି ବଗିଚ୍ଚରେ ଗୋଲାପ ଫୁଟେ । ପ୍ରତି ପ୍ରଭାତରେ ବାବୁରୋଡ଼ ଗୋଲାପ ଗନ୍ଧରେ ଆମୋଦିତ ହୋଇ ଉଠେ । ବାବୁରୋଡ଼ରେ ବାବୁଙ୍କ ଦ୍ୱାରା ରୋପିତ ଗୋଲାପର ଗନ୍ଧ ଅନୁଭବ କରିବାର ସୌଭାଗ୍ୟ ମୁଁ ଅର୍ଜନ କରିଥିଲି । ବାବୁରୋଡ଼ କଥା ଅନେକେ ଭୁଲି ଯାଉଥିଲେ; କିନ୍ତୁ ସେଇ ବାବୁ-ରୋଡ଼ ପୁଣି ଲୋକାରଣ୍ୟ ହୋଇ ଉଠିଛି—ଗତ ମହାସମର ପାଇଁ । ଭବିଷ୍ୟତରେ କିନ୍ତୁ ବାବୁରୋଡ଼ ମାହାତ୍ମ୍ୟ ଆଉ ରହିବ ନାହିଁ । ଭାରତ ସହିତ ଇରାକର ରେଲପଥ ନିଶ୍ଚୟ ମିଳିତ ହେବ । ପୁଞ୍ଜିବାଦୀ ଜାହାଜ କୋମ୍ପାନୀ କଥା ଭବିଷ୍ୟତରେ କେହି ଶୁଣିବେ ନାହିଁ । ମାରଗିଲର ବୈଚିତ୍ର୍ୟମୟ ବିଶିଷ୍ଟତା ନିଶ୍ଚୟ ଲୋପ ପାଇବ ।

ପୁଣି ଫେଲୁଜା

ମୁଁ ବାଟର ବାଟୋଇ । ସେଥିପାଇଁ ବାଟଘାଟର କଥା କହି-ବାକୁ ଭଲପାଏ । ମୋ କଥା ଭିତରେ ସାହିତ୍ୟର ଗନ୍ଧ ବାସନା ନାହିଁ । ଅକପଟ ଭାବରେ ବାଟର କଥା ଛନ୍ଦହୀନ ଭାବରେ ଗାଇଯିବା ହେଉଛି ମୋର ଚିରନ୍ତନ ଅଭ୍ୟାସ । ଯେଉଁମାନେ ଆରବ ସଭ୍ୟତା ସମ୍ବନ୍ଧରେ କିଛି ଜାଣନ୍ତି, ସେମାନେ ଦାମସ୍କସ ନଗରୀ ସମ୍ବନ୍ଧରେ ଅଳ୍ପ ବହୁତ ଖବର ନିଶ୍ଚୟ ରଖନ୍ତି । ତା ସଙ୍ଗେ ସଙ୍ଗେ ଏହା ମଧ୍ୟ ମନେ ରଖିବାକୁ ହେବ ଯେ, ପୃଥିବୀ ପରିବର୍ତ୍ତନଶୀଳ । କେହି କେବେ ଭାବି ନ ଥିଲି ଯେ, ମରୁଭୂମି ଉପରେ ମୋଟରବସ୍ ଛୁଟି ଚାଲିବ । କେହି ଭାବି ନ ଥିଲେ, ଅଖଣ୍ଡ ଆରବଦେଶ ନାନା ଭାଗରେ ବିଭକ୍ତ ହେବ; କିନ୍ତୁ ଆଜି ଆରବର ମରୁଭୂମି ଉପରେ ବିଜୁଳି ଆଲୁଅ ଜଳୁଛି, ମରୁଭୂମି ଉପରେ ମୋଟର ଗାଡ଼ି ଯିବା ଆସିବା କରୁଛି, ଆରବ ଜାତି ପରିବର୍ତ୍ତନ ଆଡ଼କୁ ଦ୍ରୁତ ଗତିରେ ଆଗେଇ

ଗ୍ଡଲଛ୍ଛି । ଇଉରୋପୀୟ ପର୍ଯ୍ୟଟକଗଣ ସେ ସମ୍ବାଦ କହିବାକୁ ଭଲ ପାଆନ୍ତି ନାହିଁ । କାରଣ ସେମାନେ ଜାଣନ୍ତି, ଆରବ ଜାତିଙ୍କୁ ପ୍ରାଧାନ୍ୟ ଦେଲେ ଧନେ ତାଙ୍କର ନିଜର ଅସୁବିଧା ହେବ । ମୁଁ କିନ୍ତୁ ସେ ଶ୍ରେଣୀର ଲୋକ ନୁହେ । ମୋର ଦେଶ ଯେପରି ପରାଧୀନତାର ନାଗ-ପାଶରେ ଆବଦ୍ଧ, ଆରବ ଜାତିର ଅବସ୍ଥା ମଧ୍ୟ ଅନେକ ପରିମାଣରେ ସେହି ରୂପ ଧରି ଛିଡ଼ା ହୋଇଛି । ସୁତରାଂ, ଆରବ ଜାତିର ସମସ୍ତ ଖବର ଖୋଲି କହିବାରେ ମୋର ଚରମ ଆନନ୍ଦ ।

ଆରବର ମରୁଭୂମିରେ ପରାଧୀନତା ବୋଲି କିଛି ନ ଥିଲି । ଆରବ ବେଦୁଇନ କେବେହେଲେ କାହାରି ପାଖରେ ମଥା ନତ କରି ନାହିଁ । ଆରବ ବେଦୁଇନ କେବଳ ମଥା ନତ କରେ ତାର ଆଲ୍ଲା ନିକଟରେ, ଆଉ ଯେତେବେଳେ ତରବାରିର ଆଘାତରେ ମଥା ତାର ସ୍କନ୍ଧଚ୍ୟୁତ ହୁଏ । ଆରବ ଦେଶର ଭିକାରି ସୁଦ୍ଧା ଉନ୍ନତ ମସ୍ତ-କରେ "ଜାକାତ" ଆଦାୟ କରେ, ଭିକ୍ଷା ସେ ଗ୍ଡହେଁ ନାହିଁ ।

ବାଗଦାଦରୁ ଦାମସ୍କସ୍ ଗ୍ଡରିଶହ ଏକଷଠି ମାଇଲ ଦୂରରେ ଅବସ୍ଥିତ । ଏହା ଭିତରେ ଗ୍ଡରିଶହ ମାଇଲ କେବଳ ମରୁଭୂମି । ମଝିରେ ମଝିରେ ମରୂଦ୍ୟାନ ଅଛି; କିନ୍ତୁ ବାଗ୍‌ଦାଦରୁ ସାଢ଼େ ତିନି-ଶହ ମାଇଲ ନ ଗଲେ ଗୋଟିଏ ମଧ୍ୟ ମରୂଦ୍ୟାନ ଦେଖିବାକୁ ମିଳେ ନାହିଁ । ଶିକ୍ଷିତ ଭାରତୀୟଗଣ ମୋତେ ସେ ଭଳି ମରୂଦ୍ୟାନ ଭିତରେ ସାଇକେଲ ଯୋଗେ ଗ୍ଡଲି ଯିବାକୁ ଉପଦେଶ ଦେଇଥିଲେ । ମୁଁ କିଛି ଦୂର ମଧ୍ୟ ଅଗ୍ରସର ହୋଇଥିଲି; କିନ୍ତୁ ସୌଭାଗ୍ୟବଶତଃ ପୁଣି ଫେରି ଆସିଲି, ନ ହେଲେ ଆଜି ମୁଁ ଏହି ଭ୍ରମଣ କାହାଣୀ ଲେଖିପାରି ନ ଥାନ୍ତି । ମରୁଭୂମି ମଝିରେ କେଉଁଦିନୁ ବାଲିର ସମାଧି ଲଭି ସାରନ୍ତିଣି । ଆମ ଦେଶର ସମ୍ବାଦପତ୍ର କହିଥାନ୍ତେ ଯେ,

ଲୋକଟା ପୃଥିବୀ ଭ୍ରମଣରେ ବାହାରି ଥିଲା, କେଉଁଠି ଯାଇ ହୁଏତ ଘର ସଂସାର କଲାଣି ।

ଆଗରୁ କହିଛୁ, ଆରବ ଦେଶକୁ ଇଉରୋପର ସାମ୍ରାଜ୍ୟବାଦୀଗଣ ଖଣ୍ଡ ଖଣ୍ଡରେ ବିଭକ୍ତ କରି ମନର ତୃଷ୍ଣା ମେଣ୍ଟାଇ ଶୋଷଣର ବ୍ୟବସ୍ଥା କରିଛନ୍ତି । ଇରାକରୁ ସିରିଆ ଯିବାକୁ ହେଲେ ଫରାସୀ ସର-କାରଙ୍କର ଅନୁମତିପତ୍ର ନେବାକୁ ପଡ଼େ । ଏହି ଅନୁମତି ପତ୍ରର ନିୟମ ଉଠାଇ ଦେବାପାଇଁ ତଥା ଅନ୍ୟାନ୍ୟ କେତେକ କାରଣରୁ ସଙ୍ଘବଦ୍ଧ ହେଲାପରେ ସିରିଆବାସୀଗଣ ଥରେ ବିଦ୍ରୋହ କରିଥିଲେ । କିନ୍ତୁ ବିଦ୍ରୋହ ବିଫଳ ହେଲା । ଫରାସୀଙ୍କର ଇପ୍‌ସିତ ଅନୁମତିପତ୍ରହିଁ କାଏମ ରହିଲା । ମୋତେ ମଧ୍ୟ ସେହି ଅନୁମତି ପତ୍ର ବା ଭିସା ନେବାକୁ ପଡ଼ିଥିଲା ।

ଭିସା ପାଇବା ଏକ କଷ୍ଟକର ବ୍ୟାପାର । ଅନେକ ସମୟରେ ପ୍ରଶ୍ନର ଉପଯୁକ୍ତ ଜବାବ ନ ଦେଇପାରିଲେ ଅନୁମତିପତ୍ର ଆଦୌ ମିଳିବ ନାହିଁ । ମୋତେ ଭିସା ନେବାକୁ ସେହିପରି କଷ୍ଟ ସହିବାକୁ ପଡ଼ିଥିଲା ।

ବାଗ୍‌ଦାଦରୁ ଅନେକଗୁଡ଼ିଏ ବାସ୍ ଦାମସ୍କସକୁ ଯାଏ । ଗୋଟିଏ ବାସରେ ମୁଁ ଦୁଇ ପାଉଣ୍ଡ (ଛବିଶ ଟଙ୍କା ଦଶ ଅଣା) ଭଡ଼ା ଦେଇ ଗୋଟିଏ ଟିକେଟ କିଣି ଦିନେ ସକାଳୁ ହାରୁଣ୍ ଅଲ-ରସିଦ୍‌ଙ୍କର ବାଗ୍‌ଦାଦ ଛାଡ଼ି ଐତିହାସିକ ନଗରୀ ଦାମସ୍କସ ଆଡ଼କୁ ବାହାରିଲି ।

ବାଗଦାଦ ଛାଡ଼ିବା ଆଗରୁ ଜଣେ ପୋଲିଶ ଅଫିସର ଆସି ଯାତ୍ରୀମାନଙ୍କ ସଂଖ୍ୟା, ଜିନିଷପତ୍ରର ଓଜନ ଭଲଭାବରେ ପରୀକ୍ଷା କରି ପ୍ରଥମେ ନିଜେ ମୋଟର ଡ୍ରାଇଭରକୁ ସାମରିକ

ଖିତରେ ଅଭିବାଦନ କଲେ । ଡ୍ରାଇଭର କେବଳ ତାର ଡାହାଣ ହାତକୁ ମୋଟରର ହେଣ୍ଡେଲ ଉପରେ ରଖିଲା । ଅଫିସର ଜାତିରେ ଆସୀରୀୟାନ; କିନ୍ତୁ ଆସୀରୀୟାନଙ୍କ ପରି ନିଶ ଦାଢ଼ି ରଖି ନାହାନ୍ତି ।

ଫେଲୁଜା ପର୍ଯ୍ୟନ୍ତ ସୁନ୍ଦର ରାସ୍ତା ଉପରେ ଆମର ବାସ୍ ଚାଲିଲା । ଆଗରୁ କହିଛି, ଆରବଗଣ ଭାରତବାସୀଙ୍କୁ ଆଦୌ ପସନ୍ଦ କରନ୍ତି ନାହିଁ । ଆହୁରି ମଧ୍ୟ କହିଛି ଯେ, କେଉଁ କାରଣରୁ ହିନ୍ଦିମାନଙ୍କ ପ୍ରତି ଆରବଙ୍କର ଘୃଣାର ସଞ୍ଚାର ହୋଇଛି; କିନ୍ତୁ ମୋ ପ୍ରତି ସେମାନେ କୌଣସି ଅସଦ୍ ବ୍ୟବହାର କରି ନାହାନ୍ତି । ମୁଁ ତାଙ୍କ ଦେଶକୁ ଗଲାପରେ କେବେହେଲେ ଏମିତି କିଛି କହିନାହିଁ, ଯେଉଁଥିରେ ତାଙ୍କର ଜାତୀୟ ଭାବର କୌଣସି ପ୍ରକାର ଅପମାନ ହୋଇପାରେ ।

ଆଗରୁ ଥରେ ସାଇକେଲରେ ଫେଲୁଜା ଦେଖିବାକୁ ଆସିଥିଲି । ଛୋଟ ଗାଁଟିଏ, ଗାଁ ପାଖରେ ନଦୀ ବୋହି ଯାଉଛି । ଏଠାର ଅଧିବାସୀମାନଙ୍କ ଭିତରେ ପ୍ରାୟ ଅଧିକାଂଶ ସୁନ୍ନି ସମ୍ପ୍ରଦାୟର ଲୋକ । ଏମାନେ ସମସ୍ତେ ଶ୍ୱେତକାୟ ଆରବ । ନିଗ୍ରୋ, ଅର୍ଦ୍ଧନିଗ୍ରୋ, ହିନ୍ଦି, ଇହୁଦୀ ପ୍ରଭୃତି ଜାତିଙ୍କ ସହ ତାଙ୍କର ବୈବାହିକ ସମ୍ବନ୍ଧ ହୁଏ ନାହିଁ । ଏମାନଙ୍କ ସମାଜରେ ପ୍ରଚଳିତ ଅଛି ଯେ, ଯେ କୌଣସି କଳାଜାତିର ସ୍ତ୍ରୀ ଲୋକ ତାଙ୍କ ଘରକୁ ଦାସୀ ଭାବରେ ଆସିପାରେ; କିନ୍ତୁ ତାଙ୍କ ଘରର ସ୍ତ୍ରୀ ଲୋକ କୌଣସି ପ୍ରକାରେ କଳାଲୋକର ସ୍ତ୍ରୀ ହୋଇ ପାରିବ ନାହିଁ । ସେଥିପାଇଁ ଏଠାକୁ ମୁଁ ପ୍ରଥମେ ଯେତେବେଳେ ଆସିଥିଲି, ସେତେବେଳେ ଇହୁଦୀ, କୃଷ୍ଣକାୟ ଆରବବାସୀ ମୋର ଆଦର ଯତ୍ନ ବେଶୀ କରିଥିଲେ । ଶ୍ୱେତକାୟ ଆରବ କ୍ୱଚିତ ତାଙ୍କ

ଘରକୁ ଡାକି ଚା ଜଳଖିଆ ଖୁଆଇଥିଲେ । ଏସବୁ ଅଞ୍ଚଳରେ କେହି କେବେ ହେଲେ ମୋର ଧର୍ମ ସମ୍ବନ୍ଧରେ କିଛି ପଚାରି ନାହାନ୍ତି । ଦିନେ ଆରବ ଦେଶରେ ଏହି ଧର୍ମ ସମ୍ବନ୍ଧରେ ଅନେକ ଆଲୋଚନା ଚାଲୁଥିଲା । ବର୍ତ୍ତମାନ କିନ୍ତୁ ଆରବ ଜାତି ଜାତୀୟ ଭାବାପନ୍ନ ହୋଇଛନ୍ତି । ସେଥିପାଇଁ ବୋଧହୁଏ ତାଙ୍କର ଚିନ୍ତାଧାରା ମଧ୍ୟ ବଦଳି ଯାଇଛି । କିନ୍ତୁ ବଡ଼ ଦୁଃଖର କଥା, ଆରବ ଦେଶରେ ବର୍ତ୍ତମାନ ସୁଦ୍ଧା ବର୍ଣ୍ଣ ବିଦ୍ୱେଷ ଅଛି ଦେଖି ମୋ ମନରେ ଶାନ୍ତି ଆସୁ ନ ଥିଲା । ଅନେକ ସମୟରେ ଶ୍ୱେତକାୟ ଆରବ ତା'ର ହାତର କମିଜଟା ଟିକିଏ ଘୁଞ୍ଚାଇଦେଇ କହନ୍ତି; ଦେଖ ମୋ'ର ଦେହର ରଙ୍ଗ କିପରି ଗୋରା ଆଉ ତୁମର ରଙ୍ଗ କେଡ଼େ କଳା ।"

ଫେଲୁଜାର ଆରବଗଣ ସିହା, ସୁନ୍ନି, ଖ୍ରୀଷ୍ଟାନ, ଅଗ୍ନି ଉପାସକ, ଜଳ ଉପାସକ, ପଥର ଉପାସକ ଯାହା ହୁଅନ୍ତୁ ପଛକେ, ବିଦେଶୀକୁ ସେମାନେ ଆଦୌ ପସନ୍ଦ କରନ୍ତି ନାହିଁ । ପଞ୍ଜାବର ମୁସଲମାନ ବାରିକ ପାଖରେ ମଧ୍ୟ କ୍ଷୌର ହୁଅନ୍ତି ନାହିଁ । ବୁନ୍ଦେଲଖଣ୍ଡର ଧୋବା ପାଖରେ ଲୁଗା ଦିଅନ୍ତି ନାହିଁ । ବିହାରୀ ଡାକ୍ତର ପାଖରୁ ଔଷଧ ନିଅନ୍ତି ନାହିଁ—ଫଳରେ ଅନେକ ବେଦରକାରୀ ହିନ୍ଦ ଫେଲୁଜା ଛାଡ଼ି ଚାଲି ଆସିବାକୁ ବାଧ୍ୟ ହୋଇଛନ୍ତି ।

ଫେଲୁଜାରେ ଥିଲାବେଳେ ଗୋଟିଏ ମଦ୍ରାସାର ଶିକ୍ଷକଙ୍କ ଘରେ ମୁଁ ଅତିଥି ହୋଇଥିଲି । ସେ ଆରବୀ ଭାଷାରେ ମୌଲବୀ ଆଉ ଫାରସୀ ଭାଷାରେ ମେଟ୍ରିକ ପାଶ କରିଥିଲେ । ଅଳ୍ପ ଇଂରାଜି ମଧ୍ୟ କହି-ବୋଲି ପାରୁଥିଲେ । ତାଙ୍କର ଉଦାରତାରେ ଗାଁଯାକ ଲୋକ ମୁଗ୍ଧ ଥିଲେ । ସେ ମୋର ବକ୍ତୃତାକୁ ଗ୍ରାମବାସୀଙ୍କ ପାଇଁ ଜଣେ ଦୋଭାଷୀ ସାହାଯ୍ୟରେ ଅନୁବାଦ କରି ଶୁଣାଇଥିଲେ । ଦୋଭାଷୀ ଭଲ ହିନ୍ଦୁ-ସ୍ଥାନୀ ଜାଣିଥିଲେ, ସେଥିପାଇଁ ସେ ମୋର ମନର କଥାକୁ ସ୍ପଷ୍ଟଭାବରେ

ବୁଝାଇ ପାରୁଥିଲେ । ଦୋଭାଷୀଟି କେବେ ହେଲେ ଭାରତକୁ ଆସି ନାହାନ୍ତି । ସେ ବହୁଦିନ ମକ୍‌କାରେ ଥିଲେ ଏବଂ ଭାରତୀୟ ହାଜୀମାନଙ୍କୁ ନାନା ଭାବରେ ସାହାଯ୍ୟ କରୁଥିଲେ । ସେ ଏଡ଼େ ସୁନ୍ଦର ହିନ୍ଦି କହି ପାରୁଥିଲେ ଯେ, ମୁଁ ଶୁଣି ଆଶ୍ଚର୍ଯ୍ୟ ହୋଇ ଯାଇଥିଲି । ଆରବ ଜାତିର ମସ୍ତିଷ୍କ ସାଧାରଣତଃ ବଡ଼ ପ୍ରଖର, ତା ପରେ ପୁଣି ଭଦ୍ରଲୋକ ନାନା ଦେଶ ଭ୍ରମଣ କରିଛନ୍ତି । ଗୋଟିଏ ବୈଦେଶିକ ଭାଷାକୁ ଆୟତ୍ତ କରିବା ତାଙ୍କ ପକ୍ଷରେ ସହଜସାଧ୍ୟ ଥିଲେ ମଧ୍ୟ ଏପରି ସୁନ୍ଦର ଭାବରେ ମୋ କଥାକୁ ସଜାଇ କହି ପାରିବେ, ଏହା ମୋର ଧାରଣା ନ ଥିଲି ।

ବକ୍ତୃତା ଦେଲାପରେ ମଦ୍ରାସାର ଛାତ୍ରଗଣ ଭାରତ ସମ୍ବନ୍ଧରେ ଗୋଟିଏ ହେଲେ ପ୍ରଶ୍ନ ପଚାରିଲେ ନାହିଁ । ଚୀନ ଦେଶରେ କେତେ ମୁସଲମାନ ଅଛନ୍ତି, ସେ କଥା ମଧ୍ୟ ଉଠାଇଲେ ନାହିଁ । ସେମାନେ କେବଳ ପଚାରିଥିଲେ, ଜାପାନୀଗଣ ଯେ ନିଜ ଜାତିର ଉନ୍ନତି ପାଇଁ ହିରିକିରି କରି ପେଟକାଟି ମରନ୍ତି, ସେହି ଦେଶପ୍ରେମ ତାଙ୍କ ଭିତରେ କିପରି ଭାବରେ ଜାଗ୍ରତ ହେଲା । ଆହୁରି ପଚାରିଥିଲେ, ଚୀନଦେଶର ଚୁତେ କେଉଁ ଶକ୍ତିର ସାହାଯ୍ୟ ବଳରେ ଚଉଦହଜାର ମାଇଲ ଦୂର ପଳାଇବାକୁ ସକ୍ଷମ ହୋଇଥିଲେ । ତାଙ୍କର ଏହି ସବୁ ପ୍ରଶ୍ନର ଉତ୍ତର ମୁଁ ପରଦିନ ଦେଇଥିଲି । ଭାରତକୁ ଫେରି ଆସିଲା ପରେ ଆମ-ଦେଶର ଛାତ୍ରଗଣ ପ୍ରଶ୍ନ କରିଥିଲେ, ସ୍ୱାମୀ ବିବେକାନନ୍ଦ କଣ ଆମେ-ରିକାର ସମସ୍ତଙ୍କୁ ହିନ୍ଦୁ କରିଥିଲେ ? ଚୀନ୍ ଦେଶରେ କେତେ ମୁସଲମାନ ଅଛନ୍ତି ? ଏଇଠାରେ ଆମ ଭିତରେ ଆଉ ଆରବଙ୍କ ମଧ୍ୟରେ ପାର୍ଥକ୍ୟ ରହିଛି ।

ପରଦିନ ମଧ୍ୟ ଲେକ୍‌ଚର ଦେଇଥିଲି । ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ସଭାରେ ଉପସ୍ଥିତ ଥିଲେ । ଆରବଗଣ ପର୍ଯ୍ୟଟନ କଥା

ଶୁଣିବାକୁ ବଡ଼ ଭଲ ପାଆନ୍ତି, ଯେତେ କହିଲେ ସେତେ ବେଶୀ ଶୁଣିବାକୁ ଚାହାନ୍ତି । ସେମାନେ ଭ୍ରମଣକାହାଣୀ ନୀରବରେ ଶୁଣନ୍ତି । ବକ୍ତୃତା ଦେଲାବେଳେ କେହି କୌଣସି ପ୍ରକାର ଗୋଲମାଲ କରନ୍ତି ନାହିଁ । କାହାର ଛେପ ପକାଇବା କମ୍ବା କାଶିବାର ଦରକାର ହେଲେ ବାହାରକୁ ଉଠି ଯାଆନ୍ତି, ପୁଣି ଆସି ନୀରବରେ ବସନ୍ତି । ସୁତରାଂ ଆରବ ସ୍କୁଲରେ କମ୍ବା ଆରବ ସମାଜରେ ବକ୍ତୃତା ଦେବାରେ ଚରମ ଆନନ୍ଦ ଥାଏ ।

ଦିନେ କଷ୍ଟ କର ସାଇକେଲରେ ଫେଲୁଜା ଆସିଥିଲି, ସେଇ ଫେଲୁଜାକୁ ଆଜ କେତେ ମିନିଟ ଭିତରେ ପଛରେ ଛାଡ଼ ତାହାର କଥା ଭାବୁ ଭାବୁ ଆଗକୁ ଚାଲିଛୁ । ଏହିଠାରୁ ଆରମ୍ଭ ହୋଇଛି ବିସ୍ତୀର୍ଣ୍ଣ ମରୁଭୂମି ।

ଦାମସ୍କସ୍ ଅଭିମୁଖେ

ମୋଟରେ ବାସ ଅବିରାମ ଗତିରେ ଚାଲିଛି । ଡ୍ରାଇଭର ଯେତେବେଳେ କ୍ଲାନ୍ତ ହୋଇ ପଡୁଥାଏ, ସେତେବେଳେ ଅନ୍ୟ ଡ୍ରାଇଭର ତାହାର ସ୍ଥାନ ପୂରଣ କର ଦ୍ୱିଗୁଣ ତେଜରେ ଗାଡ଼ି ଚଳାଉଥାଏ । ମୋ ପାଖରେ ଦୁଇଜଣ ଟ୍ରିପୋଲର ଆରବ ବସିଥିଲେ । ତାଙ୍କ ମୁଣ୍ଡରେ ଲାଲ ଫେଜ ଦେଖି ଭାବିଥିଲି, ସେମାନେ ନିଶ୍ଚୟ ଖ୍ରୀଷ୍ଟାନ କମ୍ବା ଇହୁଦୀ ହେବେ । କଥା ପ୍ରସଙ୍ଗରେ ସେମାନେ କହିଲେ, ସୁଏଜ କେନାଲର ପଶ୍ଚିମ ପାଖରେ ଆରବଗଣ ଲାଲ ଫେଜ ବ୍ୟବହାର କରନ୍ତି । ସେମାନେ ମଧ୍ୟ ସୁନ୍ନି ସମ୍ପ୍ରଦାୟର ଲୋକ । ଏ ଅଞ୍ଚଳର ଅର୍ଥାତ୍ ଆରବଙ୍କ ହୁନ୍ନିଗଣ ଭୁଲରେ ବି ଫେଜ୍ ମୁଣ୍ଡରେ ଦିଅନ୍ତି ନାହିଁ । ଏହି ପାର୍ଥକ୍ୟର କାରଣ ପଚାରିବାରୁ ସେମାନେ ଉତ୍ତର ଦେଲେ— ଏ ଅଞ୍ଚଳରେ ସୁନ୍ନି ଆରବଗଣ ପ୍ରାୟ ସମସ୍ତେ ହଜ୍‌କୁ ଯାଇଛନ୍ତି ।

ବୋଲି ହାଜୀର ପୋଷାକ ସର୍ବସାଧାରଣଙ୍କ ପୋଷାକ ହୋଇ ପଡ଼ିଛି । ନିପୋଲିରୁ ଅତି ଅଳ୍ପ ସଂଖ୍ୟକ ଲୋକ ହଜ୍ କରିବାକୁ ଆସନ୍ତି, ସେଥିପାଇଁ ନିପୋଲିର ଲୋକେ ଫେଜ୍ ବ୍ୟବହାର କରନ୍ତି । ଇଟାଲୀୟମାନେ ଆରବଙ୍କ ପ୍ରତି କି ଭଳି ବ୍ୟବହାର କରନ୍ତି, ପଗ୍ଚରି-ବାରୁ ସେମାନେ ନିରୁତ୍ତର ରହିଥିଲେ, କାରଣ ପାଖରେ କେତେ-ଜଣ ଇଟାଲୀୟ ବସିଥିଲେ । ଆମେ ଯେପରି ଇଂରାଜମାନଙ୍କ ସମ୍ମୁଖରେ ତାଙ୍କ ଜାତିର ଶ୍ରାଦ୍ଧ କରିପାରୁ, ଇଟାଲୀୟଗଣ ସେ ଭଳି ବ୍ୟବହାର ସହ୍ୟ କରନ୍ତି ନାହିଁ । ସିନୋର ମୁସୋଲିନୀଙ୍କ ବିରୁଦ୍ଧରେ ମଧ୍ୟ କୌଣସି କଥା ଶୁଣିଲେ ସେମାନେ ତତ୍‌କ୍ଷଣାତ୍ ତାର ପ୍ରତିକାର କରୁଥିଲେ । ନିପୋଲିର ନିଷ୍ଠୁର ଶାସନ ଏବଂ ଶୋଷଣର ନିଦର୍ଶନ ଗାଡ଼ିରେ ବସି ବସି ଅନୁଭବ କରି ପାରିଥିଲି ।

ଯେଉଁ ଜାତି ଯେତେ ଅତ୍ୟାଗ୍ଚରିତ ହୁଏ, ସେହି ଜାତି ସେତେ ସବଳ ହୋଇ ଉଠେ । ନିପୋଲିର ସେହି ଆରବ ଦୁଇଜଣ ଖାଣ୍ଟି ରାଷ୍ଟ୍ରୀୟ ଭାବାପନ୍ନ । ସେମାନେ ବେଲି ଉଣ୍ଡି ମୋ ସହିତ ମୁକ୍ତ ଭାବରେ କଥାବାର୍ତ୍ତା କରୁଥିଲେ । ଆମ ଦେଶର ଅନେକ ତଥ୍ୟ ସଂଗ୍ରହ କରିଥିଲେ । ମୁଁ ମୁସଲମାନ ନୁହେ ଜାଣି ମଧ୍ୟ ସେମାନେ ପୂର୍ବ ଆଫ୍ରିକାର ପରାଧୀନତା ସହିତ ଭାରତବର୍ଷର ତୁଳନା କରି-ଥିଲେ । ଯେତେ ସମୟ ତାଙ୍କ ସହିତ କଥାବାର୍ତ୍ତା ହୋଇଥିଲା, ସେହି ସମୟ ଭିତରେ ସେମାନେ କେବଳ ଇଟାଲୀୟମାନଙ୍କ ବିରୁଦ୍ଧରେ ଆକ୍ଷେପ କରିଥିଲେ । ଥରେ ସୁଦ୍ଧା ପାନ୍ ଇସ୍‌ଲମ କିମ୍ବା ଅନ୍ୟ ମତବାଦର କଥା କହି ନାହାନ୍ତି । ତାଙ୍କ ଭିତରେ କେବଳ ଗୋଟିଏ ପ୍ରକାର 'ପାନ୍'ର ଇଙ୍ଗିତ ଭରି ରହିଥିଲା, ତାହା ଅତ୍ୟାଗ୍ଚାରୀ ଏବଂ ଅତ୍ୟାଗ୍ଚରିତର ସମ୍ବନ୍ଧ ! ସ୍ୱାଧୀନ ଏବଂ ପରାଧୀନ ! ସ୍ୱାଧୀନ-ତାର ସ୍ୱାଦ ଯେଉଁମାନେ ପାଆନ୍ତି, ସେମାନେ ଭୁଲରେ ମଧ୍ୟ

କ୍ଷୁଦ୍ରଭାବ ମନରେ ପୋଷଣ କରନ୍ତି ନାହିଁ । ଯେଉଁମାନେ ଆଜୀବନ ଗୋଲାମ ହୋଇ ରହିବାକୁ ଚାହାନ୍ତି, ସେହିମାନେ କେବଳ "ପାନ୍ ହିନ୍ଦୁଇଜମ୍," ବୃହତ୍ତର ଭାରତ, ବୃହତ୍ତର ବଙ୍ଗ, ପାନ୍‌ଇସ୍‌ଲାମର ଦୋହାଇ ଧରି ବସନ୍ତି ।

ଆମ ସାଙ୍ଗରେ କେତେଜଣ ଇରାଣୀ ଯାତ୍ରୀ ମଧ୍ୟ ଥିଲେ । ଜଣେ ଇରାଣୀ କଣ୍ଡକ୍ଟରକୁ ନ କହି ବିପଦ୍ କାଳପାଇଁ ସଞ୍ଚିତ ଥିବା ପାଣିର ପାଇପ ଖୋଲି ମନଇଚ୍ଛା ପାଣି ପିଇଥିଲା । କଣ୍ଡକ୍ଟରର ପ୍ରଧାନ କାମ ହେଲା ପାଣିର ରକ୍ଷଣାବେକ୍ଷଣ କରିବା ଏବଂ ଯାହାପାଇଁ ଯେତେ କମ୍ ପାଣି ଦରକାର, ତାକୁ ସେତିକ ଦେବା । କଣ୍ଡକ୍ଟର ଇରାଣୀ ଭଦ୍ରଲୋକଙ୍କୁ ପାଣିର ପାଇପ ବନ୍ଦ କରିବାକୁ କହିବାରୁ, ସେ ଆଦୌ ଶୁଣିଲେ ନାହିଁ ବରଂ ଇରାଣୀ ଭାଷାରେ କଣ ଦି ଚାରିପଦ ତାଚ୍ଛଲ୍ୟ ଭାବରେ ଜବାବ୍ ଦେଲେ । ଇରାଣୀ ଭଦ୍ରଲୋକ ଆରବି କହି ନ ଥିଲେ । ଏଣେ ଆରବ କଣ୍ଡକ୍ଟର ଇରାଣୀ କହିବାକୁ ଘୃଣା ବୋଧ କରୁଥିଲା । ଶେଷରେ ସେମାନେ ଫାରସୀ ଭାଷାରେ ବାଦାନୁବାଦ ଆରମ୍ଭ କଲେ । ତାଙ୍କ କଥାର ସାରମର୍ମ ଯାହା ବୁଝିଥିଲି, ସେଥିରେ ମନେହେଲା, ଇରାକୀ ଆରବଗଣଙ୍କୁ ଇରାଣୀମାନେ ପରାଧୀନ ବୋଲି ଗଣ୍ୟ କରନ୍ତି ଏବଂ ସେହି କଥା ଉପରେ ଜୋର ଦେଇ ଇରାଣୀ ଭଦ୍ରଲୋକଟି ପ୍ରତିବାଦ କରୁଥିଲେ ।

ତାଙ୍କର ଗୋଳମାଳ ଯେତେବେଳେ ଚରମକୁ ଉଠିଲା, ସେତେବେଳେ ସମସ୍ତେ ମିଳିମିଶି ଦୁହିଙ୍କୁ ବନ୍ଦ କରି ଦେଲେ । ଫାରସୀ, ଡ଼ାଚ, ବ୍ରିଟିଶ ଯାତ୍ରିଗଣ ଏହି ଗଣ୍ଡଗୋଳ ନୀରବରେ ବସି ଶୁଣୁଥିଲେ । ସେମାନେ ମନେ ମନେ କଣ ଭାବୁଥିଲେ, ଭଗବାନ ଜାଣନ୍ତି; କିନ୍ତୁ ସମସ୍ତେ ମୁହଁ ବୁଲାଇ ବସିଥିଲେ । ମୁଁ ଦର୍ଶକ ଥିଲି ବୋଲି ପ୍ରତ୍ୟେକଙ୍କ ଆଡ଼କୁ ମୋର ଲକ୍ଷ୍ୟ ଥିଲା ।

ସନ୍ଧ୍ୟା ଆଗରୁ ରୁତବାରେ ପହଞ୍ଚିଲୁ । ସେଇଠି ଗାଡ଼ି ବନ୍ଦ ହେଲା । ସମସ୍ତ ଯାତ୍ରୀ ଓହ୍ଲାଇ ପାଖର କୂଅରୁ ପାଣି କାଢ଼ି ମୁହଁ ହାତ ଧୋଇ ଟିକିଏ ଶାନ୍ତ ହେଲେ । ଆମେ ସମସ୍ତେ ମୁହଁ ହାତ ଧୋଇଲୁ ; କିନ୍ତୁ କେତେଜଣ ଇଉରୋପୀୟ ଅର୍ଥାତ୍ ଇଂରାଜ, ଫରାସୀ ଆଉ ଜର୍ମାନ ମୁହଁ ହାତ ଧୋଇଲେ ନାହିଁ । ଇଟାଲିୟମାନେ ଆମଭଳି ମୁହଁ ହାତ ଧୋଇପକାଇଲେ । ଏହା ଦେଖି ମୁଁ ଭାବିଲି ଯେ, ତାଙ୍କ ଆଉ ଆମ ଭିତରେ ବିଶେଷ କିଛି ପାର୍ଥକ୍ୟ ନାହିଁ । ଜଣେ ଇଂରାଜକୁ କାହିଁକି ମୁହଁ ହାତ ଧୋଇଲେ ନାହିଁ ପଚାରିବାରେ ସେ କହିଲେ, ଏଭଳି ଭାବରେ ମୁହଁ ହାତ ଧୋଇବା ଶିଷ୍ଟାଚାର ବିରୁଦ୍ଧ । ଅନ୍ତତଃ ପକ୍ଷରେ ଗୋଟାଏ ବେସିନ୍ ଯଦି ଥାଆନ୍ତା, ତାହାହେଲେ ସେମାନେ ଅକ୍ଳେଶରେ ମୁହଁ ହାତ ଧୋଇ ପାରିଥାନ୍ତେ ।

ମୁସଲମାନ୍‌ମାନେ ଯେତେବେଳେ ଦକ୍ଷିଣ ଆଡ଼କୁ ମୁହଁ କରି ନମାଜ ପଢ଼ୁଥିଲେ, ଆଉ ଇଉରୋପୀୟଗଣ ତାଙ୍କ ଫ୍ଲାସ୍କ୍‌ରୁ ଗରମ କମ୍ପା କଫି ଢାଳି ପିଉଥିଲେ, ମୁଁ ସେତେବେଳେ ଲୋକଙ୍କର ଆଚାର ବ୍ୟବହାର କଥା ଭାବୁଥିଲି । ଏତେ ଗରମରେ କେତେ ଧୂଳି ନାକ ଭିତରେ ପଶିଛି, ଆଉ ଏମାନେ ମୁହଁ ହାତ ଧୋଇଲେ ନାହିଁ, ଗୋଟିଏ ପାତ୍ରର ଅଭାବରେ ! ଆଚାର ବ୍ୟବହାରର ଏଇଠି ରହିଛି ବଡ଼ ପାର୍ଥକ୍ୟ । ମୁଁ ଚିନ୍ତାରେ ଏତେ ତନ୍ମୟ ହୋଇ-ଯାଇଥିଲି ଯେ, କୂଅଟା କେତେ ଗଭୀର, ତା ମଧ୍ୟ ଦେଖି ପାରିଲି ନାହିଁ ।

ଗାଡ଼ି ଛାଡ଼ିବାର ଅଧଘଣ୍ଟା ଆଗରୁ ହର୍ଣ୍ଣ ଦେବାରୁ ମୋର ଚିନ୍ତା ଭାଙ୍ଗିଲା । ମୁଁ ଶୀଘ୍ର ଶୀଘ୍ର କେତୋଟି ରୁଟି ଖାଇ ପକାଇଲି । ସେତେ-

ବେଳେ ଆଉ କୂଅଟା କେତେ ଗଭୀର ଦେଖିବାକୁ ସମୟ ନଥିଲା । ଅନ୍ଧକାରର ଆବରଣ ଆରବ୍ୟ ରଜନୀର ମୁହଁ ଉପରେ ଆସି ପଡ଼ିଥିଲା । ମୁଁ ଚନ୍ଦ୍ରାଗୁଡ଼ ନିଜ ଆସନରେ ଯାଇ ବସିବାକୁ ବାଧ ହେଲି । ଗାଡ଼ି ପୁଣି ଦ୍ୱିଗୁଣ ତେଜରେ ଚାଲିଲା ।

ଆମେ ବସି ବସି କେବଳ ମରୁଭୂମିରେ ରାତି କଟାଇଛୁ । ଆମର ଆଖି ସବୁ ନିଦର ଆବେଶରେ ବୁଜି ହୋଇ ଆସୁଥିଲା ! ବେଳେ ବେଳେ ନିଦ ଆସି ସମସ୍ତଙ୍କ ଅସ୍ତିତ୍ୱ ଭୁଲାଇ ଦେଉଥିଲା । ଆରବ୍ୟ ରଜନୀ ଆମକୁ ସୁଖ ଦୁଃଖ ଭିତରେ ଟାଣି ନେଇ ଯାଉଥିଲା । ଆରବ୍ୟ ରଜନୀ ସବୁବେଳେ ସୁଖପ୍ରଦ । ରାତି ଯେତେବେଳେ ଚାରିଟା, ସେତେବେଳେ ହଠାତ୍ ଆମ ବସ୍‌ଟା ଦୋହଲି ଉଠିଲା । ବୁଝିଲି କେଉଁ ଦିନର ଗୋଟିଏ ପ୍ରବାହିତ ନଦୀସ୍ରୋତ ଆରବ ମରୁରେ ଲିଭିଯିବା ଆଗରୁ ତାର ସ୍ମୃତି ଚିହ୍ନ ସ୍ୱରୂପ ଗୋଟିଏ ଦାଗ ରଖି ଯାଇଛି, ସେଇ ସ୍ମୃତି ଚିହ୍ନ ଦୋହଲାଇ ଦେଇ ଆମକୁ ନଦୀର ଅସ୍ତିତ୍ୱ ସମ୍ବନ୍ଧରେ ସୂଚନା ଦେଲା । ଆଖି ଖୋଲି ଦେଖିଲି, ବାଁ ପାଖେ ଗୋଟାଏ ବଡ଼ ପାହାଡ଼ । ପାହାଡ଼ର ନାମ 'ଜାବଲ ତନେଫ୍' । ସେଠାରେ ଆମକୁ ବହୁତ ସମୟ ଅପେକ୍ଷା କରିବାକୁ ପଡ଼ିଲା । ଏହିଠାରୁ ଫରାସୀ ଅଧିକୃତ ସିରିଆର ସୀମା ଆରମ୍ଭ ହୋଇଛି । ରାତି ପାହିବା ସଙ୍ଗେ ସଙ୍ଗେ ଫରାସୀ 'କଷ୍ଟମ' ଅଫିସର ଆମକୁ ଆଗେଇ ଯିବାକୁ ହାତ ହଲାଇ ଆଦେଶ ଦେଲେ । ଆମେ ପୁଣି ଆଗେଇ ଚାଲିଲୁ । ବେଳ ଦଶଟା ସରିକି ଆମେ କଷ୍ଟମ ଅଫିସରେ ପହଞ୍ଚିଲୁଁ । ଜଣେ ଫରାସୀ ଅଫିସର ଆମର 'ଜିନିଷପତ୍ର' ପରୀକ୍ଷା କଲେ । ସେ ପ୍ରତ୍ୟେକଙ୍କ ସହିତ ଭଦ୍ର ବ୍ୟବହାର କରିଥିଲେ; କିନ୍ତୁ ବାସ୍ ଉପରେ ଜଣେ ତଳିଆ ଅଫିସର ମୋ' ସାଇକେଲଟା ଆବିଷ୍କାର କଲା ।

ମୋର ସାଇକେଲ୍ କାହିଁକି ବ୍ରିଟିଶ କାରଖାନାରେ ତିଆରି, ଫରାସୀ କାରଖାନାରେ କାହିଁକି ତିଆରି ନୁହେଁ, ଏହି କଥା ଘେନି ଅନେକ ବେଳ ଯାଏ ତର୍ଜନ ଗର୍ଜନ କରି ଫରାସୀ ଭାଷାରେ କଣ ଗୁଡ଼ାଏ କହିଗଲା । ମୁଁ ହିନ୍ଦିରେ ତାର ଜବାବ ଦେଲି, 'ଏଇସା ଦିନ୍ ନେହିଁ ରହେଗା ।' ମୁଁ ଫରାସୀ ଭାଷାରେ କଥା କହିବାକୁ ଆଦୌ ପସନ୍ଦ କରୁ ନ ଥିଲି; କାରଣ ଫରାସୀ ସାମ୍ରାଜ୍ୟ-ଗୀତ ବ୍ରିଟିଶ ସାମ୍ରାଜ୍ୟ-ଗୀତର ଅନେକ ନିମ୍ନସ୍ତରର ।

ତଲଆ ଅଫିସର ଜଣକ ଯେତେ ଦାନ୍ତ ନିକୁଟୁ ଥିଲା, ମୁଁ ସେତିକ ଭଦ୍ର ଭାବରେ ହିନ୍ଦିରେ ତାକୁ ପ୍ରବୋଧ ଦେଉଥିଲି । ଶେଷ ସିଦ୍ଧାନ୍ତ କରି ରଖିଥିଲି, ଯଦି ସେ ମୁହଁ ଉପରେ ଆସି କଥା କହି-ଥାଆନ୍ତା, ତାହାହେଲେ ତାର ଗାଲ ଦୁଇଟା ରଙ୍ଗ କରିଦେଇ ଥାଆନ୍ତି ଏ ସମ୍ବନ୍ଧରେ ବ୍ରିଟିଶମାନଙ୍କ ପାଖରୁ ଅନେକ ଶିଖିବାର ବିଷୟ ଅଛି । ତୁମେ ପାଟିତୁଣ୍ଡ କର, ଚିତ୍କାର କର ଇଂରାଜମାନେ କିଛି କହିବେ ନାହିଁ । ତୁମେ ମୁହେଁ ମୁହେଁ ବ୍ରିଟିଶକୁ ଦେଶରୁ ବିଦାୟ କରିଦିଅ, ସେ କିଛି କହିବ ନାହିଁ; କିନ୍ତୁ ତୁମେ ଯଦି ତାର କୌଣସି ଅନିଷ୍ଟକର କାମରେ ଲାଗିଯାଅ, ଦେଖିବ ସେ ତାର ପ୍ରତିକ୍ରିୟା କରିବାକୁ ପାଦେ ହେଲେ ପଛଘୁଞ୍ଚା ଦେବ ନାହିଁ । ମୁଁ ମଧ୍ୟ ସେଇ ନୀତି ଅନୁସରଣ କରି ଫରାସୀ ଅଫିସରର କଥାରେ କାନ ଦେଉ ନ ଥିଲି । ସ୍ୱାଧୀନ ଦେଶକୁ ଗଲେ ସ୍ୱାଧୀନତାର ସ୍ପନ୍ଦନ ଆପେ ଆପେ ଜାଗି ଉଠେ । ସାହସର ଅଭାବ ହୁଏ ନାହିଁ । ପ୍ରାଣର ମମତା ରହେ ନାହିଁ । ସବୁବେଳେ ମନେହୁଏ, ମୁଁ ମଧ୍ୟ ତାଙ୍କର ପରି ମନୀଷ ଏବଂ ତାଙ୍କର ଭଳି କର୍ମପ୍ରେରଣାରେ ପରିଚାଳିତ ।

ସେଇ ଅଫିସରଟି ମୋ ପାଖକୁ ଆସିଲା ନାହିଁ; କିନ୍ତୁ ମୁଁ ବୁଝିପାରିଲି, ସେ ଭବିଷ୍ୟତରେ ମୋର ଅନିଷ୍ଟ କରିବ । ତାର ଶକ୍ତି

କେତେ, ତାହା ମଧ୍ୟ ମୁଁ ଜାଣିଥିଲି । ସୁତରାଂ, ନଷ୍ଟିନ୍ତରେ ବହୁଦୂରରୁ ଦାମସ୍କସର କଥା ଭାବୁ ଭାବୁ ଯେତେବେଳେ ଦାମସ୍କସରେ ଆସି ପହଞ୍ଚିଲି, ସେତେବେଳେ ଦାମସ୍କସକଥା କେବଳ ଚିନ୍ତା କରିବାକୁ ଲାଗିଲି । ଫରାସୀ ଅଫିସର କଥା ଏକାବେଳକେ ଭୁଲିଗଲି । ସେତେବେଳେ ପୁରାତନ ସଭ୍ୟତା ଭିତରେ ନୂତନ ଜାତୀୟତାବାଦ ପୂର୍ଣ୍ଣ ସିରିଆର ସୁନ୍ନି ଆରବର ସ୍ୱାଧୀନତା ସ୍ପୃହାର ପ୍ରଗତିର ଢେଉ ଗଣୁଥିଲି ।

ଗାଡ଼ିରୁ ଓହ୍ଲାଇଲା ପରେ ମନେ ହେଲା, ଦେହଟା ଯେପରି ଝିମ୍‌ଝିମ୍ କରୁଛି । ଟିକିଏ ସମୟ ପାଇଲେ ଦେହଟା ଟିକିଏ ମୋଡ଼ାମୋଡ଼ି କରିନେବି ଭାବିଲି । ତାପରେ ସାଇକେଲଟା ବାସ୍‌ରୁ ଓହ୍ଲାଇ ପିଠି ଝୋଲାଟାକୁ କେରିଆରରେ ବାନ୍ଧି ହୋଟେଲ ଆଡ଼କୁ ଗଲି । ହୋଟେଲ ଯେ କୁଆଡ଼େ, ତାହା ମଧ୍ୟ ଜାଣେ ନାହିଁ । ତେବେ ଏତକ ଜାଣିଥିଲି ଯେ, ପାଖରେ ନିଶ୍ଚୟ ଫରାସୀ ଗୁପ୍ତଚର ଛିଡ଼ା ହୋଇଥିବ ସେ ମୋତେ ବାଟ ଦେଖାଇ ଦେବ । ଫଳ ମଧ୍ୟ ଠିକ୍ ତାହା ହେଲା । ଜଣେ ଲୋକ ଆସି ବିଶୁଦ୍ଧ ଇଂରାଜୀରେ ମୋ ସାଙ୍ଗରେ କଥାବାର୍ତ୍ତା କଲା । ତାକୁ ଗୋଟାଏ ଶସ୍ତା ଧରଣର ହୋଟେଲ ଦେଖାଇ ଦେବାକୁ ଅନୁରୋଧ କରିବାରୁ, ସେ ଆନନ୍ଦରେ ସହରର ମଝିରେ ଥିବା ଗୋଟିଏ ଆରବୀ ହୋଟେଲରେ ନେଇ ପହଞ୍ଚାଇଲା । ଲୋକଟି ବେଶ୍ ରସିକ—ଫରାସୀ ଜାତି ପରି ! କହିଲା, ଏଠାରେ ସବୁ ମିଳିବ । ତାର କଥାର ତାତ୍ପର୍ଯ୍ୟ ବୁଝିବାକୁ ବିଳମ୍ବ ହେଲା ନାହିଁ । ହୋଟେଲର ମାଲିକ ଜଣେ ଆରବ । ମୋତେ ଗୋଟିଏ କୋଠରୀ ଦେଖାଇ ଦେଇ ସେ ଚାଲିଗଲେ ।

ଆଗରୁ କହିଛି, ଭାରତବର୍ଷ, ବର୍ମା ଆଉ ଆଫ୍‌ଗାନିସ୍ଥାନକୁ ଛାଡ଼ିଦେଲେ ପୃଥିବୀର ଅନ୍ୟ ସବୁଠାରେ ହୋଟେଲରେ ସମ୍ପୂର୍ଣ୍ଣ

ବିଛଣା, ମଶାରି ମିଳେ । ଗାଧୋଇବାର ସମସ୍ତ ସୁବ୍ୟବସ୍ଥା ଅଛି । ବିଛଣା କାନ୍ଧରେ ବୋହି ନେବାକୁ ପଡ଼େ ନାହିଁ । ଆରବ ଦେଶର ହୋଟେଲମାନ ଶୟନାଗାର, ଆହାରର ସ୍ଥାନ ନୁହେ । ଆରବଗଣ ଏ ଦିଗରେ ଆମ ଦେଶକୁ ଟପି ଯାଇଛନ୍ତି । ଆମେ ତ ବର୍ତ୍ତମାନ ସୁଦ୍ଧା ସେହି ଫିଉଡ଼ାଲ ଅବସ୍ଥାରେ ପଡ଼ି ରହିଛୁ ।

ହୋଟେଲର ମାଲିକ ମୋତେ ପର୍ଯ୍ୟଟକ ଭାବରେ ଗ୍ରହଣ କରି ଖୁବ୍ ଆନନ୍ଦିତ ହେଲେ ସତ; କିନ୍ତୁ ଯେଉଁ ଲୋକଟି ମୋତେ ତାଙ୍କ ହୋଟେଲ ଦେଖାଇ ଦେଇଥିଲା, ସେ ପୋଲିସର ଲୋକ । ସେଥି-ପାଇଁ ସେ ଦୁଃଖିତ ହୋଇଥିଲେ । ଫରାସୀ ଅଧିକୃତ ଉପନିବେଶ ଗୁଡ଼ିକରେ ପୋଲିସର ଅତ୍ୟାଚାର ଭୀଷଣ । ଫ୍ରାନ୍ସରେ ମଧ୍ୟ ଫରାସୀ ପୋଲିସ ନିଜର ଜାତିକୁ ସ୍ନେହ ଦୃଷ୍ଟିରେ ଦେଖେ ନାହିଁ । କିନ୍ତୁ ଆରବ ଲହୁଣୀ ପିତୁଳା ନୁହେ ଯେ, ଖରାତେଜ ଲାଗିଲା ମାତ୍ରକେ ତରଳି ପଡ଼ିବ । ଆରବ ଜାତି ଅତ୍ୟାଚାର ସହ୍ୟ କରେ ନାହିଁ, ନିଜର ଜୀବନ ଦେଇ ମଧ୍ୟ ଅପମାନର ପ୍ରତିଶୋଧ ନିଏ; କିନ୍ତୁ ଧନିକ-ଗଣ ସାଧାରଣତଃ ବିଳାସୀ । ବିଳାସିଗଣ ଅପମାନ ସହ୍ୟ କରନ୍ତି, କିନ୍ତୁ ଶାରୀରିକ କଷ୍ଟ ସହ୍ୟ କରିବାକୁ କୁଣ୍ଠିତ ହୁଅନ୍ତି । ହୋଟେଲର ମାଲିକ ଜଣେ ଧନୀ ଆରବ । ସେଥିପାଇଁ ସେ ଟିକିଏ ଦୁଃଖିତ ହୋଇ ଥିଲେ । ଗାଧୋଇ ସାରି ପାଖରେ ଗୋଟିଏ ରେସ୍ତୋରାଁରୁ ଖାଇ ଆସି ବିଶ୍ରାମ ନେବା ଉଦ୍ଦେଶ୍ୟରେ ଦ୍ୱାର ବନ୍ଦ କରିବାକୁ ଯାଉଛି, ଏତିକି-ବେଳେ ଜଣେ ପୋଲିସ ଆସି କହିଲା, 'ଚବିଶଘଣ୍ଟା ମଧ୍ୟରେ ମୋତେ ସିରିଆ ଛାଡ଼ି ଚାଲିଯିବାକୁ ହେବ ।' ପୁଲିସ ଜାତିରେ ଆରବ । ସେ ସେତିକି କହି ସାରି ଇଂରାଜୀରେ କହିଲା—'ଏଥିପାଇଁ ବ୍ୟସ୍ତ ହେବେ ନାହିଁ, ଇଚ୍ଛାକଲେ ଆହୁରି ପନ୍ଦରଦିନ ରହି ପାରିବେ । ସ୍ଥାନୀୟ

ଇମିଗ୍ରେସନ ଅଫିସର ଜଣେ ଆରବ । ଆପଣ ତାଙ୍କ ସଙ୍ଗରେ ସାକ୍ଷାତ୍ କଲେ ସବୁ ସୁବଧା ହୋଇଯିବ ।' ଏତକ କହି ସେ ଚାଲିଗଲା ପରେ ମୁଁ ବିଛଣା ଧରିଲି ।

ଉପରଓଳଟାଯାକ ଶୋଇ ଶୋଇ କଟାଇଲି । ରାତିରେ ଗୋଟିଏ କାଫେରେ ଯାଇ ବସିଲି । ମୋ ପାଖରେ ଯେଉଁମାନେ ବସିଥିଲେ, ତାଙ୍କ ମଧ୍ୟରେ କେତେକ ଗଣ୍ୟମାନ୍ୟ ବ୍ୟକ୍ତି ଥିଲେ । ମୋର ପୋଷାକ, ସାଇକେଲ ଆଉ ମୋର ଦେହର ରଙ୍ଗ ସମସ୍ତଙ୍କ ଦୃଷ୍ଟିର କେନ୍ଦ୍ରସ୍ଥଳ ହୋଇଥିଲା । ଜଣେ ଭଦ୍ରଲୋକ ମୋର ଟେବୁଲ ପାଖକୁ ଆସି ପରିଚୟ ପଚାରିଲେ । ତାଙ୍କର ଧାରଣା ଥିଲା, ଭାରତର ପ୍ରତ୍ୟେକ ନରନାରୀ ତାଙ୍କର ଭଳି; କିନ୍ତୁ ତାଙ୍କର ସେ ଧାରଣା ମୋ ସାଙ୍ଗରେ କଥା କହି ଦୂର ହୋଇଗଲା । ସେ ମୋତେ ଆଉ ଜଣେ ଭଦ୍ରଲୋକଙ୍କ ସହ ପରିଚୟ କରାଇ ଦେଲେ । ସେ ଜଣେ ସରକାରୀ କର୍ମଚାରୀ, ଫରାସୀ ଆଉ ଇଂରାଜୀ ଭଲ କହି ବୋଲି ପାରନ୍ତି ।

କଥା ପ୍ରସଙ୍ଗରେ ସେ ମୋଠାରୁ ଭାରତବର୍ଷ ସମ୍ବନ୍ଧରେ ଅନେକ ସଂବାଦ ସଗ୍ରହ କଲେ । ମୁଁ ମଧ୍ୟ ଯେତେଦୂର ସମ୍ଭବ ଭାରତବର୍ଷ ସମ୍ବନ୍ଧରେ ତାଙ୍କୁ ସତ୍ୟ ସମ୍ବାଦ ଦେଉଥିଲି । କଥା ଶେଷରେ ମୋ ପ୍ରତି ଯେଉଁ ଆଦେଶ ଜାରି କରାହୋଇଛି, ସେ ସମ୍ବନ୍ଧରେ କହିବାରୁ ସେ ମୋର ପାସପୋର୍ଟ ଆଉ ଆଦେଶପତ୍ର ଭଲ ଭାବରେ ଦେଖି କହିଲେ, "ଆପଣ କାଲି ସକାଳେ ଇମିଗ୍ରେସନ ଅଫିସକୁ ଯାଇ ମୋର ଏହି ବନ୍ଧୁଙ୍କ ସହ ଦେଖାକଲେ ଆପଣଙ୍କର ସବୁ ସୁବଧା ହୋଇଯିବ । ଏଠାରେ ବସି ଯଦି ଜଣେ 'ଜାଗାୟୁବାସୀ ହିନ୍ଦୁକୁ ସାହାଯ୍ୟ କରିପାରେ, ତେବେ ଜୀବନରେ ଗୋଟିଏ ଭଲକାମ

କରି ପାରିଛି ବୋଲି ଗର୍ବ ଅନୁଭବ କରିବ ।" ଭଦ୍ରଲୋକଙ୍କ କଥା ଶୁଣି ମୁଁ ଆନନ୍ଦିତ ହୋଇଥିଲି । ରାତି ଦୁଇଟାଯାକେ ସେମାନଙ୍କ ସଙ୍ଗରେ ସମୟ କଟାଇ ବସାକୁ ଫେରିଲି ।

ଏମାନେ ସମସ୍ତେ ସୁନ୍ନି ମୁସଲମାନ । ସିରିଆର ସଂଖ୍ୟାଗରିଷ୍ଠ ଦଳ ହେଲେ ସୁନ୍ନି ସଂପ୍ରଦାୟ । ସମସ୍ତ ରାଜନୈତିକ ଅଫିସ ତାଙ୍କରି ହାତରେ । ଥରେ ଦାମସ୍କସ୍‌ରେ ଭୟଙ୍କର ଗଣ୍ଡଗୋଳ ହୋଇଥିଲା । ପ୍ରଥମେ ସିହା ସୁନ୍ନିଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହେଲା; କିନ୍ତୁ ସୁନ୍ନିଗଣ ଶୃଙ୍ଖଳିତ କରି ସେହି ଗଣ୍ଡଗୋଳକୁ ସାର୍ବଜନୀନ କରି ପକାଇଲେ । ଫଳରେ ବୈଦେଶିକ ମୂଳଧନରେ ପରିଚାଳିତ ସ୍ଥାନୀୟ ଟ୍ରାମ୍‌କୋମ୍ପାନୀ ବର୍ତ୍ତମାନ ସୁଦ୍ଧା ଅଚଳ ହୋଇ ପଡ଼ିଛି । ପରଦିନ ଦେଖିଲି ପ୍ରତି ରାସ୍ତାଉପରେ ଟ୍ରାମ ଲାଇନ ପଡ଼ିଛି; କିନ୍ତୁ ଗାଡ଼ି ନାହିଁ । ସହରଟି ଛୋଟ ବୋଲି ଟ୍ରାମ ନ ଥିବାରୁ ସେତେ ବେଶୀ କଷ୍ଟ ହୁଏ ନାହିଁ; କିନ୍ତୁ କଲିକତା ସହରରେ ଟ୍ରାମ ନ ଥିଲେ ଆମ୍ଭମାନଙ୍କର କେତେ କଷ୍ଟ ହୁଅନ୍ତା, ଆଉ କେତେ ଲୋକ ଯେ ବେକାର ହୋଇ ବସି ରହନ୍ତେ, ତାର ହିସାବ ରଖିବା କଷ୍ଟ ହୋଇ ପଡ଼ନ୍ତା । ମୁଁ ଯନ୍ତ୍ରର ବଡ଼ ପକ୍ଷପାତୀ, ସେଥିପାଇଁ ଦାମସ୍କସ୍‌ରୁ ଟ୍ରାମ ଉଠିଯିବାରେ ଦୁଃଖିତ ହୋଇଥିଲି, ଆନନ୍ଦିତ ହୋଇନାହିଁ । ଗୋରୁ ଗାଡ଼ିର ଯୁଗକୁ ଫେରିଯିବା ମୋର ଆଦୌ ଇଚ୍ଛା ନାହିଁ ।

ଦାମସ୍କସ୍ ସହରରେ ରେସ୍ତୋରାଁ ବହୁ ପରିମାଣରେ ଅଛି । ରାନ୍ଧି ଖାଇବାକୁ ଯେପରି କାହାରି ଇଚ୍ଛା ନାହିଁ । ସମସ୍ତେ ରେସ୍ତୋରାଁରେ ଖାଇ ତୃପ୍ତ ହୁଅନ୍ତି । ଏହି ରେସ୍ତୋରାଁ ଗୁଡ଼ିକ ରାଜନୀତିଜ୍ଞମାନଙ୍କର ମିଳନ ସ୍ଥାନ, ଚୋର ଡକାଏତଙ୍କର ଆଡ୍ଡା, ଆଉ କୂଟନୈତିକ-

ମାନଙ୍କର ବିଶ୍ରାମ ସ୍ଥାନ । ରେସ୍ତୋରାଁରେ ବଡ଼ପାଟିରେ କେହି କଥା ହୁଅନ୍ତି ନାହିଁ । ରାଜନୀତି ବିଷୟରେ ଭଲଭାବରେ ତର୍କ ଯୁଦ୍ଧ ଚାଲିଛି । ଅଥଚ ଅନ୍ୟ ଟେବୁଲରେ ବସିବା ଲୋକେ ତାର ସନ୍ଧାନ ପାଆନ୍ତି ନାହିଁ । ଯେଉଁମାନେ ରାଜନୀତି ଆଲୋଚନା କରନ୍ତି, ଢୋଲ ପିଟି ବାହାଦୁରୀ ଦେଖାନ୍ତି ନାହିଁ, ନୀରବରେ କାମ କରି ଯାଆନ୍ତି ।

ମୁଁ ଯେଉଁ ସମୟର କଥା କହୁଛି, ସେତେବେଳେ ଇଟାଲୀ ଆବିସିନିୟା ଉପରେ ଆକ୍ରମଣ କରିଥାଏ, ଜାପାନ ମାଞ୍ଚୁରିଆ ଦଖଲ କରି ନେଇଥାଏ । ଭାରତରେ ଅସହଯୋଗ ଆନ୍ଦୋଳନ ଜୋରରେ ଚାଲିଥାଏ । ତାଙ୍କ ମଧ୍ୟରେ ସେତେବେଳେ ଆଲୋଚନା ଚାଲିଥାଏ, ସିରିଆ ସ୍ୱାଧୀନ ହେବ କି ପରାଧୀନ ହୋଇ ରହିବ । ହିଟଲର ଶକ୍ତିଶାଳୀ ହୋଇ ଉଠିଛି । ଷ୍ଟାଲିନ୍ ଲୌହଯବନିକା ଭିତରେ ରୁଷ୍ ଦେଶକୁ ପ୍ରସ୍ତୁତ କରୁ ଥାଆନ୍ତି, ଆଉ ଟ୍ରଟସ୍କି ଉଚ୍ଚସ୍ୱରରେ ଷ୍ଟାଲିନଙ୍କର ମୃତ୍ୟୁ-କାମନା କରୁ ଥାଆନ୍ତି । ଔପନିବେଶିକ ଦେଶଗୁଡ଼ିକ ଷ୍ଟାଲିନ୍ ଏବଂ ଟ୍ରଟସ୍କିଙ୍କର ମତାନ୍ତରକୁ ନିଜ ଭିତରକୁ ଟାଣି ଆଣୁ ଥାଆନ୍ତି । ସିରିଆ ସେଇ ଟଣା ଓଟରା ଭିତରେ ପଡ଼ିଥିଲା । ସୁଖର କଥା, ମୁଁ ଏ ବିଷ-ୟରେ ନୀରବତା ଅବଲମ୍ବନ କରିଥିବାରୁ ବଡ଼ ବିପଦରୁ ରକ୍ଷା ପାଇ ଯାଇଛି । ଆଜି ଯେଉଁମାନଙ୍କ ଭିତରେ ଘନିଷ୍ଠ ବନ୍ଧୁତା, କାଲି ଏହି ମତବାଦ ଫଳରେ ସେମାନଙ୍କ ଭିତରେ ପ୍ରବଳ ଶତ୍ରୁତା ଓ ହାଣକାଟ, ଗୁଳିକାଣ୍ଡ ଅନବରତ ଚାଲିଥିଲା । କିଏ କହିବ ସିରିଆ ରାଷ୍ଟ୍ରନୀତି ଦିଗରୁ ପଶ୍ଚାଦ୍‌ପଦ ? କ୍ରମାଗତ ଆଗେଇ ଚାଲିଛି ସେ । ବନ୍ୟାର ସ୍ରୋତରେ ଭସାଇ ଦେଇଛି ଧର୍ମର ବୈଷମ୍ୟ । ମୁଁ ସେତିକିବେଳେ ସିରିଆର ଗାଁ ଗାଁ ବୁଲିଛି । ସେହି ପୁରାତନ ସ୍ମୃତି ମନେ ପଡ଼ିଲେ ବର୍ତ୍ତମାନ ମଧ୍ୟ ଆନନ୍ଦରେ ଆତ୍ମହରା ହୋଇ ଉଠେ ।

ଗାଡ଼ିରେ ବସାକୁ ଫେରିଲା ବେଳେ ଜଣେ ଦୁ ଜଣ ପୋଲିଶ ମୋର ପାଶ୍‌ପୋର୍ଟର ନମ୍ବର ଟିପି ନେଇଥିଲେ । ଅନେକ କହିଥିଲେ, 'ପାକିଡ଼ି' । 'ପାକିଡ଼ି' ଶବ୍ଦର ଅର୍ଥ ହେଉଛି, 'ଯା ଚାଲି', ହେୟ ସୂଚକ କଥା । ମୁଁ ତାଙ୍କ କଥାର ଉତ୍ତର ନ ଦେଇ ହୋଟେଲକୁ ଫେରି ଦ୍ୱାର ଖୋଲିବାକୁ ଯାଉଛି । ହୋଟେଲ ମାଲିକ ଆସି କହିଲେ, "ପୋଲିଶ ଆସି ଆପଣଙ୍କୁ ଖୋଜୁଥିଲା ।" ମୁଁ ତାଙ୍କୁ କହିଲି, "ଭୟର କାରଣ କିଛି ନାହିଁ । କାଲି ସବୁ ଠିକ୍ ହୋଇ ଯିବ ।" ମୋତେ ଟିକିଏ ମୋଡ଼ା ଭଡ଼ା କରିଦେବାକୁ ହୋଟେଲରେ କେହି ଲୋକ ଅଛି କି ନାହିଁ ପଚାରିବାରୁ ସେ କହିଲେ, "ମୋ ବସାକୁ କେହି ଆସିବେ ନାହିଁ । ପୋଲିଶ୍‌ର ନଜରରେ ପଡ଼ିବାକୁ କେହି ରାଜି ନୁହନ୍ତି ।" ମୁଁ କୋଠରୀ ଭିତରକୁ ଯାଇ ଭିତର ପାଖରୁ ଦ୍ୱାର ବନ୍ଦ କରି ସିରିଆର ମାନଚିତ୍ର ଦେଖୁଥିଲି ।

ପରଦିନ ସକାଳୁ ବଡ଼ ବଡ଼ ମସଜିଦ୍ ଗୁଡ଼ିକ ଦେଖିବାକୁ ଗଲି । ବାହାରେ ଥାଇ ମସଜିଦ୍‌ର କାରୁକାର୍ଯ୍ୟ ଦେଖିଲି । ମସଜିଦ୍‌ର ଭିତରକୁ ଯିବାକୁ କୌଣସି ନିଷେଧ ନାହିଁ । କେବଳ ବାହାରେ ଜୋତା ଖୋଲି ରଖିଲେ ହେଲା । ସହରର ପ୍ରାଚୀନତମ ମସଜିଦ୍‌ଟି ଦେଖିସାରି ଜଣେ ଭଦ୍ର ଲୋକଙ୍କୁ ପଚାରିଲି, "ଏଠାରେ ଆଉ କୌଣସି ଧର୍ମମନ୍ଦିର ଅଛି କି ନାହିଁ ?" ସେ ଅନେକଗୁଡ଼ିଏ ଗୀର୍ଜାର ନାମ ମୋର ନୋଟ ବହିରେ ଲେଖି ଦେଇ ଧୀରେ ହସି କହିଲେ, "ଏଠାରେ ଆଗା ଖାଁ ମତାବଲମ୍ବୀମାନଙ୍କର ଗୋଟିଏ ଗୀର୍ଜା ଅଛି; କିନ୍ତୁ ସେଠାକୁ ଆପଣଙ୍କ ପ୍ରବେଶ ପଥ ବନ୍ଦ । ବାହାରରୁ ଦେଖିଆସି ପାରନ୍ତି ।" ଭଦ୍ର ଲୋକଙ୍କୁ ଧନ୍ୟବାଦ ଜଣାଇ ସେ ଦିନକ ପାଇଁ ମୋର ଭ୍ରମଣ ଶେଷ-କରି ଇମିଗ୍ରେସନ ଅଫିସକୁ ଗଲି । ସେଠାରେ ପୂର୍ବ ପରିଚିତ ଭଦ୍ର ଲୋକଙ୍କ ସହ ସାକ୍ଷାତ କଲାପରେ ସେ 'ଟ୍ରାନଜିଟ' ଭିସାକୁ ବର୍ଷକର

ଭିସା କରିଦେଲେ । ନୂତନ ଭିସା ସାହାଯ୍ୟରେ ମୁଁ ସିରିଆରେ ବର୍ଷେ କାଳ ରହି ପାରିବାର ଅନୁମତି ପାଇଥିଲି । ଫରାସୀ କଷ୍ଟମ ଅଫି-ସରଙ୍କ କ୍ଷମତା ମଧ୍ୟ ଏଇଯାଏ ଥିଲା । ଏଣିକି ମୁଁ ନିଶ୍ଚିନ୍ତରେ ସହରଟା ବୁଲି ଦେଖିବାକୁ ବାହାରିଲି ।

ସୁନ୍ନି ସମ୍ପ୍ରଦାୟର ମସଜିଦ୍ ସବୁବେଳେ ସମସ୍ତଙ୍କ ପାଇଁ ଖୋଲା ଥାଏ । ରାତିରେ ମସଜିଦ୍ ଅଗଣାରେ ଲୋକେ ଶୋଇ ପାରନ୍ତି; କିନ୍ତୁ ସିହାମାନଙ୍କର ମସଜିଦ୍‌କୁ କେବଳ ନମାଜ ସମୟରେ ଯିବାକୁ ହୁଏ । ଆଗ ଖାଁ ସମ୍ପ୍ରଦାୟର ନମାଜ ସ୍ଥାନକୁ ମସଜିଦ୍ କହନ୍ତି ନାହିଁ, ଜମାୟେତ୍ କହନ୍ତି । ତାଙ୍କର ଜମାୟେତ୍‌ର ଗଠନ ମସଜିଦ୍‌ପରି ନୁହେଁ—ଯେପରି ଗୋଟାଏ ବଡ଼ କୋଠା । ସିହା ସମ୍ପ୍ରଦାୟ ପରିଚାଳିତ ନାଧୀନ ହିନ୍ଦ ମସଜିଦ୍‌କୁ ମୁଁ ମୋର ସଙ୍ଗୀମାନଙ୍କୁ ନେଇ ଯାଇ-ଥିଲି । କେତେଜଣ ଭାରତୀୟ ବୋରା ଶ୍ରେଣୀର ବମ୍ବେର ଲୋକ ସସ୍ତ୍ରୀକ ହଜ୍ କରିବାକୁ ଯାଇଥିଲେ । ସେମାନେ ମଧ୍ୟ କିଛିଦିନ ବିଶ୍ରାମ ନେବା ପାଇଁ ସେଠାରେ ରହିଥିଲେ । ମୋତେ ଦେଖି ସେମାନେ ବଡ଼ ଆନନ୍ଦିତ ହୋଇଥିଲେ ଏବଂ ତାଙ୍କ ସଙ୍ଗରେ ରହିବାକୁ ମୋତେ ଅନୁରୋଧ କରିଥିଲେ । ମୁଁ ରହିଲି ନାହିଁ ସତ; କିନ୍ତୁ ମଝିରେ ମଝିରେ ତାଙ୍କ ତମ୍ବୁକୁ ଯାଇ ଡାଲି ଭାତ ଖାଇ ଆସୁଥିଲି ।

ଦାମସ୍କସ୍‌ରୁ ପୀଚଢ଼ଳା ଗୋଟିଏ ବଡ଼ କଳା ରାସ୍ତା ବେରୁତ ଆଡ଼କୁ ଚାଲି ଯାଇଛି । ରାସ୍ତାଟି ଦେଖିବାକୁ ବୁଲି ବାହାରିଛି, ଏତିକି ବେଳେ ରାସ୍ତାର ଦକ୍ଷିଣ ଦିଗରେ ଗୋଟିଏ ବଙ୍ଗଳା ଘର ଦେଖି ତା' ସମ୍ମୁଖରେ ଯାଇ ଛିଡ଼ା ହେଲି । ଘରର ମାଲିକ ଜଣେ ଆରବୀ, ଧର୍ମରେ ଖ୍ରୀଷ୍ଟାନ । ଖ୍ରୀଷ୍ଟାନ୍ ଧର୍ମ ଯେଉଁମାନେ ମାନି ଚଳନ୍ତି, ସେମାନେ ପର୍ଦ୍ଦା ମାନନ୍ତି ନାହିଁ । ଘର ସମ୍ମୁଖରେ ଗୋଟିଏ ବଗିଚା । ବଗିଚା-

ଟିର ସୌନ୍ଦର୍ଯ୍ୟ କେବଳ ମୋତେ ଟାଣି ରଖିଥିଲା । ମୁଁ ଯେତେବେଳେ ବଗିଚ୍ଚ ଦେଖୁଥିଲି, ସେତେବେଳେ ଘରଭିତରୁ ଜଣେ ମହିଳା ବାହାରି ଆସି ଫରାସୀ ଭାଷାରେ ମୋର ପରିଚୟ ପଚାରିଲେ । ମୁଁ ଇଂରାଜୀରେ ଉତ୍ତର ଦେବାରୁ ସେ ମଧ୍ୟ ମୋ ସହିତ ଇଂରାଜୀରେ କଥାବାର୍ତ୍ତା କରିଥିଲେ । ମୋତେ ତାଙ୍କ ଘର ଭିତରକୁ ଡାକିନେଇ ବୈଠକ-ଖାନାରେ ବସାଇଲେ । ଭାରତବର୍ଷ ସମ୍ବନ୍ଧରେ ଅନେକ କଥା ପଚାରିଲା ପରେ ମୋତେ ପୁଣି ସନ୍ଧ୍ୟାବେଳକୁ ତାଙ୍କ ଘରକୁ ନିମନ୍ତ୍ରଣ କଲେ । ମୁଁ ସେଥିରେ ଅସମ୍ମତି ଜଣାଇଲି । ସେତେବେଳେ ବାଧ୍ୟ ହୋଇ ସେ ଆହୁରି ଅନେକ କଥାବାର୍ତ୍ତା ଆରମ୍ଭ କଲେ । ମୁଁ ତାଙ୍କୁ ପଚାରିଲି, "ଏଇ ସହରରେ ଖ୍ରୀଷ୍ଟାନ୍‌ମାନଙ୍କ ସଂଖ୍ୟା ଖୁବ୍ କମ୍, ଆପଣମାନେ ପର୍ଦ୍ଦା ବ୍ୟବହାର ନ କରି ବାହାରକୁ କିପରି ଯାଆନ୍ତି ?" ମୋ କଥା ଶୁଣି ସେ ଆଶ୍ଚର୍ଯ୍ୟ ହେଲେ । କହିଲେ, "ଯିବୁ ନାହିଁ କାହିଁକି, ଏଥିରେ ତ କୌଣସି ଆପତ୍ତି ନାହିଁ କି ବାଟଘାଟରେ କେହି ଅପମାନ ଦେବାର ଭୟ ନାହିଁ !" କଥା ନ ବଢ଼ାଇ ଭାବିଲି, ଏହା ନିଶ୍ଚୟ ଦେଶ ଏବଂ ସ୍ଥାନର ମହାତ୍ମ୍ୟ । କେତେଜଣ ମାନି ଆରବ ଖ୍ରୀଷ୍ଟାନ ତାଙ୍କର ପ୍ରଚଳିତ ପ୍ରଥା ମାନି ଚଳୁଛନ୍ତି, ଅଥଚ ତାଙ୍କ ପ୍ରତି କେହି କୌଣସି ପ୍ରକାର ଅନ୍ୟାୟ ବ୍ୟବହାର କରୁ ନାହାନ୍ତି ।

ଅନେକ ଭାବନ୍ତି, ଯଦି ସୁନ୍ନି ସଂପ୍ରଦାୟ ଆରବ ଦେଶର କର୍ତ୍ତୃତ୍ୱ ନିଅନ୍ତି, ତାହାହେଲେ ଇହୁଦୀ, ଖ୍ରୀଷ୍ଟାନ ଏବଂ ଅନ୍ୟାନ୍ୟ ସଂପ୍ରଦାୟ ତହିଁରେ ବାଧା ଦେବେ; କିନ୍ତୁ ଏ କଥାର କୌଣସି ଭିତ୍ତି ନାହିଁ । ଅନେକ ଇହୁଦୀଙ୍କ ସହିତ ମୁଁ କଥାବାର୍ତ୍ତା କରିଛି, ସେମାନେ ମଧ୍ୟ କହିଛନ୍ତି, ଧର୍ମ ଆଉ ରାଷ୍ଟ୍ର ସ୍ୱତନ୍ତ୍ର ପଦାର୍ଥ । ରାଷ୍ଟ୍ର ସମ୍ବନ୍ଧରେ ଯେତେବେଳେ କଥା ପଡ଼ିବ, ସେଇଟା ହେବ ସମଗ୍ର ଜାତିର କଥା,

ଧର୍ମର କଥା ନୁହେଁ । ଆରବବାସୀ ଧର୍ମ ଆଉ ଜାତୀୟ ଜୀବନକୁ କେବେହେଲେ ଏକାଠି କରିବାକୁ ଚାହାନ୍ତି ନାହିଁ । ଭଦ୍ରମହିଳାଙ୍କ କଥାରୁ ବୁଝିଲି, ସେମାନେ ଆରବ ଦେଶର ସ୍ୱାଧୀନତା ଚାହାନ୍ତି । ଦେଶ କାହାଦ୍ୱାରା ଶାସିତ ହେବ ସେ ପଛକଥା; କାରଣ ବର୍ତ୍ତମାନର ମାନବ ସମାଜ ପ୍ରଗତି ପଥରେ ଅନେକ ଆଗେଇ ଯାଇଛି, ଧର୍ମର ପାର୍ଥକ୍ୟ ଦ୍ୱାରା କାହାର କୌଣସି କ୍ଷତି ହେବାର ସମ୍ଭାବନା ନାହିଁ ।

ଥରେ କାନାଡ଼ୀୟାନ ସିପାହୀଗଣ ଦାମସ୍କସକୁ ଆସିଥିଲେ । ତାଙ୍କର ଆଚରଣ ବ୍ୟବହାର ଖୁବ୍ ଭଲ; କିନ୍ତୁ ସେମାନେ ଧର୍ମ ସମ୍ବନ୍ଧରେ ନାନା କଥା କହି ଲୋକଙ୍କୁ ଉତ୍ତ୍ୟକ୍ତ କରି ପକାଇଲେ । ସେମାନେ ଚାଲିଗଲା ପରେ ଦାମସ୍କସର ଲୋକେ ଖୁବ୍ ଶାନ୍ତିରେ ଥିଲେ । ଫରାସୀ ସିପାହୀଗଣ ଧର୍ମ ସମ୍ବନ୍ଧରେ କୌଣସି ପ୍ରଶ୍ନ ଉଠାନ୍ତି ନାହିଁ, ସେମାନେ କେବଳ ମଉଜ ମଜଲିସ୍ କରି ସମୟ କଟାଇ ଦେବାକୁ ଚାହାନ୍ତି । ସ୍ଥାନୀୟ ଲୋକେ ଫରାସୀ ଶାସନରେ କେହି ଶାନ୍ତିରେ ନାହାନ୍ତି । ଫରାସୀଗଣଙ୍କର ଶୋଷଣ ନୀତି ଭୀଷଣ ମାରାତ୍ମକ । ସାଧାରଣ ଲୋକେ ଅବଲମ୍ବେ ସର୍ବସ୍ୱାନ୍ତ ହୋଇ ପଡ଼ନ୍ତି । ଫରାସୀଗଣ ରୋମାନ୍ କାଥଲିକ୍ । ଏହି ଭଦ୍ରମହିଳା ମଧ୍ୟ ନିଷ୍ଠାପର ରୋମାନ କାଥଲିକ୍; କିନ୍ତୁ ଫରାସୀମାନଙ୍କ ପ୍ରତି ତାଙ୍କର ଟିକିଏ ହେଲେ ସହାନୁଭୂତି ନାହିଁ । ଅନ୍ନକଷ୍ଟ ଯେଉଁଠାରେ ପ୍ରବଳ, ଧର୍ମର ବନ୍ଧନ ସେଠାରେ ତିଷ୍ଠି ପାରିବ ନାହିଁ । ସବୁଠାରେ କିନ୍ତୁ ଏ କଥା ଚାଲିବ ନାହିଁ । ଯାହାଙ୍କ ଭିତରେ ସାଧାରଣ ଶିକ୍ଷା ରହିଛି, ଜାତୀୟ ଭାବ ଜାଗି ଉଠିଛି, ସେମାନଙ୍କ ପକ୍ଷରେ କେବଳ ଏ ନିୟମ ଚାଲିବ । ଯେଉଁଠାରେ ବର୍ତ୍ତମାନ ସୁଦ୍ଧା ସାଧାରଣ ଲୋକେ ଭଗବାନଙ୍କ ଉପରେ ସମସ୍ତ ଦୋଷ ଲଦିଦେଇ ନିରୀହ ଛେଳିପରି କଂସାଇ ଘରକୁ

ଯାଇ ମରନ୍ତି, ସେମାନଙ୍କ ପାଇଁ ଏହି ନିୟମ ଏକାବେଳେକେ ଅଚଳ ।

ଦ୍ୱିପହରେ ମହିଳାଙ୍କ ଘରୁ ବାହାରି ହୋଟେଲକୁ ଫେରି ଆସିଲାବେଳେ ଜଣେ ସିରିଆ ରେଶମ ବ୍ୟବସାୟୀଙ୍କ ସହ ସାକ୍ଷାତ ହେଲା । ସେ ମୋତେ ତାଙ୍କ ଦୋକାନକୁ ଡାକି ନେଇଗଲେ । ଦୋକାନଟି ଶ୍ରେଷ୍ଠ, ଦିନବେଳେ ମଧ୍ୟ ଦୋକାନ ଭିତରେ ଅନେକ ଗୁଡ଼ିଏ ବିଜୁଳି ଆଲୁଅ ଜଳୁଥିଲା । ଦୋକାନ ଭିତରକୁ ଯାଇ ଦେଖିଲି, କେତେଜଣ କ୍ରେତା ରେଶମ କିଣିବାରେ ଲାଗି ପଡ଼ିଛନ୍ତି । ସେମାନଙ୍କ ମଧ୍ୟରୁ ଆରବଙ୍କ ସଂଖ୍ୟା ବେଶୀ । ସ୍ତ୍ରୀଲୋକ ମଧ୍ୟ ଅଛନ୍ତି । ଆରବ ମହିଳାଗଣ ବୋରଖା ପିନ୍ଧି ବଜାରକୁ ଯିବା ଆସିବା କରନ୍ତି । ବିକା କିଣା କରିବାରେ କୌଣସି ନ୍ୟାୟ ସଙ୍ଗତ କଥା କହିବାକୁ ସେମାନଙ୍କୁ କେହି ବାଧା ଦିଅନ୍ତି ନାହିଁ । ତାଙ୍କ ସଙ୍ଗରେ ପରିବାରର କୌଣସି ଲୋକ ମଧ୍ୟ ରହନ୍ତି ନାହିଁ । ମୁଁ ଭାବିଲି, ଏମାନେ କେବଳ 'ବୋରଖା ପିନା ପିନ୍ଧନ୍ତି; କିନ୍ତୁ ଏମାନେ ଆମ ଦେଶର ସ୍ତ୍ରୀମାନଙ୍କ ଅପେକ୍ଷା ଅନେକ ଗୁଣରେ ସ୍ୱାଧୀନ ।

ଆମେ ଦୋକାନରେ ନ ବସି ଦୋକାନ ଭିତରେ ପ୍ରାଇଭେଟ ଚେମ୍ବରରେ ବସି କଥାବାର୍ତ୍ତା କଲୁ । ଦୋକାନୀଟି ପୁରୁଣା ଯୁଗର ମତବାଦୀ । ତାଙ୍କର ଅନ୍ୟାନ୍ୟ କର୍ମଚାରୀଗଣ ନୂତନତ୍ୱର ପୂଜାରୀ । ଏହି ସମ୍ପର୍କରେ ସେ ଅନେକ କଥା ଆରମ୍ଭ କଲେ । ପ୍ରଥମେ ସେ ସିରିଆ ଅଧିବାସୀଙ୍କର ସ୍ୱାଧୀନତା ସଂଗ୍ରାମକୁ ପ୍ରଶଂସା କଲେ, ପଛରେ ପୁଣି ସେମାନେ ଇଉରୋପୀୟଙ୍କ ବେଶ ଭୂଷାର ଅନୁକରଣ କରୁଛନ୍ତି ବୋଲି ନିନ୍ଦା କଲେ । ମୁଁ ତାଙ୍କ କଥାର କୌଣସି ପ୍ରତିବାଦ ନ କରି କେବଳ ନୀରବରେ ଶୁଣି

ଯାଉଥିଲି । କିନ୍ତୁ ତାଙ୍କର ପୁଅ ପ୍ରତିବାଦ ନ କରି ଛାଡ଼ୁ ନ ଥିଲା । ଆହୁରି ମଧ୍ୟ ଲକ୍ଷ୍ୟକରି ଦେଖିଲି, ଦୋକାନୀ ଭଦ୍ରଲୋକ କେବଳ ସ୍ୱ ଗୃହ କଥା ହୋଇ ମୋତେ ଛାଡ଼ି ଦେବାକୁ ବସିଥିଲେ; କିନ୍ତୁ ପିଲାଦଳ ମୋତେ ଅଟକାଇ ରଖିଲେ ଏବଂ ତାଙ୍କ ଘରକୁ ଖାଇବା ପାଇଁ ଡାକିଲେ । ବୃଦ୍ଧ ଭଦ୍ରଲୋକ ମହା ବିପଦରେ ପଡ଼ିଲେ । ଏଭଳି ମହାର୍ଘ ସ୍ଥାନରେ ଜଣେ ଲୋକ ବିନା କାରଣରେ ଖାଇଯିବ, ଏହି କ୍ଷତି କିଏ ସହିବ ! ଏହା ଭାବି ସେ ମୁଣ୍ଡରେ ହାତ ଦେଇଥିଲେ । ପିଲାମାନେ ମୋତେ ଖୁବ୍ ଆଦର ଯତ୍ନ-କରି ଯଥେଷ୍ଟ ଖୁଆଇଲେ, ପୁଣି ବିଦାୟ ବେଳରେ ଦେଢ଼ଶହ ଫ୍ରାଙ୍କ୍ ମୋ ପକେଟରେ ଗୁଞ୍ଜି ଦେଲେ । ବୁଢ଼ା ଆଉ ସହି ନ ପାରି ମୋତେ ତାଙ୍କ ଘର ଛାଡ଼ି ବାହାରି ଯିବାକୁ କହିଲେ । ମୁଁ ମଧ୍ୟ ସେଠାରେ ଛିଡ଼ା ନ ହୋଇ ହୋଟେଲକୁ ଫେରି ଆସି ଭାବିଲି, ଏତେ ଟଙ୍କା ପାଇ ମଧ୍ୟ ବୁଢ଼ାର ଧନପିପାସା ମେଣ୍ଟୁ ନାହିଁ ! ସତରେ କଣ ଧନ ପିପାସାର ଅନ୍ତ ନାହିଁ !

ସେଦିନ ସନ୍ଧ୍ୟାବେଳେ ପୁଣି କାଫେଖାନାରେ ଯାଇ ବସିଲି । ଆରବ ଦେଶର କାଫେଖାନା ଗୁଡ଼ିକ ପ୍ରସିଦ୍ଧ । ଯେତେବେଳେ କାହାର କୌଣସି କାମ ନ ଥାଏ, ସେତେବେଳେ ସେମାନେ କାଫେ-ଖାନାରେ ଯାଇ ବସନ୍ତି । କାଫେଖାନା ଗୁଡ଼ିକରେ ବସିବାର ସୁବନ୍ଦୋବସ୍ତ ରହିଛି । ଅନେକ କାଫେରେ ଆରାମ ଚେୟାର ମଧ୍ୟ ରହିଛି । ଆରବର ଅନେକ ଦୋଷ ଗୁଣ ଆମେ ପାଇଛୁଁ । ମୋର ମନେହୁଏ, ଆମ ଦେଶର ହୋଟେଲ ଗୁଡ଼ିକ ମଧ୍ୟ ଆରବ ପ୍ରଥାରେ ଗଢ଼ି ଉଠିଛି । କିନ୍ତୁ ଆରବ ହୋଟେଲର ଦୋକାନ ସମ୍ମୁଖରେ ବୋଷାଇର ବ୍ୟବସ୍ଥା ନାହିଁ । ସେମାନେ ଭିତରେ ରାନ୍ଧନ୍ତି ଏବଂ ବାହାରେ ଖାଆନ୍ତି । ଆମ ଦେଶରେ ରନ୍ଧାହୁଏ ଦ୍ୱାରପାଖରେ, ଲୋକେ

ଭିତରେ ବସି ଖାଆନ୍ତି । ଏଇଠାରେ ଆରବ ପ୍ରଥା ସହିତ ଆମର ଅମେଳ; କିନ୍ତୁ ଆରବର ଶ୍ରେଷ୍ଠ ଶ୍ରେଷ୍ଠ ଦୋକାନ ଗୁଡ଼ିକରେ ଆମ ଦେଶର ମିଠାଇ ଦୋକାନ ପରି ଦ୍ୱାର ପାଖରେ ରନ୍ଧାରନ୍ଧି ହୁଏ । ଏହି ଭଳି ଦୋକାନକୁ କୌଣସି ଶିକ୍ଷିତ ଆରବ ଯାଆନ୍ତି ନାହିଁ ।

ସେଦିନ ମୁଁ ଉଚ୍ଚ ଶ୍ରେଣୀର ଆରବ କାଫେକୁ ନ ଯାଇ ଗୋଟିଏ ନିମ୍ନ ସ୍ତରର ଜଳଖିଆ ଦୋକାନରେ ଯାଇ ବସିଲି । କେତେ ଗୁଡ଼ିଏ ଅପରିଷ୍କାର ବାଳକ ବାଳିକା ତେଲରେ ଭଜା ମାଛ କିଣିବା ପାଇଁ ଭିଡ଼ ଲଗାଉ ଥିଲେ । ସେମାନେ ପ୍ରତ୍ୟେକେ ମାଛଭଜା କିଣି ସଙ୍ଗେ ସଙ୍ଗେ ଖାଇ ପକାଉଥିଲେ । ଆରବ ଦେଶରେ ପତ୍ରର ଅଭାବ, ସେଥିପାଇଁ ସମସ୍ତେ ହାତରେ ମାଛଭଜା ନେଉଥିଲେ । ମୁଁ ମଧ୍ୟ ହାତ ପାତି ଛିଡ଼ା ହେଲି । ଦୋକାନୀ ମୋ ଆଡ଼କୁ କେତେଥର ଚାହିଁ ଦୁଇ ଖଣ୍ଡ ମାଛଭଜା ମୋ ହାତରେ ଦେଲା । ତାକୁ ତାର ଦାମ ସ୍ୱରୂପ କୋଡ଼ିଏ ସେଣ୍ଟିମ ଦେଇ ମାଛଭଜା ଖାଇବାକୁ ଲାଗିଲି । ମାଛଭଜା ଗୁଡ଼ିକ ମନ୍ଦ ହୋଇ ନ ଥିଲା, ତେବେ ବେଶୀ ଲୁଣ ପଡ଼ିଥିବାରୁ ମୁଁ ସବୁଯାକ ଖାଇପାରି ନ ଥିଲି । ଇଉ-ରୋପୀୟ ପୋଷାକ ପରିହିତ ଜଣେ ଲୋକକୁ ମାଛଭଜା ଖାଇବାର ଦେଖି ପାଖଆଖ ଦୋକାନରୁ ଲୋକ ଆସି ଭିଡ଼ କଲେ । ଆମ ଦେଶର ଲୋକେ କୌଣସି ବିଦେଶୀ ଭାଷା ଶିଖିବାକୁ ଆରମ୍ଭ କଲା ମାତ୍ରକେ ସେମାନେ ସର୍ବ ପ୍ରଥମେ ବ୍ୟାକରଣ ଶିଖନ୍ତି; କିନ୍ତୁ ଆରବଗଣ ତାହା କରନ୍ତି ନାହିଁ । ସେମାନେ ଶବ୍ଦର ଅର୍ଥ କେବଳ ଶିଖନ୍ତି ଏବଂ ସେହି ଶବ୍ଦ ବ୍ୟବହାର କରନ୍ତି । ସେମାନେ ବ୍ୟାକରଣ ଆଡ଼କୁ ଫେରି ଚାହାନ୍ତି ନାହିଁ । ଆରବ ଦେଶରେ କିନ୍ତୁ ଏ ନିୟମ ନ ଥିଲା । ସେମାନେ ମଧ୍ୟ

ପ୍ରଥମେ ବ୍ୟାକରଣ ଶିଖୁଥିଲେ । ଏବେ ଦରକାର ଅନୁଭବରେ ପୁରୁଣ
ନିୟମ ଗୁଡ଼ିକାକୁ ବାଧ୍ୟ ହୋଇଛନ୍ତି ।

ଲୋକ ଭିଡ଼ରେ ରହିବାକୁ ମୋତେ ଆଦୌ ଭଲଲାଗେ ନାହିଁ
ତେଣୁ ହାତଟା ରୁମାଲରେ ପୋଛିଦେଇ ଆଗକୁ ଗଲି; କିନ୍ତୁ ଏ
ସ୍ଥାନରେ ଲୋକେ ବଡ଼ କୌତୂହଳୀ । ଜଣେ ଦିଜଣ ମୋ ପଛେ ପଛେ
ଚାଲିଲେ । ମୁଁ କିଛି ବୁଝିପାରିଲି ନାହିଁ । ମୁଁ ତାଙ୍କୁ କେବଳ
କହିଲି; "ଗ୍ଲାଇଆ ଦୁନିଆ" ଅର୍ଥାତ୍ ମୁଁ ପର୍ଯ୍ୟଟକ ।

ସେତେବେଳେ ଜର୍ମାନଗଣ କେବଳ ଦେଶବିଦେଶ
ପଦବ୍ରଜରେ, ନୌକାରେ, ସାଇକେଲରେ ବୁଲୁଥିଲେ
ସେମାନେ ମୋତେ ଜର୍ମାନ ବୋଲି ଭାବି ନାହାନ୍ତି ବରଂ ଦକ୍ଷିଣ
ଦେଶର ଆରବୀ ବୋଲି ଭାବୁଥିଲେ—କିନ୍ତୁ ଗୋଟିଏ ହେଲେ ଆରବ
କଥା କହି ନ ପାରିବାରୁ ସେମାନେ ସମସ୍ତେ ମୋ ମୁହଁ ଆଡ଼କୁ
ଚାହିଁ ରହିଲେ । ତାଙ୍କ ପାଖରୁ ରକ୍ଷାପାଇ ଆଉ କେଉଁଠି ମାଛ ଭଜା
ଖାଇବାକୁ ଛୁଟିହେଲି ନାହିଁ । ଗୋଟିଏ ବଡ଼ କାଫେକୁ ଯାଇ ଆରାମ
ଚେୟାରଟିଏ ଟାଣି ଟିକିଏ ଶାନ୍ତିରେ ବସିଲି । ଏଠାରେ କଫି କମ୍ବା
ଅନ୍ୟ ଖାଦ୍ୟ ପଦାର୍ଥର ଦାମ ଆସନ ଅନୁଯାୟୀ । ମୁଁ ଭଲ ଆସନରେ
ବସିଥିବା ଯୋଗୁଁ ପ୍ରତ୍ୟେକ ଜିନିଷର ଦାମ୍ ତିନିଗୁଣରୁ ବେଶୀଦେବାକୁ
ବାଧ୍ୟ ହୋଇଥିଲି, ମୋର ସଚ୍ଛଳତା ଦେଖି ମୋ ପାଖରେ ବସିଥିବା
ଜଣେ ଦୁଇଜଣ ବ୍ୟବସାୟୀ ମୋ ସହିତ କଥାବାର୍ତ୍ତା ଆରମ୍ଭ କଲେ ।
ଏହି ସବୁ କାଫେର ଭାଷାରେ କୌଣସି ଅଭାବ ନାହିଁ । ଆରବଗଣ
ସୁଯୋଗ ପାଇଲେ ଅତି ଅଳ୍ପ ସମୟ ମଧ୍ୟରେ ବିଦେଶୀ ଭାଷା
ଆୟତ୍ତ କରି ପକାନ୍ତି ।

କାଫେରୁ ବାହାରି ସହରର କେତୋଟି ବିଶିଷ୍ଟ ରାସ୍ତା ବୁଲି
ଦେଖିଲାବେଳେ ଗୋଟିଏ ଘଟଣା ଦେଖି ଛୁଟିହେଲି । ଜଣେ ଆରବ

ଭୁଲକରି ଗୋଟାଏ ରାସ୍ତାରେ ଚାଲି ଆସିଥିଲି—ସେ ରାସ୍ତାରେ ଓଟ ଯିବା ଆସିବା ନିଷେଧ । ଦାମସ୍କସ୍ ସହରରେ ଗୃହପାଳିତ ପଶୁ ରଖିବାକୁ ଅନୁମତି ଦିଆ ହୁଏ ନାହିଁ । ଓଟ ମଧ୍ୟ ସହରର ସବୁ ଅଞ୍ଚଳକୁ ଆସିପାରେ ନାହିଁ । ସହରର ଆଇନ ସମ୍ବନ୍ଧରେ ଅନଭିଜ୍ଞ ଲୋକଟି ଯେତେବେଳେ ଓଟ ପିଠିରେ ବସି ନିଷିଦ୍ଧ ରାସ୍ତା ଉପରେ ଯାଉଥିଲା, ସେତେବେଳେ କେତେକ ଲୋକ ତାକୁ ଅଟକାଇ ଫେରିଯିବାକୁ କହିଲେ । ଲୋକଟି ଫେରିଯିବାକୁ ରାଜି ହେଲା; କିନ୍ତୁ ଓଟ ନିଷିଦ୍ଧ ପଥ ଛାଡ଼ିବାକୁ ନାରାଜ । ଓଟକୁ ଫେରାଇବା ଏକ କଷ୍ଟକର ବ୍ୟାପାର ହୋଇ ପଡ଼ିଲା । ଅତି କଷ୍ଟରେ ସମସ୍ତଙ୍କ ଚେଷ୍ଟା ଫଳରେ ସେ ଓଟଟି ବିପରୀତ ଦିଗରେ ଚାଲିଲା; କିନ୍ତୁ ଓଟର ମାଲିକ ଚିତ୍କାର କରି ଜଣାଇ ଦେଲା ଯେ; ସେହି ଦିଗରୁ ଝଡ଼ ଆସୁଛି । ସମସ୍ତେ ସାବଧାନ ହୋଇ ରହ । ସେହି ସୁନ୍ଦର ରାତିରେ ଯେ ଝଡ଼ ହେବ, ତାହା ଆମେ କଳ୍ପନା ମଧ୍ୟ କରି ନ ଥିଲୁ ; କିନ୍ତୁ ଦେଖୁ ଦେଖୁ ଅଧଘଣ୍ଟା ଭିତରେ ପ୍ରବଳ ଘୂର୍ଣ୍ଣିବାତ୍ୟା ଛୁଟି ଆସିଲା । ମରୁଭୂମିର ବାଲିର ଝଡ଼ ଉଠି ଆକାଶ ଅନ୍ଧକାର କରି ପକାଇଲା । ଏହିପରି ଝଡ଼ର ଅଭିଜ୍ଞତା ମୋର ଆଗରୁ ଥିଲା, ସେଥିପାଇଁ ଯଥାସମୟରେ ହୋଟେଲରେ ପହଞ୍ଚି ଯାଇଥିଲି ।

ପରଦିନ ସକାଳେ ଇମିଗ୍ରେସନ ଅଫିସକୁ ଯାଇ ସମସ୍ତ ପରିଚିତ ବ୍ୟକ୍ତିଙ୍କଠାରୁ ବିଦାୟ ନେଇ ଆସିଲି । ସକାଳଓଳି ଗରମ ନ ଥିଲା; ତେଣୁ, ଟିକିଏ ଶାନ୍ତିରେ ସହର ଭିତରେ ବୁଲିଚାଲି କଲି । ବଡ଼ ଚୌକ ପାଖରେ ଜଣେ କଙ୍କଣୀ ମୁସଲମାନ ସଙ୍ଗେ ଦେଖା ହେଲା । ସେ ବୋମ୍ବେର ଅଧିବାସୀ, ତାର ଭାଷା କଙ୍କଣୀ ।

କଙ୍କଣୀ ନାବିକ ବହୁ ଦେଶ ଭ୍ରମଣ କରିଛି । ତାର ଇଚ୍ଛା ହେଲା ମୁସଲମାନମାନଙ୍କର ଧର୍ମ ସ୍ଥାନ ଗୁଡ଼ିକ ଦେଖିବ । ସେଇ ସବୁ ସ୍ଥାନ

ବୁଲିବୁଲି କରି ଦାମସ୍କସ୍‌ରେ ଆସି ପହଞ୍ଚିଛି । ଏଠାକୁ ଆସିବା ଆଗ
ତାର ମନରେ ଜାତୀୟ ଭାବର ବୀଜ ବପନ ହୋଇଥିଲା । ବେରୁତ
ଆସି ସ୍ଥାନୀୟ ଜାତୀୟ-ବାଦୀଙ୍କ ସଙ୍ଗରେ କଙ୍କଣୀ ଖୁବ୍ ଘନିଷ୍ଠ ଭାବ
ମିଶି ପାରିଥିଲା । କଙ୍କଣୀର ବିଦ୍ୟାବୁଦ୍ଧି କମ୍ ଥିଲେ ମଧ୍ୟ ସେ ଭ
ଭାବରେ ବୁଝିପାରିଥିଲା ଯେ—ଧର୍ମ୍ମ କେବଳ ସର୍ବାସର୍ବସ୍ୱ ନୁହେ
ପୃଥିବୀରେ ବଞ୍ଚି ରହିବାକୁ ହେଲେ ମାନସମ୍ମାନର ମଧ୍ୟ ଦରକା
ଅଛି । ମାନସମ୍ମାନ ବଜାୟ ରଖିବାକୁ ହେଲେ ଜାତୀୟ ସ୍ୱାଧ
ନତା ଏକମାତ୍ର ଦରକାର । ତାର ଅଭାବରେ ମାନସମ୍ମାନ
କୌଣସି ମୂଲ୍ୟ ନାହିଁ ।

ମୋ ସହିତ କଙ୍କଣୀର ଦେଖା ହେଲା ପରେ ଉଭୟେ ମି
ହୋଟେଲକୁ ଆସିଲୁଁ, ଆଉ କେତେ ଦେଶ ବିଦେଶର କଥାବା
ହେଲୁଁ । ମୋ'ର ଭ୍ରମଣକାହାଣୀ ଶୁଣି କଙ୍କଣୀ ମୋର ସଙ୍ଗୀ ହେ
ବୋଲି କହିଲା । କିନ୍ତୁ ତାର ପାଶପୋର୍ଟ ନ ଥିବାରୁ ସେ ମୋ
ସଙ୍ଗୀ ହୋଇ ପାରିଲା ନାହିଁ । ତା' ସାଙ୍ଗରେ ଏହି ପରାମର୍ଶ ହେ
ଯେ, ମୁଁ ଯେତେଦିନ ସିରିଆରେ ରହିବି, ସାଥୀ ହୋଇ ରହିବା
ଚେଷ୍ଟା କରିବ ।

ବିଦାୟ ଆର

ମୁଁ ଏଥର ବେରୁତ ଯିବି । ତେଣୁ ସେଇ କଙ୍କଣୀ
ବେରୁତର ବାସ୍‌ରେ ପଠାଇ ଦେବାକୁ ଚେଷ୍ଟା କଲି । ଅନେ
ପରିଶ୍ରମ ପରେ ଓପରଓଲ ବାସ୍‌ରେ ତାକୁ ବସାଇ ଦେଲି । ଆଗ
ଶୁଣିଥିଲି, ବେରୁତରେ ଜଣେ ମୁସଲିମ ହିନ୍ଦୁ ଅଛନ୍ତି, ତାଙ୍କ
ଗୋଟିଏ ମସଜିଦ୍ ମଧ୍ୟ ଅଛି । କଙ୍କଣୀ ସାଙ୍ଗରେ ମୋର ଏହି ସ
ରହିଲା ଯେ, ଆମେ ଦୁହେଁ ସେହି ମସଜିଦ୍‌ରେ ନଚେତ୍ ସେ

ମୁସଲିମ୍ ହିନ୍ଦୁଙ୍କ ଘରେ ମିଳିବ । କଙ୍କଣୀ ସନ୍ଧ୍ୟାର ବାସ୍‌ରେ ବେରୁତ ଆଡ଼କୁ ଚାଲିଲେ । ବାସ ଥିବା ଯାଏଁ ମୁଁ ବାସ୍‌ଷ୍ଟାଣ୍ଡରେ ତାଙ୍କୁ ବିଦାୟ ଦେବା ପାଇଁ ରହିଥିଲି ।

ବେରୁତ ସହରଟା କିଭଳି ଏବଂ ଦାମସ୍କସ୍‌ରୁ କେତେଦୂର ହେବ, ମୋର କୌଣସି ଧାରଣା ନ ଥିଲା । ଦାମସ୍କସ୍‌ରୁ ବେରୁତ ଆଡ଼କୁ ରାସ୍ତାଟା କ୍ରମଶଃ ଉଠାଣିଆ ହୋଇ ଯାଇଛି । ସେଥିପାଇଁ ବାଟ ଚାଲିବାକୁ ଖୁବ୍ ଡେରି ହେଲା । ମରୁଭୂମି ବର୍ତ୍ତମାନ ମଧ୍ୟ ଶେଷ ହୋଇ ନାହିଁ । ପାହାଡ଼ ଗୁଡ଼ିକରେ ଗଛପତ୍ର ଦେଖା ଯାଉ ନ ଥିଲା । ମନେ ହେଉଥିଲା, ମୁଁ ଯେପରି ମରୁଭୂମି ଭିତରେ ଚାଲିଛି । ଉପରଆଡ଼ୁ ଅର୍ଥାତ୍ ବେରୁତ ଦିଗରୁ ଜଣେ ଓଟସବାର ଆସୁଥିଲା । ତାର ହାତରେ ଗୋଟିଏ ଲମ୍ବା ଦଉଡ଼ିରେ ଜଣେ ଦଡ଼ୁଉସ (Druses) ବନ୍ଧା ହୋଇଥିଲା । ଲୋକଟିର ଚେହେରା ଦେଖିବାକୁ ଠିକ୍ ବେଦୁଇନ ପରି; କିନ୍ତୁ ତାର ପ୍ରକୃତି ମୋର ଅଜଣା ଥିଲା । ଶୁଣିଥିଲି ଦଡ଼ୁଉସ୍‌ଗଣ ପର୍ବତରେ ବାସ କରନ୍ତି ଏବଂ ସେତେବେଳେ ସେମାନେ ଅସଭ୍ୟ ଥିଲେ; କିନ୍ତୁ ଲୋକଟାକୁ ଯେଭଳି ଭାବରେ ଓଟ ପଛରେ ଟାଣି ନିଆଯାଉ ଥିଲା, ତହିଁରେ ସଭ୍ୟତାର କେଉଁ ଲକ୍ଷଣ ପ୍ରକାଶ ପାଉଥିଲା, ବୁଝି ପାରିଲି ନାହିଁ । କଂସାଇଖାନାରେ ଜୀବଜନ୍ତୁ ନିଆ ହୁଅନ୍ତି, କାରା ପ୍ରାଚୀରର ଅନ୍ତରାଳରେ ମଧ୍ୟ ଅନେକ ଦେଶ-ପ୍ରେମୀଙ୍କ ଉପରେ ନିର୍ମମ ଅତ୍ୟାଚାର କରାଯାଏ; କିନ୍ତୁ ସେହି ସବୁ ବ୍ୟାପାର ଲୋକଚକ୍ଷୁର ଅନ୍ତରାଳରେ ହୋଇଥାଏ । ସର୍ବସାଧା-ରଣ ରାସ୍ତା ଉପରେ ଦିନ ଦିପହରେ ଗୋଟିଏ ଲୋକକୁ ପଶୁ ପଛରେ ବାନ୍ଧି ଟାଣି ନେବାରେ କେଉଁ ସଭ୍ୟତାର ଅହଂକାର ଭରି ରହିଛି, ଭାବି ମୋ ମୁଣ୍ଡଟା ବିଗିଡ଼ି ଗଲା । ଲୋକଟିର ମୁହଁରୁ ଫେଣ ବାହାରି ପଡୁଥିଲା, ଚାଲିଲା ବେଳକୁ ପାଦ ତାର ଟଳମଳ

ହେଉଥିଲା, ତେବେ ସୁଦ୍ଧା ଲୋକଟାକୁ ଭିଡ଼ି ନେଇ ଓଟ-ସବା ସଦର୍ପରେ ଚାଲି ଯାଉଥିଲା । ମୁଁ କେତେବେଳ ଯାଏଁ ଛିଡ଼ା ହୋଇ ମର୍ମନ୍ତୁଦ ଦୃଶ୍ୟ ଦେଖି ମୁହଁ ବୁଲାଇବାକୁ ବାଧ ହେଲି । ପୁଣି ଆଗ ଚାଲୁ ଚାଲୁ ଭାବୁଥିଲି, କେଉଁ ଦୋଷରୁ ଆରବଗଣ ଏଡ଼େ ହୀନବୀର ହୋଇ ପଡ଼ିଛନ୍ତି !

ସକାଳ ଓଳଟା ସାଇକେଲ ଚଳାଇ ଦ୍ୱିପହର ବେଳ ଗୋଟାଏ ତମ୍ବୁ ପାଖରେ ପହଞ୍ଚି ଛିଡ଼ା ହେଲି । ଅନେକ ଦ ହେଲା ନମସ୍କାର ଶବ୍ଦଟା ବ୍ୟବହାର କରି ନ ଥିଲି; କାର ଏବେ ଆଉ ମୋତେ ପରିଚୟ ଦେବାକୁ କଷ୍ଟ ହୁଏ ନାହିଁ । ଅଞ୍ଚଳର ଗୋଟିଏ ଶ୍ରେଣୀର ଲୋକଙ୍କ ପାଖରେ ହିନ୍ଦ ଅର୍ଥା ଭାରତବାସୀଙ୍କର ଯଥେଷ୍ଟ ସମ୍ମାନ ଅଛି । ସେମାନେ ଭାବନ୍ତି ଭାର ବର୍ଷ ପରୀର ଦେଶ । ଭାରତବର୍ଷର ନଦୀର ପାଣି ଖଜୁରି ରସ ପ ସୁସ୍ୱାଦୁ, ବାଟ ଘାଟରେ ସୁନାର ତାଳଗଛ ଲାଗିଛି । ହିନ୍ଦଗଣ ଟ କଉଡ଼ି ପରିବର୍ତ୍ତରେ ମଣିମାଣିକ୍ୟ ବ୍ୟବହାର କରନ୍ତି ।

ତମ୍ବୁ ପାଖରେ ପହଞ୍ଚି ପହଞ୍ଚି ମୋ ମୁହଁରୁ ନମସ୍କାର ଶବ୍ଦ ବାହାରି ପଡ଼ିଲା । ସୁଖର କଥା, କେହି ଶୁଣି ନାହାନ୍ତି । ତମ୍ବୁଟି ଖୁ ଛୋଟ । ତମ୍ବୁର ଚାରି ପାଖରେ କୌଣସି ଆବରଣ ନ ଥିଲ ତାକୁ ତମ୍ବୁ ନ କହି ଗୋଟାଏ ପୁରୁଣା ମୋଟା ମଇଳା ଚାଦର ଚାରୋଟି ଖୁଣ୍ଟି ଉପରେ ବାନ୍ଧି ଦିଆ ହୋଇଛି କହିଲେ ବୁଝିବାକୁ ସହଜ ହେବ । ତାରି ତଳରେ ବସି ଜଣେ ଆରବ ଅର୍ଦ୍ଧମୁଦ୍ରି ନୟନରେ ପୂର୍ବଦିଗ ଆଡ଼କୁ ମୁହଁ କରି ବସିଥିଲେ, ତାଙ୍କ ପ ପାଖରେ ଗୋଟିଏ ଛୋଟ ଝିଅ ତାଙ୍କର ବେକର ସୂତାରେ କେତୋଟି ଗଣ୍ଠି ଅଛି ଗଣୁଥିଲା ଏବଂ ବେଳେ ବେଳେ ସେହି ଗଣ୍ଠି ଗୁଡ଼ିକ

ଜାମୁଣ୍ଡ଼ ପକାଉଥିଲା । ମୋତେ ଦେଖି ଝିଅଟି ତା'ବାପର ବେକରେ ଆଉଜି ପଡ଼ିଲା । ବାପ ତାର ମୋ ଆଡ଼କୁ ଗୃହିଁଲେ । ମୁଁ ତାଙ୍କୁ ନମସ୍କାର କଲି, ସେ ମୋତେ ପାଖକୁ ଡାକି ବସାଇଲେ । ମୁଁ ପାଖରେ ବସି ଗୋଟିଏ ସିଗାରେଟ ତାଙ୍କ ହାତକୁ ଦେଲି । ଆରବ ଚକମକି ପଥର ଘଷି ନିଆଁ ବାହାର କଲେ । ମୁଁ ମନେ ମନେ ଭାବିଲି, ରାତିଟା ଏଇଠାରେ କଟାଇ ଦେବି । ଦୁହେଁ ମିଶି ଦୁଇଟି ସିଗାରେଟ ଟାଣିସାରିଲା ପରେ ମୁଁ ମୋର ଖଦଡ଼ ଚଦର ଖଣ୍ଡିକ କେତୋଟି ପଥର ଘୁଞ୍ଚାଇ ଦେଇ ବିଛାଇଲି । ସ୍ଥାନ ନିର୍ବାଚନର ଜ୍ଞାନ ମୋର ଅଛି ଦେଖି ଆରବ ବଡ଼ ଆନନ୍ଦିତ ହେଲେ ।

ଅନେକଙ୍କ ଧାରଣା, ମରୁଭୂମିରେ ହିଂସ୍ରଜୀବ ନାହାନ୍ତି; କିନ୍ତୁ ଉତ୍ତପ୍ତ ବାଲିକଣା ଭିତରେ ମଧ୍ୟ ନାନାପ୍ରକାର ଜୀବର ଜନ୍ମ ମୃତ୍ୟୁ ହେଉଛି । ଏହି ସବୁ ଜୀବର ଜନ୍ମମୃତ୍ୟୁର ସମ୍ବାଦ ମରୁବାସୀଗଣ କେବଳ ଜାଣନ୍ତି । ଆମଭଳି ସାଧାରଣ ଲୋକ ସେ ସମ୍ବାଦ ରଖିବାକୁ ସକ୍ଷମ ନୁହନ୍ତି । ଆମେ କେବଳ ମରୁଭୂମିର ଆକାଶ, ବତାସ ଆଉ ପ୍ରଖର ବର୍ଣ୍ଣର ସୂର୍ଯ୍ୟ କଥା ଭାବି ପାରିବୁ । ମରୁଭୂମିରେ ପଥର ଆକୃତି-ବିଶିଷ୍ଟ ସାନବଡ଼ ଅନେକ ପୋକ ହୁଅନ୍ତି । ଏହି ପୋକମାନଙ୍କୁ ଦେଖିଲେ ଗୋଟାଏ ପଥରଖଣ୍ଡ ପଡ଼ିଛି ବୋଲି ଧାରଣା ହୁଏ; କିନ୍ତୁ ତାକୁ ଉଠେଇ ଦେଖିଲେ ଜଣାପଡ଼େ ଯେ, ଗୋଟିଏ ବିଷାକ୍ତ ଜୀବ ଖାଦ୍ୟ ପାଇଁ ମୁହଁ ଖୋଲି ପଡ଼ିଛି ।

ସନ୍ଧ୍ୟାପୂର୍ବରୁ ଆଉ ଦୁଇଜଣ ଆରବ ଏବଂ ତିନିଜଣ ସ୍ତ୍ରୀଲୋକ ଆସି ପୂର୍ବ ପରିଚିତ ଲୋକଟି ସହି ଯୋଗ ଦେଲେ । ଆରବ ଦେଶରେ କାହାରିକୁ ଧର୍ମ ସମ୍ବନ୍ଧରେ ପ୍ରଶ୍ନ କରିବା କିମ୍ବା ଅଯାଚିତ ଭାବରେ କୌଣସି ଧର୍ମ ବିଷୟରେ ଆଲୋଚନା କରିବା ଭୟଙ୍କର

ନୀତି-ବିରୁଦ୍ଧ କଥା । ମୁଁ ନୀରବରେ ତାଙ୍କ ସହିତ ଖିଆପିଆ କଲି ଏବଂ ପ୍ରତ୍ୟେକଙ୍କୁ ଗୋଟିଏ ଗୋଟିଏ ସିଗାରେଟ ଦେଇ ନିଜ ବିଛଣା ଉପରେ ଆସି ବସିଲି ।

ବିଦେଶରେ ଏକାକୀ ଚାଲିବାକୁ ହେଲେ ବଡ଼ ସାବଧାନତା ଅବଲମ୍ବନ କରିବାକୁ ହୁଏ । ଆରବ ସ୍ତ୍ରୀଲୋକଗଣ ସମସ୍ତେ ଯୁବତୀ ଯୁବତୀ ସ୍ତ୍ରୀଙ୍କ ପ୍ରତି କଟାକ୍ଷ କରିବା କିମ୍ବା ତାଙ୍କ ଆଡ଼କୁ ଚାହିଁ ରହିବା ନିତାନ୍ତ ଅନୁଚିତ; କିନ୍ତୁ ମୋର କୌତୂହଳୀ ଦୃଷ୍ଟି ସେମାନଙ୍କ କାର୍ଯ୍ୟକଳାପକୁ ଲକ୍ଷ୍ୟ କରୁଥିଲା । ମୁଁ ଲକ୍ଷ୍ୟକରି ଦେଖିଛି, ତାଙ୍କ ଭିତରେ ପର୍ଦ୍ଦାପ୍ରଥା ଅଛି କି ନାହିଁ । ଗରିବ ସବୁଦିନେ ଗରିବ । ଗରିବ ପାଇଁ ପର୍ଦ୍ଦା ପ୍ରଥା ନାହିଁ । ତାଙ୍କର କର୍ମ ଅଛି, ବାଜେ ଧର୍ମ ନାହିଁ; ଗରିବର ଆଶ୍ରୟ ସ୍ଥଳ ବନପ୍ରାନ୍ତର । ଏମାନେ ମଧ୍ୟ ସେହିପରି ଜନହୀନ ମରୁଭୂମିରେ ଗୋଟିଏ କୋଣରେ ପଡ଼ି ରହିଛନ୍ତି ।

ଏଠାରେ ରାତି କଟାଇବା ବଡ଼ କଷ୍ଟସାଧ୍ୟ ହୋଇ ପଡ଼ିଲା । ମଝି ରାତିରେ ପ୍ରବଳ ଶୀତରେ ମୋ ନିଦ ଭାଙ୍ଗିଗଲା; କିନ୍ତୁ ସେମାନେ ଖାଲି ମଜଲରେ ମେଣ୍ଢା ଚମଡ଼ା ଘୋଡ଼ି ହୋଇ ଘୁଙ୍ଗୁଡ଼ି ମାରୁଥିଲେ । ରାତି ପାହିବାକୁ ବହୁତ ଡେରିଥାଏ, ଖଦଡ଼ ଚାଦରଟା ଉଠାଇ ସାଇକେଲଟି ବାଟ ଉପରକୁ ଟାଣି ଆଣି ତାଙ୍କୁ ଉଠାଇବା ପାଇଁ ସୁର ଧରିଲି । ମୋର ମିଠା ସୁରରେ ତାଙ୍କ ନିଦ ଭାଙ୍ଗିଗଲା । ପାଖରେ କୁକୁର ଥିଲେ ମୋର ଗୀତ ଶୁଣି ନିଶ୍ଚୟ ମୋତେ ଆକ୍ରମଣ କରି ଥାଆନ୍ତା । ସୁଖର ବିଷୟ ସେମାନେ ମୋତେ ଗାଳି ଦେଇ ନାହାନ୍ତି, କିନ୍ତୁ ମନେ ମନେ ବିରକ୍ତ ହେଉଥିଲେ ବୋଲି ଜଣା ଯାଉଥିଲା । ତାଙ୍କ ପାଖରୁ ବିଦାୟ ନେଇ ପୁଣି ବେରୁତ ଆଡ଼କୁ ଅଗ୍ରସର ହେଲି ।

ପାହାଡ଼ ଗଡ଼ାଣି ରାସ୍ତାଟା ହଠାତ୍ ପାହାଡ଼ ଉପରର ଗୋଟିଏ ସ୍ଥାନ ଗାଁରେ ଅଟକି ଯାଇଛି । ଗ୍ରାମବାସୀଗଣ ସମସ୍ତେ ଖ୍ରୀଷ୍ଟାନ୍ । ଗାଁର ଆକୃତି ପ୍ରକୃତି ସବୁଥିରେ ଇଉରୋପୀୟ ଗନ୍ଧ ଲାଗି ରହିଛି । ଏଠାରେ ସହଜ ପ୍ରକାଶ୍ୟରେ ମଦ ବିକ୍ରି ହେବାର ସର୍ବପ୍ରଥମ ଦେଖିଲି । ସ୍ତ୍ରୀ ଲୋକମାନେ ମଧ୍ୟ ଇଉରୋପୀୟ ପୋଷାକ ପିନ୍ଧିଛନ୍ତି । ପୁରୁଷଗଣ ଅଧା ଇଉରୋପୀୟ ଆଉ ଅଧାଅଧି ପୁରୁଣା ତୁର୍କୀ ଫେସନ ଧରିଛନ୍ତି । ଅବଶ୍ୟ ଏହି ସବୁ ପୋଷାକ କୃଷକ ଶ୍ରେଣୀ ମଧ୍ୟରେ ପ୍ରଚଳିତ । ଯେଉଁମାନେ ବ୍ୟବସାୟ ବାଣିଜ୍ୟ କରୁଛନ୍ତି, ସେମାନେ ସମ୍ପୂର୍ଣ୍ଣ ଭାବରେ ଇଉରୋପୀୟ ପୋଷାକ ପିନ୍ଧନ୍ତି ।

ଗାଁର ଚାରିପାଖରେ ଅଙ୍ଗୁର ଆଉ ନାନା ପ୍ରକାର ଫଳର ବଗିଚା ଲାଗିଛି । ଦୂରରେ ମକା ଆଉ ଯବର କ୍ଷେତ । ଗାଁଟି ଏକାବେଳେକେ ଗ୍ରୀକ୍ ଧରଣର । ଦୁଇ ପାଖରେ ଧାଡ଼ି ଧାଡ଼ି ହୋଇ ଘର । ଘର ସମ୍ମୁଖରେ ଫୁଟ୍‌ପାଥ୍, ତାପରେ ପ୍ରଧାନ ସଡ଼କ । ପ୍ରତି ଘର ସମ୍ମୁଖରେ ବଡ଼ ବଡ଼ ଗଛ । ଯେଉଁମାନେ କାମକୁ ଯାଇ ନ ଥାନ୍ତି, ସେହି ଗଛମୂଳରେ ବସି ଗପର ମଜଲିସ ଖୋଲି ଦେଇଥାନ୍ତି । ସେମାନଙ୍କର ଭାଷା ଆରବୀ । ଗାଁର ଗୋଟିଏ ପାଖରେ ଗୀର୍ଜା । ମୁଁ ଆଗକରି ଗୀର୍ଜାଟି ଦେଖିବାକୁ ଗଲି । ବହୁତ ପୁରୁଣା କୋଠା ବୋଲି ମନେହେଲା । ତାପରେ ଧୀରେ ଧୀରେ ଗୋଟିଏ ହୋଟେଲକୁ ଚାଲିଲି । ହୋଟେଲଟି ବେଶ ସୁନ୍ଦର । ସୁସଜ୍ଜିତ କୋଠରୀ ସବୁ ରହିଛି । ଚାଳିଶ ଫ୍ରାଙ୍କ ଦେଇ ଗୋଟିଏ କୋଠରୀ ଭଡ଼ା ନେଲି । ରାତିଟିଏ କେବଳ ରହିବା ପାଇଁ ମୋତେ ପ୍ରାୟ ଆଠଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଲା । ଖାଇବାପାଇଁ ମଧ୍ୟ ଆହୁରି ଚାଳିଶ ଫ୍ରାଙ୍କ୍ ଖର୍ଚ୍ଚ କରିବାକୁ ହୋଇଥିଲା । ଏତେ ବେଶୀ ଖର୍ଚ୍ଚ କରି ମଧ୍ୟ ମୁଁ ବିଚଳିତ ହୋଇ ନ ଥିଲି । ପରଦିନ ସକାଳେ ହୋଟେଲ ମାଲିକ ପାଖରେ

ଗୋଟିଏ ଟୁରିଷ୍ଟକାର୍ଡ଼ (ସାହାଯ୍ୟଲିପି) ବାହିକରି ଦଶଫ୍ରାଙ୍କ୍ ପାଇଥିଲି । ଗାଁର କୌଣସି ପରିବାର ମୋତେ ଦୁଇ ଫ୍ରାଙ୍କ୍‌ରୁ କମ୍ ଦେଇ ନାହାନ୍ତି । ଏହିପରି ଭାବରେ ମୋର ପ୍ରାୟ ଦୁଇଶହ ଫ୍ରାଙ୍କ୍ ଆଦାୟ ହୋଇଥିଲା । ଏ ଅଞ୍ଚଳର ଲୋକେ ଏହିଭଳି ଭାବରେ ବିଦେଶୀଙ୍କୁ ଅତିଥିପରାୟଣତା ଦେଖାଇ ଥାଆନ୍ତି । ଅତିଥି କୌଣସି ବ୍ୟକ୍ତି ବିଶେଷର ନୁହେ, ସମସ୍ତ ଗ୍ରାମର ଅତିଥି ସେ । ଗାଁର ଅତିଥି ଗାଁ ହୋଟେଲରେ ରହି, ଗାଁର ଉତ୍ପାଦିତ ଅଟାର ରୁଟି, ଭଲ ମାଂସ, ତାଜା ଫଳ ଆଉ ସୁସ୍ୱାଦୁ ପାନୀୟ ପିଇବାକୁ ପାଇବ । ଏହି ଧାରଣା ଏମାନେ ସମସ୍ତେ ପୋଷଣ କରନ୍ତି । ଏହା ଦେଖି ମୋର ମନେହେଲା—ଗ୍ରାମ୍ୟ ଜୀବନହିଁ ସବୁଠାରୁ ନିଷ୍କପଟ, ନିରଳସ, ସୁନ୍ଦର ଆଉ ଆରାମ-ଦାୟକ ।

ପରଦିନ ସକାଳେ ଗାଁକୁ ପଛରେ ରଖି ମୁଁ ଆଗକୁ ଚାଲିଲି । ଦୁଇପାଖରେ ପର୍ବତମାଳା । ତା' ଉପରେ ସୁନ୍ଦର ପ୍ରଶସ୍ତ ରାଜପଥ ଚାଲିଯାଇଛି ବେରୁତ ଆଡ଼କୁ । ରାସ୍ତା ପାଖରେ କୌଣସି ଗାଁ ଗଣ୍ଡାର ଚିହ୍ନ ବର୍ଣ୍ଣ ବି ନାହିଁ । ସ୍ଥାନେ ସ୍ଥାନେ କେବଳ ପେଟ୍ରୋଲ ପମ୍ପ ଏବଂ ତାକୁ ଆଶ୍ରୟକରି ଗୋଟିଏ ଗୋଟିଏ ରେସ୍ତୋରାଁ; କେଉଁଠି ବା କ୍ୱଚିତ୍ ଗୋଟିଏ ଦୁଇଟି ହୋଟେଲ ଅଛି । ହୋଟେଲ, ରେସ୍ତୋରାଁ ଆଉ ପେଟ୍ରୋଲ ପମ୍ପର ମାଲିକଗଣ ପ୍ରାୟ ସମସ୍ତେ ଗ୍ରୀକ୍ । ଗ୍ରୀକ୍‌ଗଣ ନାନା ଭାଷାରେ ପାରଦର୍ଶୀ । ଜଣେ ଲୋକକୁ ଅନେକ ପ୍ରକାର ଭାଷା କହିବାର ଦେଖିଲି । ତାକୁ ପଚାରି ବୁଝିଲି ଯେ, କୌଣସି ଭାଷା ଶିଖିବାକୁ ତାଙ୍କର ଆଦୌ କଷ୍ଟ ହୁଏ ନାହିଁ, କାରଣ ସମସ୍ତ ଭାଷା ଗ୍ରୀକ ଭାଷାରୁ ଜନ୍ମ ଲଭିଛି । ଗ୍ରୀକ୍‌ଗଣ ଏହି ଅଞ୍ଚଳରେ ଦୋଭାଷୀ କାମ କରୁଥିବାର ଦେଖିଲି । ତୁର୍କୀ ଏବଂ ଆରବଙ୍କ ଭିତରେ ଯେତେବେଳେ ବାଦ ବିସମ୍ବାଦ ଚାଲିଲା,

ସେତେବେଳେ ତୁର୍କୀ କେବେ ଆରବୀ ଭାଷା ବ୍ୟବହାର କଲା ନାହିଁ କି ଆରବୀ ମଧ୍ୟ ତୁର୍କୀ ଭାଷା ବ୍ୟବହାର କଲା ନାହିଁ ।

ଫରାସୀ ଭାଷା ଏ ସବୁ ଅଞ୍ଚଳରେ ଶତ୍ରୁତା ଏବଂ ମିତ୍ରତାର ସୀମା ଲଙ୍ଘି ସାଧାରଣ ଭାଷାରେ ପରିଣତ ହୋଇଛି । ଗ୍ରୀକ୍‌ଗଣ ଫରାସୀ ଭାଷାରେ ଅଭ୍ୟସ୍ତ, ସେଥିପାଇଁ ଗ୍ରୀକ୍‌ଗଣ ଦୋଭାଷୀ କାମ କରନ୍ତି । ଫଳରେ ଗ୍ରୀକ୍‌ଗଣଙ୍କର ପ୍ରତିପତ୍ତି ବଢ଼ି ଚାଲିଛି ।

ଗ୍ରୀକ ହୋଟେଲରେ ଆରବୀ ପୂଜାରୀ ନିଯୁକ୍ତ ହୋଇଛନ୍ତି । ଆରବୀ ପୂଜାରୀ ଖାଲି ମୁଣ୍ଡରେ କାମ କରେ । ଖାଲି ମୁଣ୍ଡରେ କାମ କରିବା ଏକ ଗୁରୁତର ବ୍ୟାପାର । ଖାଲି ମୁଣ୍ଡରେ ଖାଦ୍ୟ ଆଣି ଦେବା ଆରବୀ ସଭ୍ୟତାକୁ ଅପମାନ କରିବାର ଅନ୍ୟ ଏକ ରୂପ । ଦିନେ ଆରବୀଗଣ ଶିରସ୍ତ୍ରାଣହୀନ ଲୋକଙ୍କୁ ଦରିଦ୍ର ବୋଲି ତାଚ୍ଛଲ୍ୟରେ ତ୍ୟାଗ କରୁଥିଲେ, ପୁଣି ଧାର୍ମିକ ବୋଲି ଶିରଚ୍ଛେଦ କରୁଥିଲେ; କିନ୍ତୁ ବର୍ତ୍ତମାନ ଆରବୀଗଣ ଏ ସବୁ ବିଷୟକୁ ଲକ୍ଷ୍ୟ କରନ୍ତି ନାହିଁ । ସେମାନେ ଚାହାନ୍ତି ସ୍ୱାଧୀନତା । କି ଭଳି ଭାବରେ ସ୍ୱାଧୀନତାର ସଂଗ୍ରାମରେ ବିଜୟୀ ହେବେ, ସେହି କଥା କହିଲେ ଆରବୀ ଯୁବକଗଣ ତମର ପଛ ଛାଡ଼ିବେ ନାହିଁ, ତୁମେ ଅଚିରେ ତାଙ୍କର ଶ୍ରେଷ୍ଠ ବନ୍ଧୁ ହୋଇ ପାରିବ ।

ରାସ୍ତା ଏଣିକି କ୍ରମଶଃ ନିମ୍ନଗାମୀ ହୋଇ ଚାଲିଛି । ବ୍ରେକ୍ ଛାଡ଼ି ଦେଇ ପୂର୍ଣ୍ଣବେଗରେ ମୁଁ ଛୁଟିଥିଲି ଏବଂ ରାସ୍ତାର ଦୁଇପାଖର ଦୃଶ୍ୟ ଉପରେ ଆଖି ବୁଲାଇ ଯାଉଥିଲି । ମୋର ମନ ସେତେବେଳେ ନାନା ଚିନ୍ତାରେ ଆନ୍ଦୋଳିତ ହୋଇ ଉଠୁଥିଲା । ସେତେବେଳେ ମୁଁ ନୃତତ୍ତ୍ୱବିଜ୍ଞାନ ବିଷୟରେ ଚର୍ଚ୍ଚା କରୁଥିଲି, ସେଥିପାଇଁ ଏ ଅଞ୍ଚଳଟା ମୋତେ ଖୁବ୍ ଭଲ ଲାଗିଥିଲା ।

ଉପରୁ ତଳକୁ ଓହ୍ଲାଇ ଆସି ପୁଣି ଗୋଟାଏ କୁଦ ଉପରକୁ ଉଠିଲାକ୍ଷଣି ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ପାଇଲି । ସେ ଦୃଶ୍ୟ ଦେଖିବା ପାଇଁ ସାଇକେଲରୁ ଓହ୍ଲାଇ ଠିଆ ହେଲି । କି ମନୋମୁଗ୍ଧକର ଦୃଶ୍ୟ ! ମୋର ଦକ୍ଷିଣ ବଗରେ ଏକ ଅନନ୍ତ, ଶାନ୍ତ ନୀଳ ସମୁଦ୍ର । ତାର ବକ୍ଷରେ ନାନା ଦେଶର ସାନବଡ଼ କେତେ ଜାହାଜ; ନୌକା ଗୋଟିଏ ଗୋଟିଏ ବିନ୍ଦୁ ପରି ଦେଖା ଯାଉଥାଏ । ଆଉ ସମ୍ମୁଖରେ ଉଚ୍ଚନୀଚ କେତେ ପ୍ରକାରର ଅଟ୍ଟାଳିକା ପୂର୍ଣ୍ଣ ଗୋଟିଏ ସହର । ସହର ବର୍ତ୍ତମାନ ସୁଦ୍ଧା ଅନେକ ଦୂରରେ ଥିଲେ ମଧ୍ୟ ଖୁବ୍ ନିକଟରେ ବୋଲି ଜଣା ଯାଉଥିଲା । ସହର ଆଡ଼କୁ ନାନା ପ୍ରକାର ଯାନବାହନ ଯିବା ଆସିବା କରୁଛି । ଦୂରରୁ ସହରଟି ଗୋଟିଏ ଛବି ଭଳି ଦେଖାଯାଉଥିଲା । କେତେବେଳ ଯାଏଁ ସେ ଦୃଶ୍ୟ ଦେଖି ସାରିଲା ପରେ ପୁଣି ଆଗକୁ ଚାଲିଲି । ପ୍ରାୟ ଦୁଇ ଘଣ୍ଟା କାଳ ସାଇକେଲ ଚଳାଇ ବେରୁତ ସହରର ଉପକଣ୍ଠରେ ପହଞ୍ଚିଲି । ସେହିଠାରୁ ସାନବଡ଼ ଅନେକ ଦୋକାନ ଆରମ୍ଭ ହୋଇ ଯାଇଛି ।

ପ୍ରଥମେ ମୁଁ ଗୋଟାଏ ସାଇକେଲ ଦୋକାନକୁ ଗଲି । ଦୋକାନୀ ଜାତିରେ ଆର୍ମାନୀ । ପୋଷାକ ପରିଚ୍ଛଦ ତାର ଇଉରୋପୀୟଙ୍କ ଭଳି । ଚାଲି ଚଳନ ମଧ୍ୟ ଠିକ୍ ସେଇପରି । ସେ କିଛି ସମୟ ମୋ ସାଇକେଲ ଆଡ଼କୁ ଚାହିଁ କହିଲା, "ଅଧଘଣ୍ଟା ଭିତରେ ଟାୟାରଟାକୁ ଏକା ବେଳକେ ନୂଆ କରି ଦେଇ ପାରିବ ।" ମୁଁ ତା କଥାରେ ରାଜି ହେଲି । ଦୁଇଜଣ ଲୋକ ସଙ୍ଗେ ସଙ୍ଗେ ଟାୟାରଟା ଖୋଲି ପକାଇ କାମରେ ଲାଗି ପଡ଼ିଲେ ! ଅଧଘଣ୍ଟା ଭିତରେ ସତକୁ ସତ ସେ ଟାୟାରଟାକୁ ମରାମତି କରି ଚକ ଲଗାଇ ଦେଇ ମିଜେ ବିଦାୟ ସମ୍ଭାଷଣ ଜଣାଇଲା ।

ମୁଁ ସହର ଆଡ଼କୁ ଚାଲିଲି । ବେଶୀ ବୁଲାବୁଲି ନ କରି ଗୋଟିଏ ଆରବୀ ଭଡ଼ାଘରେ କୋଠରୀଟିଏ ନେଲି । ଆରବୀ ଭଡ଼ା ଘରର ମାଲିକ ଜଣେ ଆରବୀ ମହିଳା । ସେ ଇଂରାଜୀ ଆଉ ଫରାସୀରେ କଥାବାର୍ତ୍ତା କରି ପାରୁଥିଲେ । ଗୋଟିଏ କୋଠରୀ ପାଇଁ ଦୈନିକ କେତେ ଦେବାକୁ ପଡ଼ିବ, ସେ ନିଜେ କହିଲେ । ମହିଳାଟି ମଧ୍ୟ ଇଉରୋପୀୟ ପୋଷାକ ପିନ୍ଧିଥିଲେ । ଗାଧୁଆଘର, ବୈଠକଖାନା ପ୍ରଭୃତି ଦେଖାଇ ଦେଇ ଚାକରମାନଙ୍କ ସଙ୍ଗରେ ପରିଚୟ କରାଇ ଦେଲେ । ମୁଁ ଗାଧୋଇ ପଡ଼ି ପାଖର ଗୋଟିଏ ରେସ୍ତୋରାଁରୁ ଖାଇ ଆସି ବିଶ୍ରାମ ନେଲି । ସନ୍ଧ୍ୟା ପରେ ଆଉ ବାହାରକୁ କୁଆଡ଼େ ଯାଇ ନାହିଁ । ହୋଟେଲର ଅନ୍ୟାନ୍ୟ ଭଡ଼ାଟିଆମାନଙ୍କ ସାଙ୍ଗରେ କଥାବାର୍ତ୍ତା ହୋଇ କେତେ ପ୍ରକାର ସମ୍ବାଦ ସଂଗ୍ରହକରି ସେ ଦିନକ ପାଇଁ ପୂର୍ଣ୍ଣ ବିଶ୍ରାମ ନେଇଥିଲି ।

କୋଠରୀଟି ସୁନ୍ଦର ଭାବରେ ସଜ୍ଜିତ । ଚାରିପାଖର କାନ୍ଥରେ କେତେ ଲତାପତ୍ରର ଛବି ଅଙ୍କା ହୋଇଥିଲା, ତା ଉପରେ କେଉଁଠି ପକ୍ଷୀଟିଏ ନୀରବରେ ବସି ରହିଛି, କେଉଁଠି ବା ଜଳ ତରଙ୍ଗାୟିତ ହେଉଛି । କୋଠରୀର ଦୃଶ୍ୟ ଦେଖୁ ଦେଖୁ ନିଦ ଆସି ଯାଇଥିଲା ।

ପରଦିନ ସକାଳେ ସାଇକେଲ ଚଲାଇ ବେରୁତ ସହରଟା ଯାକ ବୁଲି ଆସିଲି । ପୁଣି ସନ୍ଧ୍ୟାବେଳେ ପାଦରେ ଚାଲି ଚାଲି ବୁଲି ବାହାରିଥିଲି । ବେରୁତ ଗୋଟିଏ ବନ୍ଦର, ବନ୍ଦରରେ ନାନା-ଦେଶୀୟ ବାଣିଜ୍ୟପୋତ ଲଙ୍ଗର କରିଛି, କେଉଁଠାରେ ବା ମାଲ ବୋଝାଇ ହେଉଛି, ପୁଣି କେଉଁଠାରୁ ମାଲ ଖଲାସ କରାଯାଉଛି । ଓପରଓଳି ଡକ୍‌ରେ ବସି ଡକ୍‌ର ଦୃଶ୍ୟ ଦେଖୁଥିଲି । ନିଗ୍ରୋ, ଗ୍ରୀକ୍, ଆରବୀ, ମାଲଟିଜ୍, ସାଇପ୍ରସୀ, ସ୍ଲାଭ ଆଉ ଅନ୍ୟାନ୍ୟ ମଜୁରଆମାନେ କାମରେ ଲାଗିପଡ଼ି ଥାଆନ୍ତି । ଏଠାରେ କୌଣସି ତୁର୍କୀ ମଜୁର କାମ

କରନ୍ତି ନାହିଁ । ତୁର୍କୀଗଣ ଏ ଦେଶରେ କେବେ ମଜୁର ଲାଗି ନାହାନ୍ତି କି ଆଜି ମଧ୍ୟ କରନ୍ତି ନାହିଁ । ତୁର୍କୀଗଣ ଦିନେ ଏ ଦେଶର ଶାସନକର୍ତ୍ତା ଥିଲେ । ମଜଦୂର ଜୀବନ ତାଙ୍କ ପକ୍ଷରେ ଶୋଭନୀୟ ନୁହେ । ବର୍ତ୍ତମାନ ଫରାସୀଗଣ ଏ ଦେଶର ଶାସନକର୍ତ୍ତା, ସୁତରାଂ କୌଣସି ଫରାସୀ ମଜଦୂର ମଧ୍ୟ ଡକରେ ଦେଖାଯାନ୍ତି ନାହିଁ ।

ଯେଉଁଠାରେ ପ୍ରଭୁ ଭୃତ୍ୟର ସମ୍ବନ୍ଧ ରହିଛି, ସେଠାରେ ଅନ୍ୟ ସମ୍ବନ୍ଧ ରହିପାରେ ନାହିଁ । ତୁର୍କୀ ବା ଫରାସୀଗଣଙ୍କର ଅବସ୍ଥା ମଧ୍ୟ ଠିକ୍ ସେଇପ୍ରି । ଫରାସୀଗଣ ପୁଣି ଖ୍ରୀଷ୍ଟାନମାନଙ୍କ ସଙ୍ଗରେ ଧର୍ମର ସମ୍ବନ୍ଧ ଛାଡ଼ି ପ୍ରଭୁ ଭୃତ୍ୟର ସମ୍ବନ୍ଧ ଆରମ୍ଭ କରୁ-ଛନ୍ତି । ତୁର୍କୀମାନଙ୍କ କଥା ପଛକୁ ଥାଉ । ସେମାନେ ଯେ ଦିନେ ଏହି ଦେଶରେ ରାଜତ୍ୱ କରଥିଲେ, ତାର ଗନ୍ଧ ବର୍ତ୍ତମାନ ମଧ୍ୟ ସେ ପାଶୋର ନାହାନ୍ତି । ତୁର୍କୀ ଗଲାପରେ ମୋତେ ଅନେକେ ଆରବୀ ବୋଲି ଧାରଣା କରି ଅପମାନ ଦେଇଛନ୍ତି । ମୁଁ ଯେ ଆରବୀ ନୁହେଁ, ଏକଥା ଅନେକ ସ୍ଥାନରେ ମଧ୍ୟ ପ୍ରକାଶ କରିନାହିଁ । ଆରବୀ ଦୁଇ ପ୍ରକାରର, ଶ୍ୱେତକାୟ ଏବଂ କୃଷ୍ଣକାୟ । କୃଷ୍ଣକାୟ ଆରବୀର ଉତ୍ପତ୍ତି ନିଗ୍ରୋ ଆଉ ଶ୍ୱେତକାୟ ଆରବୀର ସଂମିଶ୍ରଣରେ ହୋଇଛି । କଳା ଆରବୀର ଦେଶରେ ଯେପରି ସମ୍ମାନ, ବିଦେଶରେ ମଧ୍ୟ ଠିକ୍ ସେହିପରି । ମୁଁ କଳା ଆରବୀ ବୋଲି ଘୃଣିତ ହୋଇଛି । ଘୃଣିତ ହୋଇଛି ବୋଲି ମୋ ଭିତରେ ଯେତେ କୁସଂସ୍କାର ଥିଲା, ସବୁ ଦୂର ହୋଇଯାଇଛି ।

ବେରୁତରେ କୌଣସି ହିନ୍ଦ ମସଜିଦ୍ ନାହିଁ । କଙ୍କଣୀ ମୁସଲମାନ ହିନ୍ଦ ମସଜିଦ୍ ନ ପାଇ କୁଆଡ଼େ ଯାଇ ରହିଲା, ତାର କୌଣସି ସନ୍ଧାନ ପାଇଲି ନାହିଁ ବୋଲି ଦୁଇଦିନ କାଳ ମନରେ ବଡ଼ ଦୁଃଖ ହେଲା । ତୃତୀୟଦିନ ଗୋଟିଏ ସିନ୍ଧିର ଦୋକାନକୁ ଯାଇ

ଖବର ପାଇଲି ଯେ, କଙ୍କଣୀ ମୋତେ ଖୋଜିବା ପାଇଁ ସେଠାକୁ ଆସିଥିଲି । ଅନେକ ଖୋଜାଖୋଜି କରି ଜଣେ ମୁସଲିମ୍ ହିନ୍ଦଙ୍କ ଘରେ ଯାଇ ପହଞ୍ଚିଲି । କଙ୍କଣୀ ସେଇଠାରେ ଆଶ୍ରୟ ନେଇଥିଲି । ସେ ମୋତେ ଦେଖିଲା ମାତ୍ରକେ କୁଣ୍ଢାଇ ପକାଇ କହିଲା, 'ଆଉର ତୁମ୍‌କୋ ନେହିଁ ଗ୍ଭେଡ଼େଙ୍ଗେ ।' ମୁଁ ମନେ ମନେ ଭାବୁଥିଲି ଏହା ବନ୍ଧନ ନୁହେ, କେବଳ ମୁକ୍ତିର ପଥମାତ୍ର । ମୁଁ ସାଇକେଲ ଭୂପର୍ଯ୍ୟଟକ ଆଉ ସେ ଜାହାଜ ଭୂପର୍ଯ୍ୟଟକ ।

ଜଣେ ଭାରତୀୟ ମୁସଲମାନ ଏଠାକୁ ଆସି ଏକ ଆରବୀ ରମଣୀଙ୍କୁ ବିବାହ କରିଥିଲେ । ତାଙ୍କର ସନ୍ତାନ ଏହି ହିନ୍ଦ ଭଦ୍ରଲୋକ । ମୁଁ ଆଗରୁ ଏହି ଲୋକଟିକୁ ମୁସଲିମ୍ ହିନ୍ଦ ବୋଲି କହିଛି, କାରଣ ତାଙ୍କର ଧର୍ମ୍ମ ବୌଦ୍ଧ ଧର୍ମ୍ମ ନୁହେ । ଏ ଅଞ୍ଚଳରେ ଅନେକ ଭାବନ୍ତି, ଭାରତରେ କେବଳ ବୌଦ୍ଧ ଏବଂ ମୁସଲମାନ ଧର୍ମ୍ମ ପ୍ରଚଳିତ । ଭାରତବାସୀଙ୍କୁ ଏ ଅଞ୍ଚଳର ଲୋକେ ହିନ୍ଦ କହନ୍ତି । ହିନ୍ଦୁ ଶବ୍ଦର ଅପଭ୍ରଂଶରୁ ବୋଧହୁଏ ହିନ୍ଦ ହୋଇଛି । ଯେଉଁ ସମସ୍ତ ଭାରତବାସୀ ହଜ୍ କରିବାକୁ ଯାଆନ୍ତି, ସେମାନଙ୍କୁ ମଧ୍ୟ ହିନ୍ଦ ବୋଲି କହନ୍ତି । ବେରୁତରେ ଏହି ଏକମାତ୍ର ହିନ୍ଦ ପରିବାର ଥିବାରୁ ସହରରେ ପରିବାରଟି ସୁପରିଚିତ । ହିନ୍ଦ ଭଦ୍ରବ୍ୟକ୍ତି ମୋତେ ସାଦର ସମ୍ଭାଷଣ ଜଣାଇଥିଲେ । ବାସ୍ତବିକ୍ ତାଙ୍କ ପ୍ରାଣରେ ସ୍ପନ୍ଦନ ଭରି ରହିଛି ।

କଙ୍କଣୀ ସାଙ୍ଗରେ ସମୁଦ୍ରକୂଳ ଆଡ଼କୁ ବୁଲିବାକୁ ଗଲି । ସମୁଦ୍ର କୂଳେ କୂଳେ ଯେତେବେଳେ ଯାଉଥିଲି, ସେତେବେଳେ ବାଟରେ ସେହି ସିନ୍ଧିର ଦୋକାନ ପଡ଼ିଲା । ମୁଣ୍ଡରେ ଫେଜ ପିନ୍ଧି ତା ଦୋକାନରେ ଜଣେ ଲୋକ ବସିଥିଲେ । କଥାବାର୍ତ୍ତାରୁ ଜାଣିପାରିଲି, ସେ ବର୍ମାରୁ ହଜ୍ କରିବାକୁ ଆସିଛନ୍ତି । ତାଙ୍କ ମୁଣ୍ଡରେ କେବଳ

ଫେଜ ଅଛି, ତା ନ ହେଲେ ସବୁ ଇଉରୋପୀୟ ପୋଷାକ, ଆଉ ସେ ପୁଣି ଇସଲାମର ଏକାନ୍ତ ଭକ୍ତ । ଯୁଵକଙ୍କୁ ମଧ୍ୟ କଙ୍କଣୀ ମୋ କଥା ପଚ୍ଚାରୁଥିଲା; କିନ୍ତୁ କୌଣସି ଉତ୍ତର ପାଇଲା ନାହିଁ । ବରଂ ତାକୁ ଅବଜ୍ଞା କରି ତଡ଼ି ଦେଇଥିଲେ । କଙ୍କଣୀ ମୋତେ ତାହା ଜଣାଇଥିଲା । କଙ୍କଣୀ ସଙ୍ଗରେ ସମୁଦ୍ର କୂଳରେ ଯାଇ ବସିଲି, ସମୁଦ୍ର କୂଳଟି ବଡ଼ ସୁନ୍ଦର । ମୃଦୁମନ୍ଦ ଶୀତଳ ପବନ ବୋହି ଚାଲିଛି । ସମୁଦ୍ର ନୀରବ ଏବଂ ନିସ୍ତବ୍ଧ । ହାଇଫା ଦେଇ ରାସ୍ତା ଆଡ଼କୁ ମୁଁ ବ୍ୟାକୁଳ ନୟନରେ ଚାହିଁ ରହିଥିଲି । ସେ ବାଟ ମୋ ପାଇଁ ବନ୍ଦ । ମୋ ପାଖରେ ପରୱାନା ପାଉଣ୍ଡ ନାହିଁ, ତେଣୁ ମୁଁ ଯାଇ ପାରିବି ନାହିଁ । ଦରିଦ୍ରର ପଥ ଚାରିପାଖରୁ ଧନୀଗଣ ବନ୍ଦ କରି ରଖିବାକୁ ଚାହାନ୍ତି । ବିଦେଶରୁ ଆମେ ଶୁଣୁ ଯେ, ଆରବୀଗଣ ଇହୁଦୀମାନଙ୍କୁ ଦେଖି-ସହିପାରନ୍ତି ନାହିଁ, ଦେଶରୁ ତଡ଼ି ଦିଅନ୍ତି; କିନ୍ତୁ ପ୍ରତ୍ୟକ୍ଷ ଅନୁଭୂତିରେ ଜାଣିଲି, ଏହା ଏକାବେଳକେ ମିଥ୍ୟା ପ୍ରଚାର । ବର୍ଷ୍ଣେ ସମସ୍ତ ଇହୁଦୀ ଆରବ ଭିତରକୁ ଚାଲି ଆସନ୍ତୁ, ଏଥିରେ ଆରବର ଯାଏ ଆସେ କଣ ? ତେବେ ଆମେ ସବୁ କାହିଁକି ଏପରି ମିଥ୍ୟା ପ୍ରଚାର ଶୁଣୁ ! ତାର ଏକମାତ୍ର କାରଣ ରାଷ୍ଟ୍ରନେତାଙ୍କର, ପୁଞ୍ଜିବାଦୀ ଆଉ ସାମ୍ରାଜ୍ୟବାଦୀଙ୍କର ଚାଲିକି । ପୃଥିବୀର ନାନା ଅଞ୍ଚଳରେ ଇହୁଦୀ ମାନେ ଅଛନ୍ତି, ସେମାନେ ସମସ୍ତେ ପାଲେଷ୍ଟାଇନକୁ ଫେରି ଆସିବାକୁ ଚାହାନ୍ତି, ଆରବୀଗଣ ସେଥିରେ ଆଦୌ ବାଧା ଦିଅନ୍ତି ନାହିଁ । ବରଂ ସାଧାରଣ ଆରବୀ ଏଥିରେ ଆନନ୍ଦ ଅନୁଭବ କରନ୍ତି ।

ସମୁଦ୍ରକୂଳରେ ବେଶୀ ସମୟ ନ ବସି ବେରୁତର ବ୍ୟବସାୟ-କେନ୍ଦ୍ର ଅଞ୍ଚଳକୁ ଗଲୁଁ । ସ୍ଥାନଟି ବଡ଼ ସୁନ୍ଦର ଏବଂ ଇଉରୋପୀୟ ଧର-ଣରେ ପ୍ରସ୍ତୁତ । ସ୍ତମ୍ଭୁଲ ଆଉ ଆଦାନ ସହିତ ଅନେକ ସାମଞ୍ଜସ୍ୟ ଅଛି ବାଟର ଦୁଇପାଖରେ ସୁନ୍ଦର ଫୁଟ୍‌ପାଥ । ଦୋକାନଗୁଡ଼ିକ ରାସ୍ତାଉପରେ

କିଛିଦୂରକୁ ଧୁଆଁଇ ତିଆରି ହୋଇଛି—ରାସ୍ତାଟିକୁ ପ୍ରଶସ୍ତ ରଖିବାକୁ ଏହି ନିର୍ମାଣପଦ୍ଧତି ଅବଲମ୍ବନ କରାଯାଇଛି । ଦୋକାନର ମାଲିକଗଣ ନାନାଜାତୀୟ ଲୋକ ହେଲେ ମଧ୍ୟ ଇଉରୋପୀୟ ପୋଷାକ ସମସ୍ତେ ପିନ୍ଧନ୍ତି । କଙ୍କଣୀ ବଡ଼ ସାହସୀ, ସେ ବେଳେବେଳେ ଦୋକାନକୁ ଚାଲିଯାଇ ହିନ୍ଦୁସ୍ଥାନୀ ଭାଷାରେ କୌଣସି ପଦାର୍ଥର ଦାମ ପଚାରି ଆସୁଥିଲା, ବାଟର ବାଟୋଇକୁ ବାଟକଥା ପଚାରୁଥିଲା । ଲୋକେ ମଧ୍ୟ ତା ସହିତ କଥାବାର୍ତ୍ତା ହୋଇ ଖୁସି ହେଉଥିଲେ । ଆମେ ନାନା-ପ୍ରକାର କଥାବାର୍ତ୍ତାରେ ସମୟ କଟାଇ ବୁଲିଚାଲି କରି ଶେଷରେ ଗୋଟାଏ କାଫେରେ ଯାଇ ବସିଲୁ । ସେଠାରେ ଖୁବ୍ ଭିଡ଼ ଥିଲା । ଆମ ଦୁହିଙ୍କ ଦେହରେ କୋଟ ଥିଲା; କିନ୍ତୁ ନେକ୍‌ଟାଇ ନ ଥିଲା । ଆମକୁ ଏ ଭଳି ଭାବରେ ଟେବୁଲ ଅଧିକାର କରିବାର ଦେଖି ହୋଟେଲ ମ୍ୟାନେଜର ଫରାସୀ ଭାଷାରେ କଣ କହିଲେ, ଆମେ କିଛି ବୁଝିପାରିଲୁ ନାହିଁ । କଙ୍କଣୀ ଭଲ ଆରବୀ ଜାଣିଥିଲେ ମଧ୍ୟ, ଆରବୀ ନ କହି ହିନ୍ଦିରେ କଥାବାର୍ତ୍ତା ଆରମ୍ଭ କଲା । ଏହି ସବୁ ଅଞ୍ଚଳକୁ ଆମ ଦେଶର ଲୋକେ ଆସିଲା ମାତ୍ରକେ ଏମାନେ ଭାବନ୍ତି ହଜ କରିବାକୁ ଆସିଛନ୍ତି, ଅଥବା ହଜ୍ କରି ଫେରି ଯାଉଛନ୍ତି । ପ୍ରତ୍ୟେକଙ୍କ ପକେଟ ଟଙ୍କାରେ ଭର୍ତ୍ତି ରହିଛି । ମ୍ୟାନେଜରର ନାଲି ଆଖି କଳା ଆରବୀଗଣ ସହି ପାରିଲେ ନାହିଁ, ସେମାନେ ଆସି ଆମ ପାଖରେ ବସିଲେ ଏବଂ ମ୍ୟାନେଜରକୁ ଆମର ଖାଦ୍ୟ ଦେବା ପାଇଁ କହିଲେ । ଶ୍ୱେତକାୟ ଆରବୀ ଅନେକ ଥିଲେ ମଧ୍ୟ କେହି ଆମକୁ ସାହାଯ୍ୟ କରିବାକୁ ଆସି ନ ଥିଲେ । ଏହିଠାରେ ବର୍ଣ୍ଣ ବିଦ୍ୱେଷର ଜ୍ୱଳନ୍ତ ପ୍ରମାଣ ମିଳିଲା ।

ହୋଟେଲକୁ ଫେରିଯାଇ ଆମେ ଏକ ସାଥିରେ ରହିଲୁ । ପରଦିନ କଙ୍କଣୀକୁ କହିଲି, "ଏଠାରୁ କୌଣସି ଗୋଟିଏ ଜାହାଜରେ

କାମ କରି ତାର ଲଣ୍ଡନ ଯିବା ଉଚିତ । କାରଣ ବିନା ପାଶପୋର୍ଟରେ ତାକୁ ତୁର୍କି ଭିତରକୁ ଯିବାକୁ ଦେବେନାହିଁ । ମୋ କଥା ସେ ଭଲଭାବରେ ବୁଝି ପାରିଲା ଏବଂ ମୋ ସାଙ୍ଗରେ ଯାଇ ଅନେକ ଜାହାଜ କୋମ୍ପାନୀର ଅଫିସ ବୁଲିବୁଲି କରି ଶେଷରେ ଗୋଟିଏ ଗ୍ରୀକ୍ ଜାହାଜରେ ଖାନସାମା କାମ ପାଇ ଲଣ୍ଡନ ଦିଗରେ ଯାଇଥିଲା । କଙ୍କଣୀ ଚାଲିଗଲା ପରେ ମୋର ଆଉ ବେରୁତରେ ରହିବାକୁ ଇଚ୍ଛା ହେଲା ନାହିଁ । ମୁଁ ମଧ୍ୟ ଆରବଦେଶକୁ ପଛରେ ରଖି ଆତାତୁର୍କଙ୍କ ଦେଶଆଡ଼କୁ ଅଗ୍ରସର ହେଲି ।

ସମାପ୍ତ

ମୁଦ୍ରାକର—ଶ୍ରୀ ରଘୁନାଥ ପ୍ରସାଦ ମିଶ୍ର, ପ୍ରସାଦ ପ୍ରେସ, କଟକ—୨
୧୯୫୮

NOT TO BE ISSUED

ଅଜାଙ୍କ ମଜା କଥା

[ଆଧୁନିକ ଶିଳ୍ପ ଓ ବିଜ୍ଞାନ କଥା]

ତୃତୀୟ ଖଣ୍ଡ

ଲେଖକ—
ଅଧ୍ୟାପକ **ଗୋକୁଳାନନ୍ଦ ମହାପାତ୍ର** ଏମ୍. ଏସ୍‌ସି.
ରେଭେନ୍‌ସା କଲେଜ

ଦ୍ୱିତୀୟ ସଂସ୍କରଣ

ପ୍ରକାଶକ—

ଦି ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲି:

ବ୍ରହ୍ମପୁର : କଟକ : ସମ୍ବଲପୁର

୧୯୫୭

ମୂଲ୍ୟ ଆଠ ଅଣା

ଅଜାଙ୍କ ମଜା କଥା

(ପାଠାଗାର ସଂସ୍କରଣ)

ପ୍ରଥମ ଖଣ୍ଡ ... ଚିନି କଥା

ଦ୍ୱିତୀୟ ଖଣ୍ଡ ... କାଚ କଥା

ତୃତୀୟ ଖଣ୍ଡ ... ସାର କଥା

ଚତୁର୍ଥ ଖଣ୍ଡ ... କାଗଜ କଥା

ପଞ୍ଚମ ଖଣ୍ଡ ... କିରାସିନି କଥା

[ପ୍ରତିଖଣ୍ଡର ମୂଲ୍ୟ ଆଠ ଅଣା]

ଅଜାଙ୍କ ମଜା କଥା

ସାର କଥା

"ଅଜା, ଆଜି ଏତେବେଳଯାଏ ତୁମେ କଣ ବସି ଖବର-
ାଗଜ ପଢୁଛ ? କାଲି ଆମକୁ ଯେଉଁ କଥା କହିବାପାଇଁ
ହିଥିଲ, ଆଜି କଣ କହିବ ନାହିଁ ?"

ଏତକ କହି ସେହି ନାତି ନାତୁଣୀ ଦୁହେଁ ବୈଠକଖାନା
ରଭିତରକୁ ପଶି ଆସି ବୁଢାଙ୍କୁ ଘେରାଇଦେଲେ ।

"ଆରେ, ତୁମେମାନେ
ଣି ଆସିଗଲଣି କି ?
ାଃ, ତୁମମାନଙ୍କର ତ
ଙ୍କା ନ ବ ଷ ମୂ ରେ
ଶିବାକୁ କମ୍ ଝୁଙ୍କ
ହିଁ !"

"ଅଜା, ତୁମେ
ତେ ବେଳ ଯାଏ
ରକାଗଜରେ କଣ ପଢୁଥିଲ ?" କୁମାର ପଚାରିଲା ।

"କଣ ପଢ଼ୁଥିଲ ? ଆମ ଦେଶର ସେହି ସିନ୍ଦ୍ରି ସାରତଅ କାରଖାନା କଥା । ଆରେ, ତୁମେମାନେ ଜାଣି ନାହଁ ଆମ ସରକାର ପରା ବିହାର ପ୍ରଦେଶର ସିନ୍ଦ୍ରିଠାରେ ଗୋଟି କୃତ୍ରିମ ବିଲାତି ଖତତିଆରି କାରଖାନା ବସାଇଛନ୍ତି ? ସେଠାେ ଖାଲି ପାଣି ପବନରୁ ହଜାର ହଜାର ମହଣ ବିଲାତି ଖତ ଦିନ ତିଆରି ହେଉଛି । ପୁଣି ସେହି କୃତ୍ରିମ ଖତ ଆମ ଦେଶର ଶୁଷ୍କଜମିରେ ଦିଆ ହୋଇ ଅଧିକ ଫସଲ ଅମଦାନୀ ହେଉ



[ସିନ୍ଦ୍ରି କାରଖାନା]

"ବିଲାତି ଖତ କଣ, ସେ ପୁଣି ପାଣି ପବନରୁ ତିଆରି ହୁ କେମିତି ?" ରେଣୁ ପଚାରିଲା ବଡ଼ ଆଶ୍ଚର୍ଯ୍ୟ ହୋଇ ।

"ଅରେ, ତୁମେସବୁ ବିଲାତି ଖତ କଣ ଦେଖିନ ? ସେଦିନ ରମା ପରା ବୋଉ ଗଛମୂଳରେ ଦେବାପାଇଁ ବଜାରରୁ କିଣି ଆଣିଥିଲା ? ଦେଖିବାକୁ ଅବିକଳ ଚିନିଦାନା ପରି ଧଳା ଧଳା ।"

"ଓଃ, ସେହି ପରା ବିଲାତିଖତ ! ସେ ପୁଣି ପାଣି ପବନରୁ ଆଉ ହୁଏ କିପରି ? ତୁମ କଥା ଆମେ କିଛି ବୁଝି ପାରୁ ନାହୁଁ ।"

"ଅରେ, ତୁମେମାନେ ସେସବୁ ସହଜରେ ବୁଝିପାରିବ ନାହିଁ । ତୁମମାନଙ୍କୁ ମୁଁ ଧୀରେ ଧୀରେ ବୁଝାଇଦେବି, ପାଣି ପବନରୁ ଖତ କିପରି ତିଆରି ହୁଏ । ହଁ, ଆଜି ଗୋଟିଏ କଥା, ତୁମେମାନେ ଖତ କଣ ଜାଣିଛ ? ଖତ କଣ ଜାଣିଥିଲେ ଯିନା ବିଲାତି ଖତ କଣ ବୁଝି ପାରିବ ! କୁମାର, କହିଲ ଖତ କଣ ? ଏହା ଆମର କି କି କାମରେ ଲାଗେ ?"

"ମୁଁ ଜାଣିଛି ଅଜା !" ହଠାତ୍ ରେଣୁ ପାଟି କରି ଉଠିଲା, ସେଦିନ ବୋଉ କହୁଥିଲା, ଆମ ବାଡ଼ିପଟେ ଗୋଟିଏ ଖତ ଗଦା ଅଛି । ସେଠାରେ ଆମ ରମା ପ୍ରତିଦିନ ଘରର ଅଳିଆସବୁ ନେଇ ପକାଏ । ଆମ ଗୁହାଳରୁ ଯେଉଁ ପାଉଁଶ ବାହାରେ, ତାହା ମଧ୍ୟ ସେଠାରେ ପଡ଼େ । ପାଉଁଶ, ଅଳିଆ ସବୁ ମିଶି ଖତ ହୁଏ ।"

"ହଁ, ଠିକ୍ କହିଛୁ ମା ! ପାଉଁଶ, ଅଳିଆ ସବୁକୁ ଗୋଟିଏ ଗାତରେ ପକାଇଲେ ସେସବୁ କିଛି ଦିନ ପରେ ଖତ ହୋଇଯାଏ । ଏହି ଖତକୁ କହନ୍ତି ପାଉଁଶଖତ । ଏହାକୁ କଣ କରାଯାଏ କହିଲ ?"

"ଖତକୁ ପରା ଗଛମୂଳରେ ଦେଲେ ଗଛ ଭଲ ବଢ଼େ ଅଜା ? ସେଦିନ ବୋଉ ରମାକୁ କହୁଥିଲା ଶାଗମନ୍ଦାରେ ଖତ ଦେବାପାଇଁ ।" କୁମାର ଉତ୍ତର ଦେଲା ।

"ହଁ, ଠିକ୍ କହୁଛୁ । ଗଛମୂଳରେ ଖତ ଦେଲେ ଗଛ ବଢ଼େ । ଗଛରେ ପତ୍ର, ଫୁଲ୍ ଆଦି ଭଲ ହୁଏ । ଗଛରେ ଭ ଫଳ ଧରେ ।"

"ଗଛମୂଳରେ ଖତ ନ ଦେଲେ ଗଛ ବଢ଼େ ନାହିଁ କାହିଁକି ଅଜା ? ଆମ ବାଡ଼ିରେ ସେ ଭେଣ୍ଡି ଗଛଗୁଡ଼ା ମୋଟେ ବଢୁ ନାହିଁ । ବୋଉ ସେଦିନ କହୁଥିଲା, ତା ମୂଳରେ ଖତ ଦିଆ ଯାଇ ନାହିଁ ବୋଲି ସେଗୁଡ଼ିକ ବଢ଼ି ପାରୁ ନାହିଁ । ଖତରେ କଣ ଅଛି ଯେ ସେ ଗଛକୁ ବଢ଼ାଇପାରୁଛି ?" ରେଣୁ ପଚାରିଲା ।

"ଅଚ୍ଛା କଥାଟିଏ ପଚାରିଛୁ । ହେଉ ତେବେ କହୁଛି, ଶୁଣ ଆମେ ଯେପରି ଭାତ, ଡାଲି, ତରକାରି ଆଦି ଖାଉଁ ଓ ସେଥିରେ ତେଲଜାତୀୟ, ଛେନାଜାତୀୟ, ଶର୍କରାଜାତୀୟ ଓ ଅନ୍ୟାନ୍ୟ ଜାତୀୟ ଖାଦ୍ୟ ଯଥେଷ୍ଟ ପରିମାଣରେ ନ ରହିଲେ ଆମେ ବଢ଼ିପାରୁ ନାହିଁ, ଠିକ୍ ସେହିଭଳି ଉଦ୍ଭିଦ ତାର ବଢ଼ିବାପାଇଁ ଯବକ୍ଷାରଜାନ, ଫସ୍‌ଫରସ୍, କେଲସିୟମ୍, ପୋଟାସିୟମ୍ ପ୍ରଭୃତି କେତେକ ଉପାଦାନ ଦରକାର କରେ । ଉପରୋକ୍ତ ଜାତୀୟ ଖାଦ୍ୟରୁ କୌଣସିଟି କମ୍ ପଡ଼ିଗଲେ ଆମକୁ ଯେପରି କେତେ ପ୍ରକାର ରୋଗ ଆକ୍ରମଣ କରେ; ସେହିଭଳି ଉଦ୍ଭିଦର ଉପରୋକ୍ତ ଖାଦ୍ୟରୁ କୌଣସିଟି କମ୍ ପଡ଼ିଗଲେ ଉଦ୍ଭିଦର ନାନାପ୍ରକାର ରୋଗ ହୁଏ । ସେ ଭଲଭାବରେ ବଢ଼ିପାରେ ନାହିଁ ।"

"କେଉଁ କେଉଁ ଉପାଦାନ କମ୍ ପଡ଼ିଗଲେ ଉଦ୍ଭିଦକୁ କି କି ରୋଗ ହୁଏ ଅଜା ?" ରେଣୁ ପଚାରିଲା ।

"ନାଇଟ୍ରୋଜେନ୍ ଅଭାବରେ ଗଛ ଫାଙ୍କୁଣିଆ ପଡ଼ିଯାଏ, ଭଲା ମରମର ହୋଇ ବଢ଼ିପାରେ ନାହିଁ । କିଛି ଦିନପରେ ଗଛ ଲୁଗୁଡ଼ିଆ ହୋଇଯାଏ, ପତ୍ର ହଳଦିଆ ପଡ଼ିଯାଏ । ଗଛରେ ବେଶି ଫଳ ହୁଏ ନାହିଁ; ଫଳରେ ଅଧିକ ଶସ୍ୟ ଅମଦାନି ଅସମ୍ଭବ ହୁଏ । ସେହିଭଳି ଫସ୍ଫରସ୍ ଅଭାବ ହେଲେ ଗଛ ଧୀରେ ଧୀରେ ବଢ଼େ, ଡେରିରେ ଫୁଲଫଳ ଧରେ । ଶସ୍ୟ ଓ ମଞ୍ଜିରେ ଫସ୍ଫରସ୍ ପରିମାଣ କମିଯାଏ । ସେହିଭଳି କେଲ୍‌ସିୟମ ଓ ପଟାସ୍ ଅଭାବ ହେଲେ ଉଦ୍ଭିଦ ଖୁବ୍ ଭଲଭାବରେ ତାର ନିଜର ଖାଦ୍ୟ ତିଆରି କରିପାରେ ନାହିଁ । ଉଦ୍ଭିଦକୁ ଅଦ୍ଭୁତ କେତେ ପ୍ରକାର ରୋଗ ଆକ୍ରମଣ କରେ ।"

[ଖତ ଅଭାବରେ ଫସଲର ଦୁରବସ୍ଥା]

"ଉଦ୍ଭିଦ ଏହିସବୁ ଉପାଦାନ ପାଏ କେଉଁଠୁ ?" ରେଣୁ ପଚାରିଲା ।

"ଉଦ୍ଭିଦର ଏହି ଦରକାରୀ ଉପାଦାନଗୁଡ଼ିକ ସାଧାରଣତଃ ମାଟିରେ ଥାଏ । ଉଦ୍ଭିଦ ଜଳ ସହିତ ଏଗୁଡ଼ିକୁ ଭୂମିରୁ ଲବଣ ଆକାରରେ ଶୋଷିନେଇ ନିଜର ବଢ଼ିବାରେ ଲଗାଏ । ଯେଉଁ ମାଟିରେ ଏହି ଉପାଦାନଗୁଡ଼ିକ ଯଥେଷ୍ଟ ପରିମାଣରେ ନ ଥାଏ, ଗଛ ନିଜର ବଢ଼ିବାପାଇଁ ସେଗୁଡ଼ିକୁ

ପାଇପାରେ ନାହିଁ; ଫଳରେ ସେ ଜମିରେ ଗଛ ଭଲଭାବରେ ଉଧାଏ ନାହିଁ । ଯେଉଁ ଜମିରେ ଏଗୁଡ଼ିକ ଯଥେଷ୍ଟ ପରିମାଣରେ ଥାଏ, ସେ ଜମିରେ ଉଦ୍ଭିଦ ଭଲ ବଢ଼େ । ଯେଉଁ ଜମିରେ ଗଛ ମୋଟେ ଉଧାଏ ନାହିଁ, ତାକୁ କି ଜମି କୁହାଯାଏ କହିଲ ?"

"ଠାଙ୍ଗର ଭୂଇଁ" । କୁମାର କହିଲା ।

"ଠିକ୍ କହିଛୁ ବାବା, ଠାଙ୍ଗର ଭୂଇଁ । ଏଥିରେ ଗଛର ଉପଯୋଗୀ ଖାଦ୍ୟ ନ ଥିବାରୁ ଗଛ ବଢ଼ିପାରେ ନାହିଁ । ଠିକ୍ ଏହି କାରଣ ହେତୁ ନଈବାଲିରେ ମଧ୍ୟ କୌଣସି ଗଛ ଉଧାଏ ନାହିଁ ।"

"ଠାଙ୍ଗର ଭୂଇଁ କମ୍ବା ବାଲିଆ ଭୂଇଁରେ କଣ କଲେ ଗଛ ହୋଇପାରିବ ?" ରେଣୁ ପଚାରିଲା ।

"ଠାଙ୍ଗର ଭୂଇଁରେ କମ୍ବା ବାଲିଆ ଭୂଇଁରେ ଖତ ଦେଲେ ସେଥିରେ ଉଦ୍ଭିଦ ଭଲ ହେବ ।"

"ତାହେଲେ ଖତରେ କଣ ଉଦ୍ଭିଦର ଖାଦ୍ୟ ଥାଏ ?" ରେଣୁ ପଚାରିଲା ।

"ହଁ, ମା, ଖତରେ ଉଦ୍ଭିଦର ଖାଦ୍ୟ ପ୍ରଚୁର ପରିମାଣରେ ଥାଏ । ଏହି ସାରକୁ ମାଟିରେ ଦେଲେ ମାଟିର ଉର୍ବର ଶକ୍ତି ବଢ଼େ । ସେଥିରେ ଗଛ ପନ୍ଧ ଭଲ ହୁଏ; ଫସଲ ଅମଦାନୀ ବେଶି ହୁଏ । ଏହି ସାର କେତେ ପ୍ରକାରର ଅଛି ଜାଣିଛ ?"

"ନାହିଁ, ଆମେ ଜାଣି ନାହୁଁ ।"

"ସାର ହେଉଛି ମୋଟାମୋଟି ଦୁଇ ପ୍ରକାର—ପ୍ରାକୃତିକ ସାର ଓ କୃତ୍ରିମ ସାର ।"

"ପ୍ରାକୃତିକ ସାର କାହାକୁ କହନ୍ତି ?" ରେଣୁ ପଚାରିଲା ।

"ଯେଉଁ ସାର ସାଧାରଣତଃ ପ୍ରାକୃତିକ ଜଗତରୁ ସଂଗ୍ରହ କରାଯାଏ, ତାକୁ ପ୍ରାକୃତିକ ସାର କହନ୍ତି । ଗୋବରଖତ, ପାଉଁଶଖତ, ଅଳିଆଖତ, ପିଡ଼ିଆ, ହାଡ଼ଗୁଣ୍ଡ, ଶୁଖୁଆଗୁଣ୍ଡି, ପଙ୍କ, ମଳମୂତ୍ର, ଚୂନ, ସବୁଜସାର, ସଢ଼ାଖତ ଆଦି ଏହି ଶ୍ରେଣୀର । ଏହିସବୁ ସାରକୁ ମଣିଷ ତିଆରି କରେ ନାହିଁ, କେବଳ ଏଠୁସେଠୁ ସଂଗ୍ରହ କରେ ମାତ୍ର । ସୃଷ୍ଟିର ଆଦିମ କାଳରୁ ମଣିଷ ଯେବେ ଗୃହବାସ କରି ଶିଖିଲା, ସେହି ଦିନଠାରୁ ସେ ଏଠୁସେଠୁ ଏହି ପ୍ରାକୃତିକ ସାର ସଂଗ୍ରହ କରି ଗୃହବାସରେ ଲଗାଇ ଆସିଛି । ଇତିହାସରୁ ଯାହା ଜଣାଯାଏ, ଏହି ପ୍ରାକୃତିକ ଖତକୁ ସବା ପହିଲେ ପାଶ୍ଚାତ୍ୟ ଦେଶରେ ବ୍ୟବହାର କରି ଜାଣିଥିଲେ ରୋମ୍ ଅଧିବାସୀମାନେ; କିନ୍ତୁ ସେମାନଙ୍କର ବହୁ ପୂର୍ବରୁ ଆମ ଦେଶର ଲୋକେ କ୍ଷେତରେ ଏହି ସାର ବ୍ୟବହାର କରିଥିବାର ପ୍ରମାଣ ଅଛି । ଆଜିକାଲି ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶରେ ଏହି ସାରର ବ୍ୟବହାର ଅଳ୍ପବହୁତେ ଦେଖିବାକୁ ମିଳେ ।"

"କୃତ୍ରିମ ସାର ପୁଣି କାହାକୁ କହନ୍ତି ? ପ୍ରାକୃତିକ ସାରଠାରୁ ଏହା କେଉଁ ଗୁଣରେ ଉଚ୍ଚ ?" କୁମାର ପଚାରିଲା ।

"କୃତ୍ରିମ ସାର ହେଉଛି ମଣିଷତିଆରି ସାର । ମଣିଷ ଯେତେବେଳେ ବିଜ୍ଞାନରେ ଆଗେଇପାରିଲା, ସେତେବେଳେ ତାର ମୁଣ୍ଡରେ ନାନାପ୍ରକାର ବୁଦ୍ଧି ଖେଳିଲା । ବିଜ୍ଞାନ ସାହାଯ୍ୟରେ ସେ ଜାଣିବାକୁ ଚେଷ୍ଟା କଲା ଉଦ୍ଭିଦ ନିଜର ବଢ଼ିବାପାଇଁ କେଉଁ କେଉଁ ପଦାର୍ଥ ବିଶେଷଭାବରେ ଦରକାର କରେ । ଆଜକୁ ମୋଟେ ଶହେ ଦେଢ଼ଶହ ବର୍ଷତଳେ ସେ ଜାଣିପାରିଲା, ଉଦ୍ଭିଦର ପ୍ରଧାନ

ଦରକାରୀ ପଦାର୍ଥ ହେଉଛୁ ଯବକ୍ଷାରଜାନ, ଫସ୍‌ଫରସ୍, କେଲସିୟମ୍, ପଟାସ୍ ପ୍ରଭୃତି କେତେଗୋଟି ଉପାଦାନ । ଏହି କେତୋଟି ଉପାଦାନକୁ ଦରକାର ଅନୁଯାୟୀ ଉଦ୍ଭିଦକୁ ଯୋଗାଇ-ପାରିଲେ, ଉଦ୍ଭିଦ ବେଶ୍ ଭଲଭାବରେ ବଢ଼ି ପତ୍ର, ଫୁଲ, ଫଳ ଧାରଣ କରେ । ପ୍ରାକୃତିକ ସାର ଉଦ୍ଭିଦକୁ ଏହିସବୁ ଉପାଦାନ ଯୋଗାଉଥିବାରୁ, ସାର ଦେଲେ ଉଦ୍ଭିଦ ଭଲଭାବରେ ବଢ଼େ । ବୈଜ୍ଞାନିକମାନେ ଭାବିଲେ, ଅନ୍ୟ କୌଣସି ଉପାୟରେ ଏହିସବୁ ଉପାଦାନକୁ ଉଦ୍ଭିଦଠାରେ ପହଞ୍ଚାଇପାରିଲେ, ଉଦ୍ଭିଦର ଶରୀରବୃଦ୍ଧିରେ କୌଣସି ବାଧା ଉପୁଜିବ ନାହିଁ । ସେମାନେ ପରୀକ୍ଷା କରି ଦେଖିଲେ ଯେ, ପ୍ରାକୃତିକ ସାର ବଦଳରେ ଉପରୋକ୍ତ ଉପାଦାନ ଥିବା କେତେ ଗୋଟି ରସାୟନିକ ଲବଣ ଉଦ୍ଭିଦ-ମୂଳରେ ଦେଲେ, ଉଦ୍ଭିଦ ଦରକାର କରୁଥିବା ଉପାଦାନଗୁଡ଼ିକୁ ସେ ସବୁଥିରୁ ପାଇପାରେ; ଫଳରେ ତାର ବଢ଼ିବାରେ କୌଣସି ବ୍ୟାଘାତ ଘଟେ ନାହିଁ । ବୈଜ୍ଞାନିକମାନଙ୍କର ଏହି ଅବିଷ୍କାର ସାରା ବିଜ୍ଞାନ-ଜଗତରେ ଚହଳ ପକାଇ ଦେଇଥିଲା । ବହୁ ଲୋକଙ୍କର ଏହି ରସାୟନିକ ଲବଣ ଆଡ଼କୁ ଦୃଷ୍ଟି ଟାଣିହୋଇ ଆସିଲା । ଦିନକୁ ଦିନ ଏମୋନିୟମ୍ ସଲଫେଟ୍, ଏମୋନିୟମ୍ ନାଇଟ୍ରେଟ୍, ଏମୋନିୟମ୍ ଫସ୍‌ଫେଟ୍, ନାଇଟ୍ରେଟ୍ ଅଫ୍ ସୋଡ଼ା, କେଲ୍‌ସିୟମ ସିଆନମାଇଡ୍, ଇଉରିଆ, ସୁପରଫସ୍‌ଫେଟ୍ ଓ ଡବଲ ସୁପର-ଫସ୍‌ଫେଟ୍ ଅଫ୍ ଲାଇମ୍ ପ୍ରଭୃତି ବହୁ ରସାୟନିକ ଦ୍ରବ୍ୟ ପରୀକ୍ଷିତ ହୋଇ ସାର ଭାବରେ ପ୍ରସିଦ୍ଧି ଲାଭ କଲା । ଏଗୁଡ଼ିକ ପ୍ରାକୃତିକ ସାର ଭଳି ଗଛର ବୃଦ୍ଧି ଓ ଭୂମିର ଉର୍ବରତା ରକ୍ଷା କରିପାରୁ-ଥିବାରୁ ଓ ଏଗୁଡ଼ିକୁ ବଡ଼ ବଡ଼ କଳକାରଖାନାରେ ମଣିଷ କୃତ୍ରିମ ଉପାୟରେ ତିଆରି କରିପାରୁଥିବାରୁ ଏମାନଙ୍କ ନାମ ଦିଆଗଲା

କୃତ୍ରିମ ସାର । ସାର ହିସାବରେ ଜମିର ଉତ୍ପାଦିକା ଶକ୍ତି ବଢ଼ାଇବା ଦିଗରେ ଏଗୁଡ଼ିକ ପ୍ରାକୃତିକ ସାରକୁ ବହୁ ଗୁଣରେ ବଳିଯାଇଛି ।”

“କୃତ୍ରିମ ସାର ଓ ପ୍ରାକୃତିକ ସାର ଭିତରେ ଭଲ କେଉଁଟି ଅଜା ?” ରେଣୁ ପଚାରିଲା ।

“ଶସ୍ୟ ଉତ୍ପାଦନ ଦୃଷ୍ଟିରୁ କୃତ୍ରିମ ସାର ବେଶି ବଳଶାଳୀ ହେଲେ କଣ ହେବ, ଚୃଷଜମି ପାଇଁ ଏ ଦୁଇଟିର ଆବଶ୍ୟକତା ଅଛି । ଦୁଇଟି ଯାକ ଚୃଷଜମିପାଇଁ ଦରକାରୀ । କୃତ୍ରିମ ସାର ନ ଦେଲେ ଆମେ ଗୋଟିଏ ଜମିରୁ ବହୁ ପରିମାଣରେ ଅଖୁ, କୋଠ ଆଦି ଫସଲ ଉତ୍ପାଦନ କରିପାରିବା ନାହିଁ । ବହୁ ଦେଶର ମାଟି ଓ ଜଳବାୟୁ ଏପରି ଯେ, ଜମିରେ ଖାଲି କୃତ୍ରିମ ସାର ଦେଲେ ଜମିର ଉର୍ବରତା ଶକ୍ତି ବିଶେଷ ବଢ଼େ ନାହିଁ । ଜମିରେ ଯଦି କିଛି ପ୍ରାକୃତିକ ଖତ, ବିଶେଷତଃ ଗୋବରଖତ, ଅଳିଅଖତ, ସଢ଼ାଖତ ଆଦି ଦିଆ ନ ଯାଏ, ତେବେ ଖାଲି କୃତ୍ରିମ ଖତରେ ବେଶି କିଛି ଲାଭ ହୁଏ ନାହିଁ । କୃଷିବିଶାରଦମାନେ କହନ୍ତି, ଚୃଷଜମିରେ ପ୍ରାକୃତିକ ଓ କୃତ୍ରିମ ସାର ଉଭୟ ମିଶାହୋଇ ବ୍ୟବହୃତ ହେବା ଉଚିତ ।”

“ତୁମେ ପରା କହିଲ, ପ୍ରାକୃତିକ ଖତରେ ଉଦ୍ଭିଦର ଯେଉଁ ଖାଦ୍ୟ ଉପାଦାନ ଥାଏ, କୃତ୍ରିମ ଖତରେ ସେଗୁଡ଼ିକ ଅଧିକ ବେଶି ପରିମାଣରେ ଥାଏ ? ତେବେ କୃଷିପାଇଁ ପୁଣି ପ୍ରାକୃତିକ ଖତ ଦରକାର କଣ ?” କୁମାର ପଚାରିଲା ।

“ଓଃ, ତୁମକୁ ଗୋଟିଏ କଥା କହିବାକୁ ଭୁଲି ଯାଇଥିଲି । ଉଦ୍ଭିଦ ଉପରୋକ୍ତ ଉପାଦାନ ବ୍ୟତୀତ ଅନ୍ୟ ଗୋଟିଏ ଉପାଦାନ ଅତ୍ୟଧିକ ପରିମାଣରେ ଦରକାର କରେ । ଏହାକୁ

କହନ୍ତି ଜୈବିକ ଉପାଦାନ । ସାଧାରଣ ଗୃଷଜମିରେ ଏହି ଉପାଦାନଟି ନ ଥିଲେ ଯେତେ କୃତ୍ରିମ ସାର ଦେଲେ ମଧ୍ୟ କିଛି ଲାଭ ହୁଏ ନାହିଁ । କେତେକ ପ୍ରାକୃତିକ ସାରରେ ଏହି ଜୈବିକ ଉପାଦାନ ପ୍ରଚୁର ପରିମାଣରେ ଥିବାରୁ ସେଗୁଡ଼ିକୁ ଜମିରେ ଦେଲେ ଜମିର ଜୈବିକ ଉପାଦାନ ଅଭାବ ଦୂର ହୁଏ । ଜୈବିକ ଉପାଦାନ ଥିବା ଜମିରେ କୃତ୍ରିମ ସାର ଦେଲେ ଗୃଷ ଖୁବ୍ ଭଲ ହୁଏ । ଏହି ହେତୁରୁ ଆମେରିକା, ଜାପାନ, ରୁଷିଆ, ଚୀନ ପ୍ରଭୃତି ଦେଶର ଜମିରେ କୃତ୍ରିମ ସାର ସଙ୍ଗେ ସଙ୍ଗେ ପ୍ରଚୁର ପରିମାଣରେ ଗୋବର ଖତ, ଅଲିଆଖତ, ସଢ଼ାଖତ ଓ ସବୁଜସାର ଆଦି ଦେଇଥାନ୍ତି ।”

“ଗୋବରଖତ କଣ ଅଜା ? କଞ୍ଚା ଗୋବରକୁ ଜମିରେ ଦେଲେ କଣ ତାହା ସାରର କାମ କରିବ ?” ବେଣୁ ପଚାରିଲା ।

“ନା, ମା, କଞ୍ଚା ଗୋବର ସେହିଭଳି ଜମିରେ ଦିଆଯାଏ ନାହିଁ । ଏହାକୁ ପଚାଇଲେ ଖତରେ ପରିଣତ କରି ସେହି ଖତକୁ ଜମିରେ ଦେଲେ ଫସଲ ଭଲ ହୁଏ ।”

“ଗୋବରଖତ କିପରି ତିଆରି ହୁଏ ?” କୁମାର ପଚାରିଲା ।

“ଗୋବରଖତ ତିଆରି କରିବାକୁ ହେଲେ କେତେଗୋଟି ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼େ । ପ୍ରଥମେ ଗୋଟିଏ ଖାଲ ଖୋଳି ସେହି ଖାଲରେ ପ୍ରତିଦିନ ଗୋବର, ଗୋରୁମୂତ୍ର ଆଦି ପକାଯାଏ ଓ ତା ଉପରେ ୩।୪ ଇଞ୍ଚ ବହଳର ମାଟି ବିଛାଇ ଦିଆଯାଏ । ପ୍ରତିଦିନ ଏହିପରି ଖାଲ ପୂରିଗଲେ ତା ଉପରେ ଫୁଟେ ବହଳର ମାଟି ପକାଇ ଦିଆହୁଏ । ଗୋବର ଖାଲରେ ଗୋବର ପକାଉଥିବା ସମୟରେ ତା ଭିତରେ ବାହାରର ପାଣି ବା ବୃଷ୍ଟିଜଳ ଯେପରି ନ ପଶେ, ସେଥିପ୍ରତି ଦୃଷ୍ଟି

ଦିଆଯାଏ । କିନ୍ତୁ ଦିନଭିତରେ ଏହି ଗୋବର ଓ ଗୋରୁମୂତ ମାଟି ସହିତ ମିଶି ପଚି ଖତ ହୋଇଯାଏ । ଗୋଟିଏ ବର୍ଷ ପରେ ଏହି ଖାଲକୁ ଖୋଳି ସେଥିରୁ ଖତକୁ ବାହାର କରି ଜମିରେ ଦେଲେ ଫସଲ ଖୁବ୍ ଭଲ ହୁଏ । ଅନ୍ତତଃ ପ୍ରତି ଛଅ ମାସରେ

[ଗୋବରଖତ ଢିଅର]

ଗୋରୁଗୁହାଳର ଚଟାଣତଳକୁ ୬ ଇଞ୍ଚ ବହଳରେ ଖୁଣ୍ଟି ସେହି ମାଟିକୁ ବାହାର କରି ଗୋବରଖତ ସହିତ ମିଶାଇଲେ ସେହି ମାଟି ମଧ୍ୟ ଖତ ଭଳି କାମ କରେ । ଗୋରୁ ଗାଈ ବ୍ୟତୀତ ମଇଁଷି, ଛେଳି, ମେଣ୍ଢାମାନଙ୍କର ମଳମୂତ୍ର ମଧ୍ୟ ଖତତିଆରିରେ ଲାଗିପାରେ ।

ଗୋବରଖତ ପ୍ରାକୃତିକ ଖତ ମଧ୍ୟରେ ଏକ ଉତ୍କୃଷ୍ଟ ଖତ । ଏଥିରେ ଯବକ୍ଷାରଜାନ ଭାଗ ଯଥେଷ୍ଟ ପରିମାଣରେ ଥାଏ । ତେଣୁ କୌଣସି ଜମିରେ ଯବକ୍ଷାରଜାନ ଭାଗ ନିଅଣ୍ଟ ପଡ଼ିଲେ ଏହି ଗୋବରଖତ ଦିଆଯାଇ ଅଭାବ କିଞ୍ଚିତ୍ ମେଣ୍ଟାଯାଇପାରେ ।"

"ଆମ ଦେଶରେ ତ ଏହି ଗୋବରଖତ ବେଶି ପରିମାଣରେ ବ୍ୟବହୃତ ହେଉଥିବ ?" ରେଣୁ ପଚାରିଲା ।

"ନା, ଆମ ଦେଶର ଗୋରୁସଂଖ୍ୟା ପୃଥିବୀର ଅନ୍ୟ ଦେଶଠାରୁ ବେଶି ହେଲେ ମଧ୍ୟ ଏବଂ ଗୋବର ପରିମାଣ ସେହି ଅନୁପାତରେ ବେଶି ଥିଲେ ମଧ୍ୟ ଆମ ଦେଶରେ ଖୁବ୍ କମ୍ ଗୋବର ଖତରେ ପରିଣତ ହୁଏ । ଆମ ଦେଶର ଲୋକେ ପରା ଗୋବରକୁ ଘଷି କରି ଜାଳି ନଷ୍ଟ କରିଦିଅନ୍ତି । ତେଣୁ ସେପରି ଅବସ୍ଥାରେ ଆମର ବେଶି ଗୋବରଖତ ଆସିବ କୁଆଡ଼ୁ ?"

[ଘଷି]

"ଏହା ତ ଭାରି ଅନ୍ୟାୟ ! ଆମେ ଗୋବରକୁ ନ ଜାଳି ଖତ କରି ଜମିରେ ଦେଲେ ତ ଆମର ଅଧିକ କେତେ ଫସଲ ଫଳନ୍ତା ! ଅଚ୍ଛା, ଗୋବର ଜାଳିବା କଣ ଆମ ଦେଶରେ ବନ୍ଦ କରି ହେବ ନାହିଁ ? ଲୋକମାନଙ୍କୁ ଗୋବରଖତର ଉପକାରିତା ସମ୍ବନ୍ଧରେ ବୁଝାଇଦେଲେ ତ ସେମାନେ ମୋଟେ ଜାଳନ୍ତେ ନାହିଁ ?" କୁମାର କହିଲା ।

"ନା, ଗୋବର ଜାଳିବାଟାକୁ ଏତେ ସହଜରେ ବନ୍ଦ କରି ହେବ ନାହିଁ । ପ୍ରତ୍ୟେକ ଗ୍ରାମରେ ଯଦି ଲୋକମାନଙ୍କୁ କାଠ କମ୍ଦାମରେ ଜାଳିବା ପାଇଁ ଯୋଗାଇ ସେମାନଙ୍କଠାରୁ ଗୋବରତକ କିଣିଲା ବାହାର କରି ନିଆଯାଏ, ତେବେ ଯାଇ ଗୋବରଜଳା ବନ୍ଦ କରି ହେବ । ପ୍ରତି ପାଞ୍ଚ ଦଶ ଗାଁରେ ଯଦି ଗୋଟିଏ ଲେଖାଏଁ 'ଗୋବର ସଂରକ୍ଷଣ ଅନୁଷ୍ଠାନ' ଗଢ଼ାଯାଇ, ସେହି ଅନୁଷ୍ଠାନ ମାରଫତରେ ଏହି ବନ୍ଦୋବସ୍ତ ଚାଲେ, ତେବେ ଯାଇ ଗୋବରଜଳା ବନ୍ଦ ହୋଇପାରେ । ଏହି ଗୋବର ସଂରକ୍ଷଣ ଅନୁଷ୍ଠାନ କଞ୍ଚା ଗୋବରକୁ ଖତରେ ପରିଣତ କରି ସେହି ଖତକୁ ଯେପରି ବିକ୍ରୟ କରିପାରିବ, ତାହାର ସୁବ୍ୟବସ୍ଥା ସରକାର ପକ୍ଷରୁ ହେବା ଉଚିତ । ଏସବୁ ନ ହେଲା ପର୍ଯ୍ୟନ୍ତ ଗୋବରର ଉପକାରିତା ସମ୍ବନ୍ଧରେ ଲୋକଙ୍କୁ ଯେତେ ବୁଝାଇଲେ ମଧ୍ୟ କିଛି ଉପକାର ହେବ ନାହିଁ ।"

"ଅଜା, ପାଉଁଶଖତ କଣ ଖୁବ୍ ଦରକାରୀ ? ଏଥିରେ ଉଦ୍ଭିଦର କେଉଁ ଉପାଦାନ ଥାଏ ?" ରେଣୁ ପଚାରିଲା ।

"ପାଉଁଶଖତରେ ଉଦ୍ଭିଦର ଏକ ଉପାଦାନ ପଟାସ୍ ଯଥେଷ୍ଟ ପରିମାଣରେ ଥାଏ । ଯେଉଁ ଜମିରେ ପଟାସ୍ ଭାଗ ଅତି କମ୍, ଫସଲ ଭଲ ହୁଏ ନାହିଁ, ସେ ଜମିରେ ଏହି ଖତ ଦେଲେ ଫସଲ ଭଲ ହୁଏ ।"

"ପାଉଁଶଭିତରକୁ ପଟାସ୍ ଆସେ କୁଆଡୁ ?" କୁମାର ପଚାରିଲା ।

"ଆମେ ପୋଡ଼ୁଥିବା ଯେଉଁ ବୃକ୍ଷ ଲତା ଆଦି ଦେଖୁଁ, ସେସବୁଥିରେ ପଟାସ୍ ସଞ୍ଚିତ ହୋଇଥାଏ । ଏହି ଉଦ୍ଭିଦଗୁଡ଼ିକୁ

ଘାଣି ଶୁଖାଇ ଜାଳିଦେଲେ ତହିଁରୁ ଯେଉଁ ପାଉଁଶ ମିଳେ, ସେଥିରେ ଉଦ୍ଭିଦର ପଠାସ୍ତକ ରହିଥାଏ।"



[ତେଲ ପେଢ଼ା]

"ଅଜା, ତୁମେ କହୁଥିଲ ପରା ପିଡ଼ିଆ ମଧ୍ୟ ଖତ ଭାବେ ବ୍ୟବହୃତ ହୁଏ ? ପିଡ଼ିଆକୁ ଗୋରୁମାନେ ଖାଆନ୍ତି ?" ରେ ପଚାରିଲା।

"ହଁ, ମା, ପିଡ଼ିଆ ମଧ୍ୟ ଖତ ଭାବରେ ବ୍ୟବହୃତ ହୁଏ । ଏହା ଏକ ଉତ୍କୃଷ୍ଟ ଖତ ବୋଲି ପ୍ରସିଦ୍ଧ । ଏହାକୁ ଗୁଣ୍ଡ କରି ଗଛମୂଳରେ ଦେଲେ ଗଛ ସତେଜ ହୁଏ । ଏଥିରେ ଭଲ ଫୁଲ ଫଳ ଧରେ । ପିଡ଼ିଆ କେଉଁଥିରୁ ହୁଏ ଜାଣିଛ ?"

"ହଁ, ହଁ, ମୁଁ ଜାଣିଛି ଅଜା । ସୋରିଷକୁ ପେଡ଼ି ତେଲ ବାହାର କରିନେଲେ ଯେଉଁ ସିଠା ରହେ, ତାକୁ କହନ୍ତି ପିଡ଼ିଆ ।" କୁମାର ଉତ୍ତର ଦେଲା ।

"ଠିକ୍ କହୁଛୁ ବାବା, ଖାଲି ସୋରିଷ କାହିଁକି, ରାଶି, ଡଳି, କପାମଞ୍ଜି ପ୍ରଭୃତିକୁ ପେଡ଼ିଦେଲେ ଯେଉଁ ସିଠା ରହେ, ତାକୁ ମଧ୍ୟ ପିଡ଼ିଆ କହନ୍ତି ।"

"ଅଜା, ତୁମେ ସେତେବେଳେ ହାଡ଼ଗୁଣ୍ଡି, ଶୁଖୁଆସାର କଥା କହୁ ନ ଥିଲ ? ସେଗୁଡ଼ିକ ଆସେ କୁଆଡ଼ୁ ? ସେଥିରେ ଉଦ୍ଭିଦର କେଉଁ ଜାତୀୟ ଖାଦ୍ୟ ଥାଏ ?" ବେଣୁ ପଚାରିଲା ।

"ଆରେ, ହାଡ଼ଗୁଣ୍ଡି ଏକ ଉତ୍କୃଷ୍ଟ ଖତ । ଏଥିରେ ଉଦ୍ଭିଦର ଫସ୍‌ଫରସ୍ ଓ ଚୂନଜାତୀୟ ଖାଦ୍ୟ ଯଥେଷ୍ଟ ପରିମାଣରେ ଥାଏ । ବଣଜଙ୍ଗଲ, ଗାଁଗଣ୍ଡାମାନଙ୍କରେ ଯେଉଁ ପ୍ରାଣୀମାନେ ମରି ପଡ଼ନ୍ତି, କିଛି ଦିନ ପରେ ସେମାନଙ୍କର ମାଂସ, ଚର୍ମ ଆଦି ପଚି ସଢ଼ି ବାହାରିଯାଏ, କେବଳ ହାଡ଼ତକ ପଡ଼ି ରହେ । କେତେକ ଲୋକ ଏଗୁଡ଼ିକୁ ବଣଜଙ୍ଗଲରୁ ଗୋଟାଇ ଆଣି ହାଡ଼ପେଷା କଳଠାକୁ ପଠାଇଦିଅନ୍ତି । କଳ ଏଗୁଡ଼ିକୁ ପେଷି ଗୁଣ୍ଡ କରିଦିଏ । ଏହି ହାଡ଼ଗୁଣ୍ଡକୁ ଗୋବରଖତ ସହିତ ମିଶାଇ ବ୍ୟବହାର କଲେ ଫସଲ ଖୁବ୍ ଭଲ ହୁଏ । ଫସଲ କରିବାର ପ୍ରାୟ ୨।୩ ମାସ ପୂର୍ବରୁ ଏହି ଖତକୁ ଜମିରେ ଦେବାକୁ ହୁଏ ।"

"ଆମ ଦେଶରେ ଏଭଳି କେତେ ହାଡ଼ ବାହାରିବ ଯେ ସେଗୁଡ଼ିକୁ ଆମେ ଗୁଣ୍ଡ କରି ଖତ ଭାବରେ ବ୍ୟବହାର କରିପାରିବା ?" କୁମାର ପଚାରିଲା ।



[ହାଡ଼ ଗୁଣ୍ଡ କରାଯାଉଛି]

"ଆରେ, ଆମ ଦେଶରେ ବର୍ଷକୁ କେତେ ହାଡ଼ ସଂଗ୍ରହ କରାଯାଇ ପାରିବ ଜାଣ ? ହିସାବ କରି ଦେଖାଯାଇଛି ଯେ, ଆମ ଦେଶରେ ବର୍ଷକୁ ହାରାହାରି କୋଟିଏ ମହଣ ହାଡ଼ ସଂଗ୍ରହ କରାଯାଇପାରିବ । ଅବଶ୍ୟ ବର୍ତ୍ତମାନ ମୋଟେ ୪୦।୫୦ ଲକ୍ଷ ମହଣରୁ ବେଶି ସଂଗ୍ରହ କରାଯାଇ ପାରୁ ନାହିଁ । ଏହିସବୁ ହାଡ଼କୁ ଗୁଣ୍ଡ କରି କ୍ଷେତରେ ଦେଲେ ଆମର ଫସ୍‌ଫରସ୍ ଅଭାବ ଯଥେଷ୍ଟ ମେଣ୍ଟିପାରିବ ।"

"ଶୁଖୁଆ ସାର ପୁଣି କଣ ଅଜା ?" ରେଣୁ ପଚାରିଲା ।

"ମାଛପେଣ୍ଠମାନଙ୍କରେ ଯେଉଁ ମାଛ, ଶୁଖୁଆ ଆଦି ବିକ୍ରି ନ ହୋଇ ରହିଯାଏ, ସେଗୁଡ଼ିକୁ ଗୁଣ୍ଡ କରି ଜମିରେ ଖତ ଭାବରେ ବ୍ୟବହାର କରାଯାଏ । ଏହାକୁ ସାଧାରଣତଃ ଗୋବର-ଖତ ସହିତ ପଚାଇ ଖତ କରାଯାଏ । ଆମ ଓଡ଼ିଶାର ଚିଲିକା-କୂଳର ମାଛଧରା କଥା ତୁମେମାନେ ଜାଣିଛ ? ସେଠାରେ ବେଳେ ବେଳେ ବହୁ ମାଛ ବିକ୍ରୟ ହୋଇ ନ ପାରି ରହିଯାଏ । ସେସବୁ ମାଛକୁ ଏଣେତେଣେ ପକାଇ ନ ଦେଇ ମାଟିତଳେ ପୋତି ସଢ଼ାଇ ଖତରେ ପରିଣତ କରାଯାଏ । ମାଛକୁ ଛାଡ଼ି ନଷ୍ଟ ହୋଇଯାଇଥିବା ଶୁଖୁଆ, ଚିଙ୍ଗୁଡ଼ି ଗେଣ୍ଡପା, ପ୍ରାଣୀମାନଙ୍କ ଚର୍ମ, ମାଂସ, ଅନ୍ତ ଆଦିକୁ ମାଟିତଳେ ପୋତି ଖତରେ ପରିଣତ କରାଯାଇପାରେ । ଏହି ଖତରେ ଫସ୍‌ଫରସ୍, କେଲସିୟମ୍ ଓ ଯବକ୍ଷାରଜାନ ଭାଗ ଯଥେଷ୍ଟ ପରିମାଣରେ ଥାଏ ।"

"ଅଜା, ତୁମେ ଯେଉଁ କମ୍ପୋଷ୍ଟ ଖତ କଥା କହୁ ନ ଥିଲ, ସେ କି ଖତ ? କମ୍ପୋଷ୍ଟ ଖତ କିପରି ତିଆରି ହୁଏ ?" ରେଣୁ ପଚାରିଲା ।

"କମ୍ପୋଷ୍ଟ ଖତ ତିଆରି ବିଶେଷ କିଛି କଷ୍ଟ ନୁହେଁ ମା ! ଯେଉଁ ଅଳିଆ ଓ ବାଜେ ପଦାର୍ଥଗୁଡ଼ିକୁ ଆମେ ଏଣେତେଣେ ପକାଇଦେଇ ସ୍ଥାନକୁ ଅଳିଆ କରୁଁ, ସେହି ଅଳିଆରୁ ଏହି ସାରଟି ଯଥେଷ୍ଟ ପରିମାଣରେ ତିଆରି କରାଯାଇପାରେ । ତୁମେମାନେ ଚୀନ୍ ଦେଶର ନାଁ ଶୁଣିଥିବ ନିଶ୍ଚୟ । ସେ ଦେଶରେ କୃତ୍ରିମ ସାର ତିଆରି କରିବା ପାଇଁ ବଡ଼ ବଡ଼ ଶିଳ୍ପ କାରଖାନା

ନାହିଁ । ତଥାପି ସେ ଦେଶର ଚାଷୀ ଆମ ଦେଶର ଚାଷୀଠାରୁ ମାଣପିଚ୍ଛା ହାରାହାରି ଦୁଇ ଗୁଣ ଫସଲ ଆମଦାନୀ କରେ । ଏହାର କାରଣ କଣ ଜାଣିଛ ?"

"ନାହିଁ ତ, ଆମେ ଜାଣିନୁ ।"

"ସେ ଦେଶର କୃଷକ ଅଳିଆ, ଆବର୍ଜନା, ମଳମୂତ୍ର ଆଦିକୁ ଏଣେତେଣେ ପକାଇ ନ ଦେଇ ସେଥିରୁ କମ୍ପୋଷ୍ଟ ଖତ ତିଆରି କରି କ୍ଷେତରେ ଦିଏ । ସେହି ହେତୁରୁ ସେମାନେ ଆମ ଫସଲର ଦୁଇଗୁଣ ଆମଦାନୀ କରନ୍ତି ।"

"ଚୀନ୍ ଦେଶର କୃଷକଠାରୁ ଆମ ଦେଶର କୃଷକ ଏ କଥା ଶିଖିବା ଉଚିତ ନୁହେଁ କି ?" କୁମାର ପଚାରିଲା ।

"ଉଚିତ ନିଶ୍ଚୟ ବାବା, କିନ୍ତୁ ଶିଖୁଛି କିଏ ? ଆମ ଦେଶର ଗାଁଗଣ୍ଡା, ସହର ଆଦି ଅଳିଆ ଆବର୍ଜନାରେ ପୂରିଛି । ସେହି-ସବୁ ଅଳିଆ ଯୋଗୁ ଆମର ସହର ଓ ମଫସଲର ଜଳବାୟୁ ବେଳେବେଳେ ଖରାପ ହୋଇଯାଏ । ଏହି ଅଳିଆକୁ ଚାରିଆଡ଼ୁ ଗୋଟାଇ ଖାତରେ ପକାଇ କମ୍ପୋଷ୍ଟ ଖତ ତିଆରି କଲେ ଆମର ଯଥେଷ୍ଟ ଲାଭ ହୁଅନ୍ତା । ଏଣେ ଏହି ଖତକୁ ବ୍ୟବହାର କରି ଆମର କୃଷି ଉତ୍ପାଦନ ଯଥେଷ୍ଟ ବଢ଼ିଯାଆନ୍ତା, ତେଣେ ସହର ଓ ମଫସଲର ଅଳିଆସବୁ ଦୂର ହୋଇଯାଇ ସେଗୁଡ଼ିକର ଜଳବାୟୁ ଭଲ ହୁଅନ୍ତା । ହିସାବ କରି ଦେଖାଯାଇଅଛି ଯେ, ପ୍ରତି ଦଶ ହଜାର ସହରବାସୀଙ୍କ ମଳମୂତ୍ର ଓ ଅଳିଆରୁ ବର୍ଷକୁ ତିରିଶ ହଜାର ମହଣ କମ୍ପୋଷ୍ଟ ଖତ ତିଆରି ହୋଇପାରିବ । ଗାଁମାନଙ୍କରେ ଏହାଠାରୁ ଅହୁରି ଅଧିକ ଖତ ଉତ୍ପାଦିତ ହେବାର ସମ୍ଭାବନା । ପ୍ରତି ସହର ଓ ମଫସଲର ଲୋକେ ଏହି କମ୍ପୋଷ୍ଟ

ଖତ ତିଆରିକୁ ଏକ କର୍ତ୍ତବ୍ୟ ବୋଲି ଧରିନେଇ ସେହି ଅନୁସାରେ କାମ କଲେ ଆମ ଦେଶର ସାର ଅଭାବ ଆପଣାଛାଏଁ ଦୂର ହୋଇଯାନ୍ତା ।”

“କମ୍ପୋଷ୍ଟ ଖତ କିପରି ତିଆରି ହୋଇପାରିବ ଅଜା ?” କୁମାର ପଚାରିଲା ।

“କମ୍ପୋଷ୍ଟ ଖତ ତିଆରି କିଛି କଷ୍ଟ ନୁହେଁ । ଏଇ ଖତ ତିଆରି ପାଇଁ ପ୍ରଥମେ ଗୋଟିଏ ଉଚ୍ଚ ସ୍ଥାନରେ ୩ ଫୁଟ

[କମ୍ପୋଷ୍ଟ ଖତ]

ଗଭୀରତାର ଏକ ଗାତ ଖୋଳିବା ଦରକାର । ଏହି ଗାତ ଚାରି-ପାଖରେ ଗୋଟିଏ ବନ୍ଧ ଦେବା ଉଚିତ । ଗାଁର ଯେତେକ ମଳମୂତ୍ର, ଅଳିଆ, ଆବର୍ଜନା ସବୁ ଆଣି ପ୍ରତିଦିନ ଏହି ଗାତରେ ପକାଇ ତା ଉପରେ ଛଅ ଇଞ୍ଚ ବହଳର ମାଟି ବିଛାଇଦେବା ଦରକାର । ଏହିଭଳି କ୍ରମାନ୍ୱୟରେ ମଳମୂତ୍ର, ଅଳିଆ, ମାଟି ପଡ଼ି ଗାତଟି

ପୂରିଗଲେ ତା ଉପରେ ଖୁବ୍ ବହଳର ମାଟି ଲଗାଇଦେବାକୁ ହେବ । ଦୂଷିତ ବାଷ୍ପ ଯେପରି ସେଥିରୁ ନ ବାହାରେ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଆଯାଏ । ଚାରି, ଛଅ ମାସମଧ୍ୟରେ ଏହି ମଳମୂତ୍ର, ଅଳିଆ ପଚି ସଢ଼ି ଉତ୍କୃଷ୍ଟ ଖତରେ ପରିଣତ ହୁଏ । ମଳମୂତ୍ର ସଙ୍ଗେ ସଙ୍ଗେ ଗାଁ ପୋଖରୀର ଘୋଡ଼ା ଦଳ, ଶିଙ୍ଗୁଡ଼ିଆ ଦଳ, ପଙ୍କ, କ୍ଷେତର ଶୁଖିଲା ନଡ଼ା, ପତର, ଘାସ, ଛୋଟ ଛୋଟ ବାଜେ ଗଛ, ପଶୁପକ୍ଷୀମାନଙ୍କର ମଳମୂତ୍ର, ମୃତ ଜୀବଜନ୍ତୁଙ୍କ ଶରୀର, କଂସେଇଖାନାର ମାଂସଚୁକୁରା, ଅନ୍ତ, ରକ୍ତ ଆଦି ଆବର୍ଜ୍ଜନା ଏବଂ ସହର ମଫସଲର ଯାବତୀୟ ମଇଳା ଓ ଅଳିଆ ପ୍ରଭୃତିକୁ ଏକ ସଙ୍ଗରେ ସଢ଼ାଇ ଏହି କମ୍ପୋଷ୍ଟ ଖତରେ ପରିଣତ କରାଯାଏ ।"

"କମ୍ପୋଷ୍ଟ ଖତ ତିଆରି କରିବା ତ ଏତେ ସୁବିଧା, ଆମ ଦେଶର ଲୋକେ ଏହାକୁ ତିଆରି କରୁ ନାହାନ୍ତି କାହିଁକି ?"

"କମ୍ପୋଷ୍ଟ ଖତପ୍ରତି ଆମ ଦେଶର କୃଷିକୁଳ ଏପର୍ଯ୍ୟନ୍ତ ସେତେ ଆକୃଷ୍ଟ ହୋଇ ନାହାନ୍ତି । ଯେଉଁ ଦିନ ସେମାନେ ଏଆଡ଼କୁ ଦୃଷ୍ଟି ଦେବେ, ସେ ଦିନ ଆମ ଦେଶର ଖତ ସମସ୍ୟା ଅନେକ ପରିମାଣରେ ସମାଧାନ ହୋଇଯିବ ।"

"ପ୍ରାକୃତିକ ଖତ ଭଳି କୃତ୍ରିମ ସାର କଣ ପୃଥିବୀରେ ଦେଖା ଯାଏ ନାହିଁ ?" କୁମାର ପଚାରିଲା ।

"ନା ବାବା, କୃତ୍ରିମ ସାରଗୁଡ଼ିକ ସାଧାରଣତଃ ତିଆରି କରିବାକୁ ପଡ଼େ । ସେଥିପାଇଁ ବଡ଼ ବଡ଼ କଳକାରଖାନା ଓ ବହୁ ଯନ୍ତ୍ରପାତି ଦରକାର । ସେସବୁ ନ ହେଲେ କୃତ୍ରିମ ସାର ପ୍ରସ୍ତୁତ ହୋଇପାରିବ ନାହିଁ ।"

"ଆମ ଦେଶରେ କଣ କୃତ୍ରିମ ସାର ତିଆର ହୁଏ ?" ରେଣୁ ପଚାରିଲା ।

"ଆଗରୁ ଆମ ଦେଶରେ ମୋଟେ କୃତ୍ରିମ ସାର ତିଆରି ହେଉ ନ ଥିଲା । ଆଖୁ, ହୋଟ ପ୍ରଭୃତିର ଗୃଷରେ ଯେଉଁ କୃତ୍ରିମ ସାର ଦିଆଯାଉଥିଲା, ସେଗୁଡ଼ିକ ଆସୁଥିଲା ସୁଦୂର ବିଲାତ ଦେଶରୁ । ସେ ଦେଶରେ ବଡ଼ ବଡ଼ କାରଖାନା ବସି ପର୍ବତ ଆକାରର ସାର ନିତି ପ୍ରସ୍ତୁତ ହେଉଥିଲା । ବଡ଼ ବଡ଼ ଜାହାଜରେ ବୋହାଇ ହୋଇ ସେଗୁଡ଼ିକ ଆସି ଆମ ଦେଶରେ ବିକ୍ରି ହେଉଥିଲା । କିନ୍ତୁ ଏବେ ଆମ ଭାରତ ସରକାର ବିହାର ରାଜ୍ୟର ସିନ୍ଦ୍ରୀଠାରେ ଗୋଟିଏ ପ୍ରକାଣ୍ଡ କାରଖାନା ବସାଇ କୃତ୍ରିମ ସାର ତିଆରି କରିବାକୁ ଲାଗିଲେଣି । ଏହି ସିନ୍ଦ୍ରୀଠାରେ କେଉଁଜାତୀୟ କୃତ୍ରିମ ସାର ପ୍ରସ୍ତୁତ ହୁଏ ଜାଣ ?"

"ନାହିଁ, ଅଜା, ଆମେ ଜାଣି ନାହୁଁ ।"

"ଏଠାରେ ପ୍ରଧାନତଃ ଏମୋନିଆ ଖତ ତିଆରି ହୁଏ ।"

"ଏମୋନିଆ ଖତ କଣ ?" ରେଣୁ ପଚାରିଲା ।

"ଆରେ, ତୁମକୁ ଆଉ ଗୋଟିଏ କଥା କହିବାକୁ ଭୁଲି ଯାଇଥିଲି । ଏମୋନିଆ ଖତ କଣ ବୁଝାଇବା ପୂର୍ବରୁ ମୁଁ କେତୋଟି କଥା କହି ରଖେଁ । କୃତ୍ରିମ ସାରକୁ ସାଧାରଣତଃ ଗୃରି ଶ୍ରେଣୀରେ ଭାଗ କରାଯାଏ; ଯଥା—ଯବକ୍ଷାରଜାନ ସାର, ଫସ୍‌ଫରସ୍ ସାର, କେଲସିୟମ୍ ସାର ଓ ପଟାସ୍ ସାର । ଏ ପ୍ରତ୍ୟେକ ଜାତୀୟ ସାରରେ ସେହି ଉପାଦାନ ଯଥେଷ୍ଟ ପରିମାଣରେ ଥାଏ । ଯବକ୍ଷାରଜାନ ସାରରେ ଉଦ୍ଭିଦର ଖାଦ୍ୟ ଯବକ୍ଷାରଜାନ ଯଥେଷ୍ଟ

ମାତ୍ରାରେ ଥାଏ । ଏମୋନିଆ ଖତ ହେଉଛି ଏହି ଯବକ୍ଷାରଜାନ ଶ୍ରେଣୀର ସାର । ବହୁ ଦିନ ଧରି ଗୋଟିଏ ଜମି ଚାଷ ହେଲେ ସେଥିରେ ଅନେକ ସମୟରେ ଯବକ୍ଷାରଜାନର ଅଭାବ ପଡ଼େ । ସେହି ଜମିରେ ଏହି ଏମୋନିଆ ସାର ଦେଲେ ଯବକ୍ଷାରଜାନର ଅଭାବ ଦୂର ହୁଏ ଓ ଫସଲ ପୁଣି ଭଲ ହୁଏ । ସାଧାରଣ ଚାଷ-ଜମିରେ ଅଧିକାଂଶ ସମୟରେ ଏହି ଯବକ୍ଷାରଜାନ ସାରର ବେଶି ଅଭାବ ଦେଖାଯାଇଥାଏ । ତେଣୁ ସବୁ ସାର ଅପେକ୍ଷା ଏହି ଯବକ୍ଷାରଜାନଜାତୀୟ ସାର ବେଶି ଲୋଡ଼ା । ଏହିଜାତୀୟ ସାର-ମଧ୍ୟରେ ଏମୋନିୟମ୍ ସଲଫେଟ୍, ଏମୋନିୟମ୍ ନାଇଟ୍ରେଟ୍, ପଟାସିଅମ୍ ନାଇଟ୍ରେଟ୍, ଇଉରିଆ, କେଲସିୟମ୍ ସିଆନାମାଇଡ୍ ଆଦି ପ୍ରଧାନ । ପୃଥିବୀର ସବୁ ଦେଶରେ ଏଗୁଡ଼ିକ ଅନ୍ୟ ସାର ଅପେକ୍ଷା ବେଶି ପରିମାଣରେ ପ୍ରସ୍ତୁତ ହୁଏ ଓ ବେଶି ପରିମାଣରେ ମଧ୍ୟ ବ୍ୟବହୃତ ହୁଏ । ଯେଉଁ ଦେଶ ଯେତେ ପରିମାଣରେ ଏହି ସାର ବ୍ୟବହାର କରେ, ସେହି ଦେଶ ସେହି ଅନୁପାତରେ ବେଶି ଉତ୍ପାଦନ କରେ ।”

“ପୃଥିବୀର କେଉଁ ଦେଶ ସବୁଠାରୁ ବେଶି ଯବକ୍ଷାରଜାନ ସାର ବ୍ୟବହାର କରେ ?” କୁମାର ପଚାରିଲା ।

“ଜର୍ମାନୀ ଦେଶ ସବୁଠାରୁ ବେଶି ଯବକ୍ଷାରଜାନ ସାର ବ୍ୟବହାର କରେ । ମାଣପିଛା ସେମାନେ ଯେତେ କୃତ୍ରିମ ସାର ଦିଅନ୍ତି, ତାହା ଆମେ ସହଜରେ ଧାରଣା କରି-ପାରିବା ନାହିଁ । ଜର୍ମାନୀ ଦେଶର କୃଷକ ମାଣପିଛା ହାରାହାରି ୧୩।୧୪ ସେର ଏମୋନିଆ ଖତ ଦେଇଥାଏ । ସେମାନଙ୍କ ତୁଳନାରେ ଆମ କୃଷକମାନେ କେତେ ସାର ଦିଅନ୍ତି ଜାଣ ?”

"କେତେ ଅଜା ?"

"ଛଟାଙ୍କିଏ ବି ପଡ଼ିବ ନାହିଁ । ଆମ ଦେଶର ଖୁବ୍ କମ୍ ଜମିରେ ଏମୋନିଆ ଖତ ଦିଆଯାଉଥିବାରୁ ମାଣପିଛା ଏତେ କମ୍ ଜଣାପଡ଼ୁଛି । ତେବେ ଏହି ହିସାବରୁ ତୁମେମାନେ ଜାଣି ପାରୁଥିବ ଆମ ଦେଶ କୃତ୍ରିମ ଖତ ବ୍ୟବହାରରେ କେତେ ପଛରେ । ତୁମେମାନେ ଶୁଣିଲେ ଆଶ୍ଚର୍ଯ୍ୟ ହେବ, ଆମର ଏତେ ବଡ଼ କୃଷିପ୍ରଧାନ ଦେଶରେ ଗତ ଦ୍ୱିତୀୟ ମହାସମର ପୂର୍ବରୁ ମୋଟେ ୭ ଲକ୍ଷ ମହଣ ଏମୋନିୟମ୍ ସଲ୍‌ଫେଟ୍ ସାର ବ୍ୟବହୃତ ହେଉଥିଲା । କିନ୍ତୁ ଯୁଦ୍ଧ ପରେ ପରେ ଏବେ ସେହି ସାରର ପରିମାଣ ବଢ଼ିଯାଇଛି । ଯେଉଁ ଦିନଠାରୁ ଭାରତ ସରକାର ସିନ୍ଦ୍ରିଠାରେ କାରଖାନା ବସାଇ ଏମୋନିଆ ସାର ଉତ୍ପାଦନ କରିବାକୁ ଲାଗିଲେଣି, ସେହି ଦିନଠାରୁ ଆମ ଦେଶରେ ଏହାର ବ୍ୟବହାର ଆଗ ଅପେକ୍ଷା କିଛିଟା ବଢ଼ିଯାଇଛି ।"

"ଏମୋନିଆ ସାର କିପରି ତିଆରି ହୁଏ ଅଜା ?" ନରେଣୁ ପଚାରିଲା ।

"ଆରେ, ମୁଁ ପରା ତୁମକୁ ପ୍ରଥମରୁ କହିଥିଲି କୃତ୍ରିମ ସାର ପାଣି ପବନରୁ ତିଆରି ହୁଏ ବୋଲି ? ବର୍ତ୍ତମାନ ତୁମକୁ ବୁଝାଇ-ଦେବି, ମୁଁ ଯା କହୁଥିଲି ସତ କି ମିଛ । ଏହି ଏମୋନିଆ ସାର ପ୍ରଥମେ କିପରି ତିଆରି ହେଲା, ଜାଣିଛ ନା ?"

"ନାଇଁ ତ, ଅଜା, ଆମେ ମୋଟେ କିଛି ଜାଣିନୁ ।" ରେଣୁ ଉତ୍ତର ଦେଲା ।

"ସେ ଭାରି ମଜା କଥା, ଶୁଣ । ପୃଥିବୀର ବୈଜ୍ଞାନିକମାନେ ବେଳେବେଳେ ନିଜ ନିଜ ଦେଶକୁ ବଡ଼ ବଡ଼ ସଙ୍କଟରୁ କିପରି

ଭାବରେ ଉଦ୍ଧାର କରିପାରନ୍ତି, ତୁମେ ଏହି ଏମୋନିଆ ସାର ତିଆରି କଥାରୁ ଜାଣିପାରିବ । ଅଚ୍ଛା, ତୁମେମାନେ ଇଉରୋପର ପ୍ରଥମ ମହାସମର କଥା ଜାଣିଛ ? ଏହି ପ୍ରଥମ ମହାସମର ବେଳେ ଆମର ଏହି ଏମୋନିଆ ସାରର ସର୍ବପ୍ରଥମ ଜନ୍ମ । ହେଉ, ତୁମେ କହିଲ ଇଉରୋପର ପ୍ରଥମ ମହାସମର କେବେ ହୋଇଥିଲା ?”

“୧୯୧୪ ମସିହାରେ । ଏହା ୧୯୧୮ ମସିହା ପର୍ଯ୍ୟନ୍ତ ଚାଲିଥିଲା—ନୁହେଁ ?” କୁମାର ଉତ୍ତର ଦେଲା ।

“ହଁ, ଠିକ୍ କହୁଛୁ ବାବା ! ତୁମେମାନେ ଜାଣିଛ, ଏହି ଯୁଦ୍ଧରେ ଜର୍ମାନୀ ଦେଶ ଥିଲା ଗୋଟିଏ ପକ୍ଷରେ ଓ ଅପର ପକ୍ଷରେ ଫ୍ରାନ୍ସ, ଇଂଲଣ୍ଡ, ଆମେରିକା ଯୁଦ୍ଧ କରୁଥିଲେ । ଯୁଦ୍ଧ ଆରମ୍ଭ ହେବାର ତିନି ବର୍ଷ ପରେ ଅର୍ଥାତ୍ ୧୯୧୭ ମସିହା ବେଳକୁ ଜର୍ମାନୀର ଖାଦ୍ୟଶସ୍ୟ ଉତ୍ପାଦନ ବଡ଼ ସଂକଟରେ ପହଞ୍ଚିଥିଲା । ଜର୍ମାନୀକୁ ଏହି ତିନି ଦେଶ ଏପରି ଭାବରେ ଘେରି ଯାଇଥିଲେ ଯେ, ଦକ୍ଷିଣ ଆମେରିକାରୁ ନିଜ କୃଷି ଜମିରେ ଦେବାପାଇଁ ଜର୍ମାନୀ ଦେଶ ଯେଉଁ ନାଇଟ୍ରେଟ ବା ଯବକ୍ଷାର ଖତ ଆଣୁଥିଲା, ତା ଆଉ ଆଣିପାରିଲା ନାହିଁ । ଇଂରେଜମାନଙ୍କର ସବୁ ସମୁଦ୍ରଉପରେ ଅଗାଧ ଆଧିପତ୍ୟ ଥିବାରୁ ଓ ସେମାନେ ଜର୍ମାନୀକୁ ସମୁଦ୍ରରେ ବାଟ ଛାଡ଼ୁ ନ ଥିବାରୁ ଦକ୍ଷିଣ ଆମେରିକାରୁ ନାଇଟ୍ରେଟ-ବୋଝାଇ ଜାହାଜ ଜର୍ମାନୀକୁ ଆଉ ଆସି ପାରୁ ନ ଥିଲା । ଏହା ଫଳରେ କଣ ହେଲା ଜାଣ ? ଜର୍ମାନୀର କ୍ଷେତରେ ଆଉ ଫସଲ ହେଲା ନାହିଁ । ଏକେ ଜର୍ମାନୀ ତ ବାହାରୁ ଖାଦ୍ୟଶସ୍ୟ ଆଣି ପାରୁ ନ ଥିଲା; ଏଣେ ନିଜ ଦେଶରେ

ଅଭ୍ ଫସଲ୍ ନ ହେବାରୁ ଜର୍ମାନୀ ଉପରକୁ ଏକ ବିଷମ ବିପଦ ମାଡ଼ି ଆସିଲା । ସୈନ୍ୟଗୁଳଣୀରେ ଖାଦ୍ୟାଭାବ ଏତେ ଉତ୍କ



[ସମୁଦ୍ରରେ ଖଡ-ବୋଝାଇ ଜାହାଜ]

ଯେ, ସୈନ୍ୟମାନେ ଆଉ ଯୁଦ୍ଧ କରିପାରିଲେ ନାହିଁ । ୧୯୧୬ ମସିହା ବେଳକୁ ଅବସ୍ଥା ଏପରି ହେଲା ଯେ, ଜର୍ମାନୀ ଆତ୍ମସମର୍ପଣ କରିବାକୁ ବାଧ୍ୟ ହେଲା । ଠିକ୍ ଏହି ସମୟରେ ଜର୍ମାନୀର ଜଣେ ବୈଜ୍ଞାନିକ ବାହାରିଲେ, ତାଙ୍କ ନାଁ ହେଉଛି ଫ୍ରିଜ୍ ହେବର୍ । ସେ କୃତ୍ରିମ ଉପାୟରେ କୃଷିକ୍ଷେତ୍ରପାଇଁ ସାର ତିଆରି କରିବାର ଏକ ଅଦ୍ଭୁତ କୌଶଳ ବାହାର କଲେ । ଏହି ଉପାୟ ଅବଲମ୍ବନ କରି ଜର୍ମାନୀ ଦେଶରେ ପର୍ବତ ଆକାରରେ କୃତ୍ରିମ ସାର ତିଆରି

ହେଲା । ଜର୍ମାନୀର ଚାଷୀମାନେ ଏଥର ଜମିରେ ଦେବାପାଇଁ ଢେର୍ ଖତ ପାଇଲେ । ଜର୍ମାନୀର ଫସଲ ପୁଣି ହୁ-ହୁ ହୋଇ ବଢ଼ିଗଲା । ଦେଶରେ ଯେଉଁ ଖାଦ୍ୟସଂକଟ ଥିଲା, ଗୃହୁଁ ଗୃହୁଁ ତାହା କେଉଁଠାରେ କୁଆଡ଼େ ଉଭେଇଗଲା । ଜର୍ମାନୀ ସେନା ପୁଣି ନୂଆ ବଳ ଓ ଉତ୍ସାହ ନେଇ ରଣକ୍ଷେତ୍ରକୁ ଡେଇଁ ପଡ଼ିଲେ । ଜର୍ମାନୀକୁ ଏଡ଼େ ବଡ଼ ବିପଦରୁ ରକ୍ଷା କରିଥିବାରୁ ବୈଜ୍ଞାନିକ ହେବର୍‌ଙ୍କୁ ସେଦେଶର ଲୋକେ ମହାତ୍ମା ବୋଲି ପୂଜା କରନ୍ତି ।"

"ହେବର୍‌ଙ୍କ ଉପାୟରେ ଏହି କୃତ୍ରିମ ଖତ ତିଆରି କଲେ ଅଜା ?" ରେଣୁ ପଚାରିଲା ।

"ସେ କୃତ୍ରିମ ଖତ ତିଆରି କଲେ ସେହି ପାଣି ପବନରୁ । ପାଣି ଓ ପବନକୁ ମିଶାଇଦେଲେ ଯେ କୃତ୍ରିମ ଖତ ତିଆରି ହୋଇଯିବ ତା ନୁହେଁ; ପବନ ବା ବାୟୁରେ ଥିବା ଯବକ୍ଷାର-ଜାନ ସହିତ ପାଣିରେ ଥିବା ଉଦଜାନକୁ ସଂଯୋଗ କରାଇ ସେ ଏହି ଖତ ତିଆରି କରିଥିଲେ ।

"ତୁମେମାନେ ଜାଣିଛ, ସବୁ ଖତ ଅପେକ୍ଷା ଯବକ୍ଷାରଜାନଯୁକ୍ତ ଖତକୁ ଆମ ଚାଷଜମି ବେଶି ପରିମାଣରେ ଦରକାର କରେ । ଏହି ଯବକ୍ଷାରଜାନ ଆମ ଆକାଶରେ ପୂରି ରହିଛି । ସାଧାରଣ ଫସଲ ବା ଉଦ୍ଭିଦର ଏହି ଆକାଶରୁ ସିଧାସଳଖ ଯବକ୍ଷାରଜାନ ସଂଗ୍ରହ କରିପାରିବାର ଶକ୍ତି ନାହିଁ । ତେଣୁ କୌଣସି ଉପାୟରେ ଯଦି ଆକାଶରୁ ଯବକ୍ଷାରଜାନକୁ ଆଣି ଜମିରେ ମିଶାଯାଇପାରେ, ତେବେ ଜମିର ଯବକ୍ଷାରଜାନ ଅଭାବ ଦୂର ହୋଇପାରେ । ଏଥି ନିମିତ୍ତ ହେବର୍ ଚିନ୍ତା କଲେ ନା ଆକାଶର ଯବକ୍ଷାରଜାନ

ସହିତ ପାଣିରେଥିବା ଉଦଜାନ ଗ୍ୟାସ୍‌କୁ ଏକ ଅଭିନବ ଉପାୟରେ ସଂଯୋଗ କରାଇ ଏମୋନିଆ ନାମକ ଏକ ଗ୍ୟାସ୍ ପ୍ରସ୍ତୁତ କଲେ । ଏହି ଗ୍ୟାସ୍‌କୁ ଗନ୍ଧକାମ୍ଳ ନାମକ ଏକ ଅମ୍ଳ ସହିତ ସଂଯୋଗ କଲେ ଏମୋନିୟମ୍ ସଲ୍‌ଫେଟ୍ ନାମକ ଏକ ଲବଣ ପ୍ରସ୍ତୁତ ହୁଏ । ଏହି ଲବଣ ହେଉଛି ଏକ ଶ୍ରେଷ୍ଠ ଯବକ୍ଷାରଜାନ ସାର । ଏହାକୁ ଜମିରେ ଦେଲେ, ଜମିରେ ଯବକ୍ଷାରଜାନର ପରିମାଣ ବଢ଼ିଯାଏ, ଫସଲ ଭଲ ହୁଏ । କେତେକ ସ୍ଥାନରେ ଏହି ଏମୋନିଆ ଗ୍ୟାସ୍‌ରୁ 'ନାଇଟ୍ରିକ୍ ଏସିଡ୍' ନାମକ ଏକ ଅମ୍ଳ ପ୍ରସ୍ତୁତ କରି ସେହି ଅମ୍ଳକୁ ଏମୋନିଆ ଗ୍ୟାସ୍ ସହିତ ସଂଯୋଗ କରାଇ ଏମୋନିୟମ୍ ନାଇଟ୍ରେଟ୍ ନାମକ ଆଉ ଏକ ଲବଣ ପ୍ରସ୍ତୁତ କରନ୍ତି । ଏହି ଲବଣ ଏକ ଶକ୍ତିଶାଳୀ ଯବକ୍ଷାରଜାନ ସାର । ଜର୍ମାନୀ ପ୍ରଭୃତି ଦେଶରେ ଏହି ସାର ପାହାଡ଼ ଆକାରରେ ତିଆରି ହୋଇ ଜମିରେ ଦିଆଯାଏ । ଏହି ସାରର ଗୋଟିଏ ଅସୁବିଧା ଅଛି । ବହୁ ପରିମାଣରେ ଏହାକୁ ତିଆରି କରି ସାଇତି ରଖିବା ବିପଜ୍ଜନକ ।"

"କାହିଁକି ଅଜା, ବିପଜ୍ଜନକ କାହିଁକି ?" କୁମାର ପଚାରିଲା ।

"ବେଶି ପରିମାଣରେ ଏହାକୁ ଗୋଟିଏ ସ୍ଥାନରେ ସାଇତି ରଖିଲେ, ବେଳେବେଳେ ଏହା ବିସ୍ଫୋରଣ ହେବା ଫଳରେ ପରମାଣୁ ବୋମା ଭଳି ବହୁ ଧନଜୀବନର କ୍ଷତି ସାଧନ କରେ । ଗତ ୧୯୨୧ ମସିହାରେ ଜର୍ମାନୀର ଓପ୍‌ପାଓ ସହରର ଗୋଟିଏ ସ୍ଥାନରେ ଦେଢ଼ଲକ୍ଷ ମହଣ ଏମୋନିୟମ୍ ନାଇଟ୍ରେଟ୍ ସାର ପ୍ରସ୍ତୁତ ହୋଇ ଜମା ହୋଇଥିଲା, କୃଷିକ୍ଷେତକୁ ପଠାଯିବାପାଇଁ । କଣ ହେଲା କେଜାଣି, ହଠାତ୍ ଏହି ସମସ୍ତ ସାର ଏକସଙ୍ଗରେ ଫୁଟି

ଉଠିଲା ଏବଂ ଏହି ବିସ୍ଫୋରଣରେ ସଙ୍ଗେ ସଙ୍ଗେ ଲକ୍ଷେ ଲୋକ ମରିଗଲେ ଓ ଦେଢ଼ଲକ୍ଷ ଲୋକ ଆହତ ହୋଇ ପଡ଼ିଲେ । ବୈଜ୍ଞାନିକମାନେ କହନ୍ତି ଯେ, ଏହି ବିସ୍ଫୋରଣ ପରମାଣୁ ବୋମାର ବିସ୍ଫୋରଣଠାରୁ କୌଣସି ଗୁଣରେ କମ୍ ନୁହେଁ ।"

"ଏତେ ମାରାତ୍ମକ !" ଆଶ୍ଚର୍ଯ୍ୟ ହୋଇ ପାଟି କରିଉଠିଲା ରେଣୁ ।

"ହଁ, ମା, ଏଥିପାଇଁ ପରା ଏମୋନିୟମ୍ ନାଇଟ୍ରେଟ୍‌କୁ କେତେ ପ୍ରକାର ଛୋଟ ବଡ଼ ବୋମା ତିଆରିରେ ବ୍ୟବହାର କରାଯାଏ । ଏମୋନିୟମ୍ ନାଇଟ୍ରେଟ୍‌ର ଏହିଭଳି ମନ୍ଦ ପ୍ରକୃତି ଥିବାରୁ ଏହାକୁ ଖତ ଭାବରେ ସେତେ ବ୍ୟବହାର କରାଯାଏ ନାହିଁ; ବରଂ ଏମୋନିଆ ସହିତ ଫସ୍‌ଫରସ୍ ଏସିଡ୍ ଅମ୍ଳକୁ ସଂଯୋଗ କରାଇ ଯେଉଁ ଏମୋନିଆ ଫସ୍‌ଫେଟ୍ ସାର ପ୍ରସ୍ତୁତ କରାଯାଏ, ତାହା ଅଧିକ ପରିମାଣରେ ବ୍ୟବହୃତ ହୁଏ । ଏହି ସାରକୁ ଜମିରେ ଦେଲେ ଜମିର ଯବକ୍ଷାରଜାନ ଓ ଫସ୍‌ଫରସ୍ ଉଭୟର ଅଭାବ ଦୂର ହୁଏ । ଆଜି କେତେକ ସ୍ଥାନରେ ଏହି ଏମୋନିଆ ଗ୍ୟାସରୁ ଇଉରିଆ ନାମକ ଏକ ସାର ପ୍ରସ୍ତୁତ କରି ଜମିରେ ଦିଆଯାଏ । ଏହା ମଧ୍ୟ ଏକ କୃତ୍ରିମ ଯବକ୍ଷାରଜାନ ସାର । ଏହି ପଦାର୍ଥଟି କେଉଁଥିରେ ଥାଏ ଜାଣ ?"

"କେଉଁଥିରେ ଅଜା ?"

"ମଣିଷ ଓ ଜୀବଜନ୍ତୁମାନଙ୍କ ମୂତ୍ରରେ । ଏଥିପାଇଁ ମଣିଷ ବା ପଶୁପକ୍ଷୀମାନଙ୍କର ମୂତ୍ରକୁ ଜମିରେ ଦେଲେ ପରା ଜମି ଉର୍ବର ହୁଏ !"

"ଯେତେ ପ୍ରକାର ଯବକ୍ଷାରଜାନ ସାର ଅଛି ସେଥିରୁ କେଉଁଟି ଭଲ ?" ରେଣୁ ପଚାରିଲା ।

"ତା କହି ହେବ ନାହିଁ ମା । ଭୂମିର ଅଭାବ ନେଇ ଏଗୁଡ଼ିକର ଉପାଦେୟତା ଦେଖାଯାଇଥାଏ । ଯେଉଁ ଭୂମିରେ ଯବକ୍ଷାରଜାନ ଓ ଫସ୍‌ଫରସ୍‌ର ଅଭାବ ଥାଏ, ସେହି ଜମିରେ ଏମୋନିୟମ୍ ଫସ୍‌ଫେଟ୍ ସାର ଅଧିକ ଉପଯୋଗୀ ହୋଇଥାଏ । ଯେଉଁ ଜମିରେ ପଟାସ୍ ଓ ଯବକ୍ଷାରଜାନର ଅଭାବ ଥାଏ, ସେହି ଜମିରେ ନାଇଟର୍ ସାର ଅଧିକ ଉପଯୋଗୀ ହୋଇଥାଏ । ଯେଉଁ ଜମିରେ କେଲସିୟମ୍ ଓ ଯବକ୍ଷାରଜାନର ଅଭାବ ଥାଏ, ସେ ଜମିରେ କେଲସିୟମ୍ ସିଆନାମାଇଡ୍ ସାର ଅଧିକ ଉପଯୋଗୀ ।"

"କେଲସିୟମ୍ ସିଆନାମାଇଡ୍ ପୁଣି କଣ ଅଛା ?" କୁମାର ପଚାରିଲା ।

"ଏହା ଏକ ଯବକ୍ଷାରଜାନଯୁକ୍ତ ସାର । ତୁମେସବୁ ଗ୍ୟାସ୍ ମସଲା ଦେଖିଛ ? ଗାଁମାନଙ୍କରେ ପର୍ବପର୍ବାଣି ହେଲେ ଏହାକୁ ଗ୍ୟାସ୍‌ବତୀରେ ଦେଇ ଜାଳନ୍ତି । ଏହି ଗ୍ୟାସ୍ ମସଲାରୁ କେଲସିୟମ୍ ସିଆନାମାଇଡ୍ ସାର ତିଆରି ହୁଏ । ଗ୍ୟାସ୍ ମସଲାକୁ ଖୁବ୍ ଉତପ୍ତ କରି ତା ଉପରେ ଯବକ୍ଷାରଜାନ ଗ୍ୟାସ୍ ଛାଡ଼ିଲେ ଏହା ସିଆନା-ମାଇଡ୍‌ରେ ପରିଣତ ହୁଏ । ଏହା ଏକ ଉତ୍କୃଷ୍ଟ ସାର । ଆମେରିକା ପ୍ରଭୃତି ଦେଶରେ ଯେଉଁଠାରେ ବିଦ୍ୟୁତ୍‌ଶକ୍ତି ଖୁବ୍ ଶସ୍ତା, ସେଠାରେ ଏହା ସାଧାରଣତଃ ତିଆରି ହୁଏ ।"

"ଯବକ୍ଷାରଜାନ କଣ କୌଣସି ପ୍ରାକୃତିକ ଶକ୍ତିଦ୍ୱାରା ଭୂମିମଧ୍ୟକୁ ଅଣାଯାଇପାରିବ ନାହିଁ ? ଯେଉଁ ଜମିରେ

ଯବକ୍ଷାରଜାନ ଖାଦ୍ୟ ଦିଆ ନ ଯାଏ, ସେ ଜମିରେ ତ ପୁଣି ଉଦ୍ଭିଦ ହୁଏ ?" ରେଣୁ ପଚାରିଲା ।

"ହଁ, ମା, ଯବକ୍ଷାରଜାନ କେତେକ ପରିମାଣରେ ପ୍ରାକୃତିକ ଶକ୍ତିଦ୍ୱାରା ଭୂମିମଧ୍ୟକୁ ଆସେ । କିନ୍ତୁ ତାହା ଖାଦ୍ୟଶସ୍ୟ ଉତ୍ପାଦନପାଇଁ ଯଥେଷ୍ଟ ନୁହେଁ ବୋଲି ଜମିରେ ବାହାରୁ ସାର ନ ଦେଲେ ଭଲ ଚାଷ ହୁଏ ନାହିଁ ।"

"କେଉଁ କେଉଁ ଶକ୍ତି ଆକାଶରୁ ଯବକ୍ଷାରଜାନ ଭୂମିମଧ୍ୟକୁ ଆଣନ୍ତି ?" କୁମାର ପଚାରିଲା ।

"ଗୋଟିଏ ହେଉଛି ମେଘର ବିଜୁଳି ଓ ଅନ୍ୟଟି ହେଉଛି ଜମିରେ ଥିବା କେତେକ ଜାତୀୟ ଜୀବାଣୁ । ଏହି ଦୁଇ ଶକ୍ତିଦ୍ୱାରା ଯବକ୍ଷାରଜାନ ମଧ୍ୟ ଆକାଶରୁ ସିଧାସଳଖ ଭୂମିମଧ୍ୟକୁ ଆସିପାରେ । ମେଘ ଉଠାଇଲେ ବେଳେବେଳେ ବିଜୁଳି ମାରିବା ତୁମେମାନେ ଲକ୍ଷ୍ୟ କରିଥିବ । ବିଜୁଳି ମାରିଲେ ଆକାଶର ଯବକ୍ଷାରଜାନ କିଞ୍ଚିତ୍ ପରିମାଣରେ ଅମ୍ଳଜାନ ସହିତ ସଂଯୁକ୍ତ ହୋଇ ନାଇଟ୍ରିକ୍ ଆସିଡ୍ ନାମକ ଏକ ଅମ୍ଳରେ ପରିଣତ ହୁଏ । ଏହି ଅମ୍ଳ ବର୍ଷାଜଳ ସହିତ ଭୂମିକୁ ଆସି ଭୂମିରେ କେତେପ୍ରକାର ଲବଣ ସୃଷ୍ଟି କରି ଦିଏ । 'ସମୁଦ୍ରକୁ ଶଙ୍ଖେ ପାଣି' ପରି ଏହି ଯବକ୍ଷାରଜାନ ଲବଣ ଭୂମିର ଯବକ୍ଷାରଜାନ ଅଭାବ ବିଶେଷ କିଛି ମେଣ୍ଟାଇପାରେ ନାହିଁ ।"

"ଜୀବାଣୁଦ୍ୱାରା ଯବକ୍ଷାରଜାନ କିପରି ଭୂମିକୁ ଆସେ ?"

"କେତେକ ଜାତୀୟ ଗଛର ଚେରରେ ଏକପ୍ରକାର ଜୀବାଣୁ ଥାନ୍ତି । ଏମାନେ ଗଛଚେରରେ ଥାଇ ଆକାଶର ଯବକ୍ଷାରଜାନକୁ



[ଉଦ୍ଭିଦର ଚେରରେ ଜୀବାଣୁ]

ସିଧାସଳଖ ଧରି ଭୂମି ସହିତ ମିଶାଇ ଦିଅନ୍ତି । ମୁଗ, ବିରି, ଶିମ୍ବଜାତୀୟ ଉଦ୍ଭିଦର ଚେରରେ ଏହି ଜୀବାଣୁ ଗୁଡ଼ିକ ସାଧାରଣତଃ ଦେଖାଯାନ୍ତି । ଏହି ଡାଲି ବା ଛୁଇଁ-ଜାତୀୟ ଉଦ୍ଭିଦକୁ ଜମିରେ ଚାଷ କଲେ ଜମିର ଯବକ୍ଷାରଜାନ ଭାଗ କମିବା ପରିବର୍ତ୍ତରେ ବଢ଼ିବାକୁ ଲାଗେ । ଏଥିପାଇଁ କେତେକ ସ୍ଥାନରେ ଜମିରେ ଧାନ କରିବା ପୂର୍ବରୁ ମୁଗ, ବିରି, ଖେସାରି ଆଦି ରବିଫସଲ କରୁଥାନ୍ତି ।”

“ଅଜା, ଆକାଶରୁ ଯଦି ଯବକ୍ଷାରଜାନ ଏହିଭଳିଭାବରେ କାଢ଼ି ନିଆଯାଇ ଜମିରେ ଦିଆଯାଏ, ତେବେ ଅଳ୍ପ କିଛି ବର୍ଷ ପରେ ତ ଆକାଶରେ ଯବକ୍ଷାରଜାନ ମୋଟେ ନ ଥିବ । ସେତେବେଳେ ଆମର ଫସଲ ହେବ କେମିତି ? ଆମେ ଖାଇବା କଣ ?” ରେଣୁ ପଚାରିଲା ।

“ଦୂର୍ ପାଗଳି, ଆମେ ଯେତେ ଯବକ୍ଷାରଜାନ ଆକାଶରୁ ନେଲେ କଣ ହେବ, ଆକାଶର ଯବକ୍ଷାରଜାନ ଯେତିକି ସେତିକି । ସୂର୍ଯ୍ୟକିରଣଦ୍ୱାରା ସମୁଦ୍ରରୁ ଯେତେ ଜଳ ବାଷ୍ପାକାରରେ ଚାଲିଗଲେ ମଧ୍ୟ ସମୁଦ୍ର କି କେବେ ଶୁଖିଲା ପଡ଼େ ? ଏଣେ ଯେତିକି ଜଳ ବାଷ୍ପାକାରରେ ସମୁଦ୍ରରୁ ଚାଲିଯାଏ, ଠିକ୍ ସେତିକି

ଜଳ ସ୍ଥଳଭାଗରେ ବୃଷ୍ଟି ହୋଇ ନଦୀ ଝରଣା ଦେଇ ସମୁଦ୍ରକୁ ଫେରି ଆସେ । ଠିକ୍ ସେହି ରୀତିରେ ଯେତିକି ଯବକ୍ଷାରଜାନ ସାରଭାବରେ ଆକାଶରୁ ଆସି ଭୂମିରେ ମିଶେ, ଗଛ, ବୃକ୍ଷ, ଲତା, ପଶୁ, ପକ୍ଷୀ, ମଣିଷମାନେ ମରି ଧ୍ୱଂସପ୍ରାପ୍ତ ହେଲେ ସେମାନଙ୍କ ଶରୀରରୁ ଠିକ୍ ସେତିକି ପରିମାଣର ଯବକ୍ଷାରଜାନ ଆକାଶକୁ ଚାଲିଯାଏ । ତେଣୁ ଆକାଶରେ ଯବକ୍ଷାରଜାନର ପରିମାଣ ସର୍ବଦା ସମାନ ରହିଥାଏ ।"

"କେଉଁ କେଉଁ କୃତ୍ରିମ ସାରରେ ଫସ୍ଫରସ୍ ଥାଏ ?" କୁମାର ପଚାରିଲା ।

"ଆଗରୁ ଏମୋନିୟମ୍ ଫସଫେଟ୍ କଥା କହିଛି । ତା ଛଡ଼ା ସୁପର୍ ଫସ୍ଫେଟ୍ ଓ ଡବଲ ସୁପର୍ ଫସ୍ଫେଟ୍ ଅଫ୍ ଲାଇମ୍‌ରେ ଫସ୍ଫରସ୍ ଓ ଚୂନ ଭାଗ ଯଥେଷ୍ଟ ପରିମାଣରେ ଥାଏ । ଏଗୁଡ଼ିକୁ ଜମିରେ ଦେଲେ ଜମିର ଫସ୍ଫରସ୍ ଓ ଚୂନ ଭାଗ ଯଥେଷ୍ଟ ପରିମାଣରେ ବଢ଼ିଯାଏ ।"

"ଏଗୁଡ଼ିକ କିପରି ତିଆରି ହୁଏ ?" ରେଣୁ ପଚାରିଲା ।

"ବିଭିନ୍ନ ଦେଶର ସ୍ଥାନେ ସ୍ଥାନେ ଫସ୍ଫେଟ୍ ପଥର ମିଳେ । ଆମେରିକାର ଯୁକ୍ତରାଷ୍ଟ୍ର, ପ୍ରଶାନ୍ତ ମହାସାଗରରେ ଥିବା କେତେକ ଦ୍ୱୀପପୁଞ୍ଜ, ଆଫ୍ରିକାର ମରକ୍କୋ ଅଞ୍ଚଳରେ ଏହି ପଥରଖଣିମାନ ଅତ୍ୟଧିକ ପରିମାଣରେ ଦେଖାଯାଏ । ଏହି ଫସ୍ଫେଟ୍ ପଥର ବା ବିଭିନ୍ନ ପ୍ରାଣୀ ଓ ଜୀବଜନ୍ତୁଙ୍କର ଅସ୍ଥି-କଙ୍କାଳରୁ ବିଭିନ୍ନ ରାସାୟନିକ ପ୍ରକ୍ରିୟାଦ୍ୱାରା ଫସ୍ଫେଟ୍ ସାର ପ୍ରସ୍ତୁତ ହୁଏ । ଫସ୍ଫେଟ୍ ସାରଭିତରେ ଏ ଦୁଇଟି ଅତି ବଳଶାଳୀ ।"

"କେଉଁ କେଉଁ ସାରରେ କେଲସିୟମ୍ ଭାଗ ଥାଏ ଅଜା ?"

"କେଲସିୟମ୍ ସିଅନାମାଇଡ୍, ସୁପରଫସ୍‌ଫେଟ୍ ଅଫ୍ ଲାଇମ୍‌ରେ କେଲସିୟମ୍ ଯଥେଷ୍ଟ ପରିମାଣରେ ଥାଏ । ଖାଲି ଚୂନ ବା ଚୂନପଥରରେ ମଧ୍ୟ ଏହି କେଲସିୟମ୍ ଭାଗ ଥାଏ । ଏଣୁ କେବଳ କେଲସିୟମ୍ ଭାଗ ବଢ଼ାଇବାପାଇଁ ଜମିରେ ଚୂନ ଦେଲେ ଜମିର କେଲସିୟମ୍ ଅଭାବ ଦୂର ହୁଏ । ଯେଉଁ ଜମିରେ କୌଣସି କାରଣବଶତଃ ଅମ୍ଳ ଭାଗ ବଢ଼ିଯାଇଥାଏ ଓ ଚୂନ ଭାଗ କମି ଯାଇଥାଏ, ସେ ଜମିରେ ଖାଲି ଚୂନ ଦେଲେ ବେଶ୍ ଉପକାର ହୁଏ ।"

"କେଉଁ କେଉଁ ଦେଶରେ ଏହି କୃତ୍ରିମ ସାର ଅଧିକ ପରିମାଣରେ ବ୍ୟବହୃତ ହୁଏ ?" ବେଣୁ ପଚାରିଲା ।

"କହୁଛି ପରା ଜର୍ମାନୀ ଦେଶ ପୃଥିବୀର ସବୁ ଦେଶ ତୁଳନାରେ ବେଶି ଯବକ୍ଷାରଜାନ ସାର ବ୍ୟବହାର କରେ । ଆମେ ମାଣପିଛା ଯେତେ ଯବକ୍ଷାରଜାନ ସାର ବ୍ୟବହାର କରୁଁ, ଜର୍ମାନୀ ଦେଶ ତାର ୩୦୦ ଗୁଣ, ଡେନ୍‌ମାର୍କ ଦେଶ ଦେଢ଼ଶ ଗୁଣ, ଇଂଲଣ୍ଡ ୯୦ ଗୁଣ, ଫ୍ରାନ୍‌ସ ୭୦ ଗୁଣ ଅଧିକ ବ୍ୟବହାର କରେ । ସେହିପରି ଫସ୍‌ଫରସ୍ ସାର ପୃଥିବୀରେ ବେଶି ବ୍ୟବହାର କରେ ହାବାଇ ଦ୍ୱୀପପୁଞ୍ଜ, ତା ତଳକୁ ଫ୍ରାନ୍‌ସ ଓ ଯୁକ୍ତରାଷ୍ଟ୍ର । ଆମ ଦେଶ ତୁଳନାରେ ସେମାନେ ଏତେ ବେଶି ସାର ବ୍ୟବହାର କରନ୍ତି ଯେ, ଆମେ ସହଜରେ ତାହା ଧାରଣା କରିପାରିବା ନାହିଁ । ଜମିରେ ସାର ଦେବା ଦୃଷ୍ଟିରୁ ଆମେ ଯେତେ ପଛରେ, ଜମିରୁ ଫସଲ ଉତ୍ପାଦନ ଦୃଷ୍ଟିରୁ ମଧ୍ୟ ସେହିପରି ପଛରେ ।"

"କୃଷିବିଜ୍ଞାନବିତ୍‌ମାନଙ୍କ ମତରେ ଅଳ୍ପ ଜମିରୁ ଖୁବ୍ ଅଧିକ ଫସଲ ଉତ୍ପାଦନ କରିବାକୁ ହେଲେ ଜମିରେ କୃତ୍ରିମ ସାର ବ୍ୟବହାର ନ କଲେ ଚଳିବ ନାହିଁ । ସେଥିପାଇଁ ପୃଥିବୀର ପ୍ରତ୍ୟେକ ଦେଶରେ ଆଜିକାଲି ବଡ଼ ବଡ଼ କାରଖାନା ବସାଯାଇ କୃତ୍ରିମ ସାର ଉତ୍ପାଦନ ଚାଲିଛି । ଆମ ଭାରତ ସରକାର ଆମର ସାର ଅଭାବ ମେଣ୍ଟାଇବା ପାଇଁ ଆଗଭର ହୋଇ ବାହାରି ପଡ଼ିଛନ୍ତି । ବିହାରର ସିନ୍ଦ୍ରିଠାରେ ଯେଉଁ ଯବକ୍ଷାରଜାନ ସାର କାରଖାନା ବସାଇଛନ୍ତି, ସେଠାରେ ଦିନକୁ ସତେଇଶ ହଜାର ମହଣ ବା ୭୦ ଗୋଟା ମାଲଗାଡ଼ି ଭର୍ତ୍ତି ପୂରିଲା ଭଳି ସାର ଉତ୍ପାଦନ ପାଇଁ ବ୍ୟବସ୍ଥା କରାଯାଇଛି । ଏହି ଉତ୍ପାଦନ ଆମ ଦେଶର କୃଷିକୁ ଯଥେଷ୍ଟ ସାହାଯ୍ୟ କରିବ । ଦ୍ୱିତୀୟ ମହାଯୁଦ୍ଧ ପୂର୍ବରୁ ଆମ ଦେଶରେ ବର୍ଷକୁ ମୋଟେ ସାଢ଼େ ପାଞ୍ଚ ଲକ୍ଷ ମହଣ ଯବକ୍ଷାରଜାନ ସାର ବ୍ୟବହୃତ ହେଉଥିଲା । ସିନ୍ଦ୍ରି କାରଖାନା ଯଦି ପୂରାଭାବରେ ଚାଲେ, ତେବେ ଏହି କାରଖାନା ଆମକୁ ଯୋଗାଇବ ଯୁଦ୍ଧ-ପୂର୍ବ ପରିମାଣର କୋଡ଼ିଏ ଗୁଣ । ଯବକ୍ଷାରଜାନ ସାର ଭଳି ଫସ୍‌ଫରସ୍ ସାର ଉତ୍ପାଦନ ପାଇଁ ଆମ ଦେଶରେ ବହୁତ ବ୍ୟବସ୍ଥା ହେବା ଉଚିତ । ଆମ ଦେଶ ଏତେ ବଡ଼ କୃଷିପ୍ରଧାନ ଦେଶ ଯେ, ସିନ୍ଦ୍ରି କାରଖାନା ଭଳି ଅନ୍ତତଃ ୫୦ ଟା ଯବକ୍ଷାରଜାନ ଓ ଫସ୍‌ଫରସ୍ ସାର କାରଖାନା ତିଆରି ହେଲେ ଯାଇ ଆମର କୃତ୍ରିମ ସାର ଅଭାବ ମେଣ୍ଟିପାରିବ ।"

"ତାହେଲେ ଆମ ଦେଶରେ ଆଉ କୃତ୍ରିମ ସାରତିଆରି କାରଖାନାସବୁ ବସୁ ନାହିଁ କାହିଁକି ?"

"କାରଖାନା ଖାଲି ବସାଇଦେଇ ଖତ ଉତ୍ପାଦନ କରିଦେଲେ ଯେ ଆମ ଦୁଃଖ ଚାଲିଯିବ ତା ନୁହେଁ; ଆମ

ଦେଶର ଯେଉଁ କୃଷୀମାନେ ଖତ ବ୍ୟବହାର କରିବେ, ସେମାନେ କୃତ୍ରିମ ଖତ ଓ ପ୍ରାକୃତିକ ଖତର ଗୁରୁତ୍ୱ ଜାଣିବା ଉଚିତ । ତହିଁ ସଙ୍ଗେ ସଙ୍ଗେ ଖତର ବ୍ୟବହାର ପାଇଁ ଅଗ୍ରଗ୍ରୀ ହେବା ମଧ୍ୟ ଉଚିତ । ତା ନ ହେଲେ ଆମ ଦେଶର କୃଷି ଉତ୍ପାଦନ ଠିକ୍ ପୂର୍ବଭଳି ରହିଥିବ ଓ ଆମ ଲୋକେ ପେଟପୁରି ଖାଇବାକୁ ପାଇ ନ ଥିବେ ।”

“ଆରେ, ରାତି ଅସି ଏତେ ହେଲାଣି, ତୁମେମାନେ କଣ ଘରକୁ ଯିବ ନାହିଁ କିରେ ?”

“ଅଜା, ଆମେ ତୁମ କଥାକୁ ଏପରି ଭାବରେ ଶୁଣି ଯାଉଥିଲୁଁ ଯେ, ଆମର ଆଜି ଘର କଥା ମୋଟେ ମନେ ନାହିଁ । ହେଉ, ସ୍କୁଲ୍ ବେଣ୍ଟ୍, ଯିବା, ବୋଉ ତେଣେ ଆମକୁ ଅନାଇ ବସିଥିବ । ଅଜା, ଆମକୁ କାଲି କଣ କହିବ କହିଲ ? ଅଲକାତରା ? ନୁହେଁ ?”

“ହେଉ, ହେଉ, ଆଜି ଯାଅ, କାଲି ଦେଖିବା ।”

ଭାଇ ଭଉଣୀ ଦୁହେଁ ହାତ ଧରାଧରି ହୋଇ ମହା ଖୁସିରେ ଘରଭିତରକୁ ଦୌଡ଼ିଗଲେ ।

ମୁଦ୍ରାକର—ଶ୍ରୀ ଘନଶ୍ୟାମ ଦାଶ, ନାଭ୍ ସ୍ପୋର୍ଟ୍ସ ପ୍ରେସ୍, ବ୍ରହ୍ମପୁର